# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 02 ଭାଗ ୩୪ | ସଂଖ୍ୟା ୦୩ | Wednesday 25 March 2026 | Page 8 Rs. 5.00 | ଭୁବନେଶ୍ୱର ବୁଧବାର ୨୫ ମାର୍ଚ୍ଚ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ପ୍ରଧାନମନ୍ତ୍ରୀଙ୍କୁ ବିରୋଧ କରୁଛନ୍ତି ଇଟାଲୀବାସୀ

ପୃଷ୍ଠା ୪

### ଓଡ଼ିଶାରେ ଜଳ ପରିଚାଳନାରେ ନୂତନ ଅଧ୍ୟାୟ

# ହର୍ ଘର୍ ଜଲ୍ ପାଇଁ ସ୍ପଷ୍ଟ ରୋଡମ୍ୟାପ

- ଜଳ ଜୀବନ ମିଶନ ୨.୦ ପାଇଁ ଏମଓୟୁ
- ୨୦୨୮ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ
- ମହିଳାଙ୍କ ଜୀବନରେ ସୁଧାର: ପାଟିଲ୍
- ପ୍ରତି ପରିବାରରେ ପହଞ୍ଚିବ ପାଇପ ପାଣି
- ମନିଟରିଂ ଓ ଜନଭାଗିଦାରୀକୁ ଗୁରୁତ୍ୱ



ଭୁବନେଶ୍ୱର,୨୪।୩(ସଂଚାର ବ୍ୟୁରୋ): ଓଡ଼ିଶାରେ ଜଳ ଜୀବନ ମିଶନ ୨.୦ର କାର୍ଯ୍ୟକାରିତା ଉଦ୍ଦେଶ୍ୟରେ ଆଜି ନୂଆଦିଲ୍ଲୀଠାରେ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ଏକ ଏମଓୟୁ ସ୍ୱାକ୍ଷରିତ ହୋଇଛି। ଆଭାସୀ ମାଧ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ନୂଆଦିଲ୍ଲୀରେ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସିଆର୍ ପାଟିଲ ଏବଂ ରାଷ୍ଟ୍ରମନ୍ତ୍ରୀ ବି. ସୋମନ୍ନା ଉପସ୍ଥିତ ଥିଲେ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ପାଇଁ ଜଳ ଜୀବନ ମିଶନ ଆରମ୍ଭ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇ କହିଥିଲେ ଯେ ଦେଶର ୭୭.୩ ପ୍ରତିଶତ ପରିବାରକୁ ଏପର୍ଯ୍ୟନ୍ତ ଟ୍ୟାପ୍ ସଂଯୋଗ ମିଳିଛି। କେନ୍ଦ୍ର କ୍ୟାବିନେଟ ଦ୍ୱାରା ଏହି ମିଶନର ସମ୍ପ୍ରସାରଣ ୨୦୨୮ ପର୍ଯ୍ୟନ୍ତ ଅନୁମୋଦନ ମିଳିଥିବା ଓ 'ହର ଘର୍ ଜଲ୍' ଲକ୍ଷ୍ୟ ପୂରଣ ପାଇଁ ଏହା ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ। ସେ କହିଥିଲେ ଯେ ଜଳ ଜୀବନ ମିଶନ ୨.୦ ଅନୁଯାୟୀ ରାଜ୍ୟ ସରକାର ଏକ ସ୍ପଷ୍ଟ ରୋଡମ୍ୟାପ୍ ପ୍ରସ୍ତୁତ କରିଛନ୍ତି। ଅପରେଟ ଆଣ୍ଡ ମେଣ୍ଟେନାନ୍ସ ମାଧ୍ୟମରେ ଜନସାଧାରଣଙ୍କ ଭାଗୀଦାରୀ, ଆର୍ଥିକ ସ୍ଥିରତା ଓ ସଠିକ୍ ରକ୍ଷଣାବେକ୍ଷଣ ଉପରେ ଜୋର୍ ଦିଆଯାଉଛି। ସୁଜଲମ୍ ଭାରତ ପ୍ଲାଟଫର୍ମ ମାଧ୍ୟମରେ ପ୍ରାୟ ୫ ହଜାର ଗ୍ରାମୀଣ ପାଇପ୍ ଜଳ ଯୋଜନାର ଆଇଡି ପ୍ରସ୍ତୁତ କରାଯାଇଛି ଓ ସମସ୍ତ ଯୋଜନାର ବିତ୍ତୀୟ ସମନ୍ୱୟ ସମ୍ପନ୍ନ ହୋଇଛି। ଓଡ଼ିଶାରେ ପ୍ରତ୍ୟେକ ବ୍ୟକ୍ତି ପାଇଁ ଦିନକୁ ୭୦ ଲିଟର ପାନୀୟ ଜଳ ବ୍ୟବସ୍ଥା କରାଯାଇଥିବା ବେଳେ ଏହି ମିଶନରେ ରାଜ୍ୟ ସରକାର ପ୍ରାୟ ୪୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରୁଛନ୍ତି। ବସୁଧା ହେଲ୍ପଲାଇନ୍, ହ୍ୱାଟ୍ସଆପ୍ ସେବା ଓ ଡିଜିଟାଲ୍ ଗ୍ରୀଭାନ୍ସ ପ୍ଲାଟଫର୍ମ ମାଧ୍ୟମରେ ନାଗରିକ-କୈନ୍ଦ୍ରିକ ସେବାକୁ ଶକ୍ତିଶାଳୀ କରାଯାଇଛି।

ଗ୍ରାମ ସ୍ତରରେ ଭିଲେଜ ୱାଟର ଆଣ୍ଡ ସାନିଟେସନ କମିଟି (ଭିଡବ୍ଲ୍ୟୁଏସସି) ମାଧ୍ୟମରେ ଜନସାଧାରଣଙ୍କ ଭାଗୀଦାରୀ ବୃଦ୍ଧି ପାଇଛି ଓ ୩୦ଟି ଜିଲ୍ଲାରୁ ୨୫ଟି ଜିଲ୍ଲାରେ 'ଜଳ ଅର୍ପଣ ଦିବସ' ସଫଳତାର ସହ ପାଳନ ହୋଇଛି। ବାକି ସବୁ ଜିଲ୍ଲାରେ ମଧ୍ୟ ଶୀଘ୍ର କରାଯିବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ମିଶନ ➪ପୃଷ୍ଠା-୬

## ଶୁକ୍ରୁ ଖେଳ ଖତମ୍



- ମୁଣ୍ଡ ଉପରେ ଥିଲା ୫୫ ଲକ୍ଷର ପୁରସ୍କାର ରାଶି
- ରାଇଫଲ ଧରି ଆତ୍ମସମର୍ପଣ କଲେ ଆଉ ୪ ମାଓବାଦୀ
- ଡେଡ୍‌ଲାଇନ ପୂରିବାକୁ ଆଉ ମାତ୍ର ୬ ଦିନ

ଫୁଲବାଣୀ,୨୪।୩(ସଂଚାର ବ୍ୟୁରୋ): ଆଉ ୬ ଦିନରେ ପୂରିବ ଡେଡଲାଇନ। ମାଓମୁକ୍ତ ହେବ ରାଜ୍ୟ। ଏହାରି ଭିତରେ ଓଡ଼ିଶାର ନକ୍ସଲବିରୋଧୀ ଅଭିଯାନକୁ ମିଳିଛି ବଡ଼ ସଫଳତା। ରାଜ୍ୟର ମୋଷ୍ଟ ୱାଣ୍ଟେଡ୍ ତଥା ଶୀର୍ଷ ମାଓବାଦୀ ନେତା ଶୁକ୍ରୁ ଓରଫ୍ କୋଶା ସୋଡ଼ି କନ୍ଧମାଳ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ତାଙ୍କ ମୁଣ୍ଡ ଉପରେ ୫୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ଶୁକ୍ରୁଙ୍କ ସହ ତାଙ୍କର ଅନ୍ୟ ୪ ସହଯୋଗୀ ମଧ୍ୟ ଏକ ଏକେ-୪୭ ରାଇଫଲ୍ ସହ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ମାଓ ଅପରେସନ ଏଡିଜି ସଞ୍ଜୀବ ପଣ୍ଡା ସ୍ପଷ୍ଟ କରିଛନ୍ତି ଯେ ଏହି ୫ ଜଣ ମାଓବାଦୀ ଏବେ ପୁଲିସ ହେପାଜତରେ ଅଛନ୍ତି। ଏକ ସାଧାରଣ କାର୍ଯ୍ୟକ୍ରମରେ ସେମାନେ ଆନୁଷ୍ଠାନିକ ଭାବେ ଆତ୍ମସମର୍ପଣ କରିବେ ବୋଲି ସୂଚନା ଦିଆଯାଇଛି। ➪ପୃଷ୍ଠା-୬

### କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ନେତୃତ୍ୱରେ ରେଳ ମନ୍ତ୍ରୀଙ୍କୁ ଭେଟିଲେ ଓଡ଼ିଶା ସାଂସଦ ପ୍ରତିନିଧି ଦଳ

## ଖଡ଼ଗପୁରରେ ରେକାକୁ ଜମି ଦେବାକୁ ନିବେଦନ



- ୧୯୮୯ରୁ ରେକା ଓଡ଼ିଆ ସଂସ୍କୃତିର ପ୍ରଚାର କରିଆସୁଛି
- ଜମି ଆବଣ୍ଟନରେ ବିଳମ୍ବ ହେତୁ ହୋଇପାରୁନି ବିକାଶମୂଳକ କାର୍ଯ୍ୟ

ନୂଆଦିଲ୍ଲୀ,୨୪।୩(ସଂଚାର ବ୍ୟୁରୋ): ଖଡ଼ଗପୁରସ୍ଥିତ 'ରେଲୱେ ଏମ୍ପ୍ଲଇ କଲଚରାଲ ଆସୋସିଏସନ' (ରେକା)ର ଦୀର୍ଘ ଦିନରୁ ପଡ଼ି ରହିଥିବା ଜମି ଆବଣ୍ଟନ ସମସ୍ୟାର ସମାଧାନ ପାଇଁ ଆଜି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଓଡ଼ିଶାର ସାଂସଦମାନଙ୍କ ଏକ ପ୍ରତିନିଧି ଦଳ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଖଡ଼ଗପୁରର ନ୍ୟୁ ସେଟେଲମେଣ୍ଟ ଅଞ୍ଚଳରେ ଥିବା ପ୍ରାୟ ୫୯୧୫ ବର୍ଗ ମିଟର ପରିମିତ ରେଳ ଜମିକୁ 'ରେଲୱେ ଏମ୍ପ୍ଲଇଜ୍ କଲଚରାଲ ଆସୋସିଏସନ' ନାମରେ ନିୟମିତ କରିବା ପାଇଁ ସାଂସଦମାନେ ଦାବି କରିଛନ୍ତି। ଏହି ପ୍ରସଙ୍ଗ ପ୍ରାୟ ୩ ଦଶନ୍ଧିରୁ ଅଧିକ ପୁରୁଣା। ଗତ ୧୯୯୯ ମାର୍ଚ୍ଚ ୮ରେ ଓଡ଼ିଶାର ତତ୍କାଳୀନ ସାଂସଦମାନେ ପ୍ରଧାନମନ୍ତ୍ରୀଙ୍କୁ ଏହି ପ୍ରସଙ୍ଗରେ ପତ୍ର ଲେଖିଥିଲେ ଓ କେନ୍ଦ୍ରମନ୍ତ୍ରୀ ➪ପୃଷ୍ଠା-୬

## ଆସନ୍ତା ବର୍ଷ ବଢ଼ିବନି ବିଦ୍ୟୁତ ଶୁଳ୍କ

- ବିଦ୍ୟୁତ୍ ବିତରଣ କମ୍ପାନୀ ଖର୍ଚ୍ଚର ହେବ ସିଏଜି ଅଡିଟ୍
- କର୍ମଚାରୀ ଖର୍ଚ୍ଚ ଓ ପ୍ରଶାସନିକ ଖର୍ଚ୍ଚ କମାଇବାକୁ ନିର୍ଦ୍ଦେଶ
- ୫୦ ପ୍ରତିଶତରୁ ଅଧିକ ଖର୍ଚ୍ଚ ସହୁଥିବା ଫିଡର୍‌ରେ ଲାଗିବ ସ୍ମାର୍ଟ ମିଟର



ଭୁବନେଶ୍ୱର,୨୪।୩(ସଂଚାର ବ୍ୟୁରୋ): ଆସନ୍ତା ୨୦୨୬-୨୭ ଆର୍ଥିକ ବର୍ଷରେ ବିଦ୍ୟୁତ୍ ଗ୍ରାହକଙ୍କ ଉପରେ କୌଣସି ପ୍ରକାର ଚାପ ପଡ଼ିବ ନାହିଁ। କାରଣ ଆଗାମୀ ଆର୍ଥିକ ବର୍ଷରେ ବିଦ୍ୟୁତ୍ ଶୁଳ୍କ ବଢ଼ିବ ନାହିଁ। ଚଳିତ ବର୍ଷ ଜାରି ରହିଥିବା ଟାରିଫ୍ ଆଗାମୀ ଆର୍ଥିକ ବର୍ଷରେ ବି ବଳବତ୍ତର ରହିବ ବୋଲି ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି) ପକ୍ଷରୁ ସଚିବ ପ୍ରିୟବ୍ରତ ପଟ୍ଟନାୟକ ଆଜି ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଆସନ୍ତା ବର୍ଷ ପାଇଁ ଖୁଚୁରା ବିଦ୍ୟୁତ ମୂଲ୍ୟ ବୃଦ୍ଧି ହେବନାହି। କିନ୍ତୁ ବିଦ୍ୟୁତ୍ ବିତରଣ କମ୍ପାନୀମାନଙ୍କ ଉପରେ ଲଗାମ ରଖିବା ସହ ଉପଭୋକ୍ତାଙ୍କ ସୁବିଧା ପାଇଁ କେତେଗୁଡ଼ିଏ ପଦକ୍ଷେପ ନିଆଯାଇଛି। ସେଥି ମଧ୍ୟରେ ବିଦ୍ୟୁତ୍ ବିତରକ କମ୍ପାନୀ କରୁଥିବା ଖର୍ଚ୍ଚର ସିଏଜି ଅଡିଟ୍ କରାଯିବ। ସେହିପରି ୫୦ ପ୍ରତିଶତରୁ ଅଧିକ କ୍ଷତି ସହୁଥିବା ଫିଡର୍‌ଗୁଡ଼ିକରେ ସ୍ମାର୍ଟ ମିଟର୍ ଲଗାଯିବାକୁ ନିଷ୍ପତ୍ତି ହୋଇଛି। ତା'ଛଡ଼ା କୃଷି କ୍ଷେତ୍ରରେ ୬୦ ପ୍ରତିଶତରୁ ଅଧିକ ଲୋଡ୍ ନେଉଥିଲେ, ସେଗୁଡ଼ିକର ସୋଲାର୍ ମାଧ୍ୟମରେ ବିଦ୍ୟୁତ୍‌କରଣ କରାଯିବ। ବାଣିଜ୍ୟିକ ଓ ପରିବହନ କ୍ଷତି ଅଧିକ ହେଉଥିବା ଅଞ୍ଚଳରେ ଟ୍ରାନ୍ସଫର୍ମର୍ ସହ ବିଦ୍ୟୁତ୍ ବିତରକ କମ୍ପାନୀମାନେ ସ୍ମାର୍ଟ ମିଟର ଲଗାଇବେ। ଅଧିକନ୍ତୁ ସ୍ମାର୍ଟ ମିଟରର ସଫ୍ଟୱେୟର୍‌ର ମଧ୍ୟ ତୃତୀୟ ପକ୍ଷ ମାଧ୍ୟମରେ ଅଡିଟ୍ କରାଯିବ। ସ୍ମାର୍ଟ ମିଟର୍‌ରେ ଅଧିକ ବିଲ ଆସୁଥିବା ନେଇ ଅଭିଯୋଗ ହେଉଥିବାରୁ ଏହାର ସମାଧାନ ପାଇଁ ଏପରି ପଦକ୍ଷେପ ନିଆଯାଇଛି। ତା'ଛଡ଼ା ➪ପୃଷ୍ଠା-୬

## ଥାନା ନା କ୍ଲବ୍ ଘର ?



- ପୁଲିସ ଉପସ୍ଥିତିରେ ଖଣ୍ଡଯୁଦ୍ଧ
- ଛୁରାମାଡ଼ରୁ ବର୍ତ୍ତିଲାନି ପୁଲିସ
- ଚନ୍ଦକା ଥାନାରେ ରକ୍ତଛିଟା

'ୱି କେୟାର, ୱି ଡେୟାର'। କମିଶନରେଟ ପୁଲିସ ଆରମ୍ଭ ବେଳେ ଏଭଳି ସ୍ଲୋଗାନ ଦେଇଥିଲେ ଖାକି ବାବୁ। କିନ୍ତୁ ଏ ଡେୟାରିଂ ପ୍ରକୃତିକୁ ବର୍ତ୍ତମାନ ପୁଲିସ ବଦଳରେ ଆପଣାଇଛନ୍ତି ଅପରାଧୀ। କେତେବେଳେ ଖଣ୍ଡା ଧରି ବୁଲୁଛନ୍ତି ତ ଆଉ କେତେବେଳେ ଛୁରାମାଡ଼ କରୁଛନ୍ତି। ଏଭଳି ଏକ ସାଙ୍ଘାତିକ ଘଟଣା ଏବେ ପୁଲିସର ପାରିବାପଣିଆ ପ୍ରତି ସୃଷ୍ଟି କରିଛି ବଡ଼ ଚ୍ୟାଲେଞ୍ଜ। କୌଣସି ଉପାନ୍ତ ଅଞ୍ଚଳ ନୁହେଁ, ବରଂ ଘଟଣାଟି ଘଟିଛି ଭୁବନେଶ୍ୱର ୟୁପିଡି ଅଧୀନସ୍ଥ ଚନ୍ଦକା ଥାନାରେ। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଭିଡିଓରେ ଥାନା ଭିତରେ ଖଣ୍ଡଯୁଦ୍ଧର ଦୃଶ୍ୟ ଏବେ ପୁଲିସକୁ ନିନ୍ଦିତ କରିଛି। ଏହି ଦୃଶ୍ୟ ଭୁଶୁଡ଼ି ପଡିଥିବା ଆଇନଶୃଙ୍ଖଳାର ଏକ ଜ୍ୱଳନ୍ତ ଉଦାହରଣ। ସତେ ଯେମିତି ଅପରାଧୀଙ୍କ ଚରାଭୂଇଁ ପାଲଟିଛି ଭୁବନେଶ୍ୱର। ଥାନାକୁ ମଧ୍ୟ ➪ପୃଷ୍ଠା-୬

## ମୋଦି-ଟ୍ରମ୍ପ ଆଲୋଚନା

### ଶାନ୍ତି ଫେରାଇ ଆଣିବାକୁ ଗୁରୁତ୍ୱ



ନୂଆଦିଲ୍ଲୀ,୨୪।୩(ସଂଚାର ବ୍ୟୁରୋ): ପଶ୍ଚିମ ଏସିଆରେ ଘମାଘୋଟ ଯୁଦ୍ଧ ପରିସ୍ଥିତି ମଧ୍ୟରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଟେଲିଫୋନରେ ଆଲୋଚନା କରିଛନ୍ତି। ଯୁଦ୍ଧରେ ଯେତିକି ଜନଜୀବନ ନଷ୍ଟ ହେଉଛି, ତା'ଠାରୁ ଅଧିକ ଲୋକ ଏବେ ଖାଦ୍ୟ, ତୈଳ ପ୍ରାକୃତିକ ଗ୍ୟାସକୁ ନେଇ ➪ପୃଷ୍ଠା-୬

### ଫେଲ ମାରିଲେ ମିଳିତ ବିରୋଧୀ ଦଳ

## ନବୀନଙ୍କୁ ଧୋଇଦେଲେ ବିଜେପି ବିଧାୟକ

- ବିଜେଡି ପାଇଁ ନ ଥିଲା କାଉଣ୍ଟର ସୁଯୋଗ
- ହେଡଫୋନ ଲଗେଇ ଶୁଣିଲେ, ହେଲେ ନାଚାର
- ଆଲୋଚନା ପାଇଁ ଅପିଲ୍ କଲେ ଉପମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୪।୩(ସଂଚାର ବ୍ୟୁରୋ): ଗତ ୧୭ ତାରିଖରୁ ବିଜେଡି ଓ କଂଗ୍ରେସ ବିଧାୟକମାନେ ମିଳିତ ଭାବେ ଏସସିବି ଅଗ୍ନିକାଣ୍ଡ ଘଟଣାକୁ ନେଇ ଗୃହକୁ ଅଚଳ କରୁଛନ୍ତି। ସମାନ ରଣନୀତିରେ ଆଜି ମଧ୍ୟ ପ୍ରଶ୍ନକାଳ ଆରମ୍ଭରୁ ଗୃହକୁ ଅଚଳ କରିଥିଲେ ବିଜେଡି ଓ କଂଗ୍ରେସର ବିଧାୟକ। ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ପ୍ରଶ୍ନକାଳ ୧୬ ମିନିଟ ଚାଲିବା ପରେ ବାଚସ୍ପତି ସୁରମା ପାଢୀ ପୂର୍ବାହ୍ନ ସାଢ଼େ ୧୧ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ କଲେ। ସାଢ଼େ ୧୧ଟାରେ ଗୃହ ଆରମ୍ଭ ହେବା ମାତ୍ରେ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ସମାନ ଢାଞ୍ଚାରେ ଗୃହର ➪ପୃଷ୍ଠା-୬


SIKSHA 'O' ANUSANDHAN
(DEEMED TO BE UNIVERSITY)

Empowering students for a brighter future

B.TECH PROGRAMMES IN EMERGING COMPUTING
- Computer Science and Engineering (AI and ML)
- Computer Science and Engineering (Data Science)
- Computer Science and Engineering (Cyber Security)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through JEE-Main, Please visit: www.soa.ac.in


## ୨୯ରେ କୋଳାକୋଳି!




**୨୯ ବର୍ଷର ବିରୋଧ ପରେ**

ଭୁବନେଶ୍ୱର,୨୪।୩(ସଂଚାର ବ୍ୟୁରୋ): ଗତ ରାଜ୍ୟସଭା ନିର୍ବାଚନରେ ବିଜେପି ସଭାପତି ନବୀନ ପଟ୍ଟନାୟକଙ୍କ ରଣନୀତି ସମସ୍ତଙ୍କୁ ଚକିତ କରିଥିଲା। ବିଶେଷକରି ଦଳ ଗଠନ ଦିନରୁ ଅଣକଂଗ୍ରେସ ରାଜନୀତି କରୁଥିବା ବିଜେଡି କଂଗ୍ରେସ ସହ ମିଳିତ ଭାବେ ପ୍ରାର୍ଥୀ ଦେବା ରାଜନୈତିକ ସମୀକ୍ଷକଙ୍କୁ ବି ଚିନ୍ତାରେ ପକାଇଥିଲା। ତେବେ ନବୀନ ୨୦୨୯କୁ ଦୃଷ୍ଟିରେ ରଖି ଏହି ଗୋଟି ଚଳାଇଛନ୍ତି ବୋଲି ଆଲୋଚନା ହେଉଛି। ଏଥର ବିଜେଡି ଆଉ ବିଜେପିର ଲାଙ୍ଗୁଡ଼ ହୋଇ ନ ରହି ହାତ ସହ ହାତ ମିଳାଇ ପଦ୍ମ ପୋଖରୀ ଓଝଳା ଆରମ୍ଭ କରିବ ବୋଲି ଆକଳନ କରାଯାଉଛି।

ଗତ ୨୯ ବର୍ଷ ଧରି କଂଗ୍ରେସକୁ ବିରୋଧ କରିଆସୁଥିଲା ବିଜେଡି। କଂଗ୍ରେସର ଅରାଜକତାରେ ରାଜ୍ୟବାସୀ ଏତେ ଅତିଷ୍ଠ ହୋଇଯାଇଥିଲେ ଯେ ପ୍ରଥମ ଥର ପାଇଁ ମୈଦାନକୁ ଆସିଥିବା ଏକ ଅଣକଂଗ୍ରେସ ଦଳକୁ ଭରସା ➪ପୃଷ୍ଠା-୬

## ସକ୍ରିୟ ହୋଇଛନ୍ତି ବିଜେପି ସ୍ଲିପର ସେଲ୍



- ସୋସିଆଲ ମିଡିଆରେ ବିଜେଡି ଘାଇଲା
- କାମ ଦେଉନି କାର୍ଯ୍ୟାନୁଷ୍ଠାନ ଠେଙ୍ଗା

ଭୁବନେଶ୍ୱର,୨୪।୩(ସଂଚାର ବ୍ୟୁରୋ): ବିଜେପିର ସ୍ଲିପର ସେଲ୍ ଆକ୍ରମଣରେ ଏବେ ବିଜେଡି ଘାଇଲା। ସୋସିଆଲମିଡିଆଠାରୁରାସ୍ତାଘାଟପର୍ଯ୍ୟନ୍ତଏହି ସେଲ୍‌ର ସଦସ୍ୟ ବିଜେଡି ବିରୋଧରେ ମୋର୍ଚ୍ଚା ଖୋଲିଛନ୍ତି। ଖୋଲାଖୋଲି ଭାବେ ବିଜେଡିର ମେରୁଦଣ୍ଡ ଉପରେ ମାଡ଼ କରୁଛନ୍ତି। ଯଦିଓ ବିଜେଡି ଏମାନଙ୍କୁ କାର୍ଯ୍ୟାନୁଷ୍ଠାନର ଠେଙ୍ଗା ଦେଖାଉଛି, କିନ୍ତୁ ଏମାନେ ଭୟଭୀତ ହେବା ବଦଳରେ ବରଂ ପାଲଟା ଆକ୍ରମଣ ମୁଦ୍ରାରେ ରହୁଛନ୍ତି।

ବିଜେଡି ବିରୋଧରେ ମୋର୍ଚ୍ଚା ଖୋଲିଥିବା ସ୍ଲିପର ସେଲ୍ ତାଲିକାରେ ରହିଛନ୍ତି ବିଜେଡିର ପୂର୍ବତନ ନେତା ପ୍ରଭାତ ତ୍ରିପାଠୀ, ପ୍ରଭାତ ବିଶ୍ୱାଳ, ଶ୍ରୀମୟୀ ମିଶ୍ର, ଏଲିନା ଦାସ ଓ ମାନସ ବଡ଼ିଆଙ୍କ ଭଳି କିଛି ବିଜେପିମୁହାଁ ନେତା। ଏମାନଙ୍କର ମୁଖ୍ୟ ଲକ୍ଷ୍ୟ ହେଉଛି ବିଜେଡିକୁ ଦୁର୍ବଳ କରିବା। ତେଣୁ ଶ୍ରୀମୟୀଙ୍କ ଭଳି ନେତ୍ରୀମାନେ ସୋସିଆଲ ମିଡିଆରେ ବାଣ ମାରୁଥିବା ବେଳେ ଦୁଇ ପ୍ରଭାତ ଖୋଲାଖୋଲି ଭାବେ ରାସ୍ତାକୁ ଓହ୍ଲାଇଛନ୍ତି। ନିଜକୁ ବିଜୁ ଲିଗାସୀ କହି ଏମାନେ ନବୀନଙ୍କୁ ଆକ୍ରମଣ କରିବାରେ ଲାଗିଛନ୍ତି। ପୂର୍ବରୁ ଏହି ସ୍ଲିପର ସେଲ୍ ଅଣ୍ଡର୍ କଭର୍ ଭାବେ କାର୍ଯ୍ୟ କରୁଥିବା ବେଳେ ଏବେ କିନ୍ତୁ ଖୋଲାଖୋଲି ବାହାରିଛନ୍ତି। ବିଜେଡି ପାଇଁ ଏବେ ସବୁଠାରୁ ଅଡୁଆ ହୋଇଛି ବିଜୁ-ନବୀନ ଟ୍ରଷ୍ଟ। ଖୋଦ୍ ଶାସକ ଦଳ ଏହି ଅସ୍ତ୍ରରେ ଏବେ ବିଜେଡିକୁ ଆକ୍ରମଣ କରୁଛି। ତେବେ ଏହି ଘଟଣାକୁ ପ୍ରଥମେ ପ୍ରଭାତ ବିଶ୍ୱାଳ ନବୀନ ନିବାସ ଭିତରେ ଖୋଲିଥିବା ବେଳେ ସୋସିଆଲ ମିଡିଆରେ ନିଆଁ ଲଗାଇଥିଲେ ଶ୍ରୀମୟୀ। ଏହି ନିଆଁ ଏବେ ବିଜେଡିକୁ ପୋଡ଼ିବା ଆରମ୍ଭ କରିଛି। ଆଉ ଏହି ଅଗ୍ନିକାଣ୍ଡରୁ ରକ୍ଷା ପାଇବା ପାଇଁ ମୋର୍ଚ୍ଚା ସମ୍ଭାଳିଛନ୍ତି ଖୋଦ୍ ➪ପୃଷ୍ଠା-୬

# ଅସହାୟ ବୃଦ୍ଧା କାଞ୍ଚନଙ୍କୁ ଆବାସ କେବେ ?

## ଭଙ୍ଗା ଦଦରା ଚାଳଛପର ଘରେ ବିତୁଛି ଜୀବନ



ମହାକାଳପଡ଼ା,୨୪।୩ (ସଂଚାର ବ୍ୟୁରୋ): ଜଣେ ୬୦ ବର୍ଷୀୟା ଅସହାୟ ବୃଦ୍ଧାଙ୍କ ନିକଟରେ ପହଞ୍ଚିନି ସରକାରୀ ଆବାସ ଯୋଜନା। ଯାହା ଫଳରେ ସେ ଭଙ୍ଗା ଦଦରା କୁଡିଆରେ ଜୀବନ କାଟିବାକୁ ବାଧ୍ୟ ହେଉଛନ୍ତି। ପଞ୍ଚାୟତର ସରପଞ୍ଚ କି ପ୍ରଶାସନ ତାଙ୍କ ଉପରେ ନଜର ପକାଇନଥିବା ସେ ଅଭିଯୋଗ କରିଛନ୍ତି।

ସୂଚନା ମୁତାବକ ମହାକାଳପଡା ବ୍ଲକ ଅଧୀନ ତିଖିରି ଗ୍ରାମ ପଞ୍ଚାୟତ ଅର୍ନ୍ତଗତ ବାଲିସୁଆଁ ଗ୍ରାମର ଆକୁଳି ପରିଡାଙ୍କ ୬୦ ବର୍ଷିୟା ପତ୍ନୀ ହେଉଛନ୍ତି କାଞ୍ଚନ ପରିଡା। ଦିର୍ଘଦିନ ହେବ ସ୍ୱାମୀ ଆରପାରିକୁ ଚାଲିଯିବା ପରେ କାଞ୍ଚନ ଭଙ୍ଗା ଦଦରା ଚାଳଛପର ଘରେ ଏକାକି ଜୀବନ ବିତାଉଛନ୍ତି। କାଛ ଭାଙ୍ଗି ଯାଇଥିଲାବେଳେ ଛପର ଉପରେ ପଡିଥିବା ଜରିପାଲ ତାଙ୍କ ମନରେ ଅଜଣା ଭୟ ସୃଷ୍ଟି କରିଛି। ବିଧବା ଭତ୍ତା ଏକହଜାରକୁ ବାଦ୍ ଦେଲେ ରୋଜଗାରର ପନ୍ଥା କାଞ୍ଚନଙ୍କ ପାଇଁ ଆଉ କିଛି ନାହିଁ। ଏମିତି ପରିସ୍ଥିତିରେ ସେ ଆବାସ ଘର ଖଣ୍ଡିଏ ପାଇଁ ବ୍ଲକ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ନିକଟକୁ ଦୌଡି ଦୌଡି ନିରାଶ ହେବା ପରେ ଏବେ ଭାଗ୍ୟକୁ ଆଦରି ସେଇ ଭଙ୍ଗା କୁଡ଼ିଆରେ ଜୀବନ କାଟିବାକୁ ବାଧ୍ୟ ହେଉଛନ୍ତି।

ଏଠି ପ୍ରଶ୍ନ ସରକାର ସମସ୍ତଙ୍କ ମୁଣ୍ଡ ଉପରେ ଛାତ ଦେବାକୁ ସରକାରୀ କର୍ମଚାରୀ ମାନଙ୍କୁ ନିର୍ଦ୍ଦେଶ ଦେଉଥିବା ବେଳେ କାଞ୍ଚନଙ୍କ ଉପରେ ସେମାନଙ୍କ ଦୃଷ୍ଟି ନ ପଡିବାର କାରଣ କଣ ? ଥିଲା ବାଲା ଅସାଧୁ ଉପାୟରେ ସରକାରୀ ଆବାସ ହାତେଇ ନେଉଥିବା ଅଭିଯୋଗ ହେଉଥିଲା ବେଳେ କାଞ୍ଚନଙ୍କ ଭଳି ଜଣେ ଯୋଗ୍ୟ ହିତାଧିକାରୀ ଆବାସ ଯୋଜନାରୁ ବଞ୍ଚିତ ରହିବା ସରକାରଙ୍କ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯଥାଶୀଘ୍ର କାଞ୍ଚନଙ୍କୁ ଖଣ୍ଡିଏ ଆବାସ ଗୃହ ଯୋଗାଇ ଦେବାକୁ ଗ୍ରାମବାସୀ ଓ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ଦାବି କରିଛନ୍ତି।

## ଅସହାୟ ଚନ୍ଦନଙ୍କୁ ସହଯୋଗର ହାତ ବଢ଼ାଇଲେ ପ୍ରତାପ ଦାସ



ମହାକାଳପଡ଼ା,୨୪।୩(ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ ଅଧୀନ ଦେଉଳପଡା ପଞ୍ଚାୟତ ଅନ୍ତର୍ଗତ ବାଙ୍କିଛନ୍ଦା ଗ୍ରାମର ଜଣେ ୮୦% ଦିବ୍ୟାଙ୍ଗ ଯୁବକ ଚନ୍ଦନ ପାଇଟାଳ ଅର୍ଥ ଅଭାବରୁ ଘରଟିଏ ସମ୍ପୂର୍ଣ୍ଣ କରି ପାରୁ ନାହାନ୍ତି। ଏ ଖବର ଜାଣିବା ପରେ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର ଯୁବନେତା ତଥା ସମାଜସେବୀ ଡ଼ଃ ପ୍ରତାପ ଚନ୍ଦ୍ର ଦାସ (ହାଲୁ) ଆଜି ଚନ୍ଦନଙ୍କୁ ତାଙ୍କ ବାସଭବନରେ ପହଞ୍ଚି ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ଅନ୍ୟାନ୍ୟ ଆନୁଷଙ୍ଗିକ ସହଯୋଗ ପରବର୍ତ୍ତୀ ସମୟରେ ଯୋଗାଇ ଦେବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରତାପଙ୍କ ସହିତ ସଙ୍ଗ୍ରାମ ସେଠୀ ଓ ବିଘ୍ନେଶ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିପର୍ଯ୍ୟସ୍ତ ରାସ୍ତାର ମରାମତି କଲା ବିଭାଗ



‘ସଂଚାର’ ପ୍ରଭାବ

ମହାକାଳପଡ଼ା, ୨୪।୩(ସଂଚାର ବ୍ୟୁରୋ): ଅଙ୍ଗୁଳାଇ ରୁ ବାବର ପୂର୍ତ୍ତ ବିଭାଗ ରାସ୍ତାର ଓରତ ସେତୁ ନିକଟରେ ବିରାଟ ଗାଡ଼ ଦେଖିବାକୁ ମିଳିଥିବା ଖବର ଗତକାଲି ସଂଚାର ରେ ଖବର ପ୍ରକାଶ ପାଇଥିଲା। ସେତୁର ନିକଟରେ ଅର୍ଥାତ୍ ଘାଟ ଆଡକୁ ଥିବା ଗରାଣି ରାସ୍ତାରେ ଏମିତି ସ୍ଥିତି ପୁରା ବିଭାଗୀୟ ଅବହେଳାକୁ ପଦାରେ ପକାଉଛି। ଏହି ଗାଡରେ ଦୈନିକ ହଜାର ହଜାର ଲୋକେ ଯାତାୟାତ କରୁଥିବା ବେଳେ ଏହି ଗାଡରେ ପଡ଼ି ଦୁର୍ଘଟଣାର ଶିକାର ହେଉଛନ୍ତି। ଗରାଣି ରାସ୍ତାରେ ଏହି ଗାଡ଼ ଏବେ ଯାତ୍ରୀମାନଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ତୁରନ୍ତ ବିଭାଗ ଏଥିପାଇଁ ଦୃଷ୍ଟି ଦେଇ ତୁରନ୍ତ ରାସ୍ତା ମରାମତି କରିବା ପାଇଁ ଦାବି ହେଉଥିଲା। ଆଜି ବିଭାଗ ତରଫରୁ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ହୋଇଛି।

## ବାଇକ୍ ପୋଡ଼ିବା ନେଇ ଥାନାରେ ଅଭିଯୋଗ



ଡେରାବିଶ, ୨୪।୩ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ସଦରଥାନା ତଥା ଚାନ୍ଦୋଳ ଫାଣ୍ଡି ଅଧୀନସ୍ଥ ନରସପଡ଼ା ଗ୍ରାମର ପ୍ରଦିପ୍ତ କିଶୋର ଦାଶଙ୍କ ବାସଭବନରେ ରହିଥିବା ଦୁଇଟି ବାଇକ୍ ଉପରେ ଗତକାଲି ରାତିରେ କେହି ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ପୋଡ଼ି ଦେଇଥିବା ନେଇ ପ୍ରଦୀପ୍ତ ଥାନାରେ ଅଭିଯୋଗ କରିଛନ୍ତି। ପ୍ରଦୀପ୍ତଙ୍କ ଅଭିଯୋଗ ଅନୁଯାୟୀ ସେ ଚାନ୍ଦୋଳ ଠାରେ ଥିବା ତାଙ୍କ ଔଷଧ ଦୋକାନ ବନ୍ଦ କରି ରାତି ୧୦ଟା ପରେ ଘରେ ପହଞ୍ଚିଥିଲେ। ଘରେ ପହଞ୍ଚିବା ପରେ ତାଙ୍କର ପାର୍ଶଲ ଆସିଥିବା ନେଇ କେହି ଜଣେ ବ୍ୟକ୍ତି ଫୋନ୍ କଲ କରି ଘର ବାହାରକୁ ଡକାଇଥିଲା। ଏତେ ରାତିରେ ସେ ଯିବା ପାଇଁ ମନା କରିଥିଲେ। ପରେ ଶ୍ରୀ ଦାଶ ଶୋଇ ଯାଇଥିଲେ। ହଠାତ୍ ରାତି ୧୨ଟା ବେଳେ ଘର ବାହାରେ କିଛି ଶବ୍ଦ ଶୁଣି ଉଠିଥିଲେ। ସେତେବେଳେ ଜଣେ କେହି ବ୍ୟକ୍ତି ତାଙ୍କ ଘର ବାହାରୁ ବାଇକ୍‌ରେ ପଳାଇଯାଉଥିବା ଦେଖିଥିଲେ। ସନ୍ଦେହରେ କିଛି ସମୟ ନଶୋଇ ବସିରହିଥିଲେ। ପରେ ସେ ଓ ତାଙ୍କ ପରିବାର ପୁନର୍ବାର ଶୋଇ ପଡ଼ିଥିଲେ। କିଛି ସମୟ ପରେ ତାଙ୍କ ଘର ଗେଟ୍ ପାଖରେ ରହିଥିବା ଦୁଇଟି ବାଇକ୍ ଉପରେ କେହି ବ୍ୟକ୍ତି ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଦେଇଥିଲେ। ନିଆଁ ଜଳିବାରୁ ସେ ଓ ତାଙ୍କ ପରିବାର ଉଠିପଡ଼ି ଦେଖନ୍ତିତ ତାଙ୍କ ଘର ବାହାରେ ଥିବା ୭ ରୁ ୮ ଜଣ ବ୍ୟକ୍ତି ସେଠାରୁ ଫେରାର ହୋଇଯାଇଥିଲେ। ଶ୍ରୀ ଦାଶଙ୍କ ତାଙ୍କ ପରିବାର ଲୋକ ପାଣି ଓ ବାଲି ସହାୟତାରେ ଜଳୁଥିବା ବାଇକ୍ ଦୁଇଟିରୁ ନିଆଁ ଲିଭାଇବାକୁ ଚେଷ୍ଟା କରିବା ସହ ଦମକଳ ବାହିନୀକୁ ଫୋନ୍ କରିଥିଲେ। ଏଥିସହିତ ସେ ଥାନାକୁ ଫୋନ୍ କରି ଜଣାଇଥିଲେ। ପରେ ଆଜି ସକାଳେ ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ଇନ୍ଦିରା ଗାନ୍ଧୀ ମହିଳା କଲେଜ ଛାତ୍ରୀଙ୍କ ଧାରଣା



ଯାଜପୁର ରୋଡ଼,୨୪।୩(ସଂଚାର ବ୍ୟୁରୋ): ବ୍ୟାସନଗର ପୌରାଅଂଚଳ ସହରର ଇନ୍ଦିରା ଗାନ୍ଧୀ ମହିଳା କଲେଜର ଛାତ୍ରୀମାନେ ଆଜି ଦିର୍ଘସମୟ ଧରି କଲେଜ ଗେଟ୍ ସମ୍ମୁଖରେ ପରିକ୍ଷା ଘୁଂଚାଇବାକୁ କେନ୍ଦ୍ରକରି ଧାରଣରେ ବସିଥିଲେ। କାରଣ ଏହି କଲେଜର +୩ ଫାଷ୍ଟ ୟିଅର ସେକେଣ୍ଡ ସେମିଷ୍ଟାର ପରିକ୍ଷା ଘୁଂଚାଇବା ଲାଗି ଛାତ୍ରୀମାନେ ଧାରଣା ଦେଇଥିଲେ। ଛାତ୍ରୀମାନଙ୍କ କହିବା ଅନୁସାରେ ଗୋଟିଏ ସେମିଷ୍ଟାରର ପରିକ୍ଷା ଫଳ ପ୍ରକାଶ ପାଇସାରି ନଥିଲା ବେଳେ ଆଉ ଏକ ପରିକ୍ଷା ତାରିଖ ଘୋଷଣା କରାଯାଉଥିବା, କଲେଜରେ ଲାଇବ୍ରେରୀ ବହି, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପାଠପଢ଼ା କୋର୍ସ କମ୍ପଲିଟି ଭଳି ଅଭିଯୋଗକୁ ଆଧାର କରି ଏହି ଧାରଣା ରହିଥିଲା।

## ତାଳଚୁଆ ଥାନା ପକ୍ଷରୁ ସମୁଦ୍ରପଥ, ଘାଟ ଓ ଜେଟିରେ ତନଖି



ରାଜନଗର,୨୪।୩(ସଂଚାର ବ୍ୟୁରୋ): ଆଜି ଠାରୁ ଆରମ୍ଭ ହୋଇଛି ଦୁଇ ଦିନିଆ ଅପରେସନ ସାଗର କବଚ। ଉପକୂଳକୁ ସୁରକ୍ଷିତ ରଖିବା ପାଇଁ ଓ ତନଖିକୁ କଡାକଡି କରିବା ପାଇଁ ଏହି ତନଖି ଆରମ୍ଭ ହୋଇଛି। ଜଳପଥରେ ୨୬/୧୧ ମୁମ୍ବାଇ ଆକ୍ରମଣ ପରି ଆଉ ଯେପରି ଆତଙ୍କବଦୀ କୌଣସି ପ୍ରକାରେ ଆକ୍ରମଣ ନକରିବେ ଓ ଛଦ୍ମ ବେଶରେ ଅଞ୍ଚଳକୁ ପ୍ରବେଶ ନକରିବେ ସେଥିପାଇଁ ଏହି ଅପରେସନ ସାଗର କବଚ ଚାଲିଛି। ଆଜି ଛଦ୍ମବେଶରେ ଆସିଥିବା ଦୁଇ ଜଣଙ୍କୁ ପାରାଦୀପ ଓ ଧାମରା ପୁଲିସ ଧରିବାରେ ସଫଳ ହୋଇଛି | ତାଳଚୁଆ ସାମୁଦ୍ରିକ ଥାନା ପକ୍ଷରୁ ଜଳପଥରେ ଅବଦୁଲ କାଲାମ କ୍ଷେପଣାସ୍ତ୍ର ଘଟି ଯାଏଁ ତନଖି କରାଯାଇଛି। ସ୍ଥଳ ପଥରେ ନଳିତାପଟିଆ, ସୁବର୍ଣ୍ଣପୁର, ତାଳଚୁଆ ଫେରି ଘାଟ, ତାଳଚୁଆ ଜେଠି, ହାତିଆଗଣ୍ଡ, ପ୍ରଭାତୀ, ସାନକଣ୍ଟିଆ, ବେଙ୍ଗମାରୀ ଘାଟ ଗୁଡିକରେ କଡାକଡି ତନଖି କରାଯାଇଛି। ପାରାଦୀପରୁ ନାଭାଲର ୨୦ରୁ ୨୫ ବର୍ଷ ବୟସର ସୈନିକ ଛଦ୍ମବେଶରେ ଆତଙ୍କବାଦୀ ବେଶରେ ବିଭିନ୍ନ ସ୍ଥାନରେ ପହଞ୍ଚିବେ। ତାଙ୍କ ବ୍ୟାଗରେ ନକଲି ବୋମା ଥିବ। ତାଙ୍କୁ କେଉଁ ଥାନା ଧରିପାରୁଛି, କେଉଁ ଥାନା ଧରି ପାରୁନି ତାହା ପରଖିବା ଏହି ଅପରେସନର ଲକ୍ଷ୍ୟ ବୋଲି ଆଇଆଇସି ସନ୍ଧ୍ୟାରାଣୀ ଜେନା କହିଛନ୍ତି।

## ମରଣାନ୍ତକ ଆକ୍ରମଣ ଘଟଣାରେ ପୁଲିସ ନୀରବ

### ପରିବାର ପାଇଁ ସୁରକ୍ଷା ଲୋଡ଼ିଲେ ମାନସ

### ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କଲେ



କେନ୍ଦ୍ରାପଡ଼ା,୨୪।୩(ସଂଚାର ବ୍ୟୁରୋ): ଏକ ମରଣାନ୍ତଙ୍କ ଆକ୍ରମଣ ଘଟଣାରେ ମାର୍ଶାଘାଇ ଥାନା ପୁଲିସର ଉଦାସୀନତା ଯୋଗୁଁ ଆକ୍ରମଣକାରୀ ଜୀବନରେ ମାରିଦେବାକୁ ଧମକ ପରେ ଜିଲ୍ଲାପାଳଙ୍କ ନିକଟରେ ନିଜ ତଥା ପରିବାରର ସୁରକ୍ଷା ଲୋଡିଛନ୍ତି ମାନସରଞ୍ଜନ ଆଚାର୍ଯ୍ୟ ।

ଅଭିଯୋଗ ଅନୁଯାୟି କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ଥାନା ଅନ୍ତର୍ଗତ କରଞ୍ଜ ଗ୍ରାମର ନଳିନୀ କୁମାର ଆଚାର୍ଯ୍ୟଙ୍କ ପୁତ୍ର ମାନସରଞ୍ଜନ ଆଚାର୍ଯ୍ୟ ଜିଲ୍ଲାପାଳଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି ଯେ ସେହି ପଞ୍ଚାୟତରେ ଚାଲିଥିବା ରାସ୍ତା ମରାମତି, ପୋଖରୀ ସଫେଇ, ଓମଫେଡ କେନ୍ଦ୍ର ଗୃହ ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରାଯାଇ ଦୁର୍ନୀତି କରାଯାଉଥିବା ଓ ଓପିଟିସିଏଲର ସିମେ ଓ ରଡ ଚୋରି ଭଳି ଘଟଣାର ଚୁପ ରହିବାକୁ ବାଧ୍ୟ କରି ଏକ ରାଜନୈତିକ ଗୋଷ୍ଠିର କେତେକ ଯୁବକ ସଙ୍ଘବଦ୍ଧ ହୋଇ ଚଳିତମାସ ୧୭ ତାରିଖରେ ମାନସରଞ୍ଜନଙ୍କୁ ଧମକ ଦେବା ସହ ମରଣାନ୍ତଙ୍କ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ମାନସରଞ୍ଜନଙ୍କ ବାମହାତଟି ଭାଙ୍ଗିଯାଇଥିବା ବେଳେ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି । ସ୍ଥାନୀୟ ଲୋକ ଓ ସାନଭାଇର ସହାୟତାରେ ମାନସରଞ୍ଜନ ପ୍ରଥମେ ମାର୍ଶାଘାଇ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅଧିକ ଚିକିତ୍ସା ନିମନ୍ତେ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଏସମ୍ପର୍କରେ ମାନସରଞ୍ଜନ ମାର୍ଶାଘାଇ ଥାନାରେ ଅଭିଯୋଗ କରିଥିଲେବି ଅଦ୍ୟାବଧି ମାର୍ଶାଘାଇ ଥାନା ପୁଲିସ କୌଣସି ପଦକ୍ଷେପ ଗ୍ରହଣ କରିନଥିବା ସେ ଅଭିଯୋଗ କରିଛନ୍ତି। ପରନ୍ତୁ ସଂପୃକ୍ତ ଆସାମୀ ମାନେ ମାର୍ଶାଘାଇ ଥାନାରେ ମାନସରଞ୍ଜନ ଓ ତାଙ୍କ ସାନଭାଇଙ୍କ ନାମରେ ମିଥ୍ୟା ଅଭିଯୋକରି ଏକ ମିଥ୍ୟା ମାମଲା ରୁଜୁ କରି ପୋଲିସ ଦ୍ୱାରା ଗିରଫ କରାଇବାକୁ ଧମକ ଦେଉଛନ୍ତି । ଏଥିସହିତ ମାନସରଞ୍ଜନ ଓ ତା’ର ପରିବାରକୁ ଜୀବବନରୁ ମାରିଦେବାକୁ ଆସାମୀମାନେ ଧମକ ଦେଇଥିବା ମାନସରଞ୍ଜନ ଅଭିଯୋଗ କରିଛନ୍ତି ।

ତେଣୁ ମାନସରଞ୍ଜନଙ୍କ ପରିବାରବର୍ଗଙ୍କୁ ସୁରକ୍ଷା ଯୋଗାଇଦେବା ସହିତ ଉଭୟ ଘଟଣାର ନିରପେକ୍ଷ ତଦନ୍ତ କରାଯିବାକୁ ସେ ଦାବି କରିଛନ୍ତି। ନଚେତ ସେ ବୃଦ୍ଧ ପିତାମାତାଙ୍କ ଜୀବନରକ୍ଷା ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଶ୍ରୟ ନେବାକୁ ବାଧ୍ୟ ହେବେ ବୋଲି ଜିଲ୍ଲାପାଳଙ୍କୁ ଜଣାଇଛନ୍ତି। ମାନସରଞ୍ଜନ ଏହି ଅଭିଯୋଗର ନକଲ ମୁଖ୍ୟମନ୍ତ୍ରୀ, ପୋଲିସ ମହାନିର୍ଦ୍ଦେଶକ, ଆରକ୍ଷୀ ଅଧୀକ୍ଷକଙ୍କୁ ପ୍ରଦାନ କରିଥିବା ଜଣାଇଛନ୍ତି ।

## ଆଳି ନିର୍ମାଣର ବିଶ୍ୱକର୍ମା ଥିଲେ ଶରତ ଦେବ



### ୩୮ତମ ଶ୍ରାଦ୍ଧୋତ୍ସବ

ଆଳି,୨୪।୩(ସଂଚାର ବ୍ୟୁରୋ): ଆଳି ମାଟିର ମଉଡମଣି ଆଳିର ବିନ୍ଧାଣୀ ଭାବେ ପରିଚିତ ସ୍ୱର୍ଗତ ରାଜା ସାହେବ୍ ଶରତ କୁମାର ଦେବଙ୍କ ୩୮ ତମ ଶ୍ରାଦ୍ଧ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ଅନ୍ନପୂର୍ଣ୍ଣା ପଡିଆ ଶିଶୁ ଉଦ୍ୟାନ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇ ଯାଇଛି। ପୂର୍ବାହ୍ନରେ ସ୍ୱର୍ଗତଃ ଦେବଙ୍କ ସମାଧି ପୀଠ ରେ ପୁଷ୍ପମାଲ୍ୟ ଅର୍ପଣ ପରେ ଆଳି ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ ତାଙ୍କ ସୁପୁତ୍ର ପ୍ରତାପ କେଶରୀ ଦେବ। ପରେ ଡାକବଙ୍ଗଳାସ୍ଥିତ ଶରତ କୁମାର ଦେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ ପରେ ନୂଆବଜାର ଅନ୍ନପୂର୍ଣ୍ଣା ପଡ଼ିଆରେ ସ୍ମୃତି ସଭାରେ ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ କରି ସଭା ଆରମ୍ଭ କରାଯାଇଥିଲା। ବନ୍ଦେ ଉତ୍କଳ ଗାନ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା।

ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମୁଖ୍ୟ ବକ୍ତା କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ସମ୍ମାନୀୟ ଅତିଥି ଭାବେ ପ୍ରତାପ କେଶରୀ ଦେବ, ରାଜକନିକା ସମିତି ଅଧକ୍ଷା ମିନତୀ ରାଉତ୍ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ ପ୍ରମୁଖ ଯୋଗ ଦେଇ ଶରତ କୁମାର ଦେବଙ୍କ ସ୍ମୃତି ଚାରଣ କରିଥିଲେ। ଗମନା ଗମନ, ଶିକ୍ଷା, ସ୍ୱାସ୍ଥ୍ୟ, ପରି ସାମଗ୍ରିକ ବିକାଶ ନିମନ୍ତେ ଶରତ ଦେବଙ୍କ ଯୁଗାନ୍ତକାରୀ ପଦକ୍ଷେପ ଅତୁଳନୀୟ ଯାହାକି ଆଳି ନିର୍ମାଣର ବିଶ୍ୱକର୍ମା ବୋଲି କୁହାଯାଏ।

ସ୍ମୃତି କମିଟିର ସଭାପତି ଜଗଦାନନ୍ଦ ବଳଙ୍କ ପୌରହିତ୍ୟରେ ସଭା ପରିଚାଳନା କରଯାଇଥିଲା ସମ୍ପାଦକ ରମେଶ ଚନ୍ଦ୍ର ପଣ୍ଡା, ଆଳିର ସମସ୍ତ ନେତ୍ରୁ ବୃନ୍ଦ, ଛାମୁଆଁ କର୍ମୀ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଭୀଷ୍ମ ମହାନ୍ତି ସରପଞ୍ଚ ସମିତି ସଭ୍ୟ, ଛାତ୍ର ସଂଗଠନ, ବୁଦ୍ଧିଜୀବି ଶତାଧିକ ଜନତା ଯୋଗ ଦେଇଥିଲେ। ଏହି ଅବସରରେ, ବିଭିନ୍ନ କ୍ଷେତ୍ରରେ ନାମ କରିଥିବା ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଗୁମୁରା ଓ ଶୈଳେନ୍ଦ୍ରନାରାୟଣପୁର ଅଞ୍ଚଳରୁ ୨୧ଟି ଚିଙ୍ଗୁଡି ଘେରି ଉଚ୍ଛେଦ



ରାଜନଗର,୨୪।୩(ସଂଚାର ବ୍ୟୁରୋ): ଭିତରକନିକା ଜାତୀୟ ଉଦ୍ୟାନର ଜୈବ ବିବିଧତା ବେଆଇନ ଚିଙ୍ଗୁଡିଘେରି ପାଇଁ ନଷ୍ଟ ହେଉଛି। ସିଆରଜେଡ ଆଇନ ଅନୁସାରେ ନଦୀ ଓ ସମୁଦ୍ରରେ ଜୁଆର ମାଡୁଥିବା ସ୍ଥାନରେ ୫ଶହ ମିଟର ମଧ୍ୟରେ କୌଣସି ଚିଙ୍ଗୁଡିଘେରି ରହିପାରିବ ନାହିଁ । ଏହାବାଦେ ନଦୀ କୂଳ ଅଂଚଳ ଭିତରକନିକା ଜାତୀୟ ଉଦ୍ୟାନ ଓ ଲୁଣା ଜଙ୍ଗଲ ପାଇଁ ଅତ୍ୟନ୍ତ ସମ୍ବେଦନଶୀଳ ଅଂଚଳ। ଜୈବ ବିବିଧତା ଦୃଷ୍ଟିରୁ ଏହି ଅଂଚଳ ଗୁରୁତ୍ୱପୂର୍ଣ୍ଣ । ଇକୋ ସେନସେଟିଭ ଜୋନ ଆଇନ, ସିଆରଜେଡ ଆଇନ, ଭିତରକନିକା ଜାତୀୟ ଉଦ୍ୟାନ ଆଇନ, ଭିତରକନିକା ଅଭୟାରଣ୍ୟ ଆଇନକୁ ଉଲଂଘନ କରାଯାଇ ନଦୀ କୂଳେ କୂଳେ ଏପରିକି ଭିତରକନିକା ଜାତୀୟ ଉଦ୍ୟାନ ଭିତରେ ଚିଙ୍ଗୁଡିଘେରି ନିର୍ମାଣ ହୋଇଛି। ଗତ ଦୁଇ ବର୍ଷ ଭିତରେ ଚିଙ୍ଗୁଡି ଘେରି ଗାଁ ଗାଁକୁ ବ୍ୟାପି ଯାଇଛି। ଦୀର୍ଘ ଦିନର ନୀରବତା ପରେ ଚଳିତମାସ ୨୦ ତାରିଖ ଠାରୁ ବନବିଭାଗ ପକ୍ଷରୁ ଆରମ୍ଭ ହୋଇଛି ବେଆଇନ ଚିଙ୍ଗୁଡି ଘେରି ଭଙ୍ଗା ପକ୍ରିୟା। ୨୦ ତାରିଖ ଦିନ ରାଜନଗର ଲୁଣାଜଙ୍ଗଲ ବନ୍ୟପ୍ରାଣୀ ଡିଭିଜନ ଅନ୍ତର୍ଗତ କନିକା ରେଞ୍ଜର ପଟାପାରିଆ ଅଞ୍ଚଳରୁ ୧୨ ଜଣଙ୍କର ୨୦ଟି ଚିଙ୍ଗୁଡି ଘେରି ଭଙ୍ଗା ଯାଇଥିଲା । ମଝିରେ ୩ ଦିନ ଘେରି ଭଙ୍ଗା ବନ୍ଦ ଥିବାବେଳେ ଆଜି ପୁଣି ଘେରି ଭଙ୍ଗା ଯାଇଛି। ଆଜି ଗୁମୁରା ଓ ଶୈଳେନ୍ଦ୍ରନାରାୟଣପୁର ଅଞ୍ଚଳରୁ ୧୧ ଜଣଙ୍କର ୨୧ଟି ଘେରି ଉଚ୍ଛେଦ କରାଯାଇଛି। ଏହି ଘେରି ଗୁଡିକ ଭିତରକନିକା ନଦୀ ଓ ଲୁଣାଜଙ୍ଗଲକୁ ଲଗାଇ ନିର୍ମାଣ କରାଯାଇଥିଲା।

## ବିଶ୍ୱ ଯକ୍ଷ୍ମା ଦିବସ ପାଳିତ



ମହାକାଳପଡ଼ା, ୨୪।୩(ସଂଚାର ବ୍ୟୁରୋ): ମାର୍ଚ୍ଚ ୨୪ ବିଶ୍ୱ ଯକ୍ଷ୍ମା ଦିବସ ଉପଲକ୍ଷେ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ମହାକାଳପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଟିବି ମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମେଡ଼ିକାଲର ଭାରାପ୍ରାପ୍ତ ମେଡିକାଲ ଅଫିସର ଡ଼ଃ ନିରଞ୍ଜନ କର, ବ୍ଲକ୍ ଅଧ୍ୟକ୍ଷା ମିରାରାଣୀ ମହାନ୍ତି, ରୋଗୀ କଲ୍ୟାଣ ସମିତି ସଦସ୍ୟ ଇଂ ଚନ୍ଦ୍ରକାନ୍ତ ସ୍ୱାଇଁ ଓ ସ୍ୱାସ୍ଥ୍ୟ ଅଧିକାରୀ ମାନଙ୍କ ସହିତ ଯକ୍ଷ୍ମା ରୋଗୀ ମାନଙ୍କୁ ସଚେତନ କରାଇବା ସହିତ କିଟ୍ ବଣ୍ଟନ କରାଇଥିଲା।

## ରାସାୟନିକ ଲବଣଯୁକ୍ତ ଜଳ ଯୋଗୁଁ ବ୍ୟାପକ ଫସଲହାନି

## ମେଗା ପାନୀୟଜଳ ପ୍ରକଳ୍ପ ସମ୍ମୁଖରେ ଚାଷୀଙ୍କ ଧାରଣା



ପଟ୍ଟାମୁଣ୍ଡାଇ,୨୪।୩(ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳର ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ବଡ଼ମୂଳବସନ୍ତ ପଂଚାୟତ ପୋହଳ ଠାରେ ଲକ୍ଷ୍ମୀ କନଷ୍ଟ୍ରକସନ ପକ୍ଷରୁ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଏହି ମେଗା ପାନୀୟ ଜଳ ପ୍ରକଳ୍ପର ରାସାୟନିକ ଲବଣଯୁକ୍ତ ଜଳ ନିର୍ଗତ ହୋଇ ପାଟନାଳୀ ବାଟ ଦେଇ ଆଖ ପାଖ ଅଂଚଳର ଶହ ଶହ ଏକର ଚାଷ ଜମିର ଫସଲ ନଷ୍ଟ ହେବା ସହିତ ନିକଟସ୍ଥ ପୋଖରୀ ଗୁଡିକରେ ମାଛ ମଧ୍ୟ ମରି ଭାସୁଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସ୍ଥାନୀୟ ଚାଷୀମାନେ ରାଜ୍ୟ ସରକାର, କୃଷି ଓ ଗ୍ରାମ୍ୟ ଜଳଯୋଗାଣ ବିଭାଗ, ଲକ୍ଷ୍ମୀ କନଷ୍ଟ୍ରକସନ ସମେତ ଜିଲ୍ଲା ଓ ସ୍ଥାନୀୟ ପ୍ରଶାସନକୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କୌଣସି ପ୍ରତିକାର କରାନଯିବାରୁ ବାଧ୍ୟ ଭାରତୀୟ କିଷାନ ସଂଘ ପଟ୍ଟାମୁଣ୍ଡାଇ ଶାଖା ନେତୃତ୍ୱରେ ପୋହଳ, ନପଙ୍ଗ, ବାଟିପଡା ଓ ଗଣ୍ଡକୁଳ ଅଂଚଳର ବହୁ ଚାଷୀ ଆଜି ପୋହଳ ଠାରେ ଲକ୍ଷ୍ମୀ କନଷ୍ଟ୍ରକସନ ଦ୍ୱାରା ନିର୍ମିତ ମେଗା ପାନୀୟ ଜଳ ପ୍ରକଳ୍ପ ସମ୍ମୁଖରେ ଧାରଣା ଦେଇଥିଲେ। ମେଗା ପାନୀୟ ଜଳ ପ୍ରକଳ୍ପରୁ ନିର୍ଗତ ରାସାୟନିକ ଲବଣଯୁକ୍ତ ଜଳ ବନ୍ଦ କରାଯିବା ସହ ଚାଷୀଙ୍କୁ ଫସଲ କ୍ଷତି ନମିଳିଲେ ଧାରଣା ଚାଲୁ ରହିବ ବୋଲି ଚାଷୀନେତାମାନେ ପ୍ରକାଶ କରିଛନ୍ତି ।

ସ୍ଥାନୀୟ ଅଂଚଳର ଚାଷୀମାନେ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ, କେନ୍ଦ୍ରାପଡ଼ା ଜିଲ୍ଲାପାଳ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ, ଲକ୍ଷ୍ମୀ କନଷ୍ଟ୍ରକସନ ପ୍ରୋଜେକ୍ଟ ଇଞ୍ଜିନିଅର, ପଟ୍ଟାମୁଣ୍ଡାଇ ତହସିଲଦାର, ପଟ୍ଟାମୁଣ୍ଡାଇ ସହକାରୀ କୃଷି ଅଧିକାରୀଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇ ଦେଇଛନ୍ତି ।

## ଗୁରୁ-ଶିଷ୍ୟ ପରମ୍ପରାରେ କଳଙ୍କ

## ବିବାହିତା ଛାତ୍ରୀଙ୍କୁ ପ୍ରେମ ନିବେଦନ, ଥାନାରେ ମାମଲା

ମାହାଙ୍ଗା,୨୪।୩(ସଂଚାର ବ୍ୟୁରୋ): ବିଦ୍ୟାଳୟ ହେଉଛି ଏକ ପବିତ୍ର ମନ୍ଦିର ସଦୃଶ। ଯେଉଁଠାରେ ଅଧ୍ୟୟନ ରତ ଛାତ୍ରଛାତ୍ରୀମାନେ ଗୁରୁଙ୍କୁ ଭଗବାନର ସ୍ଥାନ ଦେଇ ଶିକ୍ଷା ଗ୍ରହଣ କରିବା ସହ ସମସ୍ତ ଚରିତ୍ର ଗଠନରେ ଗୁରୁଙ୍କ ମୁଖ୍ୟ ଭୂମିକା ରହିଥାଏ। ତେବେ ଏହି ପବିତ୍ର ଗୁରୁ ଶିଷ୍ୟ ସମ୍ପର୍କ କେତେକ ଯୌନ ପିପାସୁ ଶିକ୍ଷକଙ୍କ ପାଇଁ କଳଙ୍କିତ ହେଉଛି। କେତେକାଂଶରେ ଶିକ୍ଷକ ତାର ନୀତି ନୈତିକତା ଓ ଆଦର୍ଶକୁ ହରାଇ ଛାତ୍ରୀଙ୍କ ଉପରେ କୋପ ଦୃଷ୍ଟି ପକାଇବା ସହ ଅତି ଘୃଣ୍ୟ କାର୍ଯ୍ୟ କରିବାକୁ ପଛାଉ ନାହାନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ସଂସ୍କୃତି ସମ୍ପନ୍ନ ମାହାଙ୍ଗା ଅଞ୍ଚଳରେ।

ଜଣେ କାର୍ଯ୍ୟରତ ବରିଷ୍ଠ ପ୍ରଧାନଶିକ୍ଷକ ଆଉ ଦିନ କେତେଟା ପରେ ସରକାରୀ କାର୍ଯ୍ୟରୁ ଅବସର ନେବାକୁ ଥିବାବେଳେ ତାଙ୍କ ବିରୁଦ୍ଧରେ ଆସିଛି ଏକ ସଂଗୀନ ଅଭିଯୋଗ। ଅଭିଯୋଗ ଅନୁଯାୟୀ ମାହାଙ୍ଗା ମଣ୍ଡଳ ଶିକ୍ଷା ବିଭାଗ ଅଧିନ ପାଇକରାପୁର ପଞ୍ଚାୟତ ମାଟି ପାରିଲୋ ରଘୁନାଥ ଜୀୟୁ ବିଦ୍ୟାମନ୍ଦିରରେ କାର୍ଯ୍ୟରତ ପ୍ରଧାନଶିକ୍ଷକ ଅକ୍ଷୟ କୁମାର ନାୟକ ସେହି ଗ୍ରାମର ଜନୈକା ବିବାହିତା ପୁରାତନ ଛାତ୍ରୀଙ୍କୁ ହ୍ୱାଟସ୍ଆପ ମେସେଜ ଜରିଆରେ ପ୍ରେମ ନିବେଦନ କରିବାକୁ ନେଇ ଭଦ୍ରେଶ୍ୱର ଥାନାରେ ସମ୍ପୃକ୍ତା ମହିଳା ଗତ ୧୫.୩.୨୦୨୬ରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଭଦ୍ରେଶ୍ୱର ପୋଲିସ ୬୨/୨୬ରେ ଏକ ମାମଲା ରୁଜୁ କରି ହାତ ବାନ୍ଧି ବସିଛି। ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ପୋଲିସର ଧିମା କାର୍ଯ୍ୟାନୁଷ୍ଠାନ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅପର ପକ୍ଷରେ ସମ୍ପୃକ୍ତ ପ୍ରଧାନଶିକ୍ଷକ ବାରମ୍ବାର ମୋବାଇଲରେ ମେସେଜ ଦେବାରୁ ସେ ମାନସିକ ସ୍ତରରେ ଭାଙ୍ଗି ପଡ଼ିଥିବା କହିବା ସହ ତାଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରିବାକୁ ପୋଲିସ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦାବୀ କରିଛନ୍ତି।

## ଘରୋଇ ରନ୍ଧନ ଗ୍ୟାସର ବ୍ୟାପକ କଳାବଜାରୀ

## ଗ୍ୟାସ୍ ନ ପାଇ ଉପଭୋକ୍ତା ହଟହଟା



ନିଶ୍ଚିନ୍ତକୋଇଲି,୨୪।୩(ସଂଚାର ବ୍ୟୁରୋ): ସମଗ୍ର ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଏବେ ଘରୋଇ ଉପଭୋକ୍ତା ରନ୍ଧନ ଗ୍ୟାସ୍ ପାଇବା ପାଇଁ ଗ୍ୟାସ୍ କାଉଣ୍ଟରେ ଲମ୍ବା ଲାଇନ ଲଗାଇଥିବା ବେଳେ କିଛି ଅସାଧୁ ହିତାଧିକାରୀ ଗ୍ୟାସ୍ କର୍ମକର୍ତ୍ତାଙ୍କ ସହିତ ସଲାସୁତୁରା କରି ଘରୋଇ ଗ୍ୟାସ୍ ହାତେଇ ଚଢା ଦରରେ ବିଭିନ୍ନ ବ୍ୟବସାୟୀଙ୍କୁ ବିକୁଥିବାର ଦେଖିବାକୁ ମିଳିଛି। ଯାହାଦ୍ୱାରା ବିଭିନ୍ନ ହୋଟେଲ ଓ ଜଳଖିଆ ଦୋକାନରେ ବ୍ୟବସାୟିକ ଗ୍ୟାସ୍ ନଜାଳି କମ୍ ଦରରେ ଘରୋଇ ଗ୍ୟାସ୍ ବ୍ୟବହାର କରୁଛନ୍ତି।

ସୂଚନା ମୁତାବକ ଜଣାଯାଇଛି ଯେ କିଛି ଉଜ୍ଜ୍ୱଳା ଗ୍ୟାସ୍ ହିତାଧିକାରୀ ସବସିଡ଼ି ହାତେଇବା ଲକ୍ଷ୍ୟରେ ଘରୋଇ ଗ୍ୟାସ୍ ନେଇ ଚଢା ଦରରେ ବ୍ୟବସାୟୀଙ୍କୁ ବିକୁଛନ୍ତି। ଯାହାଦ୍ୱାରା ସାଧାରଣ ଉପଭୋକ୍ତା ଘରୋଇ ଗ୍ୟାସ୍ ପାଇବାରେ ବହୁ ହଟହଟା ହେଉଛନ୍ତି। ସାରା ରାଜ୍ୟରେ ଘରୋଇ ରନ୍ଧନ ଗ୍ୟାସର ଏବେ ଅଭାବ ପରିଲକ୍ଷିତ ହେଉଛି। କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଅଞ୍ଚଳରେ ଏବେ ମଧ୍ୟ ରନ୍ଧନ ଗ୍ୟାସ୍ ଉପଭୋକ୍ତା ମାନେ ସଠିକ୍ ସମୟରେ ରନ୍ଧନ ଗ୍ୟାସ୍ ନପାଇ ହଇରାଣ ହେଉଛନ୍ତି। ଗତ କିଛି ଦିନ ହେବ ଉପଭୋକ୍ତା ମାନେ ନିଜର ଗ୍ୟାସ ସିଲିଣ୍ଡର ବୁକିଂ କରିଥିବା ବେଳେ ଗ୍ୟାସ୍ ବିତରକ କେନ୍ଦ୍ର ପକ୍ଷରୁ ସେମାନଙ୍କୁ ଧାର୍ଯ୍ୟ ସମୟରେ ରନ୍ଧନ ଗ୍ୟାସ୍ ସିଲିଣ୍ଡର ପ୍ରଦାନ କରୁନଥିବା ଅଭିଯୋଗ ହେଉଛି। ଗ୍ୟାସ୍ ସିଲିଣ୍ଡର ବିତରକ କେନ୍ଦ୍ର ଆଗରେ ଉପଭୋକ୍ତାମାନେ ଲାଇନ ହୋଇ ଛିଡ଼ା ହେଉଥିବା ଦେଖିବାକୁ ମିଳୁଛି।

ରାଜ୍ୟ ଯୋଗାଣ ବିଭାଗ ରାଜ୍ୟରେ ରନ୍ଧନ ଗ୍ୟାସ୍ ମହଜୁଦ୍ ଥିବା କହୁଥିବାବେଳେ ଉପଭୋକ୍ତା ମାନେ ସଠିକ୍ ସମୟରେ ସେମାନଙ୍କର ରନ୍ଧନ ଗ୍ୟାସ୍ ପାଇପାରୁ ନାହାଁନ୍ତି। ଅନ୍ୟ ପକ୍ଷରେ ଭୋଜନାଳୟ ଓ ଜଳଖିଆ ଦୋକାନରେ ବ୍ୟବସାୟୀକ ରନ୍ଧନ ଗ୍ୟାସ୍ ସିଲିଣ୍ଡର ବ୍ୟବହାର କରିବାକୁ ନିୟମ ଥିବା ବେଳେ ନିଶ୍ଚିନ୍ତକୋଇଲି ଅଞ୍ଚଳର ବହୁ ଭୋଜନାଳୟ ଓ ଜଳଖିଆ ଦୋକାନରେ ଘରୋଇ ରନ୍ଧନ ଗ୍ୟାସ୍ ସିଲିଣ୍ଡର ଖୋଲାଖୋଲି ବ୍ୟବହାର ହେଉଥିବା ଦେଖିବାକୁ ମିଳୁଛି। ଘରୋଇ ରନ୍ଧନ ଗ୍ୟାସ୍ ସିଲିଣ୍ଡର ସେମାନଙ୍କୁ କିଏ ଯୋଗାଉଛି ବୋଲି ସାଧାରଣରେ ଆଲୋଚନା ହେଉଛି। ଯୋଗାଣ ବିଭାଗ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଗ୍ୟାସ୍ ଉପଭୋକ୍ତାମାନେ କିଭଳି ଭାବେ ଗ୍ୟାସ୍ ପାଇପାରିବେ ତାହା ପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

### ଶ୍ରୀରାମ ନବମୀରେ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

# ଶାନ୍ତିଶୃଙ୍ଖଳା ସୁନିଶ୍ଚିତ କରିବାକୁ ପୁଲିସକୁ ନିର୍ଦ୍ଦେଶ



ଭୁବନେଶ୍ୱର,୨୪।୩(ସଂଚାର ବ୍ୟୁରୋ): ଆସନ୍ତା ୨୭ ତାରିଖରେ ଶ୍ରୀରାମ ନବମୀ ଉତ୍ସବ ପାଳିତ ହେବାକୁ ଯାଉଥିବା ଅବସରରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ଏହି ପର୍ବ ପାଳନ ସମୟରେ ସାରା ରାଜ୍ୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ପୁଲିସ ପ୍ରଶାସନକୁ ଦୃଢ଼ ନିର୍ଦ୍ଦେଶ ଦେଇଛନ୍ତି। ଗତବର୍ଷ ପୁଲିସର ବ୍ୟାପକ ସତର୍କତାମୂଳକ ପଦକ୍ଷେପ ଯୋଗୁଁ ଶାନ୍ତିଶୃଙ୍ଖଳାର ସହ ଏହି ପର୍ବ ପାଳିତ ହୋଇଥିଲା। ଚଳିତ ବର୍ଷ ମଧ୍ୟ ବ୍ୟାପକ ପୁଲିସ ମୁତୟନ କରାଯିବା ସହ ଉପଯୁକ୍ତ ପରିଚାଳନା ମାଧ୍ୟମରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମର୍ଯ୍ୟାଦା ପୁରୁଷ ଶ୍ରୀରାମଚନ୍ଦ୍ରଙ୍କ ସ୍ୱନକ୍ଷତ୍ର ଦିବସକୁ ଶ୍ରୀରାମ ନବମୀ ଭାବେ ସାରା ଦେଶରେ ଅତ୍ୟନ୍ତ ଭକ୍ତି ଓ ଶ୍ରଦ୍ଧାର ସହ ପାଳନ କରାଯାଇଥାଏ। ଆଧ୍ୟାତ୍ମିକତାର ଏହି ପର୍ବକୁ ଓଡ଼ିଶାରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ଯେପରି ବିନା କୌଣସି ଦ୍ୱିଧାରେ ସମ୍ପୂର୍ଣ୍ଣ ଶାନ୍ତିଶୃଙ୍ଖଳାର ସହ ପାଳନ କରିବେ, ତାହା ସୁନିଶ୍ଚିତ କରିବା ପୁଲିସ ପ୍ରଶାସନର ପ୍ରମୁଖ ଦାୟିତ୍ୱ। ତେଣୁ ଏହି ସମୟରେ ସମସ୍ତେ ଯେପରି ସୁରୁଖୁରୁରେ ପର୍ବ ପାଳନ କରିବେ, ସେଥିପ୍ରତି ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ପୁଲିସ୍‌କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଉପଦେଷ୍ଟା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ, ଆଇନ ଓ ଶୃଙ୍ଖଳା ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ସଞ୍ଜୟ କୁମାର, ଗୁଇନ୍ଦା ନିର୍ଦ୍ଦେଶକ ଆର୍‌ପି କୋଚେ, ଭୁବନେଶ୍ୱର-କଟକ ପୁଲିସ କମିଶନର ଦେବଦତ୍ତ ସିଂହ ପ୍ରମୁଖ ଆଲୋଚନା କରିଥିଲେ।

### ବିକଶିତ ଭାରତ ପାଇଁ ମହିଳା ସଶକ୍ତିକରଣକୁ ଗୁରୁତ୍ୱ

# ଏସଏଚଜିଙ୍କୁ ୨୦୮.୩୫ କୋଟିର ସୁଧ ରିହାତି

## ସାଇବର ଅପରାଧକୁ ନେଇ ସତର୍କ କରାଇଲେ ଉପମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୪।୩(ସଂଚାର ବ୍ୟୁରୋ): ମହିଳା ସଶକ୍ତିକରଣ କ୍ଷେତ୍ରରେ ଏକ ବଡ଼ ପଦକ୍ଷେପ ସ୍ୱରୂପ ରାଜ୍ୟ ସରକାରଙ୍କ ପକ୍ଷରୁ ଆଜି ସ୍ଥାନୀୟ ମିଶନ ଶକ୍ତି ଭବନଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଠାରେ ଉପମୁଖ୍ୟମନ୍ତ୍ରୀ ତଥା ମିଶନ ଶକ୍ତିର ବିଭାଗୀୟ ମନ୍ତ୍ରୀ ପ୍ରଭାତୀ ପରିଡା ଲକ୍ଷ ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)କୁ ସୁଧ ରିହାତି ସମେତ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହାର ଲକ୍ଷ୍ୟ ହେଉଛି ସେମାନଙ୍କର ଅର୍ଥନୈତିକ କାର୍ଯ୍ୟକଳାପକୁ ସୁଦୃଢ଼ କରିବା ଏବଂ ମହିଳା ଉଦ୍ୟୋଗୀକରଣକୁ ପ୍ରୋତ୍ସାହିତ କରିବା।

ଏହି ସମାବେଶକୁ ସମ୍ବୋଧିତ କରି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ବିକାଶ ଯାତ୍ରାରେ ମହିଳାମାନେ ଆଗଧାଡ଼ିରେ ଅଛନ୍ତି। ଆଗରୁ ମହିଳାମାନଙ୍କର ବିକାଶ କିପରି କରାଯିବ ଚିନ୍ତା କରାଯାଉଥିବା ବେଳେ ଏବେ ରାଜ୍ୟର ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନରେ ମହିଳାମାନେ କର୍ଣ୍ଣଧାର ସାଜିଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଆର୍ଥିକ ରୂପେ ଦ୍ରୁତ ଅଭିବୃଦ୍ଧି କରିବା ସହିତ ସଶକ୍ତ ଓ ସ୍ୱାବଲମ୍ବୀ ହେବା ଦ୍ୱାରା ଆଗାମୀ ଦିନର ପରିକଳ୍ପିତ ବିକଶିତ ଓଡ଼ିଶାର ମୂଳଦୁଆ ସୁଦୃଢ଼ ହେଉଛି। ପ୍ରତ୍ୟେକ ମହିଳା ଯେପରି ନିଜ ପରିବାର ସମସ୍ତ ଦାୟିତ୍ୱ ନେଉଛନ୍ତି, ସେହିପରି ସରକାରଙ୍କ ଯୋଜନା ମାଧ୍ୟମରେ ମିଳୁଥିବା ଆର୍ଥିକ ସମ୍ବଳର ସୁବିନିଯୋଗ ତଥା ବ୍ୟାପାର ଲାଭାର୍ଥର ପୁନଃବିନିଯୋଗ କରିବା ଆବଶ୍ୟକ। ସଶକ୍ତ ହେବା ପାଇଁ ନିଜକୁ ଆର୍ଥିକ ରୂପେ ସାକ୍ଷର କରି ଆଜିକାଲିର ବିଭିନ୍ନ ପ୍ରକାର ସାଇବର ଠକେଇ ପ୍ରତି ଅତ୍ୟନ୍ତ ସତର୍କ ରହିବାକୁ ସେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ପରାମର୍ଶ ଦେଇଛନ୍ତି।

ଉପମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ କୋରାପୁଟ, ବାଲେଶ୍ୱର, କଳାହାଣ୍ଡି, ଗଞ୍ଜାମ ଓ କେନ୍ଦୁଝର ଭଳି ବିଭିନ୍ନ ଜିଲ୍ଲାର ଏସଏଚଜି ସଦସ୍ୟା ଓ ଅଧିକାରୀମାନଙ୍କ ସହ ବିସ୍ତୃତ ଆଲୋଚନା କରିବା ସହ କାର୍ଯ୍ୟକର୍ମରେ ଉପସ୍ଥିତ ଥିବା ବ୍ୟାଙ୍କ ମିତ୍ର, କୃଷି ମିତ୍ର, ପ୍ରାଣୀ ମିତ୍ର ତଥା ତୃଣମୂଳ ସ୍ତରରେ ଯୋଜନାର କାର୍ଯ୍ୟକର୍ତ୍ତାଙ୍କ ସହ ଯୋଜନା କାର୍ଯ୍ୟକାରିତା ଏବଂ ଗୋଷ୍ଠୀଗୁଡ଼ିକ ନିକଟରେ ସୁଧ ରିହାତି ସୁବିଧା ସଫଳତାର ସହ ପହଞ୍ଚିଛି କି ନାହିଁ, ସେ ସମ୍ପର୍କରେ ସମୀକ୍ଷା କରିଛନ୍ତି। ଆଜି ଉପମୁଖ୍ୟମନ୍ତ୍ରୀ ରାଜ୍ୟର ୨ ଲକ୍ଷ ୬୭ ହଜାର ୧୩୧ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସେମାନଙ୍କର ବ୍ୟାଙ୍କ ଋଣ ଉପରେ ୨୦୮.୩୫ କୋଟି ଟଙ୍କାର ସୁଧ ରିହାତି ପ୍ରଦାନ କରିଛନ୍ତି। ଏଥିସହିତ ଚଳିତ ଆର୍ଥିକ ବର୍ଷରେ ୩ ଲକ୍ଷ ୮୦ ହଜାର ୭୬୩ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୭୨୪.୩୯ କୋଟି ଟଙ୍କାର ବ୍ୟାଙ୍କ ଋଣ ସୁଧ ଫେରସ୍ତ କରାଯାଇଛି।

## ସୁବାସଙ୍କ ବିରୋଧରେ ଆସିବ ଅନାସ୍ଥା!

କଟକ,୨୪।୩(ସଂଚାର ବ୍ୟୁରୋ): ରାଜ୍ୟସଭା ନିର୍ବାଚନ ସରିଯାଇଛି। ହେଲେ ଏଥିରୁ ଉଠିଥିବା ଧୂଆଁ ଏମିତାର ଏମିତି ନ ହେଉଛି। ନିର୍ବାଚନ ପୂର୍ବରୁ ପ୍ରଥମେ ବାପା ପ୍ରଭାତ ବିଶ୍ୱାଳଙ୍କ ବିଜେଡିରୁ ବହିଷ୍କୃତ ହୋଇଥିଲେ। ଏହା ପରେ କ୍ରସ ଭୋଟିଂ କରି ପୁଅ ତଥା ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ ନିଲମ୍ବିତ ହୋଇଛନ୍ତି। ଏହା ପରେ କଟକ ବିଜେଡି ଏକପ୍ରକାର ଅସ୍ଥିର ହୋଇ ଉଠିଛି। ସୌଭିକଙ୍କ ନିଲମ୍ବନକୁ ଜୋରଦାର ବିରୋଧ କରିଛନ୍ତି କଟକ ବିଜେଡିର କର୍ମୀ। ନିଷ୍ପତ୍ତିକୁ ବିରୋଧ କରି ପ୍ରଭାତ ବିଶ୍ୱାଳଙ୍କ ଘରେ ରୁଦ୍ଧଦ୍ୱାର ବୈଠକ କରିଛନ୍ତି ବିଜେଡିର ୧୪ କର୍ପୋରେଟର। ଆଜି ବୈଠକରେ ଯୋଗ ଦେଇଥିବା କିଛି କର୍ପୋରେଟର ଖୋଲାଖୋଲି ଇସ୍ତଫା ଦେବାକୁ ଚେତାବନୀ ଦେଇଥିଲେ। ବର୍ତ୍ତମାନ ସିଏମସିରେ ୫୯ କର୍ପୋରେଟରରେ ଥିବା ବେଳେ ଚୌଦ୍ୱାର କଟକରୁ ଅଛନ୍ତି ୧୪ ଜଣ। ବିଜେଡିର ମୋଟ କର୍ପୋରେଟରରେ ଅଛନ୍ତି ୪୨ ଜଣ। କଟକ ଚୌଦ୍ୱାର ସବୁ କର୍ପୋରେଟରଙ୍କୁ ଦାୟିତ୍ୱ ପ୍ରଭାତ ବିଶ୍ୱାଳ ନେଇଥିବା ବେଳେ କଟକ ବାରବାଟୀର ସବୁ କର୍ପୋରେଟରଙ୍କ ଦାୟିତ୍ୱ ନେଇଛନ୍ତି ପ୍ରଭାତ ତ୍ରିପାଠୀ। ଆଗକୁ ଦୁଇ ପ୍ରଭାତ ମିଶି ସିଏମସିରେ କମ୍ପନ ସୃଷ୍ଟି କରିପାରନ୍ତି। ଏମାନେ ମେୟର ସୁବାସ ସିଂଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ଯୋଜନା କରୁଥିବା ଜଣାପଡ଼ିଛି। ଏବେ କଂଗ୍ରେସରୁ ୮ ଜଣ ବିଜେପିରୁ ମଧ୍ୟ ୮ ଜଣ କର୍ପୋରେଟର ଅଛନ୍ତି। ଏଥିସହ ୨ ଜଣ ସ୍ୱାଧୀନ କର୍ପୋରେଟର ମଧ୍ୟ ନିର୍ବାଚିତ ହୋଇଛନ୍ତି। ଏଭଳି ହେଲେ ମେୟର ସୁବାସ ସିଂଙ୍କ ଆସନ ଟଳମଳ ନିଶ୍ଚିତ ସେପଟେ ଏନେଇ ମେୟର ସୁବାସ ସିଂ କହିଛନ୍ତି କିଛି ବି ଫରକ ପଡିବନି।

## ସାଇବର ଅପରାଧରୁ ମହିଳାଙ୍କ ସୁରକ୍ଷା ସମ୍ପର୍କିତ କର୍ମଶାଳା



ଭୁବନେଶ୍ୱର,୨୪।୩(ସଂଚାର ବ୍ୟୁରୋ): ଆଜି ପୂର୍ବାହ୍ନ ଭୁବନେଶ୍ୱର ଲକ୍ଷ୍ମୀସାଗରସ୍ଥିତ ମହିଳା ଓ ଶିଶୁ ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଆନୁକୂଲ୍ୟରେ ସାଇବର ଅପରାଧରୁ ମହିଳାମାନଙ୍କ ସୁରକ୍ଷା ସମ୍ପର୍କରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ଶୋଭନା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କର୍ମଶାଳାକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। କର୍ମଶାଳାର ବୈଷୟିକ ଅଧିବେଶନରେ ସମ୍ବଳ ବ୍ୟକ୍ତି ଭାବେ ଅକ୍ଷୟ କୁମାର ନାୟକ, ସହାୟକ ପୁଲିସ କମିଶନର, ଭୁବନେଶ୍ୱର ସାଇବର ଅପରାଧ ସମ୍ପର୍କରେ ସବିଶେଷ ଉପସ୍ଥାପନା ସହ ସାଇବର ଅପରାଧରୁ ମହିଳାମାନଙ୍କ ସୁରକ୍ଷା ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। କର୍ମଶାଳାରେ ଏହି କ୍ଷେତ୍ରରେ କାର୍ଯ୍ୟରତ ବିଭିନ୍ନ ଅଂଶୀଦାର ବ୍ୟକ୍ତିବିଶେଷ ଓ ଅନୁଷ୍ଠାନର କର୍ମକର୍ତ୍ତା ଯଥା ପୁଲିସ, ଆଇନଜୀବୀ, ସରକାରୀ ନୀତି ପ୍ରସ୍ତୁତକାରୀ, ନାଗରିକ ସମାଜ ପ୍ରତିନିଧି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରତିନିଧି, ସମାଜସେବୀ, ଆଇନ ଛାତ୍ରଛାତ୍ରୀ, ଓଡ଼ିଶା ରାଜ୍ୟ ମହିଳା ଆୟୋଗର ଅଧିକାରୀ ଓ କର୍ମକର୍ତ୍ତାଗଣ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ସଚିବାଳୟ ଅଧିକାରୀଙ୍କ ପାଇଁ 'ପୋଶ୍' ସଚେତନତା କର୍ମଶାଳା



ଭୁବନେଶ୍ୱର,୨୪।୩(ସଂଚାର ବ୍ୟୁରୋ): କର୍ମକ୍ଷେତ୍ରରେ ମହିଳାମାନଙ୍କ ଯୌନ ନିର୍ଯାତନା (ପ୍ରତିରୋଧ, ନିଷେଧ ଓ ନିରାକରଣ) ଅଧିନିୟମ, ୨୦୧୩ (ପୋଶ ଆଇନ) ଉପରେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଏକ କର୍ମଶାଳା ରାଜ୍ୟ ସଚିବାଳୟର ଅଧିକାରୀମାନଙ୍କ ପାଇଁ ଅନୁଷ୍ଠିତ ହୋଇଛି। ସଚେତନତାକୁ ସୁଦୃଢ଼ କରିବା ଓ ଏକ ନିରାପଦ ତଥା ସମ୍ମାନଜନକ କାର୍ଯ୍ୟ ପରିବେଶକୁ ପ୍ରୋତ୍ସାହିତ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏହି ଅଧିବେଶନରେ ବିଶେଷଜ୍ଞ ଭାବେ ସ୍ନେହ ଶର୍ମା ଏବଂ ମାନସୀ ପାଢ଼ୀ ଯୋଗଦେଇ 'ପୋଶ୍' ଆଇନର ବିଭିନ୍ନ ବ୍ୟବସ୍ଥା, ଏହାର କାର୍ଯ୍ୟକାରିତା ଓ ଗୁରୁତ୍ୱ ଉପରେ ବିସ୍ତୃତ ଉପସ୍ଥାପନା ପ୍ରଦାନ କରିଥିଲେ। ମର୍ଯ୍ୟାଦା, ସମାନତା ଓ ପାରସ୍ପରିକ ସମ୍ମାନ ଉପରେ ଆଧାରିତ ଏକ କର୍ମକ୍ଷେତ୍ର ସଂସ୍କୃତି ଗଠନ କରିବା ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗ କମିଶନର ତଥା ଶାସନ ସଚିବ ଡକ୍ଟର ମୃଣାଳିନୀ ଦର୍ସୱାଲ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ପ୍ରଶାସନିକ ଢାଞ୍ଚାରେ 'ପୋଶ୍' ଆଇନର ବଢୁଥିବା ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ।

### ସିମଲାସ୍ଥିତ ସିପିଆର୍‌ଆଇ ପରିଦର୍ଶନ କଲେ ଓଡ଼ିଶା ଗଣମାଧ୍ୟମ ପ୍ରତିନିଧି ଦଳ

# ଓଡ଼ିଶାରେ ଜୀବାଣୁ ପ୍ରଭାବିତ ମାଟି ସମସ୍ୟାର ସମାଧାନ ପାଇଁ ଗବେଷଣା ଚାଲିଛି



ଭୁବନେଶ୍ୱର,୨୪।୩(ସଂଚାର ବ୍ୟୁରୋ): ପିଆଇବି, ଭୁବନେଶ୍ୱର ଆନୁକୂଲ୍ୟରେ ହିମାଚଳ ପ୍ରଦେଶ ଗସ୍ତରେ ଥିବା ଓଡ଼ିଶାର ଏକ ଗଣମାଧ୍ୟମ ପ୍ରତିନିଧି ଦଳ ସିମଲାସ୍ଥିତ ଆଇସିଏଆର-କେନ୍ଦ୍ରୀୟ ଆଳୁ ଗବେଷଣା ପ୍ରତିଷ୍ଠାନ (ସିପିଆରଆଇ) ପରିଦର୍ଶନ କରିଛନ୍ତି। ଏହି ପ୍ରତିନିଧି ଦଳ ଆଳୁ ଚାଷରେ ଚାଲିଥିବା ଗବେଷଣା ଏବଂ ନବସୃଜନକୁ ବୁଝିବା ପାଇଁ ବୈଜ୍ଞାନିକମାନଙ୍କ ସହ ଆଲୋଚନା କରିଛନ୍ତି। ଆଇସିଏଆର-ସିପିଆରଆଇର ନିର୍ଦ୍ଦେଶକ ଡକ୍ଟର ବ୍ରଜେଶ ସିଂହ ପ୍ରତିନିଧି ଦଳକୁ ସ୍ୱାଗତ କରିବା ସହ ଭାରତରେ ଆଳୁ ଗବେଷଣା ପାଇଁ ଜାତୀୟ କେନ୍ଦ୍ର ଭାବେ ପ୍ରତିଷ୍ଠାନର ଭୂମିକା ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ପ୍ରାୟ ୪୦୦ ବର୍ଷ ପୂର୍ବେ ପ୍ରଚଳିତ ଆଳୁ ଆଜି ଦେଶର ଖାଦ୍ୟ ଓ ପୋଷଣ ସୁରକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପାଲଟିଛି। ୧୯୪୯ରେ ପ୍ରତିଷ୍ଠିତ ଓ ୧୯୫୬ରେ ସିମଲାକୁ ସ୍ଥାନାନ୍ତରିତ ହୋଇଥିବା ଏହି ପ୍ରତିଷ୍ଠାନ ଭାରତୀୟ କୃଷି ଗବେଷଣା ପରିଷଦ ଅଧୀନରେ କାର୍ଯ୍ୟ କରୁଛି ଓ ଏହା ବିଭିନ୍ନ କୃଷିଭିତ୍ତିକ-ଜଳବାୟୁ କ୍ଷେତ୍ରର ୬ଟି ଆଞ୍ଚଳିକ ଷ୍ଟେସନ ଦ୍ୱାରା ସମର୍ଥିତ। ପ୍ରତିଷ୍ଠାନ ୭୦ରୁ ଅଧିକ ଉନ୍ନତ କିସମ ବିକଶିତ କରିଛି ଓ ଗୁଣାତ୍ମକ ବିହନ ଉତ୍ପାଦନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଭାରତ ଏବେ ଆଳୁ ଉତ୍ପାଦନରେ ବିଶ୍ୱରେ ୨ରେ ରହିଛି। ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଉପରେ ଆଲୋକପାତ କରି ଡକ୍ଟର ସିଂହ କହିଛନ୍ତି ଯେ ଡ୍ରୋନ୍, ଏଆଇ ଏବଂ ବାୟୋ-ଟେକ୍ନୋଲୋଜିକୁ ଆଧୁନିକ ଆଳୁ ଗବେଷଣା ଏବଂ ଫସଲ ପରିଚାଳନାରେ ସମନ୍ୱିତ କରାଯାଉଛି। ଫସଲ ଉନ୍ନତି, ବିହନ ପ୍ରଯୁକ୍ତି, ଜର୍ମପ୍ଲାଜମ୍ ସଂରକ୍ଷଣ ଏବଂ ଚାଷ ଆଧାରିତ ପ୍ରଯୁକ୍ତିବିଦ୍ୟାର ବିକାଶ କ୍ଷେତ୍ରରେ ପ୍ରତିଷ୍ଠାନର କାର୍ଯ୍ୟ ବିଷୟରେ ମଧ୍ୟ ସେ ଉଲ୍ଲେଖ କରିଥିଲେ। ସେ ଏହି ଅବସରରେ କହିଥିଲେ, ଓଡ଼ିଶାରେ ଆଳୁ ଚାଷ ସହିତ ଜଡିତ ଏକ ପ୍ରମୁଖ ସମସ୍ୟା ହେଉଛି ଜୀବାଣୁ ପ୍ରଭାବିତ ମାଟି। ଏହା ବିହନ ଉତ୍ପାଦନକୁ ଗୁରୁତର ଭାବରେ ପ୍ରଭାବିତ କରୁଛି। ସିପିଆରଆଇ ଏହି ସମସ୍ୟାର ସମାଧାନ ଖୋଜିବା ପାଇଁ ସକ୍ରିୟ ଭାବରେ କାର୍ଯ୍ୟ କରୁଥିବା ସେ ସୂଚନା ଦେଇଥିଲେ। ଓଡ଼ିଶା ଗଣମାଧ୍ୟମ ପ୍ରତିନିଧି ଦଳ ପ୍ରତିଷ୍ଠାନର କାର୍ଯ୍ୟକଳାପ ସମ୍ପର୍କରେ ପ୍ରତ୍ୟକ୍ଷ ଅନୁଭୂତି ହାସଲ କରିବା ପାଇଁ ପ୍ରୟୋଗଶାଳା ଓ ଗବେଷଣା କେନ୍ଦ୍ର ମଧ୍ୟ ପରିଦର୍ଶନ କରିଥିଲେ। ବରିଷ୍ଠ ସାମ୍ବାଦିକମାନଙ୍କୁ ନେଇ ଏହି ପ୍ରତିନିଧି ଦଳ ସହ ପିଆଇବି ଭୁବନେଶ୍ୱରର ଉପନିର୍ଦ୍ଦେଶକ ମନୋଜ କୁମାର ଜାଲି, ଗଣମାଧ୍ୟମ ଓ ଯୋଗାଯୋଗ ଅଧିକାରୀ ସ୍ୱାଧୀନ ଶକ୍ତି ପ୍ରସାଦ, ପିଆଇବି ସିମଲାର ସହାୟକ ନିର୍ଦ୍ଦେଶକ ସଞ୍ଜୀବ ଶର୍ମା ଉପସ୍ଥିତ ଥିଲେ।

## କେଟିଏମ ବାଇକ ମୁହାଁମୁହିଁ: ଜଣେ ମୃତ, ୫ ଗୁରୁତର



ରାଜନଗର,୨୪।୩(ସଂଚାର ବ୍ୟୁରୋ): ଆଜି ଅପରାହ୍ଣରେ ଦୁଇ ସ୍ପିଡ୍ କେଟିଏମ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ଫଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣା ଏତେ ତୀବ୍ର ଥିଲା ଯେ ଯୁବକମାନେ ୧୦୦ ମିଟର ଦୂରକୁ ଛିଟିକି ପଡ଼ିଥିଲେ। ରାଜନଗର ଗୁପ୍ତି ରାସ୍ତାର ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ଫାଟକ ସମୁଖରେ ଏହି ଭୟାନକ ଦୁର୍ଘଟଣା ଘଟିଛି। ଗୁପ୍ତି ପଟୁ ଗୋଟିଏ କେଟିଏମ ସ୍ପିଡ ବାଇକରେ ଆଳି ଥାନା ଅନ୍ତର୍ଗତ ପତ୍ରପୁର ଗାଁର ଆଶୁତୋଷ ମଲ୍ଲିକ, ବିଲିକଣା ପତ୍ରପୁରର ଶ୍ରୀନିବାସ ମହାରଣା, ପଟ୍ଟମୁଣ୍ଡାଇ ଥାନା କଷଣଅଣ୍ଟାର ବିଶ୍ୱଜିତ ନାୟକ ଦ୍ରୁତଗତିରେ ଆସୁଥିଲେ। ରାଜନଗରରୁ ରାଜନଗର ଥାନା ବଡ଼ନାଉକୋଣାର ଶିବାନନ୍ଦ ମଲ୍ଲିକ, ଅବଧୂତ ସେଠୀ, ରତ୍ନାକର ସ୍ୱାଇଁ ମଧ୍ୟ ଅପର ପଟରୁ ଗୋଟିଏ କେଟିଏମ ଗାଡ଼ିରେ ଗାଁକୁ ଫେରୁଥିଲେ। ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ନିକଟରେ ଉଭୟ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲେ। ସମସ୍ତେ ଅତ୍ୟଧିକ ମଦ୍ୟପାନ କରିଥିବା ବେଳେ ଦୁର୍ଘଟଣା ସମୟରେ ଗାଡ଼ିର ସ୍ପିଡ ୧୫୦ କିମିରୁ ଅଧିକ ଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ମୁହାଁମୁହିଁ ଧକ୍କା ହେବା ପରେ କିଏ ୧୦୦ ମିଟର ଦୂରକୁ ଛିଟିକି ପଡିଥିଲା ତ ଆଉ କିଏ ରାସ୍ତା ତଳକୁ ଛିଟିକି ପଡ଼ିଥିଲା। ଘଟଣାସ୍ଥଳରେ ପତ୍ରପୁର ଗାଁର ଆଶୁତୋଷ ମଲ୍ଲିକଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟ ୫ ଜଣ ଗୁରୁତର ଆହତ ହୋଇଛନ୍ତି। କାହାର ମୁଣ୍ଡରେ ମାଡ଼ ହୋଇଛି ତ ଆଉ କାହାର ହାତ, ଗୋଡ଼ ଭାଙ୍ଗିଯାଇଛି। ସମସ୍ତଙ୍କୁ ଗୁରୁତର ଅବସ୍ଥାରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସମସ୍ତଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।



## ବିଧାନସଭା ଖବର

## କଳକାରଖାନା ପାଇଁ କଟିଛି ୨୯୭୭ ହେକ୍ଟର ଜଙ୍ଗଲ

ଭୁବନେଶ୍ୱର,୨୪।୩ ରାଜ୍ୟରେ କଳ କାରଖାନା ପାଇଁ କୋଡିଏ ମାସ ମଧ୍ୟରେ ୨୯୭୭ ହେକ୍ଟର ଜଙ୍ଗଲ କିସମ ଜମି କଟାଯାଇଛି। ଅବଶ୍ୟ ଏଥିପାଇଁ କେନ୍ଦ୍ର ସରକାର ଅନୁମତି ପ୍ରଦାନ କରିଛନ୍ତି।

ଗଛ କଟାଯିବା ସଂକ୍ରାନ୍ତରେ ବିଜେଡି ବିଧାୟକ ଚକ୍ରମଣି କହଁର ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଶିଳ୍ପ କାରଖାନା ପ୍ରତିଷ୍ଠା, ରାସ୍ତା ନିର୍ମାଣ, ରେଳ ଲାଇନ୍ ପ୍ରତିଷ୍ଠା ଓ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟ ପାଇଁ ରାଜ୍ୟରେ ଗତ ୨୦ମାସ ମଧ୍ୟରେ ୨୯୭୭ ହେକ୍ଟର ଜଙ୍ଗଲ ଜମି କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ମତେ କଟାଯାଇଛି। ଏହା ବଦଳରେ କ୍ଷତିପୂରକ ବନୀକରଣ ଯୋଜନା ଏପର୍ଯ୍ୟନ୍ତ ୨୮୨୩ ହେକ୍ଟର ଜମି ଉପଲବ୍ଧ ହୋଇଛି ଏବଂ ଏଥିମଧ୍ୟରୁ ୧୧୨୫ ହେକ୍ଟର ଜମିରେ କ୍ଷତିପୂରକ ବନୀକରଣ ହୋଇଛି। ସେହିଭଳି ୨୦୨୬ ବର୍ଷରେ ବର୍ତ୍ତମାନ ସୁଦ୍ଧା ମୋଟ୍ ୧୨,୨୨୨ ବନାଗ୍ନି ଘଟିଛି ଓ ଏହାକୁ ନିୟନ୍ତ୍ରଣ କରାଯାଇଥିବା ମନ୍ତ୍ରୀ କହିଛନ୍ତି।

ଜଙ୍ଗଲ ଜବରଦଖଲ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ କହିଛନ୍ତି ଯେ ଝାରସୁଗୁଡ଼ା ସମେତ ରାଜ୍ୟର ୩୦ଟି ଜିଲ୍ଲାରେ ୩୪ ହଜାର ୧୧୪ ହେକ୍ଟର ପରିମାଣର ଜଙ୍ଗଲ ଜମି ଜବରଦଖଲ ହୋଇଛି। ଏହାକୁ ଜବରଦଖଲମୁକ୍ତ କରିବା ପାଇଁ ୧୫ ହଜାର ୭୦୦ଟି ମାମଲା ରୁଜୁ କରାଯାଇ ମୋଟ୍ ୨୬୩୬ ହେକ୍ଟର ଜଙ୍ଗଲ ଜମି ଜବରଦଖଲମୁକ୍ତ କରାଯାଇଛି।

## ପାନୀୟ ଜଳ, ୨୩ ହଜାର ଅଭିଯୋଗ

ଚଳିତ ବର୍ଷ ପାନୀୟଜଳ ସଂକ୍ରାନ୍ତରେ ସରକାରଙ୍କ ନିକଟରେ ୨୩ ହଜାରରୁ ଅଧିକ ଅଭିଯୋଗ ଦରଜ ହୋଇଛି। ଏଥିରୁ ଅଧିକାଂଶ ଅଭିଯୋଗର ସମାଧାନ ହୋଇଥିବା ବେଳେ ଅବଶିଷ୍ଟ ଅଭିଯୋଗକୁ ସପ୍ତାହକ ମଧ୍ୟରେ ସମାଧାନ କରାଯିବ।

ପାନୀୟ ଜଳ ସଂକ୍ରାନ୍ତୀୟ ଅଭିଯୋଗ ଦରଜ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି ଯେ ପାନୀୟ ଜଳ ସଂକାନ୍ତରେ ଅଭିଯୋଗ କରିବା ପାଇଁ ଦେୟମୁକ୍ତ ବସୁଧା ହେଲ୍ପଲାଇନ୍ ନମ୍ବର ୧୯୧୬ ସହ ଟ୍ୱିଟର, ସିପିଗ୍ରାମ ଓ ଅନ୍ୟାନ୍ୟ ସୋସିଆଲ ମିଡିଆ ପ୍ଲାଟଫର୍ମ ସହ ସମ୍ପୃକ୍ତ ଯନ୍ତ୍ରୀଙ୍କ ଫୋନ୍ ନମ୍ବରରେ ଅଭିଯୋଗ କରିବାର ବ୍ୟବସ୍ଥା ରହିଛି।

ବସୁଧା ହେଲ୍ପଲାଇନ୍ ପ୍ରକୋଷ୍ଠ ପରିଚାଳନା ପାଇଁ ବାର୍ଷିକ ୨୨ ଲକ୍ଷ ୩୭ ହଜାର ଟଙ୍କା ଖର୍ଚ୍ଚ ହେଉଛି। ଚଳିତବର୍ଷ ଅଦ୍ୟାବଧି ମୋଟ ୨୩,୬୬୪ଟି ଅଭଯୋଗ ଦରଜ ହୋଇଥିବା ବେଳେ ଏଥିରୁ ୨.୧୫୫ଟି ଅଭିଯୋଗର ସମାଧାନ କରାଯାଇଛି। ଅବଶିଷ୍ଟ ୫୦୯ଟି ଅଭିଯୋଗକୁ ଆଗାମୀ ଏକ ସପ୍ତାହ ଭିତରେ ସମାଧାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

## ସରକାରୀ ଉଚ୍ଚ ବିଦ୍ୟାଳୟର ନୂତନ ଶ୍ରେଣୀ ଗୃହ ଉଦ୍‌ଘାଟିତ




କଟକ,୨୪।୩(ସଂଚାର ବ୍ୟୁରୋ): ପୌର ସରକାରୀ ଉଚ୍ଚ ବିଦ୍ୟାଳୟ, ଯୋବ୍ରା ପ୍ରାଙ୍ଗଣରେ କଟକ ରାଉଣ୍ଡ ଟେବଲ୍ ଟ୍ରଷ୍ଟ ଦ୍ୱାରା ଚାରିଟି ଶ୍ରେଣୀ ଗୃହ ଗତକାଲି ଉଦ୍‌ଘାଟିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଉଣ୍ଡ୍ ଟେବଲ୍ ଟ୍ରଷ୍ଟର ଅଭିଜିତ୍ ମହାନ୍ତି ଓ ଶ୍ୟାମାଶିଷ ଲେଙ୍କା ଯୋଗଦେଇଥିଲେ। ରାଉଣ୍ଡ୍ ଟେବଲ୍ ଟ୍ରଷ୍ଟର ଅଧ୍ୟକ୍ଷ ଅମିତ କୁମାର ଅଗ୍ରୱାଲ୍ ସଭାକୁ ପରିଚାଳନା କରିଥିଲେ। ଏଥିରେ ତାଙ୍କୁ କଟକ ଲେଡିଜ୍ ସର୍କଲ୍‌ର ଅଧ୍ୟକ୍ଷା ସ୍ନେହ ସରୋଗୀ ସହଯୋଗ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଉଣ୍ଡ୍ ଟେବଲ୍ ଟ୍ରଷ୍ଟ ଦ୍ୱାରା ଆମନ୍ତ୍ରିତ ବିଦ୍ୟାଳୟର ଆଲୁମନି ସମ୍ପାଦକ ତଥା ଆଇନଜୀବୀ ଶୁଭେନ୍ଦୁ କୁମାର ମହାନ୍ତି ଯୋଗଦେଇଥିଲେ। ପରିଶେଷରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଡା. ରାଜଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ସଭାରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ତଥା ଶିକ୍ଷା କର୍ମଚାରୀ ଉପସ୍ଥିତ ଥିଲେ।

## ନିଲମ୍ବିତ ବିଧାୟକଙ୍କ କୁଶପୁତ୍ତଳିକା ଦାହକଲା କଂଗ୍ରେସ



ଭୁବନେଶ୍ୱର,୨୪।୩(ସଂଚାର ବ୍ୟୁରୋ): ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ଆଜି ମାଷ୍ଟର କ୍ୟାଣ୍ଟିନ ଛକରେ ରାଜ୍ୟସଭା ଘୋଡ଼ା ବେପାରରେ ସାମିଲ ହୋଇଥିବା ନିଲମ୍ବିତ କଂଗ୍ରେସ ବିଧାୟକ ରମେଶ ଜେନା, ଦାଶରଥି ଗମାଙ୍ଗ ଓ ସୋଫିଆ ଫିର୍ଦ୍ଦୋସ୍‌ଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଘୋଡ଼ା ବେପାର କରିଥିବା ସାଂସଦ ଦିଲ୍ଲୀପ ରାୟଙ୍କ କୁଶପୁତ୍ତଳିକାକୁ ଦାହ କରାଯାଇଥିଲା। ଏହି ଅବସରରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି କହିଛନ୍ତି ଯେ ଦିଲ୍ଲୀପ ରାୟ କେବେ ବିଜେପିରେ ନ ଥିଲେ କେହି ଜାଣନ୍ତି ନାହିଁ। ସେ ସ୍ୱାଧୀନ ପ୍ରାର୍ଥୀ ନୁହନ୍ତି। ଅନ୍ୟପକ୍ଷରେ କଂଗ୍ରେସ ଦଳର ନୀତି, ନିଷ୍ପତ୍ତି, ନିର୍ଦ୍ଦେଶ ଓ ଶୃଙ୍ଖଳାକୁ ଭଙ୍ଗ କରି ଯେଉଁ ୩ ଜଣ କଂଗ୍ରେସ ବିଧାୟକ ଦିଲ୍ଲୀପ ରାୟଙ୍କୁ ରାଜ୍ୟସଭା ଭୋଟ ଦେଲେ ସେଥିରେ ଜନନାୟକ ରାହୁଲ ଗାନ୍ଧି, ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ୍‌ଗେ ଓ ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧିଙ୍କ ପ୍ରତି ବିଶ୍ୱାସଘାତକତା ହୋଇଛି। ସ୍ୱାଧୀନ ପ୍ରାର୍ଥୀ ଦତ୍ତେଶ୍ୱର ହୋତାଙ୍କୁ ଭୋଟ ଦେବା ପାଇଁ ଏଆଇସିସିର ସମ୍ପୂର୍ଣ୍ଣ ନିର୍ଦ୍ଦେଶ ରହିଥିଲା। ତେଣୁ କଂଗ୍ରେସ ଦଳର ନିର୍ଦ୍ଦେଶକୁ ଅମାନ୍ୟ କରି ଯେଉଁ ବିଧାୟକମାନେ ବିଜେପି ସମର୍ଥିତ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କୁ ଭୋଟ ଦେଇଛନ୍ତି ସେମାନେ କଂଗ୍ରେସ ଦଳର ବିରୋଧୀ ଓ ଦଳ ପ୍ରତି ବିଶ୍ୱାସଘାତକତା କରିଛନ୍ତି। ପ୍ରଦେଶ ଯୁବ କଂଗ୍ରେସ ସେମାନଙ୍କର ଏଭଳି ହୀନ କାର୍ଯ୍ୟକୁ ନିନ୍ଦା କରୁଛି। ଅନ୍ୟପକ୍ଷରେ ଘୋଡ଼ା ବେପାର ମାଧ୍ୟମରେ ଦିଲ୍ଲୀପ ରାୟଙ୍କର ବିଜୟ ଗଣତନ୍ତ୍ର ପ୍ରତି କୁଠାରାଘାତ ବୋଲି ସେ କହିଛନ୍ତି।

## ଭିଜିଲାନ୍ସ ଜାଲରେ ଅଡିଟର୍



ଭୁବନେଶ୍ୱର, ୨୪।୩ (ସଂଚାର ବ୍ୟୁରୋ): ରିଜିଓନାଲ୍ ଡାଇରେକ୍ଟର ଅଫ୍ ଏଜୁକେଶନ୍ କାର୍ଯ୍ୟାଳୟର ଜଣେ ଅଡିଟର୍‌ଙ୍କୁ ଆଜି ଭିଜିଲାନ୍ସ ଗିରଫ କରିଛି। ଅଡିଟର୍ ଅମ୍ବିକା ପ୍ରସାଦ ରଥ ଖୋର୍ଦ୍ଧା ଜିଲ୍ଲାର ଏକ ଡିଗ୍ରୀ କଲେଜର କର୍ମଚାରୀଙ୍କଠାରୁ ୪ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏମ୍‌ଏସିପି ସ୍କିମ୍ ଅଧୀନରେ ବେତନ ଧାର୍ଯ୍ୟ ବିବରଣୀରେ ସଂଶୋଧନ କରିବା ସକାଶେ ଏହି ଅର୍ଥ ଦାବି କରିଥିଲେ। ତେବେ ଉକ୍ତ କର୍ମଚାରୀ ଜଣଙ୍କ ଏନେଇ ଭିଜିଲାନ୍ସରେ ଜଣାଇଥିଲେ। ପୂର୍ବ ଯୋଜନାନୁସାରେ, ଶ୍ରୀ ରଥଙ୍କୁ ଭିଜିଲାନ୍ସ କର୍ମଚାରୀମାନେ ପ୍ରମାଣ ସହ ଗିରଫ କରିଛନ୍ତି। ଏଥିସହ ତାଙ୍କ ସହ ଅଫିସ୍ ଓ ବାସଭବନ ଉପରେ ଚଢ଼ାଉ କରାଯାଇ ୧ ଲକ୍ଷ ୨୮ ହଜାର ଟଙ୍କା ଜବତ କରାଯାଇଛି।

# ଭିନ୍ନ ଏକ ଦ୍ରୋଣାଚାର୍ଯ୍ୟ ଶୁଭେନ୍ଦୁ

### ହାତରୁ ପଇସା ଖର୍ଚ୍ଚ କରି ତିଆରି କରୁଛନ୍ତି ସୈନିକ

### ରକ୍ତରେ ରହିଛି ସେବା ମନୋଭାବ



କଟକ,୨୪।୩(ସଂଚାର ବ୍ୟୁରୋ): ଭିନ୍ନ ଜଣେ ଦ୍ରୋଣାଚାର୍ଯ୍ୟ। ନିଜେ ସୈନିକ ହୋଇ ଦେଶ ମାତୃକା ସେବାରେ ନିୟୋଜିତ ଥିବା ବେଳେ ଗାଁରେ ଏକ ଏକାଡେମୀ ଖୋଲି ମାଗଣାରେ ରାଜ୍ୟର କୋଣ ଅନୁକୋଣର ପାଖାପାଖି ୮୦ ଜଣ ପିଲାଙ୍କୁ ଦେଉଛନ୍ତି ପ୍ରଶିକ୍ଷଣ। ପ୍ରତିରକ୍ଷା ବିଭାଗରେ ନିଯୁକ୍ତି ପାଇଁ ଏହି ପିଲାମାନଙ୍କୁ ସେ ପ୍ରସ୍ତୁତ କରୁଛନ୍ତି। ସେମାନଙ୍କ ମଧ୍ୟରୁ ମଧ୍ୟ ଇତିମଧ୍ୟରେ ୧୨ ଜଣ ପିଲା ଅଗ୍ନିବୀର ଭାବେ ଚାକିରି ପାଇଛନ୍ତି। ଏହି ସୈନିକ ଜଣଙ୍କ କଟକ ଜିଲ୍ଲା ଆଠଗଡ଼ ନିର୍ବାଚନମଣ୍ଡଳୀର ଧୁରୁସିଆ ପଞ୍ଚାୟତ ଅନ୍ତର୍ଗତ ଜେନାପୁର ଗ୍ରାମର ଶୁଭେନ୍ଦୁ ପ୍ରଧାନ। ଶୀତର ଶୀତଳତା ଓ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଖୁଣ୍ଟୁଣୀ ଗରିଆ ରାସ୍ତାରେ ପିଲାମାନଙ୍କୁ ଦୌଡ଼ଠାରୁ ଆରମ୍ଭ କରି ହାଇଜମ୍ପ, ଲଙ୍ଗଜମ୍ପ ସହ ଶାରୀରିକ ଶିକ୍ଷା ସମ୍ପର୍କରେ ପ୍ରଶିକ୍ଷଣ ଦେଉଛନ୍ତି ଆଠଗଡ଼ ମାଟିର ପୁଅ ଶୁଭେନ୍ଦୁ। ଜିଲ୍ଲା ତଥା ଜିଲ୍ଲା ବାହାରୁ ଝିଅ ଓ ପୁଅ ଉଭୟଙ୍କୁ ଏଠାରେ ଶାରୀରିକ ପ୍ରଶିକ୍ଷଣ ଦେବା ସହ ଲିଖିତ ପରୀକ୍ଷା ପାଇଁ ପ୍ରଶିକ୍ଷଣ ଦେଉଛନ୍ତି। ଶୁଭେନ୍ଦୁ ନିଜେ ବହୁ ବାଧାବିଘ୍ନ ମଧ୍ୟରେ ଭାରତୀୟ ସେନାରେ ଚାକିରି ପାଇ ଦେଶ ମାତୃକାର ସେବା କରିବାର ସୁଯୋଗ ପାଇଛନ୍ତି। ନିଜ ଇଚ୍ଛାଶକ୍ତି ଓ ଦୃଢ଼ ମନୋବଳକୁ ଆଧାର କରି ଶୁଭେନ୍ଦୁ ସୈନିକ ହୋଇପାରିଛନ୍ତି। ତେବେ ସେ ସୈନିକ ହେବା ପାଇଁ ଯେପରି କାହାର ସହଯୋଗ ପାଇନଥିଲେ, ଅନ୍ୟ କେହି ସେପରି ଅବସ୍ଥା ନ ଭୋଗନ୍ତୁ। ବରଂ ଜଣେ ଗୁରୁ ଭାବେ ସେ ସୈନିକ ତିଆରି କରିବାକୁ ଅଣ୍ଟା ଭିଡ଼ିଛନ୍ତି। ବାପାଙ୍କ ନାମରେ ସୌରୀଚରଣ ପିଆଣ୍ଡଟି ଟ୍ରଷ୍ଟ ଖୋଲି ନିଜର ପାରିଶ୍ରମିକର କିଛି ଅଂଶ ଖର୍ଚ୍ଚ କରି ଏହି ପିଲାମାନଙ୍କ ଭବିଷ୍ୟତ ଗଢୁଛନ୍ତି ଶୁଭେନ୍ଦୁ। ଶୁଭେନ୍ଦୁଙ୍କ ବାପା ସୌରୀ ଚରଣ ୧୯୯୧ରେ ଦୁରୁସିଆ ପଞ୍ଚାୟତରେ ସମିତି ସଭ୍ୟ ଭାବେ ଜନତାଙ୍କ ସେବା କରୁଥିଲେ। ସେହିପରି ମା' ସୁବାସିନୀ ପ୍ରଧାନ ମଧ୍ୟ ୨୦୦୨ରେ ସରପଞ୍ଚ ଭାବେ ଉକ୍ତ ଅଞ୍ଚଳର ଜନସାଧାରଣଙ୍କର ସେବା କରିଥିଲେ। ତେଣୁ ଦୁଇ ଜଣ ସେବା ମନୋଭାବସମ୍ପନ୍ନ ବ୍ୟକ୍ତିବିଶେଷଙ୍କ ସୁପୁତ୍ର ଭାବେ ଶୁଭେନ୍ଦୁ ସେମାନଙ୍କ ପରମ୍ପରାକୁ ଆଗକୁ ବଢ଼ାଇଚାଲିଛନ୍ତି। ଏପରି ଏକ ସାଧୁ ଉଦ୍ୟମ ପାଇଁ ଶୁଭେନ୍ଦୁଙ୍କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR ସଞ୍ଚାର

୪ ବୁଧବାର ୨୫ ମାର୍ଚ୍ଚ ୨୦୨୬, ଭୁବନେଶ୍ୱର
Wednesday 25 March 2026, Bhubaneswar

# ମଧ୍ୟପ୍ରାଚ୍ୟରେ ହେବ କି ପୂର୍ଣ୍ଣ ଯୁଦ୍ଧବିରତି?

ମଧ୍ୟପ୍ରାଚ୍ୟ ଆଜି ପୁନର୍ବାର ଏକ ବିପର୍ଯ୍ୟୟର ଅଗ୍ନିକୁଣ୍ଡରେ ଜଳୁଛି। ଗାଜା, ଲେବାନନ ଓ ଇରାନ ସହିତ ଜଡ଼ିତ ଯୁଦ୍ଧ ଏକ ସମଗ୍ର ଅଞ୍ଚଳକୁ ଅସ୍ଥିର କରି ଦେଇଛି। ଯୁକ୍ତରାଷ୍ଟ୍ର ଓ ଇସ୍ରାଏଲର ଆକ୍ରମଣ ପରେ ଇରାନ ପ୍ରତିଆକ୍ରମଣ କରୁଛି। ମିସାଇଲ ଆକ୍ରମଣ, ତେଲ



କ୍ଷେତ୍ରରେ ବିସ୍ଫୋରଣ ଓ ହେଜବୋଲ୍ଲାହ ସହିତ ନୂଆ ଲଢ଼େଇ ଏକ ସମ୍ପୂର୍ଣ୍ଣ ଯୁଦ୍ଧବିରତିର ସ୍ୱପ୍ନକୁ ଦୂରରେ ରଖିଛି। ଜାତିସଂଘର ମହାସଚିବ ଅନ୍ତୋନିଓ ଗୁଟେରେସ୍ ମାର୍ଚ୍ଚ ୧୨ ତାରିଖରେ କହିଥିଲେ, 'ଅଞ୍ଚଳଟି ଧ୍ୱଂସ ସୀମାରେ ପହଞ୍ଚିଛି'। କିନ୍ତୁ ପ୍ରଶ୍ନ ହେଉଛି - ଯୁଦ୍ଧର ଏ ଭୟଙ୍କ ନିଆଁକୁ କିଏ ଲିଭେଇବ? ଏବଂ ସମ୍ପୂର୍ଣ୍ଣ ଯୁଦ୍ଧବିରତି ସମ୍ଭବ ହେବ କି ବୋଲି ପ୍ରଶ୍ନ ଉଠିବା ସ୍ୱାଭାବିକ।

୨୦୨୫ ଅକ୍ଟୋବରରେ ଗାଜାରେ ଯୁକ୍ତରାଷ୍ଟ୍ର ମଧ୍ୟସ୍ଥତାରେ ଯୁଦ୍ଧବିରତି ହୋଇଥିଲା। ହାମାସ ଜିମ୍ମି ଫେରାଇଥିଲା ଓ ସହାୟତା ଆସିଥିଲା। କିନ୍ତୁ ସେହି ଯୁଦ୍ଧବିରତି କେବଳ କାଗଜରେ ରହିଛି। ଇସ୍ରାଏଲ ଗାଜାର ଅଧା ଅଞ୍ଚଳ ଦଖଲ କରି ରଖିଛି। ହାମାସ ନିରସ୍ତ୍ରୀକରଣ ହୋଇ ନାହିଁ। ମାର୍ଚ୍ଚ ମାସରେ ମଧ୍ୟ ସେଠାରେ ଆକ୍ରମଣ ଚାଲିଛି ଓ ଶହଶହ ପାଲେଷ୍ଟାଇନୀୟ ପ୍ରାଣ ହରାଉଛନ୍ତି। ଲେବାନନରେ ନଭେମ୍ବର ୨୦୨୪ର ଯୁଦ୍ଧବିରତି ମଧ୍ୟ ଭଙ୍ଗ ହୋଇଛି। ଇସ୍ରାଏଲ ହେଜବୋଲ୍ଲାହ ଲକ୍ଷ୍ୟରେ ଦୈନିକ ଆକ୍ରମଣ କରୁଛି। ଇସ୍ରାଏଲୀ ରାଷ୍ଟ୍ରପତି ଆଇଜାକ୍ ହର୍ଜୋଗ୍ କହିଛନ୍ତି ଯେ ପୂର୍ବ ଯୁଦ୍ଧବିରତିକୁ ଫେରିଯିବା ସମ୍ଭବ ନୁହେଁ; ଲେବାନନରେ କୌଶଳଗତ ଗଭୀରତା ଦରକାର। ଏହା ସହିତ ଫେବୃଆରୀ ୨୦୨୬ରେ ଇରାନ ବିରୋଧରେ ଯୁକ୍ତରାଷ୍ଟ୍ର ଓ ଇସ୍ରାଏଲର ବଡ଼ ଆକ୍ରମଣ ଆରମ୍ଭ ହୋଇଛି। ଟ୍ରମ୍ପ ପ୍ରଶାସନ କେବେ ଯୁଦ୍ଧବିରତି ପ୍ରତ୍ୟାଖ୍ୟାନ କରୁଛି ଆଉ କେବେ କୁଟନୀତିର କଥା କହୁଛି। ଇରାନ କେବଳ ଆକ୍ରମଣ ବନ୍ଦ ହେଲେ ଯୁଦ୍ଧବିରତି ବିଷୟରେ ଚର୍ଚ୍ଚା କରିବ ବୋଲି କହୁଛି। ଏହି ପରିସ୍ଥିତିରେ ସମଗ୍ର ମଧ୍ୟପ୍ରାଚ୍ୟରେ ଏକ ସମ୍ପୂର୍ଣ୍ଣ ଓ ସ୍ଥାୟୀ ଯୁଦ୍ଧବିରତିର ଆଶା କେତେ ବାସ୍ତବ?

ଇତିହାସ ଏହାର ଉତ୍ତର ଦେଇଛି। ମଧ୍ୟପ୍ରାଚ୍ୟର ଯୁଦ୍ଧ କେବଳ ଅସ୍ତ୍ରଶସ୍ତ୍ରରେ ସୀମିତ ନୁହେଁ; ଏହା ଧର୍ମ, ଭୂରାଜନୀତି ଓ ଶକ୍ତି ସନ୍ତୁଳନର ଯୁଦ୍ଧ। ଇସ୍ରାଏଲ-ପାଲେଷ୍ଟାଇନ ସମସ୍ୟା ଛଅ ଦଶକରୁ ଚାଲିଛି। ହାମାସ ଓ ହେଜବୋଲ୍ଲାହ ଇରାନର ପ୍ରକ୍ସି ଭାବରେ କାର୍ଯ୍ୟ କରୁଛନ୍ତି। ଇସ୍ରାଏଲ ନିଜ ନିରାପତ୍ତା ପାଇଁ ପୂର୍ଣ୍ଣ ନିରସ୍ତ୍ରୀକରଣ ଦାବି କରୁଛି। ଇରାନ ପାରମାଣବିକ କାର୍ଯ୍ୟକ୍ରମ ଓ କ୍ଷେପଣାସ୍ତ୍ର ଶକ୍ତି ଛାଡ଼ିବାକୁ ପ୍ରସ୍ତୁତ ନୁହେଁ। ଯୁକ୍ତରାଷ୍ଟ୍ରର ଟ୍ରମ୍ପ ପ୍ରଶାସନ ଇରାନର ଶାସନ ପରିବର୍ତ୍ତନର ଲକ୍ଷ୍ୟ ରଖିଛି ଓ କେବଳ ଆଲୋଚନା କରିବାକୁ ଚାହୁଁଛି କିନ୍ତୁ ଯୁଦ୍ଧବିରତି ନୁହେଁ। ଏହି ଅବିଶ୍ୱାସ ଓ ପରସ୍ପର ବିରୋଧୀ ଲକ୍ଷ୍ୟ ଯୁଦ୍ଧବିରତିକୁ କଠିନ କରିଛି। ଅର୍ଥନୈତିକ କ୍ଷତି ମଧ୍ୟ ବଡ଼। ତେଲ ମୂଲ୍ୟ ବଢ଼ିଛି, ବାଣିଜ୍ୟ ପ୍ରଭାବିତ ହୋଇଛି ଓ ବିଶ୍ୱର ଅନ୍ୟାନ୍ୟ ଅଞ୍ଚଳରେ ଅସ୍ଥିରତା ବଢୁଛି।

ତଥାପି ଆଶାର କିରଣ ଅଛି। ଜାତିସଂଘ, ଓମାନ ଓ ଇଜିପ୍ଟ କୁଟନୀତିର ଚେଷ୍ଟା କରୁଛନ୍ତି। ଯଦି ଇରାନ ଓ ଇସ୍ରାଏଲ ଉଭୟ ଆକ୍ରମଣ ବନ୍ଦ କରନ୍ତି ଓ ହାମାସ-ହେଜବୋଲ୍ଲାହ ନିରସ୍ତ୍ରୀକରଣ ପାଇଁ ରାଜି ହୁଅନ୍ତି ତେବେ ଏକ ବ୍ୟାପକ ଯୁଦ୍ଧବିରତି ସମ୍ଭବ। କିନ୍ତୁ ଏହା ପାଇଁ ଆବଶ୍ୟକ ହେଉଛି ଇସ୍ରାଏଲର ସୁରକ୍ଷା ଚିନ୍ତା ଓ ପାଲେଷ୍ଟାଇନୀୟ ରାଷ୍ଟ୍ରର ସ୍ୱୀକୃତି ମଧ୍ୟରେ ଏକ ସନ୍ତୁଳନ। ଟ୍ରମ୍ପ ପ୍ରଶାସନ ଯଦି କେବଳ ଯୁଦ୍ଧ ନୁହେଁ, କୁଟନୀତିକୁ ପ୍ରାଥମିକତା ଦିଏ ତେବେ ଫଳ ଆସିପାରେ। ଅନ୍ୟଥା ଏହି ଯୁଦ୍ଧ ଆହୁରି ବ୍ୟାପକ ହୋଇ ସିରିଆ, ଯେମେନ୍ ଓ ଇରାକକୁ ସ୍ପର୍ଶ କରିବ।

ମୋର ମତରେ ସମ୍ପୂର୍ଣ୍ଣ ଯୁଦ୍ଧବିରତି ହେବାର ସମ୍ଭାବନା କମ୍। କାରଣ କୌଣସି ପକ୍ଷ ପରାଜୟ ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହେଁ। କିନ୍ତୁ ଯୁଦ୍ଧ କେବଳ ବିନାଶ ଆଣେ। ମଧ୍ୟପ୍ରାଚ୍ୟର ଲୋକେ ଶାନ୍ତି ଚାହୁଁଛନ୍ତି। ଜାତିସଂଘ ଓ ବିଶ୍ୱ ନେତାମାନଙ୍କୁ ଏକ ସ୍ଥାୟୀ ସମାଧାନ ପାଇଁ ଚେଷ୍ଟା କରିବାକୁ ପଡ଼ିବ। ଯୁଦ୍ଧବିରତି କେବଳ କାଗଜରେ ନୁହେଁ, ବାସ୍ତବରେ ହେବା ଦରକାର। ଅନ୍ୟଥା ଏହି ଅଗ୍ନି ଆହୁରି ବଢ଼ି ବିଶ୍ୱକୁ ଜଳାଇବ। ଶାନ୍ତିର ପଥ କଠିନ, କିନ୍ତୁ ଅସମ୍ଭବ ନୁହେଁ। ଆଜିର ନେତାମାନଙ୍କ ବୁଦ୍ଧିମତ୍ତା ଉପରେ ନିର୍ଭର କରିଛି ଏହି ଅଞ୍ଚଳର ଭବିଷ୍ୟତ।

# ବିଚାର ବ୍ୟବସ୍ଥାରେ ସଂସ୍କାର ଓ ସାମ୍ବିଧାନିକ ଲକ୍ଷ୍ମଣରେଖା



ଯୁଧିଷ୍ଠିର ମହାରଣା

ପାଖାପାଖି ଅଶୀ ବର୍ଷର ଘଟଣାବହୁଳ ଯାତ୍ରାପଥରେ ଦେଶ ଚାଲିଛି। ଭାରତ ସ୍ୱାଧୀନତା ପାଇବା ପରେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଅନେକ ଆହ୍ୱାନକୁ ସମ୍ମୁଖୀନ ହୋଇଛି। ଭାରତର ସମ୍ବିଧାନ ବିଶ୍ୱର ସର୍ବବୃହତ୍ତ ମର୍ଯ୍ୟାଦାଜନକ ସମ୍ବିଧାନର ସମ୍ମାନ ପାଇଥାଏ ଏବଂ ଭାରତ ହେଉଛି ବିଶ୍ୱର ସର୍ବବୃହତ୍ତ ଗଣତାନ୍ତ୍ରିକ ରାଷ୍ଟ୍ର। ବିଶ୍ୱ ଗୁରୁର ମର୍ଯ୍ୟାଦା ପାଇ ପୃଥିବୀର ଚତୁର୍ଥ ଅଭିବୃଦ୍ଧି ସମ୍ପନ୍ନ ରାଷ୍ଟ୍ର ହେବାକୁ ଯାଉଥିବା ଭାରତର ସାମଗ୍ରିକ ଶାସନ ଚିତ୍ରକୁ ଟିକିଏ ନିରିଖେଇ ଦେଖିଲେ ଯେ କେହିଙ୍କ ଭିତରେ ଏକ ସ୍ୱାଭାବିକ ପ୍ରଶ୍ନ ଉଠିବ ଯେ ଆମ ଗଣତନ୍ତ୍ରର ଚାରି ସ୍ତମ୍ଭ କୁହାଯାଉଥିବା ନ୍ୟାୟପାଳିକା, କାର୍ଯ୍ୟପାଳିକା, ବିଧାନ ପାଳିକା ଓ ଗଣମାଧ୍ୟମ ସମସ୍ତେ ନିଜ ନିଜ ଭୂମିକା ଓ ଗୁରୁଦାୟିତ୍ୱ ନିଷ୍ଠାପର ଭାବେ ସ୍ୱାଧୀନଚେତା ସହିତ ନିର୍ବାହ କରୁଛନ୍ତି ତ? ଏହାର ଉତ୍ତର ଅନେକଙ୍କ ପାଇଁ ମଧୁରମୟ ବା ଆସ୍ତିବାଚକ ନ ହୋଇପାରେ, ନ ହେବା ମଧ୍ୟ ସ୍ୱାଭାବିକ। ଆମେ ସ୍ୱାଧୀନ ଭାରତର ନାଗରିକ, ଆମ ସମ୍ବିଧାନ ହିଁ ଆମର ଶକ୍ତି। ଆମେ ଯେଉଁ ମୌଳିକ ଅଧିକାର ପାଇଛୁ ଏହି ସ୍ୱାଧୀନତାକୁ ବ୍ୟବହାର କରିବା ସମୟରେ ହେଉ ବା କ୍ଷମତାର ପ୍ରୟୋଗ। ଅନେକ କ୍ଷେତ୍ରରେ ଉତ୍ତରଦାୟିତ୍ୱ ବଡ଼ ପ୍ରଶ୍ନ ସୃଷ୍ଟି କରିଥାଏ। ବିଧାନପାଳିକା କଥା ଆଲୋଚନା କଲାବେଳେ ଆମ ମାନଙ୍କର ପ୍ରତିନିଧି ବା ନିର୍ବାଚିତ ଜନପ୍ରତିନିଧି ନାଗରିକ, ଦେଶ ଓ ସମାଜ ପ୍ରତି ଉତ୍ତରଦାୟିତ୍ୱ ନିର୍ବାହରେ ସକ୍ଷମ ତ? ସେହିପରି ବିରୋଧୀ ଦଳର ଭୂମିକା ଆଚରଣ ଓ ଉଚ୍ଚାରଣ ଦୁଇଟି ପରି ପ୍ରଦର୍ଶିତ ହୋଇ ଏହା ଶାସନ କ୍ଷେତ୍ର ନିମିତ୍ତ ବିଶେଷକରି ଗଣତାନ୍ତ୍ରିକ ଅନୁଷ୍ଠାନ ପାଇଁ ଆହ୍ୱାନ ପୂର୍ଣ୍ଣ ହୋଇପାରୁନି। ଅନେକ କ୍ଷେତ୍ରରେ ଆମ ସଂଘୀୟ ଶାସନ ବ୍ୟବସ୍ଥାରେ ରାଜ୍ୟପାଳଙ୍କ ଭୂମିକା ଲକ୍ଷ୍ମଣ ରେଖା ଅତିକ୍ରମ କରୁଛି ବୋଲି ଘଟଣାବଳୀ ସୃଷ୍ଟି ହେଉଛି ଏବଂ ପ୍ରସଙ୍ଗ କେବଳ ସାମ୍ବିଧାନିକ ସଙ୍କଟ ସୃଷ୍ଟି କରୁନାହିଁ ବରଂ ନ୍ୟାୟପାଳିକାକୁ ଦାୟିତ୍ୱ ନିର୍ବାହ ନିମିତ୍ତ ହସ୍ତକ୍ଷେପ କରିବାକୁ ପଡୁଛି।

ସେହିପରି କାର୍ଯ୍ୟପାଳିକା ସମ୍ବିଧାନ ପ୍ରଦତ୍ତ ଅଧିକାର ଓ କର୍ତ୍ତବ୍ୟ ନିର୍ବାହ ବେଳେ ଉତ୍ତରଦାୟିତ୍ୱକୁ ଗୁରୁତ୍ୱ ନ ଦେଇ କ୍ଷମତାସୀନ ଦଳର ହାତବାରିସି ହେଉଥିବାରୁ ସାଧାରଣରେ ନିନ୍ଦିତ ହେଉଛି, ଯାହାଫଳରେ ସାମଗ୍ରିକ ଭାବେ ଗଣତାନ୍ତ୍ରିକ ବ୍ୟବସ୍ଥା ଓ ସାମ୍ବିଧାନିକ ମୂଲ୍ୟବୋଧ ପ୍ରଭାବିତ ହେଉଛି। ନ୍ୟାୟପାଳିକାର ରାୟ ମଧ୍ୟ ଅନେକ ସମୟରେ ଦୂରଦର୍ଶୀ ନ ହୋଇ ତତ୍କାଳିକ ସମାଧାନଭିତ୍ତିକ ହେଉଥିବାରୁ ରାୟର ପୁନଃତର୍ଜମା କରି ସଂଶୋଧନ କରିବାକୁ ପଡୁଛି। ଏହାଫଳରେ ନ୍ୟାୟପାଳିକାର ନିରପେକ୍ଷତା ଏବଂ ସାମ୍ବିଧାନିକ ଲକ୍ଷ୍ମଣରେଖାର ସମ୍ମାନରକ୍ଷାରେ ଉତ୍ତରଦାୟିତ୍ୱ ଉପରେ ନାଗରିକ ସମାଜ ଦ୍ୱାରା ପ୍ରଶ୍ନ ଚିହ୍ନଟିଏ ଉଠୁଛି। ସାମ୍ପ୍ରତିକ ପ୍ରତିଯୋଗିତାପୂର୍ଣ୍ଣ ଓ ବିବିଧ ଆହ୍ୱାନଭରା ବିଶ୍ୱରେ ନିରପେକ୍ଷ ସମ୍ବାଦ ପରିବେଷଣ କରି ତିଷ୍ଠି ରହିବା ସମ୍ପୂର୍ଣ୍ଣ ସମ୍ଭବ ନ ହେଲେ ମଧ୍ୟ ଗଣମାଧ୍ୟମର ବିଶ୍ୱସନୀୟତା ଓ ପବିତ୍ରତା ହନନ ହେବା ଅନୁଚିତ। କିନ୍ତୁ ବାଧ୍ୟବାଧକତାରେ ହେଉ କିମ୍ବା ଉଦ୍ଦେଶ୍ୟମୂଳକ ଭାବେ ହେଉ ଅନେକ ସମୟରେ ବିଭ୍ରାନ୍ତିକର, କପୋକଳ୍ପିତ, ପକ୍ଷପାତପୂର୍ଣ୍ଣ ଓ ପରସ୍ପର ବିରୋଧୀ ଖବରମାନ ପ୍ରକାଶ ପାଇଲେ ପାଠକୀୟ ସମାଜର ଗଣମାଧ୍ୟମ ପ୍ରତି ଶ୍ରଦ୍ଧା, ସମ୍ମାନ, ଭରସା ତୁଟିବା ସ୍ୱାଭାବିକ। ଏହାଫଳରେ ଗଣ ଓ ସରକାରଙ୍କ ମଧ୍ୟରେ ସେତୁଟି ଦୁର୍ବଳ ହେଉଛି ଏବଂ ଶାସନତନ୍ତ୍ର ସ୍ୱୈରଚତାର ଆଡ଼କୁ ଟାରି ହୋଇଯିବାର ଅବାଞ୍ଛିତ ସୁଯୋଗ ସୃଷ୍ଟି କରୁଛି, ଯାହା ଗଣତନ୍ତ୍ରର ପରିପନ୍ଥୀ।

ତେଣୁ ଗଣମାଧ୍ୟମ ନିଜକୁ ସ୍ୱଚ୍ଛ, ସ୍ପଷ୍ଟ କରିବା ସହିତ ଉତ୍ତରଦାୟୀ ହେବା ସୁସ୍ଥ ଗଣତନ୍ତ୍ର ପାଇଁ ଅପରିହାର୍ଯ୍ୟ। ବିଚାର ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ଜନ ସଚେତନତା ସୃଷ୍ଟି କରିବା ନିମିତ୍ତ ସୋସାଇଟି ଫର ଫାଷ୍ଟ ଜଷ୍ଟିସ କଟକ ପକ୍ଷରୁ ଆସନ୍ତା ବାଇଶି ତାରିଖ ରବିବାର ଦିନ ଅପରାହ୍ନ ଚାରିଟା ସମୟରେ କଟକ ଟାଉନହଲ ଠାରେ ଏକ ଜାତୀୟ ସେମିନାର ଆୟୋଜିତ ହେବ। ଏଥିରେ ସଂଗଠନର ସର୍ବଭାରତୀୟ ସଭାପତି ଭଗବାନ ଭାଇରହିୟାନୀ, ରାଷ୍ଟ୍ରୀୟ ଆବାହକ ପ୍ରବୀଣ ଭାଇ ପଟେଲ, ରାଜ୍ୟ ସାଧାରଣ ସମ୍ପାଦକ ବିଭୁତି ଭୂଷଣ ସ୍ୱାଇଁ, କଟକ ସଦର ବିଧାୟକ ପ୍ରକାଶ ସେଠୀ ପ୍ରମୁଖ ଯୋଗଦାନ କରିବେ। ବିଚାର ବ୍ୟବସ୍ଥାରେ ସଂସ୍କାର ଚାହୁଁଥିବା ଓକିଲ, ଯୁବକ, ଶିକ୍ଷାବିତ, ସାମାଜିକ କର୍ମୀ, ବୁଦ୍ଧିଜିବୀ, ଛାତ୍ର ଓ ଜନସାଧାରଣ ଏହି ସେମିନାରରେ ବହୁ ସଂଖ୍ୟାରେ ଯୋଗ ଦେବାକୁ ସାମ୍ବାଦିକ ସମ୍ମିଳନୀରେ ଏହି ଲେଖକ ସହିତ କାଳନ୍ଦୀ ମହାଳିକ, ନିହାର ରଞ୍ଜନ ଦାସ, କଟକ ଶାଖାର ସଭାପତି ଅମୀୟ କୁମାର ପଟ୍ଟନାୟକ, ସମ୍ପାଦକ ସୁଶାନ୍ତ ସାମଲ, ମାନସ ପାଢ଼ୀ ପ୍ରମୁଖ ନିବେଦନ ରଖୁଛନ୍ତି। ଆମ ଆଲୋଚନାଟି କେବଳ ଗଣତନ୍ତ୍ରର ଚାରିସ୍ତମ୍ଭ ନିମିତ୍ତ ନୁହେଁ। ଆମ୍ଭ ମାନଙ୍କର ମଧ୍ୟ ସମାଜ, ରାଜ୍ୟ, ଦେଶ ପ୍ରତି ଯଥେଷ୍ଟ ନିଷ୍ଠାବାନ ଓ ସଚେତନଧର୍ମୀ ଉତ୍ତରଦାୟିତ୍ୱ ରହିଛି। ଆମ ସମ୍ବିଧାନ ଆମକୁ ଯେଉଁ ସ୍ୱାଧୀନତା ଓ ଅଧିକାର ଦେଇଛି ସେଥିନିମିତ୍ତ ଆମେ ନିଜ ସ୍ୱାବଲମ୍ବନ, ପରିଚୟ ସୃଷ୍ଟି ସହ ଅର୍ଥ ଉପାର୍ଜ୍ଜନ କରି ସାମାଜିକ ପ୍ରତିଷ୍ଠା ପାଇପାରୁଛୁ। ସମ୍ବିଧାନ ଓ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ଉର୍ଦ୍ଧ୍ୱରେ ଆମ ସମାଜ ପାଇଁ, ଆମ ପାଇଁ କେତେକ ସଂସ୍କାର, ଶିଷ୍ଟତା, ସଂଯମତା ଓ ସୀମାତିକ୍ରମତାର ରେଖା ଟାଣିଛି। ତେଣୁ ଏହି ରେଖାଯେପରି ଉଲ୍ଲଂଘନ ନହୁଏ ଏହା ଆମ ପାଇଁ ବଡ଼ ଉତ୍ତର ଦାୟିତ୍ୱ। ପରିବେଶଜନିତ ସଙ୍କଟ ବିଶ୍ୱରେ ଅଶାନ୍ତିମୟ ପରିବେଶ, ଚର୍ତୁଦିଗରେ ପ୍ରଦୂଷଣର କାୟା, ସାଂସ୍କୃତିକ ଅବକ୍ଷୟ ଆମ୍ଭମାନଙ୍କୁ ଭାରାକ୍ରାନ୍ତ କରୁଛି। ଆମ ମହାନ ସମ୍ବିଧାନ ସ୍ୱାଧୀନତାର ଲମ୍ବା ଯାତ୍ରାର ଅମୃତମୟ ସମୟରେ ଯେତିକି ବଢ଼ୁଛି ସେତିକି ପ୍ରଭାବୀ ମଧ୍ୟ ହୋଇପାରୁଛି। ସାମ୍ବିଧାନିକ ମୂଲ୍ୟବୋଧର ସମ୍ମାନ ଓ ଅଖଣ୍ଡ ସୁରକ୍ଷା ହେଉଛି ଆମର ଆମ ଜନ୍ମଭୂମି, ଆମ ମାତୃଭୂମି ପାଇଁ ଶ୍ରେଷ୍ଠ ଦାୟିତ୍ୱବୋଧ।

**ସଭାପତି, ଓଡ଼ିଶା ଶାଖା, ସୋସାଇଟି ଫର ଫାଷ୍ଟ ଜଷ୍ଟିସ,**
**ଉତ୍ତମାପୁର, ଗୋପାଳପୁର, କଟକ,**
**ମୋବାଇଲ୍:୯୪୩୭୧୬୩୫୨୮**

# ଟ୍ରମ୍ପଙ୍କ 'ଧର୍ମ ଛତା'



ଡ. ବିମଳ ଷଡଙ୍ଗୀ

ସମଗ୍ର ବିଶ୍ୱରେ ଆଚ୍ଛାଦିତ ବିଭିନ୍ନ ଧର୍ମକୁ ବାଖ୍ୟାକଲେ ଆମେ ଦେଖିବା ଯେ, ପ୍ରତ୍ୟେକ ଧର୍ମରେ ମାନବବାଦକୁ ଅଗ୍ରାଧିକାର ଦିଆଯାଇଥାଏ।ହିନ୍ଦୁ ଧର୍ମର ବେଦ, ଉପନିଷଦ ଠାରୁ ଆରମ୍ଭକରି ଋଗବେଦରେ ମଧ ମଣିଷଙ୍କ ମଧରେ ଉଚ୍ଚ ନୀଚଭାବର ଭାବନା ଦେଖାଯାଇନଥାଏ।ସେହିପରି ଅଥର୍ବ ବେଦରେ ସମସ୍ତେ ପୃଥିବୀ ମାତାର ସନ୍ତାନ ବୋଲି କୁହାଯାଇଥିବା ବେଳେ ଯଜୁର୍ବେଦରେ ସମସ୍ତଙ୍କୁ ମିତ୍ରଭାବରେ ବିଚାର କରିବାକୁ ପରାମର୍ଶ ଦିଆଯାଇଥିଲା।କୋରାନରେ ବିଶ୍ୱ ଭାତୃତ୍ୱ ଏବଂ ମଣିଷ ଜୀବନର ପବିତ୍ରତାର ସୁନ୍ଦର ବର୍ଣ୍ଣନା ଦେଖିବାକୁ ମିଳିଥାଏ।ଖ୍ରୀଷ୍ଟ ଧର୍ମରେ ସମସ୍ତେ ଈଶ୍ୱରଙ୍କ ସନ୍ତାନ ବୋଲି ଧରାଯାଏ।ଅତଏବ ମୋଟାମୋଟି ଭାବରେ ଦେଖିବାକୁ ଗଲେ ଆମେ ଦେଖିବା ଯେ କୌଣସି ଧର୍ମରେ ଅନ୍ୟ ଧର୍ମକୁ ଖରାପ ବୋଲି କୁହାଯାଇ ନାହିଁ, ମାତ୍ର କିଛି ସ୍ୱାର୍ଥପର ବ୍ୟକ୍ତି ବା ଗୋଷ୍ଠୀ ନିଜ ସ୍ୱାର୍ଥପାଇଁ ଧର୍ମମାଧମରେ ବିଭିନ୍ନ ସମୟରେ ବିଭିନ୍ନ ରୂପରେ ବିଭ୍ରାନ୍ତିକର ବ୍ୟାଖ୍ୟା ମାଧମରେ ସାଧାରଣ ଜନତାଙ୍କୁ ଭ୍ରମିତ କରନ୍ତି ଯାହା ଫଳରେ ସଂପ୍ରଦାୟ, ସଂପ୍ରଦାୟ ମଧରେ କଳହର ସୂତ୍ରପାତ ହେବା ସହିତ ହିଂସାର ବାତାବରଣ ସୃଷ୍ଟି ହୋଇଥାଏ।ଯାହା ଆଜିର ବିଶ୍ୱରେ ଅତି କ୍ଷିପ୍ରଗତିରେ ରାଜନୈତିକ ମଞ୍ଚରେ ପ୍ରବେଶକରି ସମାଜରେ ଗୋଟିଏ ଗଭୀର ସମସ୍ୟାର ଗର୍ତ୍ତ ସୃଷ୍ଟି କରିଛି।

ସମାଜ ଓ ରାଜନୀତିର ଇତିହାସକୁ ଉନ୍ମୋଚନ କଲେ ଗୋଟିଏ କଥା ସ୍ପଷ୍ଟ ହୁଏ ଯେ ଧର୍ମ ମଣିଷର ଆତ୍ମା ସହିତ ଜଡିତ ଗୋଟିଏ ଗଭୀର ଆସ୍ଥାର ପ୍ରତୀକ, ଯାହା ମଣିଷକୁ ନୈତିକ ଜୀବନ ବିତାଇବାକୁ ପ୍ରେରଣା ଦେଇଥାଏ, ଅନ୍ୟପକ୍ଷରେ ରାଜନୀତି ହେଉଛି ଶକ୍ତି, ପ୍ରଶାସନ ଓ ସମାଜିକ ସଂଗଠନର ଗୋଟିଏ ପ୍ରକ୍ରିୟା।ଏହି ଦୁଇଟି ଯେତେବେଳେ ପୃଥକ ରହେ, ସମାଜରେ ସମନ୍ୱୟ ଓ ସନ୍ତୁଳନ ଜାରିରହିଥାଏ।କିନ୍ତୁ ଯେତେବେଳେ ଧର୍ମକୁ ରାଜନୀତିର ଗୋଟିଏ ହତିଆର ଭାବେ ବ୍ୟବହାର କରାଯାଏ, ସେତେବେଳେ ସମାଜରେ ଧ୍ରୁବୀକରଣ ଆରମ୍ଭ ହୁଏ।ଧର୍ମ ଆଧାରିତ ରାଜନୀତିର ସପକ୍ଷବାଦୀଙ୍କ ଯୁକ୍ତି ଅନୁସାରେ ଧର୍ମ ଲୋକଙ୍କୁ ଗୋଟିଏ ନୈତିକ ଆଧାର ଦେଇଥାଏ ଏବଂ ଏହା ମାଧମରେ ରାଜନୀତିରେ ନୈତିକତା, ସତ୍ୟ ଓ ଦାୟିତ୍ୱବୋଧତା ଆଦି ମୂଲ୍ୟଗୁଡ଼ିକୁ ବିକଶିତ କରାଯାଏ ଯାହାଦ୍ୱାରା ସମାଜର ଉନ୍ନତି ସମ୍ଭବ।ଯେପରି ଭାରତର ସ୍ୱାଧୀନତା ଆନ୍ଦୋଳନ ସମୟରେ ଧର୍ମୀୟ ମୂଲ୍ୟଗୁଡ଼ିକଦ୍ୱାରା ଭାରତୀୟଙ୍କ ନୈତିକ ସଚେତନତାକୁ ଜାଗ୍ରତ କରାଯାଇଥିଲା।ଧର୍ମରୁ ସତ୍ୟ, ଅହିଂସା ଓ ସହିଷ୍ଣୁତାର ମୂଲ୍ୟ ଲୋକମାନଙ୍କୁ ସ୍ୱାଧୀନତା ଆଶାରେ ଏକାଠି କରିଥିଲା ଏବଂ ଧର୍ମର ମୂଲ୍ୟଗୁଡ଼ିକ ଦ୍ୱାରା ରାଜନୀତିକୁ ଗୋଟିଏ ଲକ୍ଷରେ ଏକତ୍ରିତ କରିଥିଲା।କିନ୍ତୁ ଏହାର ଅନ୍ୟ ଦିଗଟି ଅତ୍ୟନ୍ତ ଚିନ୍ତାଜନକ, ଅର୍ଥାତ ଯେତେବେଳେ ଧର୍ମକୁ ରାଜନୀତିର ଏକ ଅସ୍ତ୍ର ଭାବେ ବ୍ୟବହାର କରାଯାଏ, ସେତେବେଳେ ସମାଜ ଦୁଇ କିମ୍ବା ଅଧିକ ଭାଗରେ ବିଭକ୍ତ ହୋଇଯାଏ।ଲୋକମାନେ ନାଗରିକ ଭାବରେ ନୁହେଁ, ଧର୍ମୀୟ ପରିଚୟ ଆଧାରରେ ନିଜର ପରିଚୟ ଦେବାକୁ ଆଗଭର ହୋଇଥାଆନ୍ତି, ଯାହା ଫଳରେ ସମାଜରେ ଅବିଶ୍ୱାସ, ଘୃଣା ଓ ଦ୍ୱେଷ ଆଦି ଭାବନାର ବୃଦ୍ଧିଘଟିଥାଏ।ରାଜନୀତିକ ଲାଭ ପାଇଁ ଧର୍ମୀୟ ପରିଚୟକୁ ଅଗ୍ରାଧିକାର ଦେବା।ଫଳରେ ସାମ୍ପ୍ରଦାୟିକ ବିଭେଦ ଓ ହିଂସାର ଆକାର ବୃଦ୍ଧି ହୋଇଥାଏ, ଯାହାର ପ୍ରଭାବରେ ସ୍ୱାଧୀନତା ପର ମୁହୂର୍ତ୍ତରେ ଭାରତରେ ଦେଶ ବିଭାଜନକୁ ଖୋରାକ ଯୋଗାଇଥିଲା।

ସେହିପରି ଆମେରିକାର ସମ୍ବିଧାନ ପ୍ରଣୟନକାରୀ ମାନେ ଧର୍ମ ଓ ରାଜନୀତିକୁ ପୃଥକ ରଖିଆମେରିକାକୁ ଗୋଟିଏ ଧର୍ମ ନିରପେକ୍ଷ ରାଷ୍ଟ୍ରଭାବରେ ସ୍ଥାପିତ କରିଥିଲେ। କିନ୍ତୁ ବାସ୍ତବରେ ଆମେରିକାର ରାଜନୀତିରେ ଧର୍ମ ସବୁ ସମୟରେ ଗୋଟିଏ ନିର୍ବାଚନୀ ଶକ୍ତି ଭାବେ ରହିଆସିଛି ଏବଂ ଯାହା ଟ୍ରମ୍ପଙ୍କ ଯୁଗରେ ଆଉଟିକେ ଅଧିକ ସ୍ପଷ୍ଟ ହୋଇଯାଇଛି। ବିଶେଷକରି ଡୋନାଲ୍ଡ ଟ୍ରମ୍ପଙ୍କ ରାଜନୀତି, ଧର୍ମ ଓ ଶକ୍ତିର ଏକ ଅଦ୍ଭୁତ ସମୀକରଣକୁ ସାମ୍ନାକୁ ଆଣିଛି।ନିର୍ବାଚନ ପୂର୍ବରୁ ସେ ନିଜକୁ ଭଗବାନଙ୍କ ପ୍ରେରିତ ଶକ୍ତି ଭାବରେ ପ୍ରତିପାଦନ କରିବାଠାରୁ ଆରମ୍ଭ କରି ୨୦୨୬ମସିହା ମାର୍ଚ୍ଚ ୭ ତାରିଖଦିନ ହ୍ୱାଇଟ୍ ହାଉସରେ ପାଦ୍ରୀମାନେ ତାଙ୍କ ଉପରେ ହାତ ରଖି ପ୍ରାର୍ଥନା କରିବା, ଇରାନ ଯୁଦ୍ଧରେ ବିଜୟଲାଭ ଏବଂ ରାଷ୍ଟ୍ରପତିଙ୍କୁ ଦେଶ ଚଳାଇବା ପାଇଁ ଜ୍ଞାନ, ସୁରକ୍ଷା ଓ ଶକ୍ତି ଦେବାପାଇଁ ତାଙ୍କୁ ଆଶୀର୍ବାଦ ଦେବାଓ ଦେଶର ନେତୃତ୍ୱ ପାଇଁ ଭଗବାନଙ୍କୁ ଅନୁରୋଧ କରିବା ଆଦି ଗୋଟିଏ 'ଧାର୍ମିକ ଛତା'ଭାବରେ ପ୍ରତୀୟମାନ ହୋଇଥିଲା।ସାରା ବିଶ୍ୱରେ ଏହି ଦୃଶ୍ୟ ଆଧୁନିକ ଲୋକତନ୍ତ୍ରରେ ଧର୍ମର ଭୂମିକାକୁ ନେଇ ଗଭୀର ପ୍ରଶ୍ନ ଉତ୍ଥାପନ କରିଛି। ଏହା ଧାର୍ମିକ ଆସ୍ଥା କିମ୍ବା ରାଜନୈତିକ ରଣନୀତି ଅଥବାସାଧାରଣ ଲୋକଙ୍କୁ ବୋକା ବନାଇବାପାଇଁ ଗୋଟିଏ ସୁନ୍ଦର ସୁରକ୍ଷିତ ରାସ୍ତା ଯାହା ଆଲୋଚନାର ବିଷୟବସ୍ତୁ ହୋଇଯାଇଛି।ଡୋନାଲ୍ଡ ଟ୍ରମ୍ପ ନିଜ ରାଜନୀତିରେ ଧର୍ମକୁ ଏକ ପ୍ରଭାବଶାଳୀ ଅସ୍ତ୍ର ଭାବରେ ବ୍ୟବହାର କରୁଥିବାର ଅଭିଯୋଗ କିଛି ନୂଆ ନୁହେଁ।ତାଙ୍କ ଶାସନକାଳରେ ହ୍ୱାଇଟ୍ ହାଉସରେ 'ଫେଥ ଅଫିସ'ନାମରେ ଏକ ବିଶେଷ ବ୍ୟବସ୍ଥା ମଧ ଗଢ଼ାଯାଇଛି, ଯାହା ଧାର୍ମିକ ନେତାମାନଙ୍କ ସହ ସରକାରର ସମ୍ପର୍କକୁ ସୁଦୃଢ଼ କରିବାର ଲକ୍ଷ୍ୟ ରଖିଛି।ଏହି ପଦକ୍ଷେପର ପ୍ରଚ୍ଛଦପଟରେ ଗୋଟିଏ ସ୍ପଷ୍ଟ ରାଜନୈତିକ ଅଭିସନ୍ଧି ଅନୁଭୂତ ହୁଏ।ଆମେରିକାରେ'ଇଭେନଜେଲିଆ ଖ୍ରୀଷ୍ଟିଆନ'ସମ୍ପ୍ରଦାୟ ରାଜନୀତିରେ ଅତ୍ୟନ୍ତ ପ୍ରଭାବଶାଳୀ।ଏହି ଧାର୍ମିକଗୋଷ୍ଠୀ ଦୀର୍ଘଦିନ ଧରି ଟ୍ରମ୍ପଙ୍କୁ ସମର୍ଥନ କରିଆସୁଛି, ତେଣୁ ଧାର୍ମିକ ନେତାଙ୍କୁ ହ୍ୱାଇଟ୍ ହାଉସକୁ ଡାକି ପ୍ରାର୍ଥନା କରାଇବା କେବଳ ଆସ୍ଥାର ପ୍ରକାଶ ନୁହେଁବରଂ ଗୋଟିଏ ରାଜନୈତିକ ଚାଲ ଭାବରେ ଦେଖାଯାଇପାରେ ଏବଂ ତାହା ମାଧମରେ ଟ୍ରମ୍ପ ନିଜକୁ 'ଧର୍ମ ଓ ଦେଶର ସୁରକ୍ଷକ'ଭାବରେ ପ୍ରମାଣ କରିବାକୁ ଚେଷ୍ଟା କରିଛନ୍ତି, ଯାହାଫଳରେ ଆମେରିକାର ଧର୍ମନିରପେକ୍ଷ ରାଜନୀତି ଟ୍ରମ୍ପଙ୍କ ଯୁଗରେ ଧୀରେ ଧୀରେ ମଳିନ ପଡ଼ିଯାଇଛି।ଧାର୍ମିକ ନେତାଙ୍କ ହ୍ୱାଇଟ୍ ହାଉସରେ ପ୍ରାର୍ଥନା, ଧାର୍ମିକ ସ୍ୱାଧୀନତା କମିଶନ୍ ଗଠନ, ସହିତ ଧର୍ମକୁ ରାଜନୀତିକ ଆଲୋଚନାର ମୁଖ୍ୟ ଅଂଶ କରିବା ଆଦି ଗୋଟିଏ ନୂଆ ପ୍ରବୃତ୍ତିକୁ ସୂଚିତ କରୁଛି।ଏହାକୁ ନେଇ ଆମେରିକାରେ ଦୁଇ ପ୍ରକାର ମତ ଦେଖାଦେଇଛି, କିଛି ଲୋକଙ୍କ ମତ ଅନୁସାରେ ଏହା ଧାର୍ମିକ ଆସ୍ଥାପ୍ରତି ସମ୍ମାନହୋଇଥିବା ବେଳେ, ଅନ୍ୟମାନଙ୍କ ମତରେ ଏହା ଧର୍ମକୁ ରାଜନୀତିର ଉପକରଣ କରାଯାଇଛି।ପୃଥିବୀର ଅନେକ ନେତା ଧାର୍ମିକ ସ୍ଥାନକୁ ଯାଆନ୍ତି ଓ ଆଶୀର୍ବାଦ ନେଇଥାଆନ୍ତି, କିନ୍ତୁ ଯେତେବେଳେ ଏହା ରାଷ୍ଟ୍ରର ଶାସନ କେନ୍ଦ୍ରରେ ଗୋଟିଏ ପ୍ରତୀକାତ୍ମକ ଆୟୋଜନ ହୋଇଯାଏ, ସେତେବେଳେ ଏହା ଗୋଟିଏ ଭିନ୍ନ ରାଜନୀତିକ ସନ୍ଦେଶ ଆଣିଥାଏ, ଯାହା ଅନ୍ୟ ସମ୍ପ୍ରଦାୟଙ୍କୁ ଅସୁରକ୍ଷିତ ମନେହେବା ସହିତ ସମାଜରେ ବିଭେଦ, ଘୃଣା ତଥା ବିଶୃଙ୍ଖଳା ସୃଷ୍ଟିରେ ସହାୟକ ହୋଇଥାଏ ଏବଂ ପରମୁହୂର୍ତ୍ତରେ ରାଷ୍ଟ୍ରରୁ ଅନ୍ୟ ରାଷ୍ଟ୍ରକୁ ଏକ ଭୂତାଣୁ ରୂପରେ ସଂକ୍ରମିତ କରି ଯୁଦ୍ଧ ଓ ଅସ୍ଥିରତା ସୃଷ୍ଟିକରି ଜନଜୀବନ ପ୍ରତି ସର୍ବଦା ବିପଦ ସୃଷ୍ଟିକରେ।ଆମେରିକାର ଏହି ଘଟଣା ଆମକୁ ଏକ ମହତ୍ୱପୂର୍ଣ୍ଣ ଶିକ୍ଷା ଦେଉଛି, ଧର୍ମ ଓ ରାଜନୀତିର ସମ୍ପର୍କ ସବୁବେଳେ ସତର୍କତାର ସହିତ ବ୍ୟବସ୍ଥାପିତ ହେବା ଉଚିତ।କାରଣ ଧର୍ମ ମାନବକୁ ନୈତିକତା ଓ ମୂଲ୍ୟବୋଧ ଦେଇଥାଏ, କିନ୍ତୁ ଯଦି ଏହା ରାଜନୀତିର ଉପକରଣ ହୋଇଯାଏ, ତେବେ ସମାଜରେ ବିଭାଜନ ଓ ସଂଘର୍ଷ ମଧ ସୃଷ୍ଟି ହୋଇପାରେ।

ଇତିହାସକୁ ପର୍ଯ୍ୟାଲୋଚନା କଲେ ଆମେ ଦେଖିବା ଧର୍ମ ଓ ଶକ୍ତିର ସମ୍ପର୍କ ବହୁତ ପୁରୁଣା ଏବଂ ମଧଯୁଗରେ ମଧ ରାଜାମାନେ ଧର୍ମଗୁରୁଙ୍କ ଆଶୀର୍ବାଦକୁ ନିଜ ଶାସନର ନ୍ୟାୟସଙ୍ଗତ ଭାବେ ଦେଖୁଥିଲେ।ୟୁରୋପରେ ରାଜାମାନେ 'ଧର୍ମ ଗ୍ରହଣକୁ' ସେମାନଙ୍କ ଅଧିକାର ଭାବରେ ଅନୁସରଣ କରୁଥିଲେ, ଅର୍ଥାତ ରାଜା ଭଗବାନଙ୍କ ଇଚ୍ଛାରେ ଶାସନ କରନ୍ତି।ଆଜି ବିଶ୍ୱର ଅଧିକାଂଶ ରାଷ୍ଟ୍ରରେ ଲୋକତନ୍ତ୍ର ଥିଲେ ମଧ ଧର୍ମ ଓ ରାଜନୀତିର ଏହି ସମ୍ପର୍କ ପୂରାପୁରି ଶେଷ ହୋଇନାହିଁ।ଲୋକମାନଙ୍କ ଦ୍ୱାରା ଶାସନ କ୍ଷମତା ହାସଲ ପାଇଁ ବହୁମତର ଆବଶ୍ୟକତାକୁ ଆଜିକାଲିର ନେତାମାନେ ଅତି ଚତୁରତାର ସହିତ ଅନୁଧାନକରି ବହୁସଂଖ୍ୟକ ଲୋକମାନଙ୍କ ଧର୍ମକୁ ସେମାନଙ୍କ ରାଜନୈତିକ ବାରିସି ଭାବରେ ବ୍ୟବହାର କରନ୍ତି ଏବଂ ସେହି ବହୁସଂଖ୍ୟକମାନଙ୍କୁ ଆକର୍ଷିତ କରିବାପାଇଁ ଧର୍ମର ସାହାରାରେ ଶାସନ କ୍ଷମତା ହାସଲକରନ୍ତି।ଜନତାଙ୍କ ଦ୍ରାରିଦ୍ୟ, ଅଶିକ୍ଷା, ଅସ୍ୱାସ୍ଥ୍ୟକର ପରିବେଶ, କ୍ଷୁଧା ଆଦି ସମସ୍ୟା ସେମାନଙ୍କ ପାଖରେ ପ୍ରଥମିକତା ପାଇନଥାଏ।ରାଷ୍ଟ୍ରର ଶିକ୍ଷା ସ୍ୱାସ୍ଥ୍ୟ ଆଦି ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥାକୁ ଅସୁରକ୍ଷିତ କରି ଜନତାଙ୍କୁ ସବୁସମୟରେ ବିବ୍ରତ ଅବସ୍ଥାରେ ରଖିବାକୁ ସେମାନେ ପସନ୍ଦ କରନ୍ତି।ରାଷ୍ଟ୍ର ରାଷ୍ଟ୍ର, ବ୍ୟକ୍ତି ବ୍ୟକ୍ତି, ପରିବାର ପରିବାର, ରାଜ୍ୟ ରାଜ୍ୟ ଆଦି ମଧରେ ମଧରେ ବିଭେଦ ସୃଷ୍ଟିକରି ପ୍ରତ୍ୟକଙ୍କ ମଧରେ ବିବାଦକୁ ଜୀବିତ କରି ରଖନ୍ତି।ଦେଖାଯାଏ ଯେ ଧର୍ମ ଓ ରାଜନୀତିର ସମ୍ପର୍କ କେବଳ ଆମେରିକାର ସମସ୍ୟା ନୁହେଁ, ଏହା ବିଶ୍ୱ ଲୋକତନ୍ତ୍ରର ଏକ ସାଧାରଣ ପ୍ରବୃତ୍ତି ହୋଇଯାଇଛି, ଯାହା ଯୁଦ୍ଧ ଓ ବିଭୀଷିକାକୁ ସବୁସମୟରେ ଆକର୍ଷିତ କରିଆସୁଛି ଓ ଯେଉଁଥିରେ କେବଳ ଅଧିକ ମାତ୍ରାରେ ସାଧାରଣ ଜନତାଙ୍କ ବିନାଶ ଘଟିଆସୁଛି।ଆଧୁନିକ ରାଜନୀତି କେବଳ ନୀତି, ଅର୍ଥନୀତି କିମ୍ବା କୂଟନୀତିରେ ସୀମିତ ନାହିଁ, ଏହା ଭାବନା, ଆସ୍ଥା ଓ ସାଂସ୍କୃତିକ ପରିଚୟ ସହ ମଧ ଜଡିତ।ରାଜନୀତିକ ନେତାମାନେ ଜାଣନ୍ତି ଯେ ଧାର୍ମିକ ଆସ୍ଥା ଲୋକମାନଙ୍କ ମନରେ ଗଭୀର ପ୍ରଭାବ ପକାଏ ଏବଂ ସେଥିପାଇଁ ଧର୍ମକୁ ସେମାନଙ୍କ ରାଜନୀତିର ଛତାଭାବରେ ବ୍ୟବହାର କରନ୍ତି।

ନିର୍ବାଚନ ସମୟରେ ଓ ପରେ ରାଷ୍ଟ୍ରରଦାରିଦ୍ର୍ୟ, ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ମୂଳ ସମସ୍ୟାଗୁଡିକ ସେମାନଙ୍କ କାର୍ଯ୍ୟ ପରିସର ବାହାରେ ଥାଏ।ଆଧୁନିକ ଯୁଗରେ ସାମାଜିକ ଗଣମାଧମ ଏହି ଧ୍ରୁବୀକରଣକୁ ଅଧିକ ବିକଶିତ କରିଚାଲିଛି। ଭୁଲ ଖବର, କୁସ୍ତାରଚନାଓ ଭାବନାତ୍ମକ ସଂରଚନା ଆଦି ପ୍ରଚାର ମାଧମରେ ଧର୍ମୀୟ ଦ୍ୱେଷକୁ ଦ୍ରୁତ ଭାବରେ ପ୍ରସାରିତ କରାଯାଉଛି ଏବଂ ସମାଜରେ ଅସହିଷ୍ଣୁତାକୁ ବୃଦ୍ଧିକରାଯାଉଛି।ଧର୍ମ ମଣିଷର ଜୀବନର ଅଂଶ ଏବଂ ରାଜନୀତି ମଧ ସମାଜର ଅଂଶ।ତେଣୁ ସେହି ଦୁଇଟି ମଧରେ କିଛି ସମ୍ପର୍କ ରହିବା ସ୍ୱାଭାବିକ, କିନ୍ତୁ ଏହି ସମ୍ପର୍କ ଯଦି ନୈତିକ ମୂଲ୍ୟ ଓ ସାମାଜିକ ସମନ୍ୱୟର ଆଧାରିତ ହୁଏ, ତେବେ ଏହା ଉପକାରୀ ହୋଇପାରେ ମାତ୍ର ଏହା ଘୃଣା ଓ ବିଭେଦର ଆଧାରରେ ହେଲେ ଅଭିଶାପରେ ପରିଣତ ହୁଏ।ଆଜିର ଦୁନିଆରେ ଲୋକତନ୍ତ୍ରୀୟ ସମାଜ ପାଇଁ ସବୁଠାରୁ ବଡ଼ ଆହ୍ୱାନ ହେଉଛି, ଧର୍ମୀୟ ଆସ୍ଥାକୁ ସମ୍ମାନ କରି ରାଜନୀତିକୁ ଧ୍ରୁବୀକରଣରୁ ରକ୍ଷା କରିବା, ଯାହା ପାଇଁ ଶିକ୍ଷା, ସଚେତନତା ଓ ନୈତିକ ନେତୃତ୍ୱ ଆବଶ୍ୟକ।ହ୍ୱାଇଟ୍ ହାଉସରେ ପାଦ୍ରୀମାନଙ୍କ ଦ୍ୱାରାଟ୍ରମ୍ପଙ୍କୁ ଆଶୀର୍ବାଦଦେବା ଘଟଣା କେବଳ ଗୋଟିଏ ଧାର୍ମିକ ଆୟୋଜନ ନୁହେଁ, ଏହା ଆଧୁନିକ ରାଜନୀତିର ଏକ ମନ୍ଦ ପ୍ରତୀକ।ରାଜନୀତି ଧର୍ମ ଆଧାରରେ ବିଭକ୍ତ ହେଲେ ନାଗରିକତା ସ୍ଥାନରେ ଧର୍ମୀୟ ପରିଚୟକୁ ଅଗ୍ରାଧିକାର ମିଳେ ଏବଂ ଲୋକତନ୍ତ୍ର ଦୁର୍ବଳ ହୋଇ ରାଷ୍ଟ୍ର ତଥା ବିଶ୍ୱର ଆର୍ଥିକ ଓ ସାମାଜିକ ସମସ୍ୟାକୁ ଅଣଦେଖାକରେ।

**ମୋବାଇଲ୍:୯୪୩୭୧୨୩୮୯୨**

# ଭବିଷ୍ୟବାଣୀ ଓ ଜୀବନ କର୍ମ



ପଣ୍ଡିତ ସୋମନାଥ ଦାଶ

ଭବିଷ୍ୟତ୍‌ବାଣୀ କରିବା ନିମନ୍ତେ ଏକାଧିକ ପଦ୍ଧତି ବ୍ୟବହାର କରାଯାଏ। ତନ୍ମଧ୍ୟରୁ କେତେକ ଗ୍ରହ-ନକ୍ଷତ୍ରଙ୍କ ପ୍ରକୃତ ଚଳାଚଳ ଉପରେ ପର୍ଯ୍ୟବେସିତ; ପୁଣି କେତେକ ପ୍ରତୀକାତ୍ମକ। ଏହା ଭାଗ୍ୟ-ଭବିଷ୍ୟତ ଏବଂ ମୁକ୍ତ-ଇଚ୍ଛା ସହ ସମ୍ପର୍କିତ ଥିବାରୁ, ଫଳିତ ଜ୍ୟୋତିଷର ଏହି ଦିଗଟି ମଧ୍ୟ-ଯୁଗୀୟ ଗୀର୍ଜା ବ୍ୟବସ୍ଥାର କୋପଦୃଷ୍ଟିକୁ ଆସିଥିଲା। ଆଜି ପର୍ଯ୍ୟନ୍ତ ଖ୍ରୀଷ୍ଟଧର୍ମରେ ଏହା ଗ୍ରହଣୀୟ ନୁହେଁ। ପାରମ୍ପରିକ ଫଳିତ ଜ୍ୟୋତିଷରେ ମଣିଷର ବ୍ୟକ୍ତିଗତ ଜୀବନ ଆଧାରରେ ତା ସମ୍ପର୍କରେ ନିର୍ଦ୍ଦିଷ୍ଟ ସୂଚନା ଦିଆଯାଇଥାଏ। ମଣିଷ ଜୀବନ ଭଲ ଏବଂ ମନ୍ଦ ସମୟକୁ ବୈଜ୍ଞାନିକ ପ୍ରଣାଳୀରେ ଗଣନା କରିବା ଆଧୁନିକ ଫଳିତ ଜ୍ୟୋତିଷ। କୁହାଯାଏ ଗ୍ରହ-ନକ୍ଷତ୍ର ପ୍ରରୋଚିତ କରିଥାନ୍ତି; ବାଧ୍ୟ କରନ୍ତି ନାହିଁ। ଏହାର ଅର୍ଥ ସ୍ପଷ୍ଟ ଆମେ ନିଜର ଭାଗ୍ୟ-ଭବିଷ୍ୟତକୁ ନିଜର ଆଚାର ବ୍ୟବହାର କାର୍ଯ୍ୟକଳାପ ଦ୍ୱାରା ନିୟନ୍ତ୍ରିତ କରିପାରିବା। ସଚେତନ ଅବସ୍ଥାରେ ନିଜେ ନିଜ ଜୀବନକୁ ବଶ କରିପାରିବା। ଜୀବନରେ କିଛି ବି ଅବଶ୍ୟମ୍ଭାବୀ ନୁହେଁ। ଫଳିତ ଜ୍ୟୋତିଷ କେଉଁ ସ୍ତର ପର୍ଯ୍ୟନ୍ତ ଭବିଷ୍ୟତ୍‌ବାଣୀ କରିପାରିବ, ଏହାକୁ ନେଇ ପ୍ରାଚ୍ୟ ପାଶ୍ଚାତ୍ୟ ମଧ୍ୟରେ ଦ୍ୱିମତ ରହିଛି। ଯେପରିକି ମୃତ୍ୟୁର ତାରିଖ। ମୃତ୍ୟୁର ନିର୍ଦ୍ଦିଷ୍ଟ ତାରିଖ ଗଣନା କରିବା ପ୍ରାଚ୍ୟରେ ସଂଭବ; କିନ୍ତୁ ପାଶ୍ଚାତ୍ୟରେ ଏହା ଗ୍ରହଣୀୟ ନୁହେଁ। ଜୀବନ ହେଉଛି ଚେତନାର ସ୍ରୋତ। ଖଣ୍ଡିଏ ପଥରର ବି ଜୀବନ ରହିଛି। ବସ୍ତୁ ଭିତରେ ମଧ୍ୟ ଜୀବନ, ସକଳ ବସ୍ତୁରେ ଜୀବନ। ଜୀବନ ହେଉଛି ଅପବିତ୍ର ଠାରୁ ପବିତ୍ରତା ପଥରେ, ମୃତ୍ୟୁରୁ ଅମରତ୍ୱ ପଥରେ। ବନ୍ଧନରୁ ପରମ ମୁକ୍ତିର ପଥରେ, ଯନ୍ତ୍ରଣାରୁ ପରମ ସୁଖର ପଥରେ ଏକ ଜୟଯାତ୍ରା। ଭଗବାନ ନିଜର ସନ୍ତାନ ମାନଙ୍କୁ ଭଗବତ ରୂପରେ ବିବର୍ତ୍ତିତ ହେବା ଲାଗି ଯେଉଁ ଦିବ୍ୟ ସୁଯୋଗ ପ୍ରଦାନ କରିଛନ୍ତି ଜୀବନ ହେଉଛି ସେହି ପରମ ସୁଯୋଗର ଅନ୍ୟ ଏକ ନାମ। ଜୀବନ ଅତିବାହିତ କରୁଥିବା ସମୟରେ ଅନେକଙ୍କ ଭିତରେ ଆଗତ, ଭବିଷ୍ୟତ ଜାଣିବା ପାଇଁ ଆଗ୍ରହୀ ହେବା ସ୍ୱାଭାବିକ। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି କର୍ମ। ସତ୍ କର୍ମରେ ନିଜକୁ ନିୟୋଜିତ ରଖନ୍ତୁ। ସମସ୍ତ କାର୍ଯ୍ୟ କର୍ମର ଅନ୍ତର୍ଗତ। କିନ୍ତୁ କର୍ମ ହେଉଛି ଅତୀତ ଓ ବର୍ତ୍ତମାନ ଉଭୟ ଜୀବନର ସମସ୍ତ କାର୍ଯ୍ୟର ସମଷ୍ଟି। ଚିନ୍ତାନୁରୂପକ କର୍ମ ବିଚାର ହିଁ ଚରିତ୍ର ନିର୍ମାଣ କରେ। ମନୁଷ୍ୟ ଉପରେ କୃତ କର୍ମର ପ୍ରଭାବ ପଡ଼େ, ଛୋଟ ବଡ଼ ଆଦି ବିଭିନ୍ନ କର୍ମର ପ୍ରଭାବ ଏକତ୍ରିତ ହୋଇ ଜଣଙ୍କର ପ୍ରବଣତା ସୃଷ୍ଟି କରନ୍ତି ଯାହା ଚରିତ୍ରରେ ପରିଣତ ହୁଏ। କର୍ମ ହେଉଛି ତିନି ପ୍ରକାର, ସତ୍, ଅସତ୍, ମିଶ୍ରିତ। ମଙ୍ଗଳ ଓ ଅମଙ୍ଗଳକୁ ନେଇ ଏ ଜଗତରେ ଯେଉଁ ସମସ୍ୟା ସବୁ ରହିଛି ଏକମାତ୍ର କର୍ମବାଦ ହିଁ ସେହି ସମସ୍ୟାର ସମାଧାନ କରିପାରେ। ମଣିଷ ପଣିଆକୁ ଆଗରେ ରଖି ସର୍ବତ୍ର ଈଶ୍ୱର ଉପଲବ୍ଧି କରିବା ସହ ନିଜକୁ ସତ୍ କର୍ମରେ ନିୟୋଜିତ ରଖିଲେ ଯେ କେହି ବି କର୍ମ ବନ୍ଧନରୁ ମୁକ୍ତ ହୋଇଯିବେ।

**କର୍ମକାଣ୍ଡ ବିଶାରଦ ଓ ଜ୍ୟୋତିଷ ପରାମର୍ଶଦାତା, 'ମା ଶାରଳା ଆଷ୍ଟ୍ରୋ ପଏଣ୍ଟ' ସେକ୍ଟର-୭, ସିଡିଏ, କଟକ,**
**ମୋବାଇଲ୍: ୭୦୦୮୦୦୦୮୯୮**

# ଆସନ୍ନ ବିପଦ ପାଇଁ ପ୍ରସ୍ତୁତ ରୁହ: ପ୍ରଧାନମନ୍ତ୍ରୀ

## ସଂକଟ ବେଳେ ଏକଜୁଟ ହେଇ କାମ କରିବାକୁ ଆହ୍ୱାନ

ନୂଆଦିଲ୍ଲୀ, ୨୪।୩: ପଶ୍ଚିମ ଏସିଆରେ ଯୁଦ୍ଧବିଶ୍ୱ ଅର୍ଥନୀତିକୁ ଦୋହଲାଇ ଦେବ ଏବଂ ଏଥିରୁ ଉପରକୁ ଉଠିବାକୁ ଅନେକ ସମୟ ଲାଗିଯିବ। ଯଦି ଯୁଦ୍ଧ ଦୀର୍ଘଦିନ ଧରି ଲାଗି ରହିଲା ତେବେ ସାରା ବିଶ୍ୱକୁ ଏହାର ଗମ୍ଭୀର ପରିଣତି ଭୋଗିବାକୁ ପଡ଼ିବ ବୋଲି ରାଜ୍ୟସଭାରେ ସମ୍ବୋଧନ କରି ସାରା ବିଶ୍ୱକୁ ଚେତାବନୀ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଯୁଦ୍ଧକୁ ବର୍ତ୍ତମାନ ୩ ସପ୍ତାହରୁ ଅଧିକ ସମୟ ବିତିଗଲାଣି। ଏଥିପାଇଁ ବଡ଼ ଶକ୍ତି ସଂକଟ ଉପୁଜିଛି, ବାଣିଜ୍ୟର ମୁଖ୍ୟରାସ୍ତ ବନ୍ଦ ରହିଛି ବୋଲି ମୋଦୀ କହିଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ଯୁଦ୍ଧ ବିଶ୍ୱରେ ଏକ ଗମ୍ଭୀର ଇନ୍ଧନ ସମସ୍ୟା ସୃଷ୍ଟି କରିଛି। ଭାରତ ପାଇଁ ମଧ୍ୟ ଏହି ପରିସ୍ଥିତି ଚିନ୍ତାଜନକ। ଯୁଦ୍ଧ ଆମର ବାଣିଜ୍ୟ ମାର୍ଗଗୁଡ଼ିକୁ ପ୍ରଭାବିତ କରିଛି। ଏହାସହିତ, ପେଟ୍ରୋଲ, ଡିଜେଲ, ଗ୍ୟାସ ଏବଂ ସାରର ନିୟମିତ ଯୋଗାଣ ପ୍ରଭାବିତ ହୋଇଛି। ତେବେ ସରକାର ଦ୍ରୁତ ଗତିରେ ବଦଳୁଥିବା ପରିସ୍ଥିତି ଉପରେ ନଜର ରଖିଛନ୍ତି। ଭାରତ ଉପରେ ଏହାର ପ୍ରଭାବକୁ ସୀମିତ କରିବା ପାଇଁ ନିରନ୍ତର ପଦକ୍ଷେପ ନିଆଯାଉଛି ବୋଲି ପ୍ରଧାନମନ୍ତ୍ରୀ ମୋଦୀ ଆଶ୍ୱାସନା ଦେଇଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଆମ ଅର୍ଥନୀତିର ମୌଳିକତା ଦୃଢ଼ ରହିଛି। ସରକାର ପ୍ରତ୍ୟେକ ପରିବର୍ତ୍ତିତ ପରିସ୍ଥିତି ଉପରେ ନଜର ରଖିଛନ୍ତି ଏବଂ ସମ୍ପୂର୍ଣ୍ଣ ଗମ୍ଭୀରତାର ସହିତ ନିଷ୍ପତ୍ତି ନେଉଛନ୍ତି। ଏହା ଏକ ଭିନ୍ନ ପ୍ରକାରର ସଙ୍କଟ, ତେଣୁ ଏହାର ସମାଧାନ ମଧ୍ୟ ଭିନ୍ନ ଭାବରେ ବାହାର



କରାଯାଉଛି। ଆମକୁ ଧର୍ଯ୍ୟ, ସଂଯମ ଏବଂ ଶାନ୍ତ ମନରେ ପ୍ରତ୍ୟେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡିବ। ରାଜ୍ୟସଭା ଭାଷଣରେ ଷ୍ଟ୍ରେଟ୍ ଅଫ୍ ହର୍ମୁଜରେ ବାଧା ସୃଷ୍ଟି ହେବା ଏକ ପ୍ରମୁଖ ଚିନ୍ତାର ବିଷୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। କାରଣ ଅନେକ ବିଶ୍ୱସ୍ତରୀୟ ଜାହାଜ ଫସି ରହିଛନ୍ତି ଏବଂ ଏଥିରେ ବହୁ ସଂଖ୍ୟାରେ ଭାରତୀୟ କ୍ରୁ ସଦସ୍ୟ ଅଛନ୍ତି। ତେଣୁ କିଭଳି ଏହି ଟ୍ୟାଙ୍କରଗୁଡ଼ିକ ସୁରକ୍ଷିତ ବାହାରି ପାରିବ ସେ ନେଇ କୂଟନୈତିକ ସ୍ତରରେ ଉଦ୍ୟମ ଜାରି ରହିଛି। ଏବଂ ଯୁଦ୍ଧ ବନ୍ଦ କରିବା ନେଇ ମଧ୍ୟ କୂଟନୀତି ସ୍ତରରେ ପ୍ରୟାସ ହେଉଛି। ଯୁଦ୍ଧ ବନ୍ଦ କରି ହରମୁଜ ଜଳପଥ ଖୋଲିବା ଆମର ଲକ୍ଷ୍ୟ ବୋଲି ମୋଦୀ କହିଛନ୍ତି। ୟୁଏଇ, କତାର ଆଦି ଉପସାଗରୀୟ ଦେଶଗୁଡ଼ିକରେ ପ୍ରାୟ ଏକ କୋଟି ଭାରତୀୟ ବସବାସ କରୁଛନ୍ତି ଏବଂ କାମ କରୁଛନ୍ତି। ସେମାନଙ୍କ ସୁରକ୍ଷା ଏକ ପ୍ରମୁଖ ଚିନ୍ତାର ବିଷୟ ପାଲଟିଛି। ମୋଦୀ କହିଛନ୍ତି ବର୍ତ୍ତମାନର ସଂକଟ ସମୟରେ ଦେଶରେ ଓ ଦେଶ ବାହାରେ ଥିବା ଭାରତୀୟଙ୍କ ସୁରକ୍ଷା ଆମର ସର୍ବୋଚ୍ଚ ପ୍ରାଥମିକତା। ଯୁଦ୍ଧ ଆରମ୍ଭ ହେବା ପରଠାରୁ ୩,୭୫,୦୦୦ ଭାରତୀୟ ସୁରକ୍ଷିତ ଭାବରେ ଫେରି ଆସିଛନ୍ତି। ଏଥିରୁ ଇରାନରୁ ୧୦୦୦ ଭାରତକୁ ଫେରି ଆସିଛନ୍ତି। ସେଥିରୁ ୭୦୦ କେବଳ ମେଡିକାଲ ଛାତ୍ରଛାତ୍ରୀ।

ମୋଦୀ କହିଛନ୍ତି ଯେ ଭାରତ ଏକ ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ପ୍ରୟାସ ଜାରି ରଖିଛି। ଏଥିପାଇଁ ଆମେ ଇରାନ, ଇସ୍ରାଏଲ ଏବଂ ଆମେରିକା ସମେତ ଏହି କ୍ଷେତ୍ରର ଦେଶଗୁଡ଼ିକ ସହିତ ନିରନ୍ତର ଯୋଗାଯୋଗରେ ଅଛୁ। ଏହି ଯୁଦ୍ଧରେ ମାନବ ଜୀବନ ପ୍ରତି କୌଣସି ବିପଦ ମାନବତାର ହିତରେ ନୁହେଁ। ଭାରତ ସମସ୍ତ ପକ୍ଷକୁ ଏକ ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଉତ୍ସାହିତ କରିବା ପାଇଁ ନିରନ୍ତର ପ୍ରୟାସ କରୁଛି। ଏହି ସପ୍ତାହଗୁଡ଼ିକ ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦୀ ନିଜେ ଏକାଧିକ ବିଶ୍ୱ ନେତାଙ୍କ ସହ ଆଲୋଚନା କରିଛନ୍ତି ବୋଲି କହିଛନ୍ତି।

## ରାଜନୈତିକ ଡିଲ ଚାହୁଁଛନ୍ତି ଟ୍ରମ୍ପ

### ଇରାନ ମାନି ନପାରେ ନୂଆ ସର୍ତ୍ତ



ନୂଆଦିଲ୍ଲୀ, ୨୪।୩: ମଧ୍ୟପ୍ରାଚ୍ୟରେ ଉତ୍ତେଜନା ରୋକିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ସହ ଏକ କୂଟନୈତିକ ଚୁକ୍ତି କରିବାକୁ ଚାହୁଁଛନ୍ତି। ଏନେଇ ତିନି ବରିଷ୍ଠ ଇସ୍ରାଏଲୀ ଅଧିକାରୀଙ୍କ ନିଜ ନାଁ ଗୋପନ ରଖି ନ୍ୟୁଜ ଏଜେନ୍ସି ରୟଟର୍ସକୁ ସୂଚନା ଦେଇଛନ୍ତି। ତେବେ ଏହି ଚୁକ୍ତିର ସଫଳତା ନେଇ ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। କାରଣ ତେହେରାନ କୌଣସି ନୂଆ ଆଲୋଚନାରେ ଆମେରିକାର ପ୍ରମୁଖ ସର୍ତ୍ତଗୁଡ଼ିକୁ ଗ୍ରହଣ କରିବା ସମ୍ଭାବନା କମ ରହିଛି ବୋଲି ସେମାନେ କହିଛନ୍ତି।

ଫେବ୍ରୁଆରୀ ୨୮ ତାରିଖରେ ଆମେରିକା ଓ ତେହେରାନ ମଧ୍ୟରେ ଆଲୋଚନା ବିଫଳ ହେବା ପରେ ଏହା ଭୟଙ୍କର ଯୁଦ୍ଧରେ ପରିଣତ ହୋଇଥିଲା। ଯାହାର ପରିଣାମ ସ୍ୱରୂପ ଇରାନରେ ୧୫୦୦ ଲୋକଙ୍କର ମୃତ୍ୟୁ ହେବା ସହ ପୂରା ବିଶ୍ୱ ବର୍ତ୍ତମାନ ଶକ୍ତି ସଂକଟର ସାମ୍ନା କରୁଛି। ଆମେରିକା ଚାହୁଁଛି ଇରାନ ପରମାଣୁ ଶକ୍ତିକୁ ସମୃଦ୍ଧ ନକରୁ ଓ ବାଲିଷ୍ଟିକ ମିସାଇଲର ପରିସରକୁ ନବଢାଉ। ହେଲେ ଇରାନ ନିଜର ସାମର୍ଥ୍ୟ ସହ ସାଲିସ କରିବାକୁ ଆଦୌ ଚାହୁଁନାହିଁ। ଯାହା ବର୍ତ୍ତମାନ ସଂଘର୍ଷର କାରଣ ପାଲଟିଛି।

ପଶ୍ଚିମ ଏସିଆରେ ଯୁଦ୍ଧ ଲାଗି ରହିଥିବା ବେଳେ ସୋମବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ସହ ଚୁକ୍ତି ସମ୍ଭାବନା ନେଇ ଘୋଷଣା କରିଥିଲେ। ସେ କହିଥିଲେ ଯେ ମଧ୍ୟପ୍ରାଚ୍ୟରେ ଶତ୍ରୁତାର ସମ୍ପୂର୍ଣ୍ଣ ଶେଷ ଓ ସମାଧାନ କରିବା ଦିଗରେ ଆମେରିକା ଓ ଇରାନ ମଧ୍ୟରେ ଭଲ ଓ ଫଳପ୍ରଦ ଆଲୋଚନା ହୋଇଛି। ଟ୍ରମ୍ପଙ୍କ ଏହି ଘୋଷଣା ପରେ ତୁରନ୍ତ ଇରାନ ଏହି ଦାବିକୁ ପ୍ରତ୍ୟାଖ୍ୟାନ କରିଥିଲା। ୟୁଏସ୍ ସହ ଏପରି କୌଣସି ଆଲୋଚନା ହୋଇ ନାହିଁ ବୋଲି ଇରାନ କହିଥିଲା। ତେଣୁ ଏଥିରେ ଦୁଇ ଦେଶ ମଧ୍ୟରେ ଗଭୀର ଅବିଶ୍ୱାସ ଥିବା ସ୍ପଷ୍ଟ ହୋଇଛି। ତେଣୁ କୂଟନୈତିକ ସଫଳତାକୁ ନେଇ ଅନିଶ୍ଚିତତା ଲାଗି ରହିଛି। ସବୁଠାରୁ ବଡ଼ କଥା ହେଲା ଟ୍ରମ୍ପ ସୋମବାର ଠାରୁ ଇରାନ ଉପରେ ଆକ୍ରମଣକୁ ୫ ଦିନ ପାଇଁ ସ୍ଥଗିତ ରଖିଛନ୍ତି। ଯୁଦ୍ଧ ଆରମ୍ଭ ହେବା ପରଠାରୁ ଇରାନ ଏବଂ ପଡ଼ୋଶୀ ଉପସାଗରୀୟ ରାଷ୍ଟ୍ରଗୁଡ଼ିକରେ ପ୍ରମୁଖ ଭିତ୍ତିଭୂମି ଉପରେ ଆକ୍ରମଣ ଯୋଗୁ ତୈଳ ମୂଲ୍ୟ ପ୍ରାୟ ୫୦ ପ୍ରତିଶତ ବୃଦ୍ଧି ପାଇଛି। ଯାହା ବିଶ୍ୱ ଅର୍ଥନୀତିକୁ ଆଘାତ ଦେଇଛି। ଏହି ଯୁଦ୍ଧ ଯୋଗୁ ବିଭିନ୍ନ ଦେଶରେ ୨୦୦୦ ରୁ ଅଧିକ ଲୋକଙ୍କ ଜୀବନ ଗଲାଣି। ଯେଉଁଥିରେ ସର୍ବାଧିକ ମୃତାହତ ଇରାନ ଏବଂ ଲେବାନନରେ ହୋଇଥିବା ରିପୋର୍ଟ କରାଯାଇଛି।

ଟ୍ରମ୍ପଙ୍କ ଯୁଦ୍ଧର ପ୍ରଥମ ପ୍ରଭାବ

## ପ୍ରଧାନମନ୍ତ୍ରୀଙ୍କୁ ବିରୋଧ କରୁଛନ୍ତି ଇଟାଲୀବାସୀ



କ୍ଷମତାଚ୍ୟୁତ ହେବା ଆଶଙ୍କା ଘନେଇଲା

ନ୍ୟୁୟର୍କ, ୨୪।୩: ଡୋନାଲ୍ଡ ଟ୍ରମ୍ପଙ୍କ ଇରାନ ଯୁଦ୍ଧର ପ୍ରଥମ ପ୍ରଭାବ ଇଟାଲୀ ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନିଙ୍କ ଉପରେ ପଡ଼ିଛି। ଇଟାଲୀରେ ନ୍ୟାୟିକ ସଂସ୍କାର ଉପରେ ହୋଇଥିବା ଜନମତ ସଂଗ୍ରହରେ ମେଲୋନି ଏକ ବଡ଼ ପରାଜୟ ବରଣ କରିଛନ୍ତି। ୨୦୨୨ ପରେ ପ୍ରଥମ ଥର ପାଇଁ ମେଲୋନିଙ୍କୁ ନିର୍ବାଚନରେ ପରାଜୟ ବରଣ କରିବାକୁ ପଡିଛି। ଯଦି ଭୋଟରଙ୍କ ଭାବନା ଏଭଳିରୁହେ, ତେବେ ସେ ନିକଟ ଭବିଷ୍ୟତରେ ତାଙ୍କ ପଦବୀ ହରାଇ କ୍ଷମତାଚ୍ୟୁତ ହୋଇପାରନ୍ତି। ଇଟାଲୀରେ ଆସନ୍ତା ବର୍ଷ ପ୍ରଧାନମନ୍ତ୍ରୀ ପଦ ପାଇଁ ସାଧାରଣ ନିର୍ବାଚନ ହେବାକୁ ଯାଉଛି ।

ସ୍ଥାନୀୟ ଗଣମାଧ୍ୟମ ଅନୁଯାୟୀ, ନ୍ୟାୟିକ ସଂସ୍କାର ଉପରେ ହୋଇଥିବା ଜନମତ ସଂଗ୍ରହରେ ୫୪ ପ୍ରତିଶତ ଲୋକ ମେଲୋନି ସରକାରଙ୍କ ବିରୋଧରେ ଭୋଟ ଦେଇଛନ୍ତି। ଏହାର ଅର୍ଥ ହେଉଛି ପ୍ରଧାନମନ୍ତ୍ରୀ ମେଲୋନି ଆଉ ଇଟାଲୀୟ ନ୍ୟାୟପାଳିକାରେ ଅଧିକ ହସ୍ତକ୍ଷେପ କରିପାରିବେ ନାହିଁ । ୟୁଗୋଭ ନାମକ ଏକ ସର୍ଭେ ସଂସ୍ଥା ଜନମତ ସଂଗ୍ରହ ପୂର୍ବରୁ ଏକ ସର୍ଭେ କରିଥିଲା। ଏହି ସର୍ଭେ ଅନୁଯାୟୀ, ୭୭ ପ୍ରତିଶତ ଇଟାଲୀୟ ଲୋକ ମେଲୋନି ସରକାରଙ୍କ କାର୍ଯ୍ୟଦକ୍ଷତାରେ ଅସନ୍ତୋଷ ପ୍ରକାଶ କରିଥିଲେ। ଯୁଦ୍ଧ ଯୋଗୁଁ ଶକ୍ତି ମୂଲ୍ୟରେ ହଠାତ୍ ବୃଦ୍ଧି ପାଇବା ମୁଖ୍ୟ ଜନ ଚିନ୍ତାର ବିଷୟ ଥିଲା। ଇଟାଲୀୟମାନେ କହିଛନ୍ତି, ସେମାନେ ୟୁରୋପରେ ବିଦ୍ୟୁତ୍ ପାଇଁ ସର୍ବାଧିକ ମୂଲ୍ୟ ଦେଉଛନ୍ତି। ଯୁଦ୍ଧ ପରିସ୍ଥିତିକୁ ଆହୁରି ଖରାପ କରିପାରେ। ଯାହା ଏବେ ସତ୍ୟରେ ପରିଣତ ହୋଇଛି ।

ପଲିଟିକୋ ଅନୁଯାୟୀ, ୨୦୨୪ ପରେ ମେଲୋନି ନିଜକୁ ଟ୍ରମ୍ପଙ୍କ ନିକଟତର ଭାବରେ ଚିତ୍ରଣ କରିବାକୁ ଚେଷ୍ଟା କରିଥିଲେ। ଅନେକ ସମୟରେ, ଯେତେବେଳେ ୟୁରୋପୀୟ ନେତାମାନେ ଟ୍ରମ୍ପଙ୍କ ବିରୋଧରେ ଥିଲେ, ମେଲୋନି ଖୋଲାଖୋଲି ଭାବରେ ଟ୍ରମ୍ପଙ୍କୁ ସମର୍ଥନ କରିଥିଲେ। ଜନମତ ସଂଗ୍ରହ ପୂର୍ବରୁ, ସାଧାରଣ ନାଗରିକମାନେ ନିଶ୍ଚିତ ହୋଇଯାଇଥିଲେ ଯେ ସେମାନଙ୍କୁ ମଧ୍ୟ ଯୁଦ୍ଧକୁ ଟାଣି ନିଆଯାଇପାରେ। ମେଲୋନି ଏହି ଧାରଣାକୁ ଦୂର କରିବାରେ ବିଫଳ ହୋଇଥିଲେ। ଇଟାଲୀୟ ସଂସଦରେ ଇରାନର ମିନାବ ସ୍କୁଲ ଉପରେ ଆକ୍ରମଣକୁ ମେଲୋନି ନିନ୍ଦା କରିଥିଲେ, କିନ୍ତୁ ସେ ଟ୍ରମ୍ପଙ୍କ ବିରୋଧରେ କହିବାରେ ବିଫଳ ହୋଇଥିଲେ। ଇଟାଲୀୟ ବିରୋଧୀ ନେତାମାନେ ଏହି ପ୍ରସଙ୍ଗକୁ ପୁଞ୍ଜି କରିଥିଲେ। ମେଲୋନିଙ୍କୁ ବିରୋଧ କରୁଥିବା ଇଟାଲୀୟ ବାମପନ୍ଥୀ ଦଳ ନ୍ୟାୟିକ ସଂସ୍କାର ଉପରେ ଜନମତକୁ ଏକଛତ୍ରବାଦ ସହିତ ସମାନ କରିଥିଲା। ୟୁରୋମିଡିଆ ଅନୁଯାୟୀ, ୫୮ ପ୍ରତିଶତ ଇଟାଲୀୟ ନାଗରିକ ମଧ୍ୟପ୍ରାଚ୍ୟରୁ ଇଟାଲୀୟ ସୈନ୍ୟ ପ୍ରତ୍ୟାହାର କରିବାକୁ ଚାହୁଁଛନ୍ତି। ତେବେ ମେଲୋନି ୱାଶିଂଟନ୍ ତଥା ଇସ୍ରାଏଲଠାରୁ ଦୂରତା ବଜାୟ ରଖୁ ନାହାନ୍ତି କିମ୍ବା ଇଟାଲୀୟ ସୈନ୍ୟଙ୍କୁ ପ୍ରତ୍ୟାହାର କରୁ ନାହାନ୍ତି।

ଇରାନରେ 'ଶାସନ ପରିବର୍ତ୍ତନ'ର ସଙ୍କେତ !

## ସମ୍ଭାବ୍ୟ ନେତା ଭାବେ ଗାଲିବାଫଙ୍କୁ ଦେଖୁଛି ଆମେରିକା



ତେହେରାନ, ୨୪।୩: ଟ୍ରମ୍ପ ପ୍ରଶାସନ ଇରାନ ସଂସଦର ବାଚସ୍ପତି ମହମ୍ମଦ ବାଘେର ଗାଲିବାଫଙ୍କୁ ଜଣେ କାର୍ଯ୍ୟକ୍ଷମ ଅଂଶୀଦାର ତଥା ଭବିଷ୍ୟତର ନେତା ଭାବରେ ବିଚାର କରୁଥିବା ଜଣାପଡ଼ିଛି । ଏକ ରିପୋର୍ଟ ଆଧାରରେ, ହ୍ୱାଇଟ୍ ହାଉସ୍ ଗାଲିବାଫଙ୍କୁ ଏକ 'ହଟ୍ ଅପ୍ସନ' ବୋଲି କହିବା ସହ ତାଙ୍କ ମାଧ୍ୟମରେ ଯୁଦ୍ଧର ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ଆଲୋଚନା କରିବାକୁ ଯୋଜନା କରୁଛି। ଏହି ସମୟରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ଉପରେ ହେବାକୁ ଥିବା ଆକ୍ରମଣକୁ ପାଞ୍ଚ ଦିନ ପାଇଁ ସ୍ଥଗିତ ରଖିବା ସହ ଇରାନରେ ଶାସନ ପରିବର୍ତ୍ତନ ଆରମ୍ଭ ହୋଇଥିବା ଦାବି କରିଛନ୍ତି। ତେବେ ଗାଲିବାଫ ଏହି ଖବରକୁ 'ଫେକ୍ ନ୍ୟୁଜ୍' ବୋଲି କହିବା ସହ ଆମେରିକା ସହ କୌଣସି ପ୍ରକାର ଆଲୋଚନାକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି ।

ରାଷ୍ଟ୍ରପତି ଟ୍ରମ୍ପ ସୋମବାର ଘୋଷଣା କରିଥିଲେ ଯେ, ଇରାନର ପ୍ରତିନିଧିଙ୍କ ସହ ଗଠନମୂଳକ ଆଲୋଚନା ହେବା ପରେ ସେ ସାମରିକ କାର୍ଯ୍ୟାନୁଷ୍ଠାନକୁ ସାମୟିକ ଭାବେ ରୋକିଛନ୍ତି। ଆମେରିକାର ଲକ୍ଷ୍ୟ ହେଉଛି ଇରାନରେ ଏପରି ଜଣେ ନେତାଙ୍କୁ ସ୍ଥାପିତ କରିବା, ଯିଏ ଭେନେଜୁଏଲାର ଡେଲସି ରୋଡ୍ରିଗୁଏଜଙ୍କ ଭଳି ଆମେରିକା ସହ ମିଳିତ ଭାବେ କାର୍ଯ୍ୟ କରିବେ ଏବଂ ତୈଳ ବାଣିଜ୍ୟରେ ସହାୟତା କରିବେ। ଅନ୍ୟପଟେ, ଇରାନର ବାଚସ୍ପତି ଗାଲିବାଫ ଓ ସୁପ୍ରିମ ଲିଡରଙ୍କ ସାମରିକ ପରାମର୍ଶଦାତା ମୋହସେନ ରେଜାଇ ଏହାକୁ ଆମେରିକାର ଏକ ଚାଲ୍ ବୋଲି କହିଛନ୍ତି। ଇରାନ ପକ୍ଷରୁ କୁହାଯାଇଛି ଯେ, ଯେପର୍ଯ୍ୟନ୍ତ ଯୁଦ୍ଧରେ ହୋଇଥିବା କ୍ଷତିର ଭରଣା ହୋଇନାହିଁ, ସେପର୍ଯ୍ୟନ୍ତ ସଂଘର୍ଷ ଜାରି ରହିବ। ଉଭୟ ପକ୍ଷର ବିରୋଧାଭାଷୀ ମନ୍ତବ୍ୟ ଯୋଗୁଁ ଆଗାମୀ ଦିନରେ ଆଲୋଚନା ହେବ କି ନାହିଁ, ସେ ନେଇ ଦ୍ୱନ୍ଦ୍ୱ ଜାରି ରହିଛି।

ଭାରତୀୟ ସେନାରେ ପିନାକର ଅଷ୍ଟମ ରେଜିମେଣ୍ଟ

## ୪୪ ସେକେଣ୍ଡରେ ୭୨ ରକେଟ୍ ମାଡ଼ କ୍ଷମତା

ନୂଆଦିଲ୍ଲୀ, ୨୪।୩: ଭାରତୀୟ ସେନାର ଆର୍ଟିଲାରୀ ବିଭାଗରେ ଏବେ ଏକ ବଡ଼ ସମ୍ପ୍ରସାରଣ ହେବାକୁ ଯାଉଛି। ପ୍ରତିରକ୍ଷା ଗବେଷଣା ଏବଂ ଉନ୍ନୟନ ସଂଗଠନ ଡିଆରଡିଓ ଦ୍ୱାରା ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ 'ପିନାକ' ମଲ୍ଟି-ବ୍ୟାରେଲ୍ ରକେଟ ଲଞ୍ଚର ସିଷ୍ଟମ ଏବେ ଶତ୍ରୁମାନଙ୍କ ପାଇଁ ଏକ ବଡ଼ ବିପଦ ସାଜିବାକୁ ଯାଉଛି। ଭାରତୀୟ ସେନାରେ ସପ୍ତମ ପିନାକ ରେଜିମେଣ୍ଟ ସାମିଲ ହୋଇସାରିଥିବା ବେଳେ ଅଷ୍ଟମ ରେଜିମେଣ୍ଟ ଖୁବଶୀଘ୍ର ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଛି। ଏହା ଭାରତର ବଢୁଥିବା ସାମରିକ ଶକ୍ତିର ଏକ ସ୍ପଷ୍ଟ ବାର୍ତ୍ତା ଦେଉଛି।



ଭଗବାନ ଶିବଙ୍କ ପୌରାଣିକ ଧନୁ 'ପିନାକ' ନାମରେ ନାମିତ ଏହି ସିଷ୍ଟମ୍ ଏବେ ସ୍ପିଡ୍, ଫାୟାରପାୱାର୍ ଏବଂ ସ୍ୱଦେଶୀ ଇଞ୍ଜିନିୟରିଂର ଏକ ଅଦ୍ଭୁତ ସମାହାର ପାଲଟିଛି। ଗୋଟିଏ ପିନାକ ରେଜିମେଣ୍ଟ ବିଶାଳ ବିନାଶକାରୀ କ୍ଷମତା ରଖିଥାଏ। ଏହାର ଗୋଟିଏ ବ୍ୟାଟେରୀ ମାତ୍ର କିଛି ସେକେଣ୍ଡ (ପ୍ରାୟ ୪୪ ସେକେଣ୍ଡରୁ ୧ ମିନିଟ୍) ମଧ୍ୟରେ ୭୨ଟି ରକେଟ୍ ଫାୟାର୍ କରିପାରିବ। ଶତ୍ରୁପକ୍ଷ କିଛି ବୁଝିବା କିମ୍ବା ପାଲଟା ଜବାବ ଦେବା ଆଗରୁ ଏହା ସେମାନଙ୍କର ସାମରିକ ଘାଟି, ସୈନ୍ୟ ଏକତ୍ରିତ ଥିବା ସ୍ଥାନ ଏବଂ ଯୋଗାଣ କେନ୍ଦ୍ରଗୁଡ଼ିକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦେବାର କ୍ଷମତା ରଖେ। ଟାଟା ମୋଟର୍ସ ଏବଂ ବିଇଏମଏଲ୍ ଦ୍ୱାରା ନିର୍ମିତ ହାଇ-ସ୍ପିଡ୍ ଯାନ ଉପରେ ଏହି ଲଞ୍ଚର ଗୁଡ଼ିକୁ ଖଞ୍ଜାଯାଇଛି। ଏଗୁଡ଼ିକ 'ସୁଟ୍ ଆଣ୍ଡ ସ୍କୁଟ୍' ଅର୍ଥାତ୍ ଫାୟାର୍ କରି ସଙ୍ଗେ ସଙ୍ଗେ ସେହି ସ୍ଥାନରୁ ଖସିଯିବା ପାଇଁ ଡିଜାଇନ୍ କରାଯାଇଛି। ଫଳରେ ଶତ୍ରୁପକ୍ଷର ପାଲଟା ଆକ୍ରମଣର ଭୟ ଆଦୌ ନଥାଏ। ମରୁଭୂମି ଠାରୁ ଆରମ୍ଭ କରି ପାର୍ବତ୍ୟାଞ୍ଚଳ ପର୍ଯ୍ୟନ୍ତ ଯେକୌଣସି ଦୁର୍ଗମ ସ୍ଥାନରେ ଏହା ସହଜରେ ପହଞ୍ଚିପାରିବ ଏବଂ ନିଜର ଆକ୍ରମଣ ଜାରି ରଖିପାରିବ। ସେନାରେ ଏବେ ୭ଟି ରେଜିମେଣ୍ଟ କାର୍ଯ୍ୟକ୍ଷମ ଥିବା ବେଳେ ୨୦୨୬ ଶେଷ ସୁଦ୍ଧା ଅଷ୍ଟମ ଏବଂ ପରବର୍ତ୍ତୀ ବର୍ଷ ଆଉ ୨ଟି ରେଜିମେଣ୍ଟ ସାମିଲ ହୋଇ ମୋଟ ସଂଖ୍ୟା ୧୦ରେ ପହଞ୍ଚିବ। ପୂର୍ବରୁ ପିନାକର ଲକ୍ଷ୍ୟଭେଦ କ୍ଷମତା ୪୦ କିଲୋମିଟର ଥିଲା। କିନ୍ତୁ ଏହାର ସର୍ବଶେଷ ଗାଇଡେଡ୍ ଭର୍ସନ ୧୨୦ କିଲୋମିଟର ଦୂରରେ ଥିବା ଶତ୍ରୁର ଟାର୍ଗେଟକୁ ମଧ୍ୟ ଅତି ସଠିକ୍ ଭାବେ ଧ୍ୱଂସ କରିପାରିବ।

ଦିଲ୍ଲୀ ପାଇଁ ୧.୦୩ ଲକ୍ଷ କୋଟିର ବଜେଟ

## ହୋଲି ଓ ଦୀପାବଳିରେ ମିଳିବ ମାଗଣା ଏଲପିଜି ସିଲିଣ୍ଡର

ନୂଆଦିଲ୍ଲୀ, ୨୪।୩: ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ରେଖା ଗୁପ୍ତା ମଙ୍ଗଳବାର ୧ଲକ୍ଷ ୩ହଜାର ୭୦୦ କୋଟି ଟଙ୍କାର ବଜେଟ୍ ଉପସ୍ଥାପନ କରିଛନ୍ତି। ଏହି ବଜେଟରେ ରାଜ୍ୟବାସୀଙ୍କ ପାଇଁ ଏକ ବଡ଼ ଘୋଷଣା କରାଯାଇଛି। ଦିଲ୍ଲୀର ପ୍ରତି ପରିବାରକୁ ହିନ୍ଦୁ ପର୍ବ ହୋଲି ଏବଂ ଦୀପାବଳି ଅବସରରେ ଗୋଟିଏ ଲେଖାଏଁ (ମୋଟ ଦୁଇଟି) ମାଗଣା ଏଲପିଜି (ଏଲପିଜି) ସିଲିଣ୍ଡର ଯୋଗାଇ ଦିଆଯିବ ଏବଂ ଏଥିପାଇଁ



ବଜେଟରେ ୨୬୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଦିଲ୍ଲୀ ମହାନଗର ନିଗମର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ବଜେଟରେ ୧୧,୬୬୬ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ନିଜ ବଜେଟକୁ ଏକ 'ଗ୍ରୀନ୍ ବଜେଟ୍' ବୋଲି ବର୍ଣ୍ଣନା କରି ପୂର୍ବର ଆପ ସରକାର ସମୟର 'ମାଗଣା ସଂସ୍କୃତି'କୁ ତୀବ୍ର ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଏହି କାରଣରୁ ଦିଲ୍ଲୀର ଅଭିବୃଦ୍ଧି ହାର ପ୍ରଭାବିତ ହେବା ସହ ୨୦୧୮ରୁ ୨୦୨୦ ମଧ୍ୟରେ ରାଜସ୍ୱ ଆଦାୟ ହ୍ରାସ ପାଇଥିଲା। ଆସନ୍ତା ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଟିକସ ରାଜସ୍ୱ ୭୪,୦୦୦ କୋଟି ଟଙ୍କା ଆକଳନ କରାଯାଇଛି। ସୁରକ୍ଷିତ ରାସ୍ତା ଏବଂ ନିରବଚ୍ଛିନ୍ନ ଯୋଗାଯୋଗ ଲକ୍ଷ୍ୟରେ ପୂର୍ତ୍ତ ବିଭାଗ ପାଇଁ ୫,୯୨୧ କୋଟି ଏବଂ ସହର ବିକାଶ ଓ ବାସଗୃହ ପ୍ରକଳ୍ପ ପାଇଁ ୭,୮୮୭ କୋଟି ଟଙ୍କା ରଖାଯାଇଛି। ସରକାରୀ କର୍ମଚାରୀଙ୍କ ପାଇଁ ଏକ ସମନ୍ୱିତ ସଚିବାଳୟ ଏବଂ ଆବାସିକ କମ୍ପ୍ଲେକ୍ସ ମଧ୍ୟ ନିର୍ମାଣ ହେବ। ବିଦ୍ୟୁତ୍ ବିଭାଗ ପାଇଁ ୩,୯୪୨ କୋଟି ଟଙ୍କା ଏବଂ ସହରରୁ ଓଭରହେଡ୍ ତାର ହଟାଇବା ପାଇଁ ସ୍ୱତନ୍ତ୍ର ୨୦୦ କୋଟି ଟଙ୍କା ଦିଆଯାଇଛି। ସେହିପରି ସହରର ୭୫୦ କିମି ରାସ୍ତାକୁ ନୂଆ ରୂପ ଦେବା ତଥା ଧୂଳିମୁକ୍ତ କରିବା ପାଇଁ ୧,୩୫୨ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଜଳ ଏବଂ ସ୍ୱେରେଜ୍ ପରିଚାଳନା ପାଇଁ ଦିଲ୍ଲୀ ଜଳ ବୋର୍ଡକୁ ସର୍ବାଧିକ ୯ ହଜାର କୋଟି ଟଙ୍କା ମିଳିବ। ଲୋକଙ୍କୁ ଯେପରି ପାଣି ପାଇଁ ଲାଇନରେ ଠିଆ ହେବାକୁ ନପଡ଼େ, ସେଥିପାଇଁ ଚନ୍ଦ୍ରାୱଲ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ପାଇଁ ୪୭୫ କୋଟି ଟଙ୍କା ରଖାଯାଇଛି। ପାଲାମ ଅଗ୍ନିକାଣ୍ଡ ଘଟଣାକୁ ଦୃଷ୍ଟିରେ ରଖି ଅଗ୍ନିଶମ ଭିତ୍ତିଭୂମି ପାଇଁ ୬୭୪ କୋଟି ଟଙ୍କା ଆବଣ୍ଟନ ହୋଇଛି।

ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

## ଧର୍ମ ପରିବର୍ତ୍ତନ କଲେ ଏସସି ମାନ୍ୟତା ହେବ ରଦ୍ଦ



ନୂଆଦିଲ୍ଲୀ, ୨୪।୩: ଭାରତରେ ଜାତିଭିତ୍ତିକ ଭେଦଭାବର ଶିକାର ବଢୁଥିବା ନେଇ ଅନେକ ରିପୋର୍ଟ ସାମ୍ନାକୁ ଆସିଛି। ଏହାକୁ ଅନେକ ସଂଗଠନ ବିରୋଧ କରିଆସୁଛନ୍ତି। ଏବେ ଏହି ପ୍ରସଙ୍ଗକୁ ନେଇ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି ସୁପ୍ରିମକୋର୍ଟ। ହିନ୍ଦୁ, ଶିଖ କିମ୍ବା ବୌଦ୍ଧ ଧର୍ମ ବ୍ୟତୀତ ଅନ୍ୟ କୌଣସି ଧର୍ମ ଗ୍ରହଣ କରୁଥିବା ବ୍ୟକ୍ତିଙ୍କୁ ଅନୁସୂଚିତ ଜାତି (ଏସସି) ମାନ୍ୟତା ଦିଆଯାଇପାରିବ ନାହିଁ। ସୁପ୍ରିମକୋର୍ଟ ପାଷ୍ଟର ଚିନ୍ଥାଧା ଆନନ୍ଦ କରିଥିବା ଅଭିଯୋଗ ଉପରେ ଶୁଣାଣି କରି ଏପରି ରାୟ ଦେଇଛନ୍ତି। ସେ ୨୦୨୫ ମେ ମାସରେ ଅନ୍ଧ୍ରପ୍ରଦେଶ ହାଇକୋର୍ଟ ଦେଇଥିବା ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟ ଯାଇଥିଲେ। ଆନନ୍ଦ ଆବେଦନରେ ଦର୍ଶାଇଥିଲେ ଯେ, ସେ ଜାତିଭିତ୍ତିକ ଭେଦଭାବର ଶିକାର ହେଉଛନ୍ତି। ଆକାଲା ରାମିରେଡ୍ଡି ନାମକ ଜଣେ ବ୍ୟକ୍ତିଙ୍କ ବିରୋଧରେ ସେ ଏସସି-ଏସଟି ଆକ୍ଟ ଅନୁଯାୟୀ ଅଭିଯୋଗ କରିଥିଲେ। ପୋଲିସ ମଧ୍ୟ ଏହାକୁ ନେଇ ମାମଲା ରୁଜୁ କରିଥିଲା। ଯାହା ବିରୋଧରେ ରାମିରେଡ୍ଡି ହାଇକୋର୍ଟ ଯାଇଥିଲେ ।ହାଇକୋର୍ଟ ମାମଲାର ଶୁଣାଣି କରି ଆନନ୍ଦ ଦାଖଲ କରିଥିବା ଅଭିଯୋଗକୁ ରଦ୍ଦ କରିଥିଲେ। ଏହାସହ ସେ ଖ୍ରୀଷ୍ଟିଆନ୍ ହୋଇଯାଇଥିବାରୁ ଏସସି ଏସଟି ଆକ୍ଟ ଅନୁସାରେ ମାମଲା ରୁଜୁ କରିହେବ ନାଇ ବୋଲି କୋର୍ଟ କହିଥିଲେ। କୋର୍ଟ ଆହୁରି ମଧ୍ୟ କହିଥିଲେ ଯେ, ଆନନ୍ଦଙ୍କ ପାଖରେ ଯେଉଁ ଏସସି ପ୍ରମାଣପତ୍ର ରହିଛି ତାହା ଏହି ମାମଲାରେ କୌଣସି ସାହାଯ୍ୟ କରିବ ନାହିଁ। ଏହାପରେ ଆନନ୍ଦ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଦିଲ୍ଲୀ ବିଧାନସଭାକୁ ଉଡ଼ାଇଦେବାକୁ ଧମକ

ନୂଆଦିଲ୍ଲୀ, ୨୪।୩: ଦିଲ୍ଲୀ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ବଜେଟ ଉପସ୍ଥାପନା ପୂର୍ବରୁ ରାଜଧାନୀରେ ବଡ଼ ଧରଣର ଆତଙ୍କ ଖେଳିଯାଇଛି। ଦିଲ୍ଲୀ ବିଧାନସଭା ଏବଂ ଏହାର ନିକଟସ୍ଥ ମେଟ୍ରୋ ଷ୍ଟେସନକୁ ବୋମାରେ ଉଡ଼ାଇ ଦେବାକୁ ଧମକପୂର୍ଣ୍ଣ ଇ-ମେଲ ଆସିବା ପରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଦିଲ୍ଲୀ ବିଧାନସଭାର ବାଚସ୍ପତି ବିଜେନ୍ଦ୍ର ଗୁପ୍ତାଙ୍କ ପାଖକୁ ଏହି ଧମକପୂର୍ଣ୍ଣ ଇ-ମେଲ୍ ଆସିଛି। କେହି ଅଜ୍ଞାତ ବ୍ୟକ୍ତି ବା ସଙ୍ଗଠନ ଏହି ମେଲ ପଠାଇଥିବା ଜଣାପଡ଼ିଛି। କେବଳ



ବିଧାନସଭା ନୁହେଁ, ବରଂ ନିକଟରେ ଥିବା ବିଧାନସଭା ମେଟ୍ରୋ ଷ୍ଟେସନକୁ ମଧ୍ୟ ବୋମାରେ ଉଡ଼ାଇ ଦେବାକୁ ଦୁର୍ବୃତ୍ତମାନେ ଏହି ମେଲରେ ଧମକ ଦେଇଛନ୍ତି, ଯାହା ସାଧାରଣ ଲୋକଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆଜି ବିଧାନସଭାରେ ବଜେଟ୍ ଉପସ୍ଥାପିତ ହେବାର କାର୍ଯ୍ୟକ୍ରମ ରହିଥିବା ବେଳେ ଠିକ୍ ଏହାର କିଛି ସମୟ ପୂର୍ବରୁ ଏଭଳି ଧମକ ଆସିବା ସରକାର, ପୋଲିସ ଏବଂ ପ୍ରଶାସନର ନିଦ ହଜାଇ ଦେଇଛି। ଏହି ଘଟଣା ସାମ୍ନାକୁ ଆସିବା ମାତ୍ରେ ସମଗ୍ର ବିଧାନସଭା ପରିସର ଏବଂ ମେଟ୍ରୋ ଷ୍ଟେସନରେ ସୁରକ୍ଷା ବଳ ମୁତୟନ କରାଯାଇଛି। ବମ ସ୍କ୍ୱାଡ ଏବଂ ଡଗ୍ ସ୍କ୍ୱାଡ ସାହାଯ୍ୟରେ ବ୍ୟାପକ ଛାନଭିନ ଜାରି ରହିଛି। ଅନ୍ୟପକ୍ଷରେ ସାଇବର ସେଲ୍ ଏହି ଇ-ମେଲର ଉତ୍ସ ଏବଂ ଆଇପି ଆଡ୍ରେସ ଖୋଜି ବାହାର କରିବା ପାଇଁ ତଦନ୍ତ ଆରମ୍ଭ କରିଦେଇଛି।

୧୩ ବର୍ଷର ଯନ୍ତ୍ରଣାରୁ ମୁକ୍ତି

## ଶେଷ ନିଶ୍ୱାସ ତ୍ୟାଗ କଲେ ହରିଶ ରାଣା

ଗାଜିଆବାଦ, ୨୪।୩: ଦିଲ୍ଲୀ ଏମ୍ସରେ ଶେଷ ନିଶ୍ୱାସ ତ୍ୟାଗ କଲେ ହରିଶ ରାଣା। ସୁପ୍ରିମକୋର୍ଟରୁ ଇଚ୍ଛାମୃତ୍ୟୁ ପାଇଁ ଅନୁମତି ମିଳିବା ପରେ, ତାଙ୍କର ଶେଷ ଯାତ୍ରା ଲାଗି ଦିଲ୍ଲୀ ଏମ୍ସରେ ଚାଲିଥିଲା ପ୍ରସ୍ତୁତି। ଆଉ ଆଜି ସବୁଦିନ ପାଇଁ ଦୁନିଆ ଛାଡ଼ି ଆରପାରିକୁ ଚାଲିଯାଇଛନ୍ତି ଗାଜିଆବାଦର ହରିଶ ରାଣା। ସେ ଦୀର୍ଘ ୧୩ ବର୍ଷ ଧରି କୋମାରେ ଥିଲେ। ତାଙ୍କୁ ଇଚ୍ଛାମୃତ୍ୟୁ ମିଳୁ ବୋଲି ଦାବି କରି ଦୀର୍ଘ ଦିନ ଧରି ନ୍ୟାୟିକ ଲଢ଼େଇ କରିଥିଲା ପରିବାର। ଶେଷରେ ମାର୍ଚ୍ଚ ୧୬, ୨୦୨୬ରେ ସୁପ୍ରିମକୋର୍ଟ ଐତିହାସିକ ରାୟ ଶୁଣାଇ ୩୨ ବର୍ଷୀୟ ହରିଶ ରାଣାଙ୍କ ଇଚ୍ଛାମୃତ୍ୟୁ ପାଇଁ ଅନୁମତି ଦେଇଥିଲେ। ଭାରତରେ ପ୍ରଥମ ବ୍ୟକ୍ତି ହରିଶ ରାଣା, ଯାହାଙ୍କୁ ଇଚ୍ଛାମୃତ୍ୟୁ ପାଇଁ ଅନୁମତି ଦେଇଥିଲେ ସୁପ୍ରିମକୋର୍ଟ। ହରିଶ ରାଣା ୧୩ ବର୍ଷରୁ ଅଧିକ ସମୟ କୋମାରେ ରହିବା ପରେ ଦିଲ୍ଲୀର ଏମ୍ସରେ ପ୍ରାଣ ହରାଇଛନ୍ତି। ଗତ ୧୩ ବର୍ଷ ଧରି ହରିଶ ଶଯ୍ୟାଶାୟୀ



ହୋଇ ରହିଥିଲେ । ସେ ଯେମିତି ପାଲଟି ଯାଇଥିଲେ ଜୀଅନ୍ତା ଶବ। ଆଜି ସେ ତାଙ୍କ ଯନ୍ତ୍ରଣାଦାୟକ ଜୀବନରୁ ମୁକ୍ତ ହୋଇଛନ୍ତି ।

ଗାଜିଆବାଦର ବାସିନ୍ଦା ହରିଶ ରାଣା, ୨୦୧୩ ମସିହାରେ ପଞ୍ଜାବ ବିଶ୍ୱବିଦ୍ୟାଳୟର ଛାତ୍ର ଥିଲେ। ସେଠାରେ ପାଠପଢୁଥିବା ସମୟରେ, ସେ ତାଙ୍କ ହଷ୍ଟେଲର ଚତୁର୍ଥ ମହଲାରୁ ଖସି ପଡ଼ିଥିଲେ ଏବଂ ତାଙ୍କର ମସ୍ତିଷ୍କରେ ଗୁରୁତର ଆଘାତ ଲାଗିଥିଲା। ଦୁର୍ଘଟଣା ପରେ, ଡାକ୍ତରମାନେ ତାଙ୍କୁ ଲାଇଫ ସପୋର୍ଟରେ ରଖିଥିଲେ ଏବଂ ସେବେଠାରୁ ସେ କୋମାରେ ଥିଲେ । ତାଙ୍କର ଏଭଳି ଅବସ୍ଥା ଦେଖି ପରିବାର ଲୋକେ ସଂପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ। ପିଣ୍ଡରେ ପ୍ରାଣ ଥିଲା ସତ, କିନ୍ତୁ ହରିଶ ଆଉ କେବେ ସୁସ୍ଥ ହୋଇ ପରିବାର ପାଖକୁ ଫେରିଆସିବ ସେହି ଆଶା ନଥିଲା। ସେପଟେ ମେଡିକାଲ କଣ୍ଡିସନ୍ ଏବଂ ପରିବାରର ଗୁହାରୀ ପରେ ସୁପ୍ରିମକୋର୍ଟ ହରିଶଙ୍କୁ ଇଚ୍ଛାମୃତ୍ୟୁ ପାଇଁ ଅନୁମତି ଦେଇଥିଲେ।

## ଭୁବନେଶ୍ୱର ପାଇଁ ଐତିହାସିକ ମୁହୂର୍ତ୍ତ

# ପ୍ରଥମ ଜାତୀୟ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିୟନସିପ୍ ଉଦ୍‌ଘାଟିତ



ଭୁବନେଶ୍ୱର, ୨୪।୩(ସଂଚାର ବ୍ୟୁରୋ): ଓଡ଼ିଶାର କ୍ରୀଡ଼ା ଇତିହାସରେ ଆଜି ଏକ ନୂତନ ଅଧ୍ୟାୟ ଯୋଡ଼ି ହୋଇଛି। ଭାରତୀୟ ଆଥ୍‌ଲେଟିକ୍ସ ମହାସଂଘ (ଏଏଫ୍‌ଆଇ), ଓଡ଼ିଶା ଆଥ୍‌ଲେଟିକ୍ସ ସଂଘ ଓ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗର ମିଳିତ ଉଦ୍ୟମରେ ସ୍ଥାନୀୟ କଳିଙ୍ଗ ଷ୍ଟାଡ଼ିୟମ୍‌ଠାରେ ଆଜି 'ପ୍ରଥମ ଜାତୀୟ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିୟନସିପ୍-୨୦୨୬' ଉଦ୍‌ଘାଟିତ ହୋଇଛି। ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ଭାବେ ଏଭଳି ଏକ ବିଶ୍ୱସ୍ତରୀୟ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ କରି ଭାରତୀୟ କ୍ରୀଡ଼ା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି। କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ କଳିଙ୍ଗ ଷ୍ଟାଡିୟମରେ ପ୍ରଥମ ନ୍ୟାସନାଲ ଇନଡୋର ଆଥଲେଟିକ୍ସ ଚାମ୍ପିୟନସିପ୍‌ର ଆୟୋଜନକୁ ଐତିହାସିକ ମୁହୂର୍ତ୍ତ ବୋଲି ଅଭିହିତ କରିଛନ୍ତି। ସେ କହିଛନ୍ତି ଯେ ଏହି ଇନଡୋର ହଲ୍‌କୁ ନେଇ ଉଠୁଥିବା ସମସ୍ତ ପ୍ରଶ୍ନର ଅନ୍ତ ଘଟିଛି ଓ ଏହି ଇଭେଣ୍ଟ ୨୦୨୮ ବିଶ୍ୱ ଚାମ୍ପିୟନସିପ୍ ପାଇଁ ମାର୍ଗ ପ୍ରଶସ୍ତ କରିଛି। ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଓଡ଼ିଶାକୁ ଦେଶର କ୍ରୀଡ଼ା ରାଜଧାନୀ ଭାବେ ସେ ଗୌରବର ସହ ଉପସ୍ଥାପିତ କରିଛନ୍ତି।

ସେହିପରି ଏଏଫ୍‌ଆଇ ସଭାପତି ବାହାଦୁର ସିଂହ ସାଗୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଛନ୍ତି। ସେ କହିଛନ୍ତି ଯେ ଭାରତର କ୍ରୀଡ଼ା ଇତିହାସରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ, କାରଣ ସମଗ୍ର ଦେଶରେ ଓଡ଼ିଶା ହିଁ ପ୍ରଥମ ରାଜ୍ୟ ଭାବେ ଏଭଳି ବିଶ୍ୱସ୍ତରୀୟ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ କରିଛି। ଉଦଘାଟନୀ ଉତ୍ସବରେ କ୍ରୀଡ଼ା ଓ ଯୁବସେବା କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ କ୍ରୀଡ଼ା ନିର୍ଦ୍ଦେଶକ ଡା. ଯେଦୁଲା ବିଜୟ, କ୍ରୀଡ଼ା ଓ ଯୁବସେବା ବିଭାଗ ଅତିରିକ୍ତ ଶାସନ ସଚିବ ନେଲସନ ଲାକ୍ରା, ବିଜୟ କୁମାର ସ୍ୱାଇଁ, ଅଶୋକ କୁମାର ପଣ୍ଡାଙ୍କ ସମେତ ଏଏଫ୍‌ଆଇର ବୈଷୟିକ ଅଧିକାରୀ ଓ କୋଷାଧ୍ୟକ୍ଷ ଷ୍ଟାନଲି ଜୋନ୍ସ, ବିଶ୍ୱ ଆଥଲେଟିକ୍ସ ସଭାପତି ଆଦିଲ ସୁମାରିୱାଲା, ଓଡ଼ିଶା ଆଥଲେଟିକ୍ସ ଆସୋସିଏସନ ସଭାପତି ଡ. ଜିଏସ୍ ପଟ୍ଟନାୟକ, ଓଡ଼ିଶା ଅଲିମ୍ପିକ ଆସୋସିଏସନ ସାଧାରଣ ସମ୍ପାଦକ ଅଭିଜିତ ପାଲ୍ ମଞ୍ଚାସୀନ ଥିଲେ।

# ବିଜେପି କର୍ମୀଙ୍କୁ ହତ୍ୟା, ଟିଏମ୍‌ସି ଆଡ଼କୁ ସନ୍ଦେହର ତୀର



କୋଲକାତା, ୨୪।୩(ସଂଚାର ବ୍ୟୁରୋ): ନିର୍ବାଚନୀ ପରିବେଶ ମଧ୍ୟରେ, ଦକ୍ଷିଣ ୨୪ ପ୍ରଗଣାର ରାୟଦିଘିରେ ଜଣେ ବିଜେପି କର୍ମୀଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କ ଗଳା କାଟି ନିର୍ମମ ଭାବରେ ହତ୍ୟା କରାଯାଇଥିବା ଅଭିଯୋଗ ଉଠିଛି। ମୃତକଙ୍କ ନାମ କିଶୋର ମାଝୀ। ସୋମବାର ରାତିରେ ରାୟଦିଘି ବିଧାନସଭା ନିର୍ବାଚନମଣ୍ଡଳୀର ୨୧୬ ନମ୍ବର ବୁଥ୍ ଅନ୍ତର୍ଗତ ମୟନା ଗାଁରେ ଏହି ଘଟଣା ଘଟିଛି। ଏହି ଘଟଣାକୁ ନେଇ ଅଞ୍ଚଳରେ ତୀବ୍ର ଉତ୍ତେଜନା ଏବଂ ଅଶାନ୍ତି ସୃଷ୍ଟି ହୋଇଛି। ଏହି ଘଟଣାର ଖବର ପାଇ ରାୟଦିଘି ବିଧାନସଭା ଆସନର ବିଜେପି ପ୍ରାର୍ଥୀ ପଲାଶ ରାଣା ଘଟଣାସ୍ଥଳକୁ ଦୌଡ଼ି ଆସିଥିଲେ। ସେ ପୀଡିତ ବ୍ୟକ୍ତିଙ୍କୁ ଜଣେ ବିଜେପି କର୍ମୀ ବୋଲି ଦାବି କରି ଅଭିଯୋଗ କରିଛନ୍ତି ଯେ ତୃଣମୂଳ କଂଗ୍ରେସ ସମର୍ଥିତ ଦୁର୍ବୃତ୍ତମାନେ ନିର୍ବାଚନ ପୂର୍ବରୁ ବିଜେପି କର୍ମୀମାନଙ୍କୁ ହତ୍ୟା କରି ଅଞ୍ଚଳରେ ଉତ୍ତେଜନା ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି। ତେବେ, ମଥୁରାପୁରର ତୃଣମୂଳ ସାଂସଦ ବାପି ହାଲଦାର ବିଜେପି ଦ୍ୱାରା କରାଯାଇଥିବା ଏହି ଅଭିଯୋଗଗୁଡ଼ିକୁ ସ୍ପଷ୍ଟ ଭାବରେ ଅସ୍ୱୀକାର କରିଛନ୍ତି। ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଯେ ହତ୍ୟାକାଣ୍ଡ ପରିବାର ସମ୍ପର୍କିତ ବିବାଦରୁ ହୋଇଛି। ପୁଲିସ ମଧ୍ୟ ଜଣାଇଛି ଯେ ଏହି ଘଟଣାର ରାଜନୀତି ସହିତ କୌଣସି ସମ୍ପର୍କ ନାହିଁ। ତଦନ୍ତକାରୀମାନେ ଦାବି କରିଛନ୍ତି ଯେ ହତ୍ୟାକାଣ୍ଡ ଏକ ତ୍ରିକୋଣୀୟ ପ୍ରେମର ଫଳାଫଳ।

# ବହି ଆମ ସାଙ୍ଗ, ଜୀବନର ପ୍ରତିରୂପ

- ପାଠକଙ୍କୁ ବାନ୍ଧି ରଖିଲା କଟକ ସାହିତ୍ୟ ସରୋବରର ପଞ୍ଚମ ସନ୍ଧ୍ୟା
- ପୁସ୍ତକ କେବେ ଏକୁଟିଆ ହେବାକୁ ଦିଏନି: ସୁବାସ ସିଂହ
- ମୋବାଇଲ ମନସ୍କ ପିଲାଙ୍କୁ ପୁସ୍ତକ ହିଁ ବୌଦ୍ଧିକ ବିକାଶରେ ସାହାଯ୍ୟ କରିବ : ପି.କେ ଦାଶ
- ଏବେ ଲୋକେ ଯନ୍ତ୍ର, ତନ୍ତ୍ର ଓ ମନ୍ତ୍ରର ପୁସ୍ତକ ବେଶୀ କିଣୁଛନ୍ତି : ନେତାଜୀ ଅଭିନନ୍ଦନ



କଟକ, ୨୪।୩(ସଂଚାର ବ୍ୟୁରୋ): କଟକର ଐତିହାସିକ ବାଲିଯାତ୍ରା ପଡ଼ିଆରେ ଚାଲିଛି ସାହିତ୍ୟର ମହାପର୍ବ ଜିଲ୍ଲାସ୍ତରୀୟ ପୁସ୍ତକ ମେଳା 'କଟକ ସାହିତ୍ୟ ସରୋବର-୨୦୨୬'। କଟକ ମହାନଗର ନିଗମ ପକ୍ଷରୁ ପ୍ରଥମ କରି ଆୟୋଜିତ ଏହି ପୁସ୍ତକ ମେଳାର ପଞ୍ଚମ ସନ୍ଧ୍ୟାରେ ସିଏମସିର ମେୟର ସୁବାସ ସିଂହ, କମିଶନର କିରନଦୀପ୍ କୌର ସହୋତା, ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ପ୍ରସନ୍ନ କୁମାର ଦାଶ, ଲେଖକ ତଥା ରେଭେନ୍ସା ବିଶ୍ୱବିଦ୍ୟାଳୟର ଶିକ୍ଷାବିତ ପ୍ରଫେସର ଡକ୍ଟର ନେତାଜୀ ଅଭିନନ୍ଦନ, ଗେଲ୍ ଇଣ୍ଡିଆର ଜେନେରାଲ ମ୍ୟାନେଜର କୌଶିକ ଦାସ, ସିଏମସିର କର୍ପୋରେଟର ରାକେଶ ସ୍ୱାଇଁ, ସାଂସ୍କୃତିକ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ମୋନାଲିସା ଦାସ, ୧୫ ନମ୍ବର ୱାର୍ଡର କର୍ପୋରେଟର ଲିଜାରାଣୀ ରାଉତ ଅତିଥି ଭାବେ ଯୋଗ ଦେଇଥିଲେ।

କଟକକୁ ସବୁ ଦିଗରୁ ସମୃଦ୍ଧ କରିବା ପାଇଁ ସିଏମସି ପ୍ରତିଶ୍ରୁତିବଦ୍ଧ। ଏହି ପୁସ୍ତକ ମେଳା ତା'ର ଏକ ଅଂଶ ହୋଇଛି। ଏହି ଧାରା ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି କହିଛନ୍ତି ସିଏମସି ମେୟର ଶ୍ରୀ ସିଂହ। କଟକ ଭାବର ସହର, ହେଲେ ଆଧୁନିକ ଯୁଗରେ ଏ ଭାବ କମି କମି ଯାଉଛି। ଏଭଳି ସମୟରେ ମହାନଦୀ କୂଳରେ ଏହି ପୁସ୍ତକ ମେଳା ସେହି ଭାବକୁ ପୁଣି ଫେରାଇ ଆଣିଛି। କଟକରେ ଏତେବର୍ଷ ପରେ ପୁସ୍ତକ ମେଳା ହେବା ଆନନ୍ଦର ବିଷୟ। ଏଥିପାଇଁ କଟକ ମହାନଗର ନିଗମର ଏହି ପ୍ରୟାସ ପ୍ରଶଂସାଯୋଗ୍ୟ ବୋଲି କହିଛନ୍ତି ପ୍ରଫେସର ଡକ୍ଟର ନେତାଜୀ ଅଭିନନ୍ଦନ। ସେ ଆହୁରି କହିଥିଲେ ଯେ ବର୍ତ୍ତମାନ ଲୋକେ ଗପ, କବିତା,ଉପନ୍ୟାସ, ଭ୍ରମଣ କାହାଣୀ ପରିବର୍ତ୍ତେ ମନ୍ତ୍ର, ତନ୍ତ୍ର ଓ ଯନ୍ତ୍ର ସମ୍ବନ୍ଧୀୟ ପୁସ୍ତକ ଅଧିକ କିଣିବାକୁ ପସନ୍ଦ କରୁଛନ୍ତି। ଆମର ବୌଦ୍ଧିକ ବିକାଶକୁ ଅଧିକ ଆମେ ସ୍ଥିର ନ ରଖି ଗତିଶୀଳ କରିବା ଦରକାର ଆଉ ଏଥିପାଇଁ ପୁସ୍ତକ ହିଁ ଉପଯୁକ୍ତ ମାଧ୍ୟମ। ସେ ଆହୁରି ମଧ୍ୟ କହିଛନ୍ତି ଯେ ବହିର ବାସ୍ନା ଆଜି ବି ମତେ ଆକର୍ଷିତ କରେ। ବହି ଆମ ସାଙ୍ଗ। ବହି ଜୀବନର ପ୍ରତିରୂପ। ସିଏମସି ପକ୍ଷରୁ ଆରମ୍ଭ ହୋଇଥିବା ଏହି ପୁସ୍ତକ ମେଳାର ଯାତ୍ରା ଆଗାମୀ ଦିନରେ ଜାରି ରହୁ। ଆଜିର ଆଧୁନିକ ଯୁଗରେ ମୋବାଇଲର ଅତିରିକ୍ତ ବ୍ୟବହାର ବଦଳରେ ପୁଣି ଆମେ ସେଇ ବହି ରାଇଜକୁ ଫେରିଯିବା ଦରକାର। ଆମ ଜ୍ଞାନର ପରିସୀମା ବୃଦ୍ଧି କରିବା ପାଇଁ ବହିର ଆବଶ୍ୟକତା ରହିଛି ବୋଲି କହିଛନ୍ତି ଗେଲ୍ ଇଣ୍ଡିଆର ଜେନେରାଲ ମ୍ୟାନେଜର କୌଶିକ ଦାସ। ନୂଆ ଜ୍ଞାନ ଆହରଣ ପାଇଁ ପ୍ରତିଦିନ କିଛି ନା କିଛି ବହି ପଢ଼ିବା ଜରୁରୀ। କଟକର ପୁସ୍ତକ ମେଳା ବହି ଓ ଲେଖକଙ୍କ ଅନ୍ତୁଡ଼ିଶାଳ କଟକରେ ପୁସ୍ତକ ମେଳା ଆୟୋଜନ ପାଇଁ ସେ ସିଏମସିକୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଶେଷରେ ସିଏମସି ଲୋକସମ୍ପର୍କ ଅଧିକାରୀ ଅବିନାଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜେପିରେ ଯୋଗ ଦେଲେ ସନ୍ତୋଷ ପାଠକ

କୋଲକାତା, ୨୪।୩(ସଂଚାର ବ୍ୟୁରୋ): ବହୁ ଦିନ ଧରି କଳ୍ପନାଜଳ୍ପନା ଚାଲିଥିଲା। ଶେଷରେ ଏହା ସତ୍ୟ ହେଲା। ଅନେକ ଦଶନ୍ଧି ଧରି କୋଲକାତା ପୌରସଭାର କାଉନସିଲର ତଥା କେନ୍ଦ୍ରୀୟ କୋଲକାତାର ପ୍ରଭାବଶାଳୀ କଂଗ୍ରେସ ନେତା ସନ୍ତୋଷ ପାଠକ ବିଜେପିରେ ଯୋଗ ଦେଇଛନ୍ତି। ତେବେ, ସେ ବିଜେପି ଟିକେଟରେ ନିର୍ବାଚନ ଲଢ଼ିବେ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ସୋମବାର ରାତିରେ ରାଜ୍ୟ ବିଜେପି ସଭାପତି ଶମିକ ଭଟ୍ଟାଚାର୍ଯ୍ୟ, ସାଧାରଣ ସମ୍ପାଦକ ଲକେଟ ଚାଟାର୍ଜୀ ଏବଂ ଦୁଇ କେନ୍ଦ୍ରୀୟ ନେତା ବିପ୍ଳବ ଦେବ ଏବଂ ଅମିତ



ମାଲବ୍ୟଙ୍କ ଉପସ୍ଥିତିରେ ସନ୍ତୋଷ ପାଠକ ବିଜେପିରେ ଯୋଗ ଦେଇଥିଲେ। ରାଜ୍ୟ ବିଜେପିର ବିଧାନନଗର କାର୍ଯ୍ୟାଳୟରେ ଶମିକ ସନ୍ତୋଷଙ୍କୁ ବେକରେ 'ଉତ୍ତରୀୟ' (ଆନୁଷ୍ଠାନିକ ସ୍କାର୍ଫ) ପିନ୍ଧାଇ ଏବଂ ଦଳୀୟ ପତାକା ପ୍ରଦାନ କରି ଆନୁଷ୍ଠାନିକ ଭାବରେ ଦଳରେ ସ୍ୱାଗତ କରିଥିଲେ। ଉଲ୍ଲେଖଯୋଗ୍ୟ, ଆନୁଗତ୍ୟ ପରିବର୍ତ୍ତନ କରିବା ସତ୍ତ୍ୱେ, ସନ୍ତୋଷ କଂଗ୍ରେସ ଦଳକୁ ଆକ୍ରମଣ କରିବାରୁ ନିବୃତ୍ତ ରହିଛନ୍ତି। ଏହା ବ୍ୟତୀତ, ସେ ଅଧୀର ଚୌଧୁରୀଙ୍କୁ ପ୍ରଶଂସା କରିଥିଲେ। ଏହା ସତ୍ୟ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାର୍ଚ୍ଚ ୧୪ ତାରିଖରେ କୋଲକାତାର ବ୍ରିଗେଡ ପରେଡ ଗ୍ରାଉଣ୍ଡରେ ଏକ ସାଧାରଣ ସଭା କରିଥିଲେ।

## ଆଦିବାସୀ ଯୁବକଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ



କୋଲକାତା, ୨୪।୩(ସଂଚାର ବ୍ୟୁରୋ): ମଙ୍ଗଳବାର ସକାଳେ, ଆସାନସୋଲ ଉତ୍ତର ଥାନା ଅଧୀନସ୍ଥ କନ୍ୟାପୁର ପୋଲିସ ଆଉଟପୋଷ୍ଟ ଅଞ୍ଚଳ ଅନ୍ତର୍ଗତ ରାୟ ମଇଦାନରୁ ଜଣେ ଆଦିବାସୀ ଯୁବକଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଉଦ୍ଧାର କରାଯାଇଛି। ଏହାକୁ ନେଇ ସମଗ୍ର ଅଞ୍ଚଳରେ ଆତଙ୍କ ବ୍ୟାପିଛି। ମୃତକ ଜଣଙ୍କ ହେଉଛନ୍ତି ପଞ୍ଚଗଛିଆ କପାଟିଆର ବାସିନ୍ଦା ବିଷ୍ଣୁ ହେମ୍ବ୍ରମ। ମୃତକଙ୍କ ପରିବାର ସଦସ୍ୟଙ୍କ ଅନୁଯାୟୀ, ବିଷ୍ଣୁ ହେମ୍ବ୍ରମ ପେଶାରେ ଜଣେ ରାଜମିସ୍ତ୍ରୀ ଥିଲେ ଏବଂ ତାଙ୍କର କାହା ସହିତ କୌଣସି ଶତ୍ରୁତା ନଥିଲା। ସୋମବାର ସନ୍ଧ୍ୟାରେ ସେ କାମ ପାଇଁ ଘରୁ ବାହାରି ଯାଇଥିଲେ, କିନ୍ତୁ ସେ ଆଉ ଫେରି ନଥିଲେ। ପରିବାର ମଙ୍ଗଳବାର ସକାଳେ ତାଙ୍କ ମୃତ୍ୟୁ ଖବର ପାଇଥିଲେ। ଘଟଣା ସମ୍ପର୍କରେ ସୂଚନା ପାଇ ପରିବାର ସଦସ୍ୟମାନେ ଘଟଣାସ୍ଥଳରେ ପହଞ୍ଚିବା ପରେ ପରିବେଶ ଗଭୀର ଶୋକାକୁଳ ହୋଇଯାଇଥିଲା। ପରିବାର ସଦସ୍ୟମାନେ ଦୁଃଖରେ ଭାଙ୍ଗି ପଡ଼ିଥିଲେ। ସେମାନେ ଦୋଷୀଙ୍କୁ ଶୀଘ୍ର ଗିରଫ କରିବା ଏବଂ କଠୋର ଦଣ୍ଡ ଦେବା ପାଇଁ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଡେପୁଟି କମିଶନର ଅଫ୍ ପୋଲିସ (ମଧ୍ୟ) ଧ୍ରୁବ ଦାସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଅପରାଧ ଘଟଣାସ୍ଥଳ ଯାଞ୍ଚ କରିଥିଲେ। ପୋଲିସ ସମସ୍ତ ଦିଗକୁ ବିଚାରକୁ ନେଇ ତଦନ୍ତ କରୁଛି। ଆଖପାଖରେ ରହୁଥିବା ଲୋକଙ୍କୁ ପଚରାଉଚରା କରାଯାଉଛି। ମୃତଦେହକୁ ହେପାଜତକୁ ନିଆଯାଇ ପୋଷ୍ଟମର୍ଟମ ପାଇଁ ଆସାନସୋଲ ଜିଲ୍ଲା ହସ୍ପିଟାଲକୁ ପଠାଯାଇଛି। ଘଟଣାର ଖବର ପ୍ରସାରିତ ହେବା ମାତ୍ରେ ବହୁ ସଂଖ୍ୟକ ସ୍ଥାନୀୟ ଲୋକ ବିଶେଷକରି ଆଦିବାସୀ ସମ୍ପ୍ରଦାୟର ସଦସ୍ୟମାନେ ଘଟଣାସ୍ଥଳରେ ଏକାଠି ହୋଇଥିଲେ। ଘଟଣାସ୍ଥଳରୁ ଏକ ମଦ ବୋତଲ ଏବଂ କିଛି ପ୍ଲାଷ୍ଟିକ୍ ଗ୍ଲାସ ଜବତ କରାଯାଇଥିଲା। ଏହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି ଯେ ଯୁବକ ଜଣକ ଏକା ନଥିଲେ ଏବଂ ସେମାନେ ମଦ୍ୟପାନ କରୁଥିବା ସମୟରେ କୌଣସି ପ୍ରସଙ୍ଗକୁ ନେଇ ବିବାଦ ସୃଷ୍ଟି ହୋଇଥିଲା, ଯାହା ପରବର୍ତ୍ତୀ ସମୟରେ ହିଂସାରେ ପରିଣତ ହୋଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ହର୍ ଘର୍...

ମହିଳାମାନଙ୍କ ଜୀବନରେ ଏକ ବଡ଼ ପରିବର୍ତ୍ତନ ଆଣିଛି, କାରଣ ବର୍ତ୍ତମାନ ସମୟରେ ସେମାନଙ୍କୁ ପାଣି ପାଇଁ ଦୂରକୁ ଯିବାକୁ ପଡୁନାହିଁ। ଓଡ଼ିଶାରେ ଜଳ ଶକ୍ତି ଅଭିଯାନ ଏକ ଜନଆନ୍ଦୋଳନର ରୂପ ନେଇଛି। ଏହା ଅନ୍ତର୍ଗତ ୨.୨୧ ଲକ୍ଷ ଜଳ ସଂରକ୍ଷଣ ଓ ବର୍ଷାଜଳ ସଂଗ୍ରହ ଷ୍ଟ୍ରକ୍‌ଚର, ୪୩ ହଜାରରୁ ଅଧିକ ଜଳାଶୟର ପୁନରୁଦ୍ଧାର, ୪୨ ହଜାର ଭୂଗର୍ଭ ଜଳ ପୁନର୍ଭରଣ ଓ ୨ ଲକ୍ଷରୁ ଅଧିକ ୱାଟର ସେଡ କାର୍ଯ୍ୟ ସମ୍ପନ୍ନ ହୋଇଛି। ସେହିପରି ୨ କୋଟିରୁ ଅଧିକ ଚାରା ମଧ୍ୟ ରୋପଣ କରାଯାଇଛି। ଏହି ଅବସରରେ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ଶ୍ରୀ ପାଟିଲ କହିଥିଲେ ଯେ ୨୦୨୪ରୁ ଆରମ୍ଭ ହୋଇଥିବା ଏହି ଯୋଜନା ୨୦୨୬-୨୦୨୮ ପର୍ଯ୍ୟନ୍ତ ଜଳ ଜୀବନ ମିଶନ ୨.୦ ମାଧ୍ୟମରେ ସମ୍ପ୍ରସାରିତ କରାଗଲା। ଏହି ମିଶନ ମହିଳାଙ୍କ ଜୀବନରେ ସୁଧାର ଆଣିବ। ଓଡ଼ିଶାରେ ଯେଉଁଠାରେ ପାଣିର ଅଭାବ ରହିଛି, ସେଠାରେ ଏହି ମିଶନ୍ ପାଣିର ଉପଲବ୍ଧତାକୁ ସୁନିଶ୍ଚିତ କରିବ।

କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, କେନ୍ଦ୍ର ପାନୀୟ ଜଳ ଓ ସ୍ୱଚ୍ଛତା ବିଭାଗ ସଚିବ ଅଶୋକ ମୀନା, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର ତଥା ସଚିବ ଗିରୀଶ ଏସ୍.ଏନ୍‌ଙ୍କ ସହ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଶୁକ୍ରୁ...

ମାଲକାନଗିରି ଜିଲ୍ଲାର ବାସିନ୍ଦା ୪୯ ବର୍ଷୀୟ ଶୁକ୍ରୁ ନିଷିଦ୍ଧ ସିପିଆଇ (ମାଓବାଦୀ) ସଂଗଠନର ରାଜ୍ୟ କମିଟି ସଦସ୍ୟ ଥିଲେ ଓ ଓଡ଼ିଶାରେ ସବୁଠାରୁ ବରିଷ୍ଠ ସକ୍ରିୟ ମାଓବାଦୀ ଭାବେ ପରିଚିତ ଥିଲେ। ସେ ମୁଖ୍ୟତଃ ଛତିଶଗଡ଼ର ପ୍ରାୟ ୧୩ ଜଣ ବିଦ୍ରୋହୀଙ୍କୁ ନେଇ ଗଠିତ ଏକ ଛୋଟ ଗୋଷ୍ଠୀର ନେତୃତ୍ୱ ନେଉଥିଲେ ଓ କନ୍ଧମାଳ ଜିଲ୍ଲାରେ ଅଧିକ ସକ୍ରିୟ ଥିଲେ। ଅନ୍ୟ ମାଓବାଦୀମାନଙ୍କ ଆତ୍ମସମର୍ପଣ ପାଇଁ ଶୁକ୍ରୁ ବଡ଼ ପ୍ରତିବନ୍ଧକ ସାଜିଥିଲେ। ଚଳିତ ବର୍ଷ ଜାନୁଆରୀରେ ସେ ନିଜର ଜଣେ କନିଷ୍ଠ ସହଯୋଗୀ ଅନ୍ୱେଷଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଅନ୍ୱେଷ ଜଣେ ଡିଭିଜନାଲ୍ କମିଟି ସଦସ୍ୟ ତଥା ମିଲିଟାରୀ ପ୍ଲାଟୁନ୍ କମାଣ୍ଡର ଥିଲେ ଓ ସେ ଅସ୍ତ୍ରଶସ୍ତ୍ର ଛାଡ଼ି ମୁଖ୍ୟସ୍ରୋତରେ ସାମିଲ ହେବାକୁ ଚାହୁଁଥିଲେ। ଶୁକ୍ରୁ ନିଜ ସହଯୋଗୀ ଶୀଲା ଓ ଯୋଗେଶଙ୍କ ସହାୟତାରେ ଅନ୍ୱେଶଙ୍କୁ ହତ୍ୟା କରି ଜଙ୍ଗଲରେ ପୋତି ଦେଇଥିଲେ। ପରବର୍ତ୍ତୀ ସମୟରେ ଗତ ଫେବ୍ରୁଆରୀ ୨୨ ତାରିଖରେ ସୁରକ୍ଷାକର୍ମୀଙ୍କ ଗୁଳିରେ ଯୋଗେଶ ନିହତ ହୋଇଥିଲା।

ପୁଲିସର କ୍ରମାଗତ ଅପରେସନ୍, ଡ୍ରୋନ୍ ସର୍ଭେଲାନ୍ସ ଓ ପରିବାର ଲୋକଙ୍କ ନିବେଦନ ଯୋଗୁଁ ଶୁକ୍ରୁ ଆତ୍ମସମର୍ପଣ କରିବାକୁ ବାଧ୍ୟ ହୋଇଛନ୍ତି। ପୂର୍ବରୁ ପୁଲିସ ଡିଜି ୱାଇବି ଖୁରାନିଆ କହିଥିଲେ ଯେ କନ୍ଧମାଳ, ରାୟଗଡ଼ା ଓ କଳାହାଣ୍ଡିର ଘଞ୍ଚ ଜଙ୍ଗଲରେ ଶୁକ୍ରୁ ଲୁଚି ରହିଥିବା ନେଇ ସୁରକ୍ଷାକର୍ମୀଙ୍କ ନିକଟରେ ସଠିକ୍ ସୂଚନା ଥିଲା ଓ ସେଠାରେ ସର୍ଚ୍ଚ ଅପରେସନ କରାଯାଉଥିଲା। ଏହା ପୂର୍ବରୁ ମାର୍ଚ୍ଚ ୧୧ ତାରିଖରେ ସାନୁ ପୋଟାମଙ୍କ ନେତୃତ୍ୱରେ ୧୦ ଜଣ ଓ ମାର୍ଚ୍ଚ ୧୫ ତାରିଖରେ ନକୁଳଙ୍କ ନେତୃତ୍ୱରେ ୧୧ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିଲେ। ଆସନ୍ତା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଓଡ଼ିଶାକୁ ଏକ ମାଓମୁକ୍ତ ରାଜ୍ୟରେ ପରିଣତ କରିବା ନେଇ ସରକାର ଲକ୍ଷ୍ୟ ରଖିଛନ୍ତି। ଶୁକ୍ରୁଙ୍କ ଆତ୍ମସମର୍ପଣ ପରେ ଅନ୍ୟ ମାଓବାଦୀମାନେ ମଧ୍ୟ ରାଜ୍ୟ ସରକାରଙ୍କ ଆତ୍ମସମର୍ପଣ ଓ ଥଇଥାନ ନୀତି ଅଧୀନରେ ମୁଖ୍ୟସ୍ରୋତକୁ ଆସିବା ସହ ପୁନର୍ବାସ ଯୋଜନାକୁ ଆପଣାଇବା ପାଇଁ ସୂଚନା ଦେଇଛନ୍ତି ଡିଜିପି।

## ଆସନ୍ତା ବର୍ଷ...

କର୍ମଚାରୀ ଖର୍ଚ୍ଚ ଓ ପ୍ରଶାସନିକ ଖର୍ଚ୍ଚ କାଇବାକୁ ବିଦ୍ୟୁତ୍ ବିତରକ କମ୍ପାନୀକୁ ନିର୍ଦ୍ଦେଶ ଦିଆଯାଇଛି। କାରଣ ସର୍ବଭାରତୀୟ ସ୍ତର ତୁଳନାରେ ଓଡ଼ିଶାରେ ଅଧିକ ଖର୍ଚ୍ଚ ହେଉଥିବା ସାମ୍ନାକୁ ଆସିଥିଲା ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ଅକ୍ଷୟ ଶକ୍ତି ଉତ୍ପାଦନ ଓ ବ୍ୟବହାର ଏବଂ ଶିଳ୍ପ ବିଦ୍ୟୁତ ବ୍ୟବହାରକୁ ପ୍ରୋତ୍ସାହନ ଦେବା ପାଇଁ ଆୟୋଗ କିଛି ନିର୍ଦ୍ଦିଷ୍ଟ ଉପଭୋକ୍ତାଙ୍କ ଟାରିଫରେ ପରିବର୍ତ୍ତନ କରିଛନ୍ତି। ଇଏଚଟି ବିଦ୍ୟୁତ ଉପଭୋକ୍ତା ନିଜ ଲୋଡ୍‌ର ୮୦ ପ୍ରତିଶତରୁ ଅଧିକ ବ୍ୟବହାର କଲେ ତା' ଉପରେ ୨୦ ପଇସା ବଦଳରେ ୩୦ ପଇସା ରିହାତି ପାଇବେ। ସେହିପରି ମେଗା ଉଠା ଜଳସେଚନ ପ୍ରକଳ୍ପ (ଏଚଟି ଓ ଇଏଚଟି)ଗୁଡ଼ିକୁ ବାଣିଜ୍ୟ ଉପଭୋକ୍ତା ବର୍ଗରେ ରଖାଯାଇଛି। ସେମାନେ ସୋଲାର ସମୟ (ସକାଳ ୮ଟାରୁ ଅପରାହ୍ନ ୪ଟା)ରେ ବ୍ୟବହାର କରୁଥିବା ବିଦ୍ୟୁତ ଉପରେ ୟୁନିଟ ପିଛା ୨ ଟଙ୍କା ରିହାତି ପାଇବେ ଓ ଅନ୍ୟ ସମୟରେ ବିଦ୍ୟୁତ ଉପରେ ୟୁନିଟ ପିଛା ୧ ଟଙ୍କା ରିହାତି ମିଳିବ। ପ୍ରଥମ ଥର ପାଇଁ ୧୦୦ କିଲୋୱାଟ କିମ୍ବା ତଦୁର୍ଦ୍ଧ୍ୱ ଏଲଟି ବିଦ୍ୟୁତ ଉପଭୋକ୍ତାମାନଙ୍କୁ ଖୋଲା ବଜାରରୁ ବିଦ୍ୟୁତ କ୍ରୟ କରିବାର ସୁଯୋଗ ଦିଆଯାଇଛି।

ସେହିପରି ଓଏଚପିସି ହାରାହାରି ଟାରିଫ ଚଳିତ ବର୍ଷ ପାଇଁ ୟୁନିଟ ପିଛା ୧୦୦.୨୩ ପଇସା ଥିବା ବେଳେ ତାହାକୁ କମ୍ କରି ୯୯.୨୨ ପଇସା ଧାର୍ଯ୍ୟ କରାଯାଇଛି। ଓପିଜିସି ପ୍ରଥମ ପର୍ଯ୍ୟାୟ ୟୁନିଟ ୧ ଓ ୨ ପ୍ଲାଣ୍ଟର ଟାରିଫ ହ୍ରାସ ହୋଇଛି। ଫଳରେ ଗ୍ରୀଡ୍‌କୋ ବାର୍ଷିକ ୯୦ କୋଟି ଟଙ୍କା ସଞ୍ଚୟ କରିବ, ଯାହାର ସିଧାସଳଖ ଫାଇଦା ଉପଭୋକ୍ତାଙ୍କୁ ମିଳିବ। ଓପିଟିସିଏଲର ସଞ୍ଚାରଣ ଟାରିଫ ଚଳିତ ବର୍ଷ ପାଇଁ ୟୁନିଟ ପିଛା ୨୫.୫୦ ପଇସା ଥିବା ବେଳେ ତାହାକୁ ହ୍ରାସ କରି ୨୪ ପଇସା ଧାର୍ଯ୍ୟ କରାଯାଇଛି। ତା'ଛଡ଼ା ଗ୍ରୀଡ୍‌କୋର ବିଦ୍ୟୁତ ପାଇକାରୀ କ୍ରୟ ମୂଲ୍ୟ ଚଳିତ ବର୍ଷ ପାଇଁ ୟୁନିଟ ପିଛା ୩୩୧.୧୦ ପଇସା ଥିବା ବେଳେ ଆସନ୍ତା ବର୍ଷ ପାଇଁ ସାମାନ୍ୟ ହ୍ରାସ କରି ଏହାକୁ ୩୩୦.୯୫ ପଇସା ଧାର୍ଯ୍ୟ କରାଯାଇଛି।

## ଖଡ଼ଗପୁରରେ...

ଶ୍ରୀ ପ୍ରଧାନଙ୍କ ପିତା ସ୍ୱର୍ଗତଃ କେନ୍ଦ୍ରମନ୍ତ୍ରୀ ଡାକ୍ତର ଦେବେନ୍ଦ୍ର ପ୍ରଧାନ ମଧ୍ୟ ୧୯୯୯ ମାର୍ଚ୍ଚ ୧୫ରେ ମଧ୍ୟ ଏହି ଜମି ଆବଣ୍ଟନ ପାଇଁ ତତ୍କାଳୀନ କେନ୍ଦ୍ର ରାଷ୍ଟ୍ର ରେଳ ମନ୍ତ୍ରୀ ରାମ ନାଏକଙ୍କୁ ନିବେଦନ କରିଥିଲେ। ସାଂସଦମାନେ ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ୧୯୮୯ରୁ ଏହି ଆସୋସିଏସନ ଖଡ଼ଗପୁର ଭଳି ଏକ ବହୁଭାଷୀ ରେଳ ସହରରେ କର୍ମଚାରୀଙ୍କ ମଧ୍ୟରେ ସାଂସ୍କୃତିକ ଏକତା, ସାମାଜିକ କଲ୍ୟାଣ ଓ ଶ୍ରୀଜଗନ୍ନାଥ ମନ୍ଦିର ମାଧ୍ୟମରେ ଓଡ଼ିଆ ସଂସ୍କୃତିର ପ୍ରଚାର ପ୍ରସାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି। ରେଳ ବିଭାଗର ଆଭ୍ୟନ୍ତରୀଣ ରିପୋର୍ଟ ଅନୁଯାୟୀ, ଆସୋସିଏସନ ଦୀର୍ଘ ଦିନରୁ ଏହି ଜମି ବ୍ୟବହାର କରୁଛି ଓ ସେଠାରେ ସ୍କୁଲ, ମନ୍ଦିର ଓ ଅନ୍ୟାନ୍ୟ ଜନହିତକର ଭିତ୍ତିଭୂମି ରହିଛି। ଦକ୍ଷିଣ-ପୂର୍ବ ରେଳବାଇର ଡିଭିଜନାଲ ରେଲୱେ ମ୍ୟାନେଜର (ଡିଆରଏମ/କେଜିପି) ଓ ଅନ୍ୟାନ୍ୟ ଅଧିକାରୀମାନେ ପୂର୍ବରୁ ଏହି ଜମି ନିୟମିତକରଣ ପାଇଁ ସୁପାରିସ୍ କରିସାରିଛନ୍ତି। ତେବେ ଜମି ଆବଣ୍ଟିତ ନ ହେବା ତଥା ଏଥିରେ ଅହେତୁକ ବିଳମ୍ବ କାରଣରୁ ସଂଘର ବିକାଶମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ତେଣୁ ଏହାକୁ ଏକ 'ସ୍ୱତନ୍ତ୍ର ମାମଲା' ଭାବେ ବିଚାର କରି ରେଳ କର୍ମଚାରୀ ଓ ସାଧାରଣ ଜନତାଙ୍କ ସୁବିଧା ପାଇଁ ଏହି ଜମିକୁ ତୁରନ୍ତ ଆବଣ୍ଟନ କରିବାକୁ ଓଡ଼ିଶାର ସାଂସଦମାନେ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିଛନ୍ତି।

ଶ୍ରୀ ପ୍ରଧାନ କହିଛନ୍ତି ଯେ ରେକା କେବଳ ଧାର୍ମିକ କାର୍ଯ୍ୟରେ ସୀମିତ ନ ରହି ଜାତୀୟ ସଂହତି ଓ ସାମାଜିକ ସଦଭାବନା ରକ୍ଷା କରିବାରେ ଏକ ପ୍ରମୁଖ ଭୂମିକା ନିଭାଇ ଆସୁଛି। ଏହାର ସ୍ଥାୟୀ ସମାଧାନ ହେଲେ ଖଡ଼ଗପୁରରେ ରହୁଥିବା ବିଭିନ୍ନ ପ୍ରାନ୍ତର ରେଳ କର୍ମଚାରୀମାନେ ବିଶେଷ ଭାବେ ଉପକୃତ ହୋଇପାରିବେ। ପ୍ରକାଶ ଥାଉକି, ଓଡ଼ିଶାର ସାଂସଦମାନେ ଏ ସମ୍ପର୍କିତ ସମସ୍ତ ତଥ୍ୟ ଚିଠି ସହ ସଂଲଗ୍ନ କରିଛନ୍ତି।

## ନବୀନଙ୍କୁ...

ମଧ୍ୟଭାଗକୁ ଓହ୍ଲାଇଲେ। ହେଲେ ଆଜି ବିଜେପି ବିଧାୟକମାନେ ସୁଯୋଗ ପାଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭଲ ଭାବେ ଧୋଇଦେଲେ। ଆଉ ବିଜେଡିର କିଛି ବରିଷ୍ଠ ବିଧାୟକ ଛିଡ଼ା ହୋଇ କାନରେ ହେଡଫୋନ ଲଗାଇ ସବୁ ଶୁଣିଲେ, ହେଲେ ସେମାନଙ୍କ ପାଖରେ ପ୍ରତିବାଦର ବାଟ ନଥିଲା।

ଶୂନ୍ୟକାଳ ଆରମ୍ଭ ହେବା ମାତ୍ରେ ବିଜେଡି ଓ କଂଗ୍ରେସ ବିଧାୟକମାନେ ଯେମିତି ଗୃହ ମଧ୍ୟଭାଗକୁ ଯାଇ ସ୍ଲୋଗାନବାଜି ଆରମ୍ଭ କଲେ, ବିଜେପିର ଜଣକ ପରେ ଜଣେ ବିଧାୟକ ପଏଣ୍ଟ ଅଫ୍ ଅର୍ଡର ଜରିଆରେ ନବୀନ ପଟ୍ଟନାୟକଙ୍କୁ ସମାଲୋଚନା କରିଥିଲେ। ବିଜେପିରୁ ପ୍ରଥମେ ନବୀନଙ୍କ ଉପରେ ବର୍ଷିବା ଆରମ୍ଭ କଲେ ଟଙ୍କଧର ତ୍ରିପାଠୀ। ସେ ସିଧାସଳଖ ଆକ୍ଷେପ କରିଥିଲେ ଯେ ଦଳୀୟ କନ୍ଦଳକୁ ଲୁଚାଇବାକୁ ବିଧାନସଭା ଚଳାଇଦେଉନାହାଁନ୍ତି ବିରୋଧୀ ଦଳ ନେତା। ବିଜେଡି ଦୁଇ ଭାଗ ହୋଇଗଲାଣି। ତେଣୁ ନିଜ ଭାବମୂର୍ତ୍ତି ରକ୍ଷା କରିବାକୁ ବିଧାନସଭାକୁ ବ୍ୟବହାର କରୁଛନ୍ତି। ସେହିଭଳି ବିଧାୟକ ପଦ୍ମଲୋଚନ ପଣ୍ଡା ଉଠାଇଲେ ଦିଲ୍ଲୀରେ ଗଠନ ହୋଇଥିବା ବିଜୁ-ନବୀନ ଟ୍ରଷ୍ଟ ପ୍ରସଙ୍ଗ। ଟ୍ରଷ୍ଟକୁ ପ୍ରଥମେ ନବୀନ ମାନୁ ନ ଥିଲେ, ପରେ ନିଜେ କହିଲେ ସେ ଏହି ଟ୍ରଷ୍ଟ ଗଠନ କରିଛନ୍ତି। ଏହି ଟ୍ରଷ୍ଟରେ ୪ ହଜାର କୋଟି ଟଙ୍କା ଥିବା ଚର୍ଚ୍ଚା ହେଉଛି। ଏହାର ତଦନ୍ତ କରାଯିବାକୁ ସେ ଦାବି କରିଥିଲେ।

ବିଜେପି ବିଧାୟକ ସନାତନ ବିଜୁଳି ଓ ମନୋରଞ୍ଜନ ଦ୍ୟାନସାମନ୍ତରାୟ ମଧ୍ୟ ଟ୍ରଷ୍ଟ କଥା ଉଠାଇଥିଲେ। କହିଥିଲେ ଯେ ଏହି ଟ୍ରଷ୍ଟକୁ ନେଇ ଏବେ ବିଜେଡିରେ ଅସନ୍ତୋଷ ସୃଷ୍ଟି ହୋଇଛି। ନିଜେ ନବୀନ ତାଙ୍କ ବିଧାୟକଙ୍କୁ ସାଧାରଣରେ ଭାଣ୍ଡିଆ କରିଦେଲେ। ଏହାଛଡ଼ା ବିଜେପି ବିଧାୟକ ବିଭୁତି ଭୂଷଣ ପ୍ରଧାନ କହିଥିଲେ ଯେ ଯେଉଁ କଂଗ୍ରେସ ଏକଦା ବିଜେପି-ବିଜେଡି ବାହାଘର କାର୍ଡ ବାଣ୍ଟୁଥିଲା, ଏବେ ସେଇ ଦଳ ବିଜେଡି ସହ ହାତଗଣ୍ଠି ପକାଇଛି। ବିଜେଡି ନେତାମାନେ ଏବେ ବି ସନ୍ୟାସୀଙ୍କ ନିର୍ଦ୍ଦେଶରେ ଗୃହ ଚଳାଇଦେଉନାହାଁନ୍ତି ବୋଲି ସେ ଅଭିଯୋଗ କରିଥିଲେ। ବିଧାୟକ ସନ୍ତୋଷ ଖଟୁଆ ବିଜେଡିକୁ ଓଧ ସହ ତୁଳନା କରି କଂଗ୍ରେସ ବିଧାୟକଙ୍କୁ ବଣଭୁଆ ସାଜି ଓଧ ସହ ବାଇ ନ ହେବାକୁ ସତର୍କ କରାଇ ଦେଇଥିଲେ। ସେ ଓ ବିଧାୟକ ବାବୁ ସିଂ ମଧ୍ୟ ଟ୍ରଷ୍ଟକୁ ନେଇ ପ୍ରଶ୍ନ ଉଠାଇଥିଲେ। ବିଜୁବାବୁ ଓଡ଼ିଶାର ଆଦର୍ଶ। କିନ୍ତୁ ତାଙ୍କ ନାଁରେ ଦିଲ୍ଲୀରେ କାହିଁକି ଟ୍ରଷ୍ଟ ହେଲା ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଆଉ ଚର୍ଚ୍ଚା ହେଉଛି ଯେ ଏହି ଟ୍ରଷ୍ଟରେ ୪ ହଜାର କୋଟି ଟଙ୍କା ଅଛି। ଏହାର ତଦନ୍ତ ହେଉ। ବଂଶ ନାଶ ବେଳେ ଘୋଡାମୁହାଁ ପୁଅ ଜନ୍ମ ହୁଏ ବୋଲି ଓଡ଼ିଆ ଢଗର ଉଦାହରଣ ଦେଇ ସେ କହିଥିଲେ ଯେ ପୂର୍ବରୁ ନବୀନ ପଟ୍ଟନାୟକ ଓଡିଶାବାସୀଙ୍କୁ ଭୁଆଁ ବୁଲାଉଥିଲେ। ଏବେ ସେ ବିଜେଡି ବିଧାୟକଙ୍କୁ ଭୁଆଁ ବୁଲାଉଛନ୍ତି। ବିଜେଡି ଓ କଂଗ୍ରେସ ବିଧାୟକମାନେ ହାଲୁକା ସ୍ଲୋଗାନବାଜି କରୁଥିବା ବେଳେ ୫୦ ମିନିଟ ଧରି ବିଜେପି ବିଧାୟକମାନେ ବିଜେଡି ଓ ନବୀନ ପଟ୍ଟନାୟକଙ୍କୁ କଟୁ ସମାଲୋଚନା କରିଚାଲିଥିଲେ।

## ଥାନା...

ଛାଡୁନାହାନ୍ତି ଏହି ଅପରାଧୀ। ହତିଆର୍ ଧରି ଆଇଆଇସିଙ୍କ ଚାମ୍ବର ପର୍ଯ୍ୟନ୍ତ ଚାଲିଯାଉଛନ୍ତି।

ଘଟଣାଟି ଗତ ୨୧ ତାରିଖର। ଖବର ଅନୁସାରେ, ଚନ୍ଦକା ରାସ୍ତାରେ ଥିବା ପାଲ୍ଲିକା ହୋଟେଲ ମାଲିକ ପୀତବାସ ପାଲଟାସିଂଙ୍କ ଦୁଇ ପତ୍ନୀ ଓ ପିଲାଙ୍କ ମଧ୍ୟରେ ଗଣ୍ଡଗୋଳ ପାଇଁ ଏଭଳି ପରିସ୍ଥିତି ଉପୁଜିଥିଲା। ପୀତବାସଙ୍କର ଦୁଇ ଜଣ ସ୍ତ୍ରୀ ଥିବା ବେଳେ ସମ୍ପତ୍ତିକୁ ନେଇ ଉଭୟଙ୍କ ମଧ୍ୟରେ ପୂର୍ବରୁ ଗଣ୍ଡଗୋଳ ଲାଗି ରହିଥିଲା। ତେବେ ଗତ ୨୧ ତାରିଖରେ ଦିନ ଏହା ଉଗ୍ର ରୂପ ନେବା ସହ ଉଭୟଙ୍କ ମଧ୍ୟରେ ହଣାକଟା ପର୍ଯ୍ୟନ୍ତ କଥା ଯାଇଥିଲା। ଏପରିକି ଥାନାରେ ଡିସିଓଙ୍କୁ ମଧ୍ୟ ଛୁରାମାଡ଼ କରିବାକୁ ପଛାଇନଥିଲେ ଦୁର୍ବୃତ୍ତ। ଏହି ଘଟଣାରେ ପୁଲିସ୍ ୧୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। କିନ୍ତୁ ଏହି ଘଟଣାର ଭିଡିଓ ଭାଇରାଲ ହେବା ପରେ ପୁଲିସ ପ୍ରତି ଅପରାଧୀଙ୍କ ଭୟ ନ ଥିବା ସ୍ପଷ୍ଟ ବାରି ହୋଇପଡୁଛି। ଏନେଇ ଥାନାଧିକାରୀ ସମିତା ମିଶ୍ରଙ୍କର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ମୋଦି-ଟ୍ରମ୍ପ...

ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମସ୍ତ ଯୁଦ୍ଧଖୋର ଦେଶମାନଙ୍କୁ ସାବାଡ୍ କରିବା ଉଦ୍ଦେଶ୍ୟରେ ହର୍ମୁଜ୍ ପ୍ରଣାଳୀ ବନ୍ଦ ରଖିଛି ଇରାନ। ଏଥିପାଇଁ ତେଲ ଟ୍ୟାଙ୍କରଗୁଡ଼ିକ ଇରାନ ଅତିକ୍ରମ କରି ଅନ୍ୟ ଦେଶକୁ ଯାଇପାରୁନାହିଁ। ଯାହାକି ଏବେ ବିଶ୍ୱ ସଂକଟ ଭାବେ ଉଭା ହୋଇଛି। ଏହାର ସମାଧାନ ପାଇଁ ଅନେକ ଦେଶ ଭିନ୍ନ ଭିନ୍ନ ଦିଗ ନେଇ ଆଲୋଚନା କରୁଥିବା ବେଳେ ମୋଦି ଓ ଟ୍ରମ୍ପ ମଧ୍ୟ ଆଲୋଚନା କରିଛନ୍ତି। ଏନେଇ ମୋଦି ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି। ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ ଯୁଦ୍ଧ ବିରତି ପାଇଁ ସମର୍ଥନ କରିବାକୁ ପ୍ରତିଶ୍ରୁତି ଦେବା ସହ ହର୍ମୁଜ ଜଳପଥ ଖୋଲିବାର ଗୁରୁତ୍ୱ ନେଇ କଥା ହୋଇଥିଲେ। ଏଥିସହ ବିଶ୍ୱରେ ଶାନ୍ତି ଓ ଅର୍ଥନୀତି ପାଇଁ ଯୁଦ୍ଧ ବନ୍ଦ ହେବା ନେଇ ବନ୍ଧୁଙ୍କ ସହ କଥା ହୋଇଛନ୍ତି ମୋଦି। ସେହିଭଳି ଦୁଇ ଦେଶର ମୁଖ୍ୟ ଆଗାମୀ ଦିନରେ ମଧ୍ୟ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ନେଇ ଆଲୋଚନା ଜାରି ରଖିବେ ବୋଲି ରାଜି ହୋଇଥିବା ଜଣାପଡ଼ିଛି।

## ୨୯ରେ...

କରିଥିଲେ ଭୋଟର। ଯେଉଁଥିପାଇଁ ବିଜେଡି ପ୍ରଥମେ ବିଜେପି ସହଯୋଗରେ କ୍ଷମତାକୁ ଆସିଲା। ପରେ ବିଜେପି ହାତ ଛାଡ଼ିଦେଇ ଏକାକୀ ସରକାର ଗଠନ କଲା ବିଜେଡି। ହେଲେ ଉଭୟ ଜାତୀୟ ଓ ରାଜ୍ୟ ସ୍ତରରେ ପରିବର୍ତ୍ତିତ ରାଜନୈତିକ ଦୃଶ୍ୟପଟ୍ଟରେ ନବୀନ କଂଗ୍ରେସ ସହ ବୁଝାମଣା କରିବାକୁ ବାଧ୍ୟ ହୋଇଛନ୍ତି।

ଆରମ୍ଭରୁ ଏହି ମେଣ୍ଟକୁ ବିଜେଡିର ବରିଷ୍ଠ ନେତାମାନେ କେବଳ ରାଜ୍ୟସଭା ପାଇଁ ଉଦ୍ଦିଷ୍ଟ ବୋଲି କହୁଥିଲେ। କିନ୍ତୁ ଗତ କିଛି ଦିନ ଧରି ବିଧାନସଭାରେ ଦୁଇ ଦଳର ମିଳିତ ଆନ୍ଦୋଳନରୁ ଆକଳନ କରାଯାଉଛି ଯେ ଏହି ମେଣ୍ଟ ଦୀର୍ଘସ୍ଥାୟୀ। ୨୯ ବର୍ଷର ବିରୋଧ ୨୦୨୯ରେ ନୂଆ ରୂପ ନେବାକୁ ଯାଉଛି ବୋଲି ବର୍ତ୍ତମାନର ସ୍ଥିତିକୁ ଦେଖି ରାଜନୈତିକ ସମୀକ୍ଷକମାନେ ଆକଳନ କରୁଛନ୍ତି। କଂଗ୍ରେସ ମଧ୍ୟ ରାଜ୍ୟରେ ନିଜର ଅସ୍ତିତ୍ୱ ବଜାୟ ରଖିବାକୁ ପ୍ରତ୍ୟାଖ୍ୟାତ ସ୍ୱାମୀଙ୍କୁ ଏକରକମ ବରଣ କରିବାକୁ ବାଧ୍ୟ ହୋଇଛି।

## ସକ୍ରିୟ...

ନବୀନ। ରାସ୍ତାଘାଟରେ ବିଜେଡିକୁ ଆକ୍ରମଣ କରୁଥିବା ବେଳେ ନେତାଙ୍କ ମଧ୍ୟରେ ପ୍ରଭାତ ତ୍ରିପାଠୀ ଓ ପ୍ରଭାତ ବିଶ୍ୱାଳଙ୍କ ଭଳି ବରିଷ୍ଠଙ୍କ ସହ ମାନସ ବସ୍ତିଆଙ୍କ ଭଳି କୁହାଳିଆ ନେତା ବି ରହିଛନ୍ତି। ବେଳ କାଳ ଉଣ୍ଡି ଗଣମାଧ୍ୟମ ନିକଟରେ ହାଜର ହୋଇ ବିଜେଡିକୁ ଶାଣିତ ଆକ୍ରମଣ କରୁଛନ୍ତି। ସେହିଭଳି ମଉକା ଦେଖି ବିଜେଡିକୁ ଚିମୁଟି ଘାଇଲା କରୁଥିବା ନେତ୍ରୀଙ୍କ ମଧ୍ୟରେ ଆଉ ଜଣେ ହେଉଛନ୍ତି ଏଲିନା ଦାସ। ଶ୍ରୀମୟୀ ରାସ୍ତାରେ ଯାଇ ଇଏ ବି ଏବେ ବିଜେଡି ବିରୋଧୀ।

ତେବେ ଏହି ସମସ୍ତଙ୍କର ଗୋଟିଏ ଲକ୍ଷ୍ୟ ହେଉଛି ବିଜେଡିକୁ ଦୁର୍ବଳ କରିବା। ଦଳକୁ ଭାଙ୍ଗିବା। ଯାହା ରୀତିମତ ଭାବେ ବିଜେପି କହିଆସୁଛି। ହେଲେ ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂରେ ଅପମାନିତ ହୋଇଥିବା ବିଜେଡି କିନ୍ତୁ ପଛକୁ ହଟିବା ସ୍ଥିତିରେ ନାହିଁ। ପ୍ରଥମେ ଦୁଇ ଜଣଙ୍କୁ ଷଡ଼ଯନ୍ତ୍ର ଅଭିଯୋଗରେ ଓ ପରେ ୬ ଜଣ ବିଧାୟକଙ୍କୁ ଦଳୀୟ ଶୃଙ୍ଖଳା ଭଙ୍ଗ ଅଭିଯୋଗରେ ବିଜେଡି ବିଦା କରିଛି। ଦଳର ବରିଷ୍ଠ ନେତା ଦେବୀ ମିଶ୍ର ବି ସଫା ସଫା ଶୁଣାଇଛନ୍ତି ପ୍ରଥମେ ଆତ୍ମଜ୍ଞାନ, ପରେ ଲାଭ ଓ କ୍ଷତିର ହିସାବ।

ବିଜେଡିର ଏହି ଠେଙ୍ଗାଦେଖାର ମୁକାବିଲା ପାଇଁ ଲାଗିପଡ଼ିଥିବା ସ୍ନାଇପର ସେଲ୍ ପଛରେ ବିଜେପି କାନ୍ଥ ଭଳି ଛିଡ଼ା ହୋଇଥିବା ବେଳେ ଏମାନେ ବିଜେଡିକୁ କେତେଦୂର ଘାଇଲା କରିବେ ଓ ବିଜେଡି ଏମାନଙ୍କର କିଭଳି ମୁକାବିଲା କରିବ, ତା' ଉପରେ ଏବେ ସମସ୍ତଙ୍କ ନଜର ରହିଛି।

## ଦୁଷ୍କର୍ମ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ନବରଙ୍ଗପୁର,୨୪।୩ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ଓ ଦୌରା ଜଜ ମାନ୍ୟବର ବିଚାରପତି ସଂଗ୍ରାମ କେଶରୀ ପଟ୍ଟନାୟକ ଏକ ଦୁଷ୍କର୍ମ ଘଟଣାର ବିଚାରଣା କରି ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ଅଭିଯୁକ୍ତ ଡମ୍ବୁ ସିଂ ଭତରାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନା ଅନୁଯାୟୀ, କୋଡ଼ିଙ୍ଗା ଥାନା ଅନ୍ତର୍ଗତ ଚଟାହାଣ୍ଡି ଗ୍ରାମର ପୀଡ଼ିତା ଗତ ୨୨.୦୪.୨୦୨୫ରେ କୋଡ଼ିଙ୍ଗା ଥାନାରେ କେସ ନମ୍ବର ୭୮/୨୫ ପ୍ରକାରେ ଏକ ଲିଖିତ ଅଭିଯୋଗ କରିଥିଲେ ଯେ, ତାଙ୍କୁ କୋଡ଼ିଙ୍ଗା ଥାନା ଅନ୍ତର୍ଗତ ତେନ୍ତୁଳିଗୁଡା ଗ୍ରାମର ଡମ୍ବୁ ସିଂ ଭତରା ବିବାହ କରି ସ୍ତ୍ରୀ କରି ରଖିବି ବୋଲି ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିଲା ଏବଂ ପୀଡ଼ିତା ୨ ମାସର ଗର୍ଭବତୀ ହେବା ପରେ ଦେଶୀ ଔଷଧ ଖୁଆଇ ତାହାର ଗର୍ଭ ନଷ୍ଟ କରିଛି ଓ ଏଥିସହ ଅଭିଯୁକ୍ତ ଘର ତୋଳିବା ପାଇଁ ପୀଡ଼ିତା ଠାରୁ ପୀଡ଼ିତାର ଜଣେ ବନ୍ଧୁଙ୍କ ଉପସ୍ଥିତିରେ ଚାରିଲକ୍ଷ ଟଙ୍କା ନେଇଛି। ପୀଡ଼ିତା ଯେତେବେଳେ ଅଭିଯୁକ୍ତଙ୍କୁ ନିଜର ବକେୟା ଟଙ୍କା ମାଗିଲେ ସେ ବିଭିନ୍ନ ଭାଷାରେ ଗାଳି ଗୁଲଜ କରିବା ସହ ଜୀବନରେ ମାରିଦେବା ପାଇଁ ଧମକ ଦେଇଥିଲେ। ପୁଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ଡମ୍ବୁ ସିଂ ଭତରାଙ୍କୁ କୋର୍ଟ ଚାଲାଣ କରିଥିଲା। ସମସ୍ତ ୧୭ଜଣ ସାକ୍ଷ୍ୟ ପ୍ରମାଣଙ୍କୁ ଭିତ୍ତି କରି ମାନ୍ୟବର ଜିଲ୍ଲା ଓ ଦୌରା ଜଜ ଶ୍ରୀ ସଂଗ୍ରାମ କେଶରୀ ପଟ୍ଟନାୟକ ଅଭିଯୁକ୍ତ ଡ଼ମ୍ବୁ ସିଂ ଭତରାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

### ଲେଫ୍ରିପଡାରେ ନାରକୀୟ କାଣ୍ଡ

## ପୁଅ ନେଲା ବାପା-ମା'ଙ୍କ ଜୀବନ

**ସୁନ୍ଦରଗଡ଼,୨୪।୩ (ସଂଚାର ବ୍ୟୁରୋ):** ଆଜି ଲେଫ୍ରିପଡା ଥାନା ଅଂଚଳରେ ଘଟିଯାଇଛି ଏକ ଡବଲ ମର୍ଡର। ଲେଫ୍ରିପଡା ଥାନା ଅନ୍ତର୍ଗତ ଦଲକିଂଟରନ ଗ୍ରାମରେ ପୁଅର ପାତ୍ରସ ଟପ୍ପୋ ମାଡ଼ରେ ବାପା ଓ ମା'ର ଜୀବନ ଚାଲି ଯାଇଛି। ମୃତକ ହେଲେ ମାନୁଆଲ ଟପ୍ପୋ (୭୦) ଓ ତାଙ୍କ ସ୍ତ୍ରୀ ବେରୋନିକା ଟପ୍ପୋ (୬୫)। ଗତକାଲି ଅପରାହ୍ନ ୩ଟା ସମୟରେ ନିଜର ବଡ଼ଭାଇ ସହ କୌଣସି କଥାକୁ ନେଇ ବଚସା ପରେ ଘଟିଥିଲା ଏହି ନାରକୀୟ କାଣ୍ଡ। ପାତ୍ରସ ଏକ ଲୁହା ପାଇପ ଯୋଗେ ନିଜର ବୃଦ୍ଧ ପିତାମାତାଙ୍କୁ ନିର୍ଘାତ ମାଡ଼ ମାରିଥିଲା। ଉଭୟଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପତ୍ରାସ ଟପ୍ପୋ ଓ ସୁଶୀଲ ଟପ୍ପୋ ଦୁଇ ଜଣ ଆଣି ଭର୍ତ୍ତି କରିଥିଲେ କିନ୍ତୁ ରାତିରେ ଉଭୟଙ୍କ ମୃତ୍ୟୁ ହୋଇଛି। ଏହି ଖବର ପାଇଲା ପରେ ଲେଫ୍ରିପଡା ଥାନା ଅଧିକାରୀ ଅଶୋକ ଦାସ ଘଟଣାସ୍ଥଳକୁ ଯାଇ ଅନୁସନ୍ଧାନ ଆରମ୍ଭ କରିଛନ୍ତି। ମୁଖ୍ୟ ଅଭିଯୁକ୍ତ ପୁଅ ଘଟଣା ପରେ କେଉଁଆଡେ ଫେରାର ହୋଇଯାଇଛି। ପୁଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନ ଚଢ଼ାଉ କରିବା ଆରମ୍ଭ କରିଛି।

## ପୋଲ ନିର୍ମାଣ ନାଁରେ କାଟିଦେଲେ ପାଣି ପାଇପ

### ପ୍ରତିବାଦରେ ବ୍ଲକ ଘେରିଲେ ନୋଳିଆଝରବାସୀ



**ଯାଜପୁର,୨୪।୩ (ସଂଚାର ବ୍ୟୁରୋ):** ପୋଲ ନିର୍ମାଣ ନାଁରେ ଜଳ ଯୋଗାଣ ପାଇପକୁ କାଟି ଦିଆଯାଇଛି । ଫଳରେ ଜଳ ଯୋଗାଣ ସମ୍ପୂର୍ଣ ବନ୍ଦ ହୋଇଯାଇଛି । ଏଥିନେଇ ସ୍ଥାନୀୟ ଆଦିବାସୀ ଲୋକେ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି । ଫଳରେ ପାନୀୟ ଜଳରୁ ବଞ୍ଚିତ ଆଦିବାସୀ ମାନଙ୍କ ଠାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଯାହାଫଳରେ ସ୍ଥାନୀୟ ଆଦିବାସୀମାନେ ଗରା, ବାଲଟି ଧରି ବିଡ଼ିଓଙ୍କ କାର୍ଯ୍ୟାଳୟ ଘେରାଉ କରିଥିବା ଜଣାପଡିଛି । ଯାଜପୁର ଜିଲା ସୁକିନ୍ଦା ବ୍ଲକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ନୋଳିଆ ଝର ଗାଁ ପକ୍ଷରୁ ଏଭଳି ଅଭିଯୋଗ ହୋଇଛି। ଫଳରେ ସୁକିନ୍ଦା ବିଡ଼ିଓ, ବିଭାଗୀୟ ଜେଇ, ଏସଡିଓ ସେମାନଙ୍କୁ ବୁଝାସୁଝା କରିବାକୁ ନାକେଦମ ହୋଇଥିଲେ।

ସୂଚନା ଯୋଗ୍ୟ ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ନୋଳିଆଝର ଗାଁଟି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଏହିଁ ଗାଁଟି ସୁକିନ୍ଦା ବ୍ଲକ ଠାରୁ ମାତ୍ର ପାଞ୍ଚ କିଲୋମିଟର ଦୂରରେ ରହିଛି। ଫଳରେ ଗମନା ଗମନ ପାଇଁ ଗାଁକୁ ଭଲ ରାସ୍ତାଟିଏ ନାହିଁ। ଏପରିକି ଜଙ୍ଗଲ ଜମିରେ ରହୁଥିବା ଆଦିବାସୀପରିବାର ଗୁଡିକ ପାଇଁ ଘର ଡିହ ପଟ୍ଟା, ଜଙ୍ଗଲ ଅଧିକାର ଆଇନ ସତେ ଯେପରି ଉଭାନ ଏଠାରେ ହୋଇଯାଇଛି। ବିଦ୍ୟୁତ ତାର କେହି ଦୁର୍ବୃତ୍ତ କାଟି ନେବା ପରେ ଏହି ଆଦିବାସୀ ମାନଙ୍କର ଡ଼ିବିରି ଆଲୁଅ ହିଁ ସାହା ଭରସା। ନିକଟରେ ଆରଡି ବିଭାଗ ପକ୍ଷରୁ ତାମ୍ବେରା ନାଳ ଉପରେ ଥିବା ପୁରୁଣା ପୋଲକୁ ଭାଙ୍ଗି ନୂତନ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏ ସମ୍ପର୍କରେ ଆରଡି ବିଭାଗ ଆରଡବ୍ଲୁଏସଏସ ବିଭାଗକୁ ଚିଠି ଲେଖି ଜଣାଯାଇଥିବା କୁହାଯାଉଛି। କିନ୍ତୁ ପୋଲ କାର୍ଯ୍ୟ ନିୟୋଜିତ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ଜଳ ଯୋଗାଣ ପାଇପକୁ ଫଟାଇ ଦେବାରୁ ଗାଁକୁ ପାନୀୟଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଛି ।

## ଅଭିନେତା ସ୍ୱରାଜ ବାରିକ ମୟୂରଭଞ୍ଜ ଛଉ ନୃତ୍ୟ ଅଭିଯାନର ବ୍ରାଣ୍ଡ ଆମ୍ବାସାଡର୍

**ବାରିପଦା, ୨୪।୩ (ସଂଚାର ବ୍ୟୁରୋ):** ମୟୂରଭଞ୍ଜର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ଅଂଶ ମୟୂରଭଞ୍ଜ ଛଉ ନୃତ୍ୟକୁ ବିଶ୍ୱପଟରେ ପ୍ରତିଷ୍ଠା କରିବା ପାଇଁ ଉତ୍ତରସାହି ଛଉ ନୃତ୍ୟ ପ୍ରତିଷ୍ଠାନ, ବାରିପଦା ଦ୍ୱାରା "ମୟୂରଭଞ୍ଜ ଛଉ ନୃତ୍ୟ 'ମୋ ଗର୍ବ' ନାମକ ଅଭିଯାନ ଗତ ୨୦୨୫ ଜୁନ ୧୫ ତାରିଖ ଆରମ୍ଭ କରାଯାଇଥିଲା । ଏହି ଅଭିଯାନର ବ୍ରାଣ୍ଡ ଏମ୍ବାସାଡର୍ ଭାବେ ଓଡ଼ିଆ ଚଳଚ୍ଚିତ୍ର ଜଗତର ଚର୍ଚ୍ଚିତ ଅଭିନେତା ସ୍ୱରାଜ ବାରିକଙ୍କୁ ମନୋନୀତ କରାଯାଇଛି । ଆଜି ସ୍ଥାନୀୟ ଅମ୍ବିକାସାହି ସ୍ଥିତ ପ୍ରତିଷ୍ଠାନର କାର୍ଯ୍ୟାଳୟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହା ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି । ଉତ୍ତରସାହି ଛଉ ନୃତ୍ୟ ପ୍ରତିଷ୍ଠାନର ସମ୍ପାଦକ ସୁଧୀର କୁମାର ନାୟକଙ୍କ ଅଧ୍ୟକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାରିପଦା ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା ଓ ସ୍ୱତନ୍ତ୍ର ଅତିଥି ଭାବେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଓ ବ୍ରାଣ୍ଡ ଏମ୍ବାସାଡର୍ ସ୍ୱରାଜ ବାରିକ ପ୍ରମୁଖ ଉପସ୍ଥିତ ରହି ଅଭିଯାନର ଉଦ୍ଦେଶ୍ୟ ଓ ମହତ୍ତ୍ୱ ଉପରେ ଆଲୋକପାତ କରିବା ସହ ଏହାର ସଫଳତା କାମନା କରିଥିଲେ ।

### ସମସ୍ୟାରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର

# ଚିକିତ୍ସା କମ୍, ସ୍ଥାନାନ୍ତର ବେଶୀ




### ଖାଲିପଡ଼ିଛି ବହୁ ବିଶେଷଜ୍ଞ ଡାକ୍ତର ଓ ଫାର୍ମାସିଷ୍ଟ ପଦବୀ
### ଜାଗା ଅଭାବରୁ ନିର୍ମାଣ ହୋଇପାରୁନି ନୂତନ କୋଠା

**କାକଟପୁର/ଅସ୍ତରଙ୍ଗ,୨୪।୩ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୀର୍ଘ ବର୍ଷ ହେଲା ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇପଡିଛି। ପ୍ରାୟ ୧୫ଗୋଟି ପଞ୍ଚାୟତ ସମେତ ପର୍ଯ୍ୟଟନସ୍ଥଳୀ ବୁଲିବାକୁ ଆସୁଥିବା ପର୍ଯ୍ୟଟକ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭରଶୀଳ ଥିବା ବେଳେ ପ୍ରତିଦିନ ଏଠାକୁ ପାଖାପାଖି ଏକ ଶହରୁ ଉର୍ଦ୍ଧ୍ୱ ରୋଗୀ ଆସନ୍ତି। ମାତ୍ର ପରିତାପର ବିଷୟ ବିଶେଷଜ୍ଞ ଡାକ୍ତର, ଫାର୍ମାସିଷ୍ଟ, ଆବଶ୍ୟକ ଯନ୍ତ୍ରପାତି ଓ ଭିତ୍ତିଭୂମି ଅଭାବରୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ମିଳିପାରୁନାହିଁ। ତେଣୁ ୮୦ ପ୍ରତିଶତ ରୋଗୀ ଚାରିଛକ, ପୁରୀ, କଟକ କିମ୍ବା ଭୁବନେଶ୍ୱର ରେଫର (ସ୍ଥାନାନ୍ତର ) ହେଉଛନ୍ତି। ଅନେକ ରୋଗୀ ଘରୋଇ ହସ୍ପିଟାଲକୁ ଯାଇ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି।

ଏହି ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ଖଣ୍ଡାସାହି, ରତନପୁରରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି। ସେଗୁଡିକ ଅବସ୍ଥା ମଧ୍ୟ ସମାନ। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୁଖ୍ୟତଃ ଏମବିବିଏସ ଡାକ୍ତର ଓ ସ୍ପେଶାଲିଷ୍ଟଙ୍କୁ ମିଶାଇ ୧୫ରୁ ଉର୍ଦ୍ଧ ପଦବୀ ରହିଛି। କିନ୍ତୁ କୌଣସି ବିଶେଷଜ୍ଞ ଡକ୍ଟର ନାହାନ୍ତି। ସେହିଭଳି ଆବଶ୍ୟକ ଫାର୍ମାସିଷ୍ଟ, ଆଟେଣ୍ଡାଣ୍ଟ ଭଳି ପଦବୀ ଫାଙ୍କା ରହିଛି।

ନୂତନ ହସ୍ପିଟାଲ ପାଇଁ ଅସ୍ତରଙ୍ଗରୁ ନୂଆଗଡ ରାସ୍ତାରେ କିଛି ଦିନ ତଳେ ଜମି ଚିହ୍ନଟ ହୋଇଥିବା ବେଳେ ପରେ ଗ୍ରହଣୀୟ ଅନୁପଯୋଗୀ ହୋଇଥିବା ବିଶେଷ ସୂତ୍ରରୁ ଜଣାପଡିଛି। ତେଣୁ ଅନୁଦାନ ଆସୁଥିଲେ ମଧ୍ୟ ଜାଗା ମିଳୁନଥିବାରୁ ଘର ନିର୍ମାଣ ହୋଇପାରୁନି। ଷ୍ଟାଫ କ୍ୱାର୍ଟର ଗୁଡିକ ଦୁର୍ବଳ ହୋଇ ଭାଙ୍ଗି ଯାଇଥିବା ଜଣାପଡିଛି।

ଏ ନେଇ ଅସ୍ତରଙ୍ଗ ଅଞ୍ଚଳ ସମାଜସେବୀ ତଥା ବଜାର କମିଟି ସଭାପତି ଦୁଷ୍ମନ୍ତ କୁମାର ପରିଡା କହିଛନ୍ତି ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକ ଚିକିତ୍ସା ନ ପାଇଁ ରୋଗୀ ଭୁବନେଶ୍ୱର ସ୍ଥାନାନ୍ତର ହେବାର ଚିନ୍ତାର ବିଷୟ। ଏଥିପ୍ରତି ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେବା ଆବଶ୍ୟକ। ବରିଷ୍ଠ ସାମ୍ବାଦିକ ବିଜୟ ବେହେରା କହିଛନ୍ତି, ଆନ୍ତରିକତା ଅଭାବରୁ ଅସ୍ତରଙ୍ଗ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଠିକ ଭାବେ ସ୍ୱାସ୍ଥ୍ୟସେବା ମିଳି ପାରୁନାହିଁ। ତେଣୁ ରୋଗୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡକ୍ଟର ଅଭାବରୁ ରୋଗୀ ନିରାଶ ହେଉଛନ୍ତି। ତେଣୁ ଏଠାରେ ସ୍ପେଶାଲିଷ୍ଟ ଡକ୍ଟର ବିଶେଷ କରି ଅସ୍ଥିଶଲ୍ୟ ବିଭାଗ, ଶିଶୁରୋଗ ବିଭାଗ, ସ୍ତ୍ରୀ ରୋଗ ବିଶେଷଜ୍ଞ ନିଯୁକ୍ତି କରିବାକୁ ଦାବୀ ହେଉଛି। ଏ ସମ୍ପର୍କ ରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼ଃ ସଞ୍ଜୟ ପ୍ରଧାନ କହିଛନ୍ତି ଯାହା ସମସ୍ୟା ଅଛି ସବୁ ମାସରେ ରିପୋର୍ଟ ଦିଆଯାଉଛି। ଯେତିକି ଡକ୍ଟର ଆବଶ୍ୟକ ସେତିକି ନାହାନ୍ତି।

## ଗଞ୍ଜାମ ଏନଏସିରେ ଜନଗଣନା ପ୍ରଶିକ୍ଷଣ




**ଛତ୍ରପୁର,୨୪।୩ (ସଂଚାର ବ୍ୟୁରୋ):** ଆସନ୍ତା ଜନଗଣନା କାର୍ଯ୍ୟକୁ ସୁଚାରୁ ଭାବେ ସମ୍ପାଦନ କରିବା ପାଇଁ ଗଞ୍ଜାମ ଏନଏସି ପକ୍ଷରୁ ସମ୍ମେଳନ କକ୍ଷରେ ପ୍ରଥମ ଦିନର ଜନଗଣନା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଅଛି।ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ନିର୍ବାହୀ ଅଧିକାରୀ ତଥା ଚାର୍ଜ ଅଫିସର ଅର୍ପଣା ଡ଼ାଙ୍ଗୁଆଙ୍କ ନେତୃତ୍ୱରେ ସଂଚାଳନ କରାଯାଇଥିଲା। ସେ ତାଙ୍କ ଉଦ୍‌ବୋଧନରେ ଜନଗଣନାର ଗୁରୁତ୍ୱ ବିଷୟରେ ଉଲ୍ଲେଖ କରି କହିଥିଲେ ଯେ, ସଠିକ୍ ତଥ୍ୟ ସଂଗ୍ରହ ଦ୍ୱାରା ସରକାରୀ ଯୋଜନାମାନଙ୍କ ରୂପାୟଣ ଓ ଲୋକମାନଙ୍କ ଉନ୍ନତିରେ ସାହାଯ୍ୟ ମିଳେ।

ପ୍ରଶିକ୍ଷକ ଭାବେ ଜଗତ ଜ୍ୟୋତି ସାମଲ, ଲକ୍ଷ୍ମୀ ଚରଣ ପାଢ଼ୀ, ସୁମନ୍ତ ପାତ୍ର ଯୋଗଦେଇ ଜନଗଣନାର ବିଭିନ୍ନ ପର୍ଯ୍ୟାୟ, ତଥ୍ୟ ସଂଗ୍ରହ ପ୍ରଣାଳୀ, ଫର୍ମ ପୂରଣ ପ୍ରକ୍ରିୟା ଓ ନିର୍ଦ୍ଦିଷ୍ଟ ଦାୟିତ୍ୱ ବିଷୟରେ ବିସ୍ତୃତ ଭାବେ ବୁଝାଇଥିଲେ। ଏଥିସହିତ ଡିଜିଟାଲ୍ ପ୍ରଣାଳୀ ବ୍ୟବହାର ଓ ତ୍ରୁଟିହୀନ ତଥ୍ୟ ଦାଖଲ କରିବା ଉପରେ ମଧ୍ୟ ଜୋର ଦିଆଯାଇଥିଲା।

ଗଞ୍ଜାମ ଏନଏସି ଅଞ୍ଚଳର ମୋଟ ୩୧ ଜଣ ବିଦ୍ୟାଳୟ ଶିକ୍ଷକ ଏହି ପ୍ରଶିକ୍ଷଣରେ ଯୋଗଦେଇ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ନିର୍ବାହୀ ଅଧିକାରୀ ଅର୍ପଣା ଡ଼ାଙ୍ଗୁଆ ସୂଚନା ଦେଇଥିଲେ ଯେ, ଏହି ପ୍ରଶିକ୍ଷଣ କର୍ମଶାଳା ତିନି ଦିନ ଧରି ଚାଲିବ। ଏହା ମାଧ୍ୟମରେ ସମସ୍ତ ଶିକ୍ଷକଙ୍କୁ ପ୍ରାୟୋଗିକ ଭାବେ ପ୍ରଶିକ୍ଷିତ କରାଯିବା ସହ ଜନଗଣନା କାର୍ଯ୍ୟକୁ ଏହା ଆହୁରି ସୁଚାରୁ ଭାବେ ସମ୍ପାଦନ କରାଯିବ ବୋଲି ଆଶା ପ୍ରକାଶ ପାଇଛି।

## ଖଡ଼ିଛୁଆଁ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣପତ୍ର ବଣ୍ଟନର ଶୁଭାରମ୍ଭ



**ବାଲିଆପାଳର, ୨୪।୩ (ସଂଚାର ବ୍ୟୁରୋ):** ଚଳିତ ନୂତନ ଶିକ୍ଷାବର୍ଷ ପାଇଁ ଏପ୍ରିଲ ୨ ତାରିଖରୁ ରାଜ୍ୟର ସମସ୍ତ ବିଧ୍ୟାଳୟରେ ପ୍ରବେଶ ଉତ୍ସବ ଏବଂ ଖଡିଛୁଆଁ ଅନୁଷ୍ଠିତ ହେବାକୁ ଥିବା ବେଳେ ଏଥିପାଇଁ ନୂତନ ଭାବେ ବିଦ୍ୟାଳୟର ନାମ ଲେଖାଇବାକୁ ଥିବା ଛାତ୍ରଛାତ୍ରୀଙ୍କ ଘରକୁ ଘର ଯାଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣ ପତ୍ର ବଣ୍ଟନ ପାଇଁ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ନିର୍ଦ୍ଦେଶ ରହିଛି। ଆଜି ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ବାଲିଆପାଳଠାରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଜିଲ୍ଲାପାଳ ଶ୍ରୀ ବିକାଶ ବାଲିଆପାଳ ବ୍ଲକ ଆଠବାଟିଆ ଗ୍ରାମରେ ବିଭିନ୍ନ ଘରକୁ ଯାଇ ନୂତନ ଭାବେ ବିଦ୍ୟାଳୟରେ ନାମ ଲେଖାଇବାକୁ ଥିବା ଛାତ୍ରଛାତ୍ରୀଙ୍କୁ ମିଠା ଖୁଆଇ, ଫୁଲ ଦେବା ସହ ଅଭିଭାବକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଏହି ନିମନ୍ତ୍ରଣପତ୍ର ବଣ୍ଟନ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ଉପଜିଲ୍ଲାପାଳ ଶୀବ ମାଲବ୍ୟ, ଜିଲ୍ଲା ଶିକ୍ଷାଧିକାରୀ ବସନ୍ତ ନାୟକ, ଗୋଷ୍ଠିଶିକ୍ଷା ଅଧିକାରୀ ଜଗବନ୍ଧୁ ଜେନା, ଏବିଇଓ ନମିତା ପ୍ରଭା ସାମଲ, ସିଆରସିସି ଯଶୌବନ୍ତ ନାୟକ, ଅଶୋକ କୁମାର ଗିରି ପ୍ରମୁଖ ଉପସ୍ଥିତ ଥିଲେ।

## ମେଗା କମ୍ପାନୀ ପାଇଁ ଜଳସୁଆଁବାସୀ ହଟହଟା



### ଭଗୁଛନ୍ତି ଜମ ଯନ୍ତ୍ରଣା

**ଆନନ୍ଦପୁର,୨୪।୩ (ସଂଚାର ବ୍ୟୁରୋ):** ମେଗା କମ୍ପାନୀର ମନମାନି କାର୍ଯ୍ୟ ଯୋଗୁଁ ଯାତାୟତରେ ଅସୁବିଧା। ବଡ଼ ବଡ଼ ଖାଲ ପାଇଁ ଛାତ୍ରଛାତ୍ରୀମାନଙ୍କ ଜୀବନ ବିପଦରେ। ଏନେଇ ଗ୍ରାମବାସୀଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଜଳସୁଆଁ ଗ୍ରାମର ଜେନା ସାହି କ୍ଲବ୍ ଘର ନିକଟରେ ଦେଖିବାକୁ ମିଳିଛି ଏକ ବିରାଟ ଖାଲ। ଫଳରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବେ ପଡୁଛି ଗ୍ରାମବାସୀଙ୍କୁ।

ଖବର ଅନୁଯାୟୀ, ମେଗା କମ୍ପାନୀ ପକ୍ଷରୁ ଘରେ ଘରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ପାଇପ୍ ବିଛାଇବା ନାମରେ ଗ୍ରାମର ବିଭିନ୍ନ ସ୍ଥାନରେ ଖୋଳାଯାଇଥିବା ଖାଲଗୁଡ଼ିକୁ ଅଧୁରା ଅବସ୍ଥାରେ ଛାଡ଼ି ଦିଆଯାଇଛି। ଏହାର ପରିଣାମରେ ଗ୍ରାମରେ ଯାତାୟତ ବ୍ୟବସ୍ଥା ପୂରାପୁରି ବାଧାପ୍ରାପ୍ତ ହୋଇପଡ଼ିଛି। ବିଶେଷ କରି ଛାତ୍ରଛାତ୍ରୀ ଓ ବୃଦ୍ଧ ଲୋକମାନେ ଏହି ରାସ୍ତା ଦେଇ ଯାଉଥିବାବେଳେ ବହୁତ ସମସ୍ୟା ଭୋଗୁଛନ୍ତି। ଯେକୌଣସି ସମୟରେ ଦୁର୍ଘଟଣା ଘଟିବ ବୋଲି ଭୟ ସୃଷ୍ଟି ହୋଇଛି।

ମେଗା କମ୍ପାନୀ ର ଏଭଳି ଅବ୍ୟବସ୍ଥିତ କାର୍ଯ୍ୟ ପ୍ରତି ଗ୍ରାମବାସୀ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହି ସମସ୍ୟାର ସମାଧାନ କରିବା ପାଇଁ ଜଳସୁଆଁ ଗ୍ରାମବାସୀ ପ୍ରଶାସନଙ୍କୁ ନିବେଦନ କରିଛନ୍ତି। ତେବେ ଦେଖିବାକୁ ବାକି ରହିଲା ପ୍ରଶାସନ ପକ୍ଷରୁ କେତେ ଶୀଘ୍ର ଏହାର ତଦନ୍ତ କରି ସମାଧାନ କରିବା ସହ ଉକ୍ତ ଠିକା ସଂସ୍ଥା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି।

## ଟ୍ରକ ମାଲିକ ସଙ୍ଘ କାର୍ଯ୍ୟାଳୟରେ ରକ୍ତଦାନ ଶିବିର



**ଯାଜପୁର ରୋଡ଼, ୨୪।୩ (ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଅଂଚଳ ସହରରେ ରହିଥିବା ଯାଜପୁର ରୋଡ ଟ୍ରକ ମାଲିକ ସଙ୍ଘ ଓ ଆଂଚଳିକ ପରିବହନ, ଯାଜପୁରର ମିଳିତ ସହଯୋଗରେ ଆଜି ସଙ୍ଘ କାର୍ଯ୍ୟାଳୟ ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ସଙ୍ଘ ସଭାପତି ଶ୍ରୀ ଅମୀୟ ରଞ୍ଜନ ବାରିକ ଓ ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ମଲିକଙ୍କ ନେତୃତ୍ୟରେ ଆୟୋଜିତ ଏହି ଶିବିରରେ ଅତିଥି ଭାବେ ଯାଜପୁର ଆଦର୍ଶ ଥାନା ଅଧିକାରୀ ଆଶିଷ କୁମାର ସାହୁ ଯୋଗ ଦେଇଥିବା ବେଳେ ଯାଜପୁର ପରିବହନ ଅଧିକାରୀ ଧୀରେନ୍ଦ୍ର କୁମାର ନାୟକ ଓ ଏମଭିଆଇ ପ୍ରଦୀପ କୁମାର ବେହେରା ଯୋଗଦେଇ ସ୍ୱେଚ୍ଛାକୃତ ଭାବେ ନିଜେ ରକ୍ତ ଦାନ କରିବା ସହିତ ଅନ୍ୟ ମାନଙ୍କ ପାଇଁ ଉଦାହରଣ ସାଜିଥିଲେ।

ସଙ୍ଘ ତରଫରୁ ଡ୍ରାଇଭର ଭାଇ ମାନଙ୍କ ସମେତ ପରିବହନ ବିଭାଗର କର୍ମଚାରୀ ମାନେ ରକ୍ତଦାନ କରିଥିଲେ। ରକ୍ତ ଅଭାବ ଯୋଗୁଁ ଚାଲିଯାଉଥିବା ମଣିଷ ମାନଙ୍କ ଜୀବନକୁ ବଂଚାଇବା ପାଇଁ ଏଭଳି ଏକ ପ୍ରୟାସକୁ ଏମଭିଆଇ ପ୍ରଦୀପ ବେହେରା ପ୍ରଶଂସା କହିଥିଲେ। ଏହି କାର୍ଯ୍ୟକ୍ରମରେ ଟ୍ରକ ମାଲିକ ସଙ୍ଘର ସମସ୍ତ ସଭ୍ୟ ଓ ଡ୍ରାଇଭର ଭାଇମାନେ ସହଯୋଗ କରିଥିଲେ। ଏହି ରକ୍ତ ଦାନ ଶିବିରରେ ପାଖାପାଖି ୫୦ ୟୁନିଟ ରକ୍ତ ସଂଗ୍ରହ କରାଯିବା ନେଇ ଆଶା ରଖାଯାଇଥିବା ଆରଟିଓ ସୂଚନା ଦେଇଥିଲେ।

## ବିଜେପି ନିର୍ବାଚନମଣ୍ଡଳୀସ୍ତରୀୟ ଭୋଟର ନାମ ତାଲିକା ପ୍ରଶିକ୍ଷଣ ଓ ମିଶ୍ରଣ ପର୍ବ



**ବାଲିଅନ୍ତା, ୨୪।୩ (ସଂଚାର ବ୍ୟୁରୋ):** ବାଲକାଟି ଶ୍ରୀ କନଭେନସନ ସଭା କକ୍ଷରେ ଆଜି ବିଜେପିର ନିଜ ନିଜ ବୁଥରେ ଦଳୀୟ କର୍ମୀଙ୍କ ଭୋଟର ତାଲିକା ସଂଶୋଧନ ସମ୍ପର୍କିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଭିନ୍ନ ବୁଥରେ ଭୋଟରଙ୍କ ନାମ ତାଲିକା ସଂଶୋଧନ ଉପରେ ରାଜ୍ୟ ଏବଂ ଜିଲ୍ଲାର ବରିଷ୍ଠ ନେତୃବୃନ୍ଦ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ପ୍ରଶିକ୍ଷଣ ଦେଇଥିଲେ । କାର୍ଯକ୍ରମରେ ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ସଭାପତିତ୍ୱ କରିଥିଲେ । ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଶତପଥି, ପୂର୍ବତନ ବିଧାୟକ ଡ. ଅରବିନ୍ଦ ଢାଲି, ଭୁବନେଶ୍ୱର ଜିଲ୍ଲା ସାଂଗଠନିକ ଉପ ସଭାପତି ଜଗନ୍ନାଥ ବେହେରା,ବାଲକାଟି ମଣ୍ଡଳ ସଭାପତି ବ୍ରହ୍ମାନନ୍ଦ ସ୍ୱାଇଁ, ଝିଲ୍ଲୀ ସାମନ୍ତରାୟ, ସଞ୍ଜୟ ତ୍ରିପାଠୀ ପ୍ରମୁଖ ପଞ୍ଚାୟତ କାର୍ଯ୍ୟକର୍ତ୍ତାମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉମାଦେଇବ୍ରହ୍ମପୁର ସରପଞ୍ଚ ରମାଲତା ନାୟକ, ସମିତି ସଭ୍ୟ ରଞ୍ଜନ ମହାପାତ୍ର,ସତ୍ୟଭାମାପୁର ସରପଞ୍ଚ ସସ୍ମିତା ଭୋଇ, ଦିଲ୍ଲୀପ କୁମାର ବେହେରା,ପ୍ରଦୀପ ମହାନ୍ତି, ପବିତ୍ର ଭୋଇ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ କର୍ମୀ ଉପସ୍ଥିତ ଥିଲେ ।

## ଉପଖଣ୍ଡ ବାର ଆସୋସିଏସନ୍‌ର ସମସ୍ତ ପଦାଧିକାରୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ




**ନୀଳଗିରି, ୨୪।୩ (ସଂଚାର ବ୍ୟୁରୋ):** ନୀଳଗିରି ଉପଖଣ୍ଡ ଓକିଲସଂଘର ସମସ୍ତ ପଦାଧିକାରୀ ନିଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ଆଜି ଅପରାହ୍ନ ୪ଟା ସମୟରେ ନୀଳଗିରି ଉପଖଣ୍ଡବାର ଆସୋସିଏସନ୍ କାର୍ଯ୍ୟାଳୟ ପରିସରରେ ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ବରିଷ୍ଠ ଆଇନଜୀବି ତଥା ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ସଂଘ ଗଠନଠାରୁ କ୍ରମାଗତ ୨୬ବର୍ଷ ଧରି ସଭାପତି ଭାବେ ନିଦ୍ୱନ୍ଦରେ ନିର୍ବାଚିତ ହୋଇଆସୁଛନ୍ତି। ଚଳିତବର୍ଷର ନିର୍ବାଚନରେ ପ୍ରତି ପଦବୀପାଇଁ ଜଣେ ଲେଖାଏଁ ପ୍ରାର୍ଥୀ ନାମାଙ୍କନ ଭରିଥିବାରୁ ସମସ୍ତ ପଦବୀର ପ୍ରାର୍ଥୀମାନେ ନିଦ୍ୱନ୍ଦରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଆଇନଜୀବୀ କାର୍ତ୍ତିକ କୁମାର ରାଉତ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ପୁନର୍ବାର ପୁଣି ସଭାପତି ଭାବେ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ଉପସଭାପତି ଯତୀନ୍ଦ୍ର ନାୟକ ଓ ଗୌରହରି ବେହେରା, ସମ୍ପାଦକ କିଶୋର କୁମାର ଦାସ, ସହସଂପାଦକ ସୁରେଶ ଚନ୍ଦ୍ର ବାରିକ, ବିଘ୍ନେଶ୍ୱର ବାରିକ, କୋଷାଧ୍ୟକ୍ଷ ଦେବାନନ୍ଦ ଦାସ ନିର୍ବାଚିତ ହୋଇଥିବା ବେଳେ କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ଜୟନ୍ତ କୁମାର ସ, ତନୟ କୁମାର ପାତ୍ର, ଶାନ୍ତିଲତା ମିଶ୍ର, ତନୁସ୍ମିତା ମହାଳିକ, ଶୁଭଶ୍ରୀ ନାୟକ, ପ୍ରଶାନ୍ତ କୁମାର ମଲ୍ଲିକ ନିର୍ବାଚିତ ହୋଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

ଉକ୍ତ ସଂଘର ୩୬ ଜଣ ସଦସ୍ୟ ଏକତା ସୂତ୍ରରେ ବାନ୍ଧିହୋଇ ସମସ୍ତ କର୍ମକର୍ତ୍ତାଙ୍କୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ କରିଥିବାରୁ ପୁନଃସଦ୍ୟ ନିର୍ବାଚିତ ସଭାପତି ଚିତ୍ତରଞ୍ଜନ ଷଡ଼ଙ୍ଗୀ ସାଧୁବାଦ ଜଣାଇବା ସହିତ ପ୍ରତ୍ୟେକ ମାସର ଶେଷ ଶନିବାର ଉକ୍ତ ସଂଘର ସମସ୍ତ ଓକିଲ ନୀଳଗିରି ଜନସାଧାରଣଙ୍କୁ ନିଃଶୁଳ୍କ ସେବା ଯୋଗାଇ ଦେଇଥିବାରୁ ଧନ୍ୟବାଦ ଜଣାଇଛନ୍ତି।

# ପ୍ରତିଶ୍ରୁତି ପୂରଣ ନ ହେବାରୁ ରାସ୍ତା ଅବରୋଧ କଲେ ସିର୍କାବର୍ଗବାସୀ



**ଫୁଲବାଣୀ,୨୪।୩ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ଦୁର୍ଗମ ସିର୍କାବର୍ଗ ପଞ୍ଚାୟତର ବଡ଼ାଙ୍ଗିଆ ଗ୍ରାମରେ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କାର୍ଯ୍ୟ କରିନଥିବାରୁ ୧୦ ଘଣ୍ଟା ଧରି ରାସ୍ତା ଅବରୋଧ କରିବା ସହ ପଞ୍ଚାୟତବାସୀ ଉତ୍ତ୍ୟକ୍ତ ହୋଇ ସରକାରୀ ବସ୍ ଓ ସରକାରୀ ଅଧିକାରୀମାନଙ୍କୁ ଅଟକ ରଖି ଆନ୍ଦୋଳନ କରିଛନ୍ତି। ସକାଳ ୭ଟାରେ ଉକ୍ତ ପଞ୍ଚାୟତର ଶତାଧିକ ମହିଳା, ପୁରୁଷ ଏକାଠି ହୋଇ ପ୍ରଥମେ ସିର୍କାବର୍ଗରୁ ଦାରିଙ୍ଗବାଡ଼ିକୁ ଯାତାୟାତ କରୁଥିବା ସରକାରୀ ବସକୁ ଅଟକାଇ ରାସ୍ତା ଅବରୋଧ କରିଥିଲେ। ପରେ ଉକ୍ତ ରାସ୍ତାରେ ଯାତାୟାତ କରୁଥିବା ଅନ୍ୟଗାଡ଼ି ଗୁଡ଼ିକୁ ମଧ୍ୟ ଅଟକାଇ ଥିଲେ। ସେମାନଙ୍କ ଗୋଟିଏ ଦାବି ଦନେକବାଡ଼ି ଠାରୁ ସିର୍କାବର୍ଗ ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ ହେବାର ୫ ବର୍ଷ ବିତିଯାଇଥିଲେ ସୁଦ୍ଧା ରାସ୍ତା ମରାମତି କିମ୍ବା ସାମ୍ପ୍ରସାରଣ କରାଯାଇନାହିଁ। ଫଳରେ ରାସ୍ତାରେ ଖାଲଖମା ସୃଷ୍ଟି ହୋଇ ଯାତାୟାତରେ ସମସ୍ୟା ହେଉଛି।

ଚଳିତ ମାସ ୨ ତାରିଖରେ ସିର୍କାବର୍ଗ ପଞ୍ଚାୟତବାସୀ ବାଡାଙ୍ଗିଆ ଠାରେ ରାସ୍ତା ଅବରୋଧ କରିଥିଲେ। ଏହା ଜାଣିବା ପରେ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ୟାମଦୁନ୍ଦର ସିଂ, ତହସିଲଦାର ଧୀରଜ ପାତ୍ର, ଆଇଆଇସି ସଂଗ୍ରାମ କେଶରୀ ଜେନା ଘଟଣାସ୍ଥଳରେ ପହଞ୍ଚି ଆସନ୍ତା ୨୦ ତାରିଖ ସୁଦ୍ଧା ରାସ୍ତା ମରାମତି କାର୍ଯ୍ୟ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏବେ ୨୦ ତାରିଖ ବିତିଯାଇଥିଲେ ସୁଦ୍ଧା ବିଭାଗ ପକ୍ଷରୁ ମରାମତି କାର୍ଯ୍ୟ ଆରମ୍ଭ ନ କରିବାରୁ ଅଞ୍ଚଳବାସୀ ପୁଣି ରାସ୍ତା ଅବରୋଧ କରିବାକୁ ନିଷ୍ପତ୍ତି ନେଇଥିଲେ। ରାସ୍ତା ଅବରୋଧ ସୂଚନା ପାଇ ବାଲିଗୁଡ଼ା ବିଭାଗୀୟ ନିର୍ବାହୀ ଅଧିକାରୀ ମହେନ୍ଦ୍ର କଲେଟ, ଦାରିଙ୍ଗବାଡ଼ି ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ୟାମଦୁନ୍ଦର ସିଂ ଓ ଅନ୍ୟ ଅଧିକାରୀମାନେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବାକୁ ଉଦ୍ୟମ କରିଥିଲେ। ହେଲେ ଆନ୍ଦୋଳନ କରି ଅଧିକାରୀଙ୍କ କଥା ନ ଶୁଣି ସେମାନଙ୍କୁ ଅଟକ ରଖିବା ସହ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ କରିବା ପରେ ତାଙ୍କୁ ଏଠାରୁ ଛଡ଼ାଯିବ ବୋଲି ଚେତାବନୀ ଦେଇଥିଲେ।

ଖବର ପାଇ ଦାରିଙ୍ଗବାଡ଼ି ବିଡ଼ିଓ ପ୍ରୀତିରଞ୍ଜନ ରଥ, ତହସିଲଦାର ଧୀରଜ ପାତ୍ର,ଥାନା ଅଧିକାରୀ ସଂଗ୍ରାମ କେଶରୀ ଜେନା ଲୋକଙ୍କୁ ବୁଝାଶୁଝା କରିବା ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ମହେନ୍ଦ୍ର କଲେଟ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ୟାମସୁନ୍ଦର ସିଂ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ସହକାରୀ ଯନ୍ତ୍ରୀ କରିଛନ୍ତି, ରାସ୍ତା କାର୍ଯ୍ୟ ପାଇଁ ଆବଶ୍ୟକ ଅଟକଳ ଓ ଟେଣ୍ଡର ପ୍ରକ୍ରିୟା ଆଦି କରାଯିବାକୁ ସମୟ ଲାଗୁଛି। ତେଣୁ ଆସନ୍ତା ମେ ମାସ ୨୦ ତାରିଖ ସୁଦ୍ଧା ଏହି ସବୁ ପ୍ରକ୍ରିୟା କରାଯାଇ ରାସ୍ତାକୁ ପୁନଃ ପକ୍କାରାସ୍ତା କରାଯିବାକୁ କାର୍ଯ୍ୟ ଆରମ୍ଭ କରାଯିବ। ଏହା ପରେ ୧୦ ଘଣ୍ଟା ଧରି ଚାଲିଥିବା ଆନ୍ଦୋଳନରୁ ଲୋକମାନେ ହଟିଥିଲେ।

## ଶ୍ରୀ ରାମଲୀଳା ଯାତ୍ରା ମହୋତ୍ସବ ଉଦ୍‌ଘାଟିତ



**ସୁନ୍ଦରଗଡ, ୨୪।୩ (ସଂଚାର ବ୍ୟୁରୋ):** ଟାଙ୍ଗରପାଲି ବ୍ଲକ ଯୋଗୀମାଲ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବିଲେଇଗଡ଼ (ତେନ୍ତୁଳିଡିପା) ହନୁମାନ ମନ୍ଦିର ପରିସରରେ ୧୭ତମ ଶ୍ରୀ ରାମଲୀଳା ଯାତ୍ରା ମହୋତ୍ସବ-୨୦୨୬ ଉଦଘାଟିତ ହୋଇଯାଇଛି। ସରପଞ୍ଚ ସୌଦାମିନୀ ଭୋଇ ଏବଂ ସମିତି ସଭ୍ୟା ଉପସ୍ଥିତ ରହି ଉଦଘାଟନ କରିଥିଲେ । ଶ୍ରୀ ରାମଲୀଳା ଯାତ୍ରା କମିଟିର ସଭାପତି ପ୍ରଫୁଲ୍ଲ ପଟେଲ ଅଧ୍ୟକ୍ଷତା କରିଥିବା ବେଳେ ମଙ୍ଗସପୁର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସୁନୀଲ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ` ସୁଦୂର ବଲାଙ୍ଗୀର ଜିଲ୍ଲା ପାଟଣା ଗଡ଼ ଅଂଚଳର ଦିଲ୍ଲୀପ କୁମାର ମେହେର ରାବଣ ଭୂମିକାରେ ଏବଂ ତାଙ୍କ ଟିମ ବିଭିନ୍ନ ଭୂମିକାରେ ଅଭିନୟ କରି ଦର୍ଶକଙ୍କ ମନ ମୋହିଥିଲେ । ତାପରେ ଓଡିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡିଶା ସରକାରଙ୍କ ତରଫରୁ ଆସିଥିବା ଟିଟିଲାଗଡ଼ ଲୋଇସିଂହାର ସଂଗୀତ ସାଧନାର ମୁଖ୍ୟ ଶଙ୍କର ପ୍ରସାଦ ବେହେରା ଓ ତାଙ୍କ ଟିମଙ୍କ ନୃତ୍ୟ ପରିବେଷଣ ଦର୍ଶକ ମାନଙ୍କୁ ଆହୁରି ମୁଗ୍ଧ କରିଥିଲେ। ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଜନ ସେବା ସମିତି ଯୋଗୀମାଲ ଆୟୋଜନ କରିଥିଲେ। ୨୩ ତାରିଖରୁ ୨୭ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ, ରାବଣ ଦରବାର ଏବଂ ୨୫ ତାରିଖ ଦିନ ଉମାକାନ୍ତ ବାରିକ ଓ ସାଥୀଙ୍କ ଦ୍ୱାରା ସମ୍ବଲପୁରୀ ଅର୍କେଷ୍ଟ୍ରା ହେବ ବୋଲି ସଭାପତି ସୂଚନା ଦେଇଛନ୍ତି ।

## ରାଜ୍ୟସ୍ତରୀୟ ବିଶ୍ୱ ଯକ୍ଷ୍ମା ଦିବସ-୨୦୨୬ ପାଳିତ

# ଯକ୍ଷ୍ମାମୁକ୍ତ ଭାରତ ଅଭିଯାନର ଶହେଦିନିଆ କ୍ୟାମ୍ପେନ୍ ଆରମ୍ଭ



**ସମ୍ପୂର୍ଣ୍ଣ ମୂଳୋତ୍ପାଟନ ପାଇଁ ଜନ ଭାଗୀଦାରୀ ଆବଶ୍ୟକ: ମୁଖ୍ୟମନ୍ତ୍ରୀ**

**ସ୍ୱାସ୍ଥ୍ୟ ସେବାକୁ ସରକାର ସବୁବେଳେ ପ୍ରାଥମିକତା ଦେଉଛନ୍ତି**

ଭୁବନେଶ୍ୱର,୨୪।୩(ସଂଚାର ବ୍ୟୁରୋ): ଆଜି ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ବିଶ୍ୱ ଯକ୍ଷ୍ମା ଦିବସ-୨୦୨୬ ପାଳିତ ହୋଇଛି। ଏହି ଅବସରରେ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ୨.୦ର ଶହେଦିନିଆ କ୍ୟାମ୍ପେନ୍‌ର ଶୁଭାରମ୍ଭ ହୋଇଛି। ରାଷ୍ଟ୍ରୀୟ ସ୍ତରରେ ଆଜି କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା 'ଯକ୍ଷ୍ମାମୁକ୍ତ ଭାରତ: ଶହେଦିନିଆ ଅଭିଯାନ-୨.୦'ର ଶୁଭାରମ୍ଭ କରିଛନ୍ତି। ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନଠାରେ ଏହି କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର'ର ସ୍ୱୀକୃତି ପ୍ରିୟଦର୍ଶିନୀ ବେହେରାଙ୍କୁ ଫୁଡ୍ ବାସ୍କେଟ୍ ପ୍ରଦାନ କରି ରାଜ୍ୟସ୍ତରୀୟ କ୍ୟାମ୍ପେନ୍‌ର ଶୁଭାରମ୍ଭ କରିଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଦେଶକୁ ଯକ୍ଷ୍ମାମୁକ୍ତ କରିବା ପାଇଁ ସମସ୍ତ ପଦକ୍ଷେପ ନିଆଯାଇଛି, ଆଗାମୀ ଶହେ ଦିନକୁ ଦୃଷ୍ଟିରେ ରଖି ଏଥିପାଇଁ ବେଷ୍ଟ ଷ୍ଟ୍ରାଟେଜି ପ୍ରସ୍ତୁତ କରାଯାଇଛି। ଆମେ ଏହାକୁ କେବଳ ସ୍ଲୋଗାନ୍‌ରେ ସୀମିତ ରଖିନାହୁଁ, ଏଥିପାଇଁ ସମସ୍ତ ବ୍ୟବସ୍ଥା କରିଛୁ ବୋଲି କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ନଡ୍ଡା କହିଥିଲେ।

ଯକ୍ଷ୍ମା ରୋଗର ସମ୍ପୂର୍ଣ୍ଣ ମୂଳୋତ୍ପାଟନ ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ କେବଳ ସରକାରଙ୍କ ପ୍ରଚେଷ୍ଟା ଯଥେଷ୍ଟ ନୁହଁ, ଏଥିପାଇଁ ଜନ ଭାଗୀଦାରୀ ବି ଆବଶ୍ୟକ। ଏହାଦ୍ୱାରା ଯକ୍ଷ୍ମାମୁକ୍ତ ଅଭିଯାନ ଶତପ୍ରତିଶତ ସଫଳତା ହାସଲ କରିବ ଓ ଓଡ଼ିଶା ସହ ଦେଶରୁ ଯକ୍ଷ୍ମା ରୋଗ ସମ୍ପୂର୍ଣ୍ଣ ଭାବେ ମୂଳୋତ୍ପାଟନ ହେବ। ରାଜ୍ୟର ସମସ୍ତ ଲୋକପ୍ରତିନିଧିଙ୍କୁ ନିଜ ନିଜ ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରି ଏହି ରୋଗ ସମ୍ପର୍କରେ ଥିବା ଅନ୍ଧବିଶ୍ୱାସକୁ ଦୂର କରିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିବା ସହ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ, ସିଭିଲ୍ ସୋସାଇଟି ଓ ଶିକ୍ଷାନୁଷ୍ଠାନଗୁଡ଼ିକୁ ଏହି ଅଭିଯାନରେ ସାମିଲ ହେବା ପାଇଁ ଅପିଲ କରିଥିଲେ।

କାହିଁକି ଓଡ଼ିଶାବାସୀଙ୍କୁ ଆୟୁଷ୍ମାନ ଭାରତ ଯୋଜନାରୁ ବଞ୍ଚିତ କରାଯାଇଥିଲା ଓ ଦେଶର ପ୍ରାୟ ୩୨ ହଜାର ହସ୍ପିଟାଲରେ ଚିକିତ୍ସା ପାଇବାର ଅଧିକାରକୁ କାହିଁକି ଛଡ଼ାଇ ନିଆଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ପୂର୍ବ ସରକାରଙ୍କୁ ପ୍ରଶ୍ନ କରିଥିଲେ। ସେ କହିଥିଲେ ଯେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରକୁ ଆମ ସରକାର ପ୍ରାଥମିକତା ଦେଇ ଆସିଛନ୍ତି। ୨୦୨୬-୨୭ ବର୍ଷ ପାଇଁ ସ୍ୱାସ୍ଥ୍ୟ ବଜେଟ ୨୩ ହଜାର ୧୮୨ କୋଟି ଟଙ୍କା ରଖାଯାଇଛି, ଯାହାକି ସମ୍ପୂର୍ଣ୍ଣ ବଜେଟ ଅଟକଳର ୭.୫ ପ୍ରତିଶତ ଏବଂ ମୋଟ ରାଜ୍ୟ ଘରୋଇ ଉତ୍ପାଦର ୨.୧ ପ୍ରତିଶତ। ରାଜ୍ୟର ବିଭିନ୍ନ ସ୍ୱାସ୍ଥ୍ୟ ଭିତ୍ତିଭୂମିର ସମ୍ପ୍ରସାରଣ ଓ ଆଧୁନିକୀକରଣ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ୍ ଏକ ପ୍ରମୁଖ କାର୍ଯ୍ୟକ୍ରମ ହୋଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ୍, ନିରାମୟ, ନିଦାନ ଆଦି କାର୍ଯ୍ୟକ୍ରମ ଜରିଆରେ ବିଭିନ୍ନ ସ୍ୱାସ୍ଥ୍ୟସେବା ଓ ରୋଗ ନିରୂପଣ ସେବା ମାଗଣାରେ ଯୋଗାଇ ଦିଆଯାଉଛି। ଓଡ଼ିଶାର ପ୍ରତ୍ୟେକ ନାଗରିକ ଯେପରି ବିନା ଚିନ୍ତାରେ ବିନା ଆର୍ଥିକ ବୋଝରେ ଉନ୍ନତ ମାନର ସ୍ୱାସ୍ଥ୍ୟ ସେବା ପାଇପାରିବେ, ସେଥିପାଇଁ ନିରନ୍ତର ଉଦ୍ୟମ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

## କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ

# ନାଲକୋ କର୍ମଚାରୀଙ୍କ ପାଇଁ 'ଉତ୍ପାଦନ ପ୍ରୋତ୍ସାହନ ରାଶି' ଘୋଷଣା ହେଉ



- ଦୁଇ ସାଂସଦ, ଜଣେ ବିଧାୟକ ଓ ବିଏମଏସି ସମନ୍ୱୟ କମିଟି ସଦସ୍ୟ ବି ଉପସ୍ଥିତ
- ୨୦୨୪-୨୫ରେ ନାଲକୋ ରେକର୍ଡ ଲାଭ ଅର୍ଜନ କରିଛି
- ପଦକ୍ଷେପ ନାଲକୋ ଶ୍ରମିକ ଓ କର୍ମଚାରୀଙ୍କ ମନୋବଳ ବଢ଼ାଇବ

ନୂଆଦିଲ୍ଲୀ,୨୪।୩: ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲକୋ)ର ଶ୍ରମିକ ଓ କର୍ମଚାରୀଙ୍କ ମନୋବଳ ବଢ଼ାଇବା ତଥା ସେମାନଙ୍କ କଠିନ ପରିଶ୍ରମକୁ ସମ୍ମାନ ଜଣାଇ ଚଳିତ ଆର୍ଥିକ ବର୍ଷ ପାଇଁ 'ପ୍ରଡକ୍ସନ ଗିଫ୍ଟ' ବା ଉତ୍ପାଦନ ପ୍ରୋତ୍ସାହନ ରାଶି ପ୍ରଦାନ କରିବାକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଷାନ ରେଡ୍ଡୀଙ୍କୁ ଭେଟି ନିବେଦନ କରିଛନ୍ତି।

ଆର୍ଥିକ ବର୍ଷ ୨୦୨୪-୨୫ରେ ନାଲକୋ ୭,୧୩୫ କୋଟି ଟଙ୍କାର ରେକର୍ଡ ଲାଭ (ପିବିଟି) ହାସଲ କରିଛି, ଯାହା କମ୍ପାନୀର ଦକ୍ଷତାକୁ ପ୍ରମାଣିତ କରୁଛି। ଏହି ସଫଳତା ପଛରେ କମ୍ପାନୀର ପ୍ରତ୍ୟେକ ଶ୍ରମିକ ଓ କର୍ମଚାରୀଙ୍କ ନିରନ୍ତର ପ୍ରୟାସ ଓ ନିଷ୍ଠା ରହିଛି ବୋଲି ଶ୍ରୀ ପ୍ରଧାନ ଉକ୍ତ ପତ୍ରରେ ଉଲ୍ଲେଖ କରିଛନ୍ତି। ନାଲକୋର ଭାରତୀୟ ମଜଦୁର୍ ସଂଘ (ବିଏମସି) ସମନ୍ୱୟ କମିଟିର ପ୍ରସ୍ତାବ ଆଧାରରେ ସମୁଦାୟ ଲାଭର କିଛି ଅଂଶକୁ 'ପ୍ରଡକ୍ସନ ଗିଫ୍ଟ' ଭାବେ କର୍ମଚାରୀଙ୍କୁ ପ୍ରଦାନ କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି।

ପୂର୍ବରୁ ଆର୍ଥିକ ବର୍ଷ ୨୦୨୧-୨୨ରେ ମଧ୍ୟ ସମାନ ଭାବେ କର୍ମଚାରୀଙ୍କୁ ଏହି ସୁବିଧା ପ୍ରଦାନ କରାଯାଇଥିଲା, ଯାହା ଶ୍ରମିକମାନଙ୍କ ମଧ୍ୟରେ ଉତ୍ସାହ ଓ ଉନ୍ମାଦନା ସୃଷ୍ଟି କରିଥିଲା। ଏହି ପଦକ୍ଷେପ ଦ୍ୱାରା କର୍ମଚାରୀମାନେ କାମ କରିବା ପାଇଁ ଅଧିକ ପ୍ରୋତ୍ସାହିତ ହେବେ। ସେମାନଙ୍କର ମନୋବଳ ବୃଦ୍ଧି ହେବ। ଫଳସ୍ୱରୂପ ଆଗାମୀ ଦିନରେ କମ୍ପାନୀର ଉତ୍ପାଦନ କ୍ଷମତା ଓ ଲାଭ ବୃଦ୍ଧି କରିବାରେ ସହାୟକ ହେବ ବୋଲି ଶ୍ରୀ ପ୍ରଧାନ ଆଶା ପ୍ରକଟ କରିଛନ୍ତି। ଅନୁଷ୍ଠାନିକ ଉତ୍କର୍ଷତା ଓ ଶ୍ରମିକ କଲ୍ୟାଣକୁ ଦୃଷ୍ଟିରେ ରଖି ଏହି ପ୍ରସ୍ତାବ ଉପରେ ସହୃଦୟତାର ସହ ବିଚାର କରିବାକୁ ଶ୍ରୀ ପ୍ରଧାନ କେନ୍ଦ୍ର ଖଣି ମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଏହି ସାକ୍ଷାତ ସମୟରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ମୟୂରଭଞ୍ଜ ସାଂସଦ ନବ ଚରଣ ମାଝୀ, ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ବିଏମଏସି ସମନ୍ୱୟ କମିଟି ସଦସ୍ୟ ବି ଉପସ୍ଥିତ ଥିଲେ।

# ୨୬ରୁ ଲିଙ୍ଗରାଜ ମହୋତ୍ସବ

## ଯୋଗଦେବେ ୭୦୦ କଳାକାର



ଭୁବନେଶ୍ୱର,୨୪।୩(ସଂଚାର ବ୍ୟୁରୋ): ପ୍ରତିବର୍ଷ ପରି ଚଳିତ ବର୍ଷ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କ ରୁକୁଣା ରଥଯାତ୍ରା ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ସଂସ୍ଥା ପକ୍ଷରୁ ପଞ୍ଚଦଶ ଲିଙ୍ଗରାଜ ମହୋତ୍ସବ ଆସନ୍ତା ୨୬ରୁ ଆରମ୍ଭ ହୋଇ ୩୧ ପର୍ଯ୍ୟନ୍ତ ଚାଲିବ। ଏଥିରେ ୭୦୦ରୁ ଊର୍ଦ୍ଧ୍ୱ କଳାକାର ଯୋଗଦେବେ। ରାଜ୍ୟର କଳା ଓ ସଂସ୍କୃତିକୁ ପ୍ରୋତ୍ସାହନ ଦେବା ଓ ରୁକୁଣା ରଥଯାତ୍ରା ଉପଲକ୍ଷେ ଏହି ଲିଙ୍ଗରାଜ ମହୋତ୍ସବର କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ଅନୁଷ୍ଠାନର ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ସାଧାରଣ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ସନତ ମିଶ୍ର କହିଛନ୍ତି। ମଙ୍ଗଳବାର ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ରାଉତରାୟ ଓ ଶ୍ରୀ ମିଶ୍ର କହିଛନ୍ତି ଯେ ଚଳିତବର୍ଷ ଅଧିକ ପଡ଼ୋଶୀ ତଥା ଓଡ଼ିଶାର କଳାକାର ନୃତ୍ୟ ପରିବେଷଣ କରିବେ। କାର୍ଯ୍ୟକ୍ରମରେ ଗୁରୁ ଗଜେନ୍ଦ୍ର ପଣ୍ଡା ଓ ଗୁରୁ ପ୍ରତିଭା ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓଡ଼ିଶା କଳା ବିକାଶ କେନ୍ଦ୍ରର କଳାକାରଙ୍କ ସହ ବୀଣାପାଣି କଳା ନିକେତନ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ସତ୍ୟବାଦୀ ମହାବିଦ୍ୟାଳୟ, ଓଡ଼ିଶା ଡ୍ୟାନ୍ସ ଏକାଡେମୀ, ତ୍ରିଧାରା, କୋଶଳ ଫୋକସ ଡ୍ୟାନ୍ସ ଏକାଡେମୀ, କଳା ନିକେତନ, ପୂର୍ବାଞ୍ଚଳ ସାଂସ୍କୃତିକ କଳା କେନ୍ଦ୍ର (ଇଜେଡ୍‌ସିସି) କୋଲକାତାର ଭାରତ ନାଟ୍ୟମ ଭଳି ୩୪ଟି ଟ୍ରୁପ୍‌ର ସୁନାମଧନ୍ୟ କଳାକାର ବିଭିନ୍ନ ପ୍ରକାର ନୃତ୍ୟ ପରିବେଷଣ କରିବେ। ଏହି ସାମ୍ବାଦିକ ସମ୍ମିଳନୀରେ ସେବାୟତ ନିଯୋଗମାନଙ୍କର ପ୍ରତିନିଧିଙ୍କ ସମେତ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ସଂସ୍ଥାର କୋଷାଧ୍ୟକ୍ଷ ରତିକାନ୍ତ ମହାସୁଆର, ଯୁଗ୍ମ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ମହାନ୍ତି, ଲଲାଟେନ୍ଦୁ ମହାନ୍ତି ଉପସ୍ଥିତ ଥିଲେ। ମହୋତ୍ସବକୁ ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ, ଭୁବନେଶ୍ୱର ମହାନଗର ନିଗମ, ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର କୋଲକତା ସହାୟତା କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ବାଚସ୍ପତି ସୁରମା ପାଢ଼ୀ, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଏକାମ୍ର ବିଧାୟକ ବାବୁ ସିଂ ପ୍ରମୁଖ ଯୋଗଦେବେ।

# ସିପିଗ୍ରାମ୍ସ ପୋର୍ଟାଲରେ ଅଭିଯୋଗର ମିଳିଲା ସୁଫଳ

ଭୁବନେଶ୍ୱର,୨୪।୩(ସଂଚାର ବ୍ୟୁରୋ): କେନ୍ଦ୍ର ସରକାରଙ୍କ ପ୍ରଶାସନିକ ସଂସ୍କାର ଓ ସାଧାରଣ ଅଭିଯୋଗ ବିଭାଗର ସିପିଗ୍ରାମ୍ସ ପୋର୍ଟାଲ୍ ଢେଙ୍କାନାଳ ଓ ମୟୂରଭଞ୍ଜ ଜିଲ୍ଲାରେ ସାଧାରଣ ଲୋକଙ୍କ ଅଭିଯୋଗର ସମାଧାନ କରିପାରିଛି। ଢେଙ୍କାନାଳ ଜିଲ୍ଲାର ଧଉଳିଆ ପଞ୍ଚାୟତରେ ଗୋଟିଏ ଗାଁର ଏକମାତ୍ର ନଳକୂପ ଖରାପ ହୋଇଥିଲା। ତେଣୁ ଲୋକେ ବିଶୁଦ୍ଧ ପାନୀୟ ଜଳ ପାଇପାରୁନଥିଲେ। ସ୍ଥାନୀୟ ବାସିନ୍ଦା ନିରଞ୍ଜନ ମଲ୍ଲିକ ସିପିଗ୍ରାମ୍ସ ପୋର୍ଟାଲରେ ଅଭିଯୋଗ କରିଥିଲେ। ପଞ୍ଚାୟତିରାଜ ମନ୍ତ୍ରଣାଳୟ ଅବିଳମ୍ବେ ଅଭିଯୋଗକୁ ଢେଙ୍କାନାଳ ଜିଲ୍ଲାପାଳଙ୍କ ପାଖକୁ ପଠାଇଥିଲା। କ୍ଷେତ୍ର ପରିଦର୍ଶନ ପରେ ସ୍ଥାନୀୟ ପ୍ରଶାସନ ନଳକୂପର ମରାମତି କରିଥିଲା। ଏବେ ଲୋକେ ସ୍ୱଚ୍ଛ ପାନୀୟ ଜଳ ପାଇପାରୁଛନ୍ତି। ସେହିପରି ମୟୂରଭଞ୍ଜ ଜିଲ୍ଲା ବିଶୋଇ ପଞ୍ଚାୟତ କାର୍ଯ୍ୟାଳୟ ଓ ସ୍ଥାନୀୟ ବଜାର ଅଞ୍ଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲା। ବହୁ ପରିମାଣରେ ବର୍ଜ୍ୟବସ୍ତୁ ଜମା ହୋଇ ରହିବା, ପ୍ଲାଷ୍ଟିକ୍ ବର୍ଜ୍ୟ ଏଣେତେଣେ ଫିଙ୍ଗାଯିବା ଫଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଥିଲା। ଏନେଇ ସ୍ଥାନୀୟ ନିବାସୀ ଚନ୍ଦ୍ରଚୂଡ଼ ଦାସ ସିପିଗ୍ରାମ୍ସ ପୋର୍ଟାଲରେ ଅଭିଯୋଗ କରିଥିଲେ। ତୁରନ୍ତ ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ଜିଲ୍ଲା ପ୍ରଶାସନକୁ କାର୍ଯ୍ୟାନୁଷ୍ଠାନ ପାଇଁ କୁହାଯାଇଥିଲା। ବିଶୋଇ ବିଡିଓଙ୍କ ନେତୃତ୍ୱରେ ସମ୍ପୃକ୍ତ ଅଞ୍ଚଳରେ ସଫେଇ କରାଯାଇଥିଲା। ସେଠାରେ ୧୪ଟି ଡଷ୍ଟବିନ୍ ରଖାଯିବା ସହ ଏକ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଇଥିଲା।

# ଭୁଲ୍ ଇଞ୍ଜେକ୍ସନ୍‌ରେ ଚାଲିଗଲା ଶିଶୁ ଜୀବନ




କ୍ୟାପିଟାଲ ହସ୍ପିଟାଲରେ ଉତ୍ତେଜନା

ଭୁବନେଶ୍ୱର,୨୪।୩(ସଂଚାର ବ୍ୟୁରୋ): ଶିଶୁ ମୃତ୍ୟୁ ନେଇ କ୍ୟାପିଟାଲ ହସ୍ପିଟାଲରେ ଉତ୍ତେଜନା। ଭୁଲ ଇଞ୍ଜେକ୍ସନ ପାଇଁ ଶିଶୁ ମୃତ୍ୟୁ ଅଭିଯୋଗ ହୋଇଛି। ଖୋର୍ଦ୍ଧା ଚାନ୍ଦପୁରରୁ ଆସିଥିବା ପରିବାରର ହଙ୍ଗାମା। ସାଇକେଲ ଧକ୍କାରେ ଆହତ ହୋଇ ଆସିଥିବା ଶିଶୁର ମୃତ୍ୟୁକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଛି। କାନ୍ଦବୋବାଳିରେ ଫାଟିପଡ଼ିଛି ମେଡିକାଲ ପରିସର। ପୋଷ୍ଟମର୍ଟମ ୱାର୍ଡରେ ଉତ୍ତେଜନା ସୃଷ୍ଟି କରିଛନ୍ତି ପରିବାର ଲୋକେ। ତେବେ ସେମାନଙ୍କୁ ବୁଝାସୁଝା ପାଇଁ ପୁଲିସ ଉଦ୍ୟମ ଚଳାଇଛି। ମୃତକଙ୍କ ପରିବାର ଲୋକେ ଡାକ୍ତର ଓ ନର୍ସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଅଡ଼ି ବସିଛନ୍ତି। ଏନେଇ ହସ୍ପିଟାଲ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ସେହିପରି ଗତବର୍ଷ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଭୁଲ୍ ଇଞ୍ଜେକ୍ସନ ଯୋଗୁଁ ଜଣଙ୍କର ମୃତ୍ୟୁ ହୋଇଥିଲା। ଜଣେ ୩ ବର୍ଷୀୟ ଶିଶୁ ଥଣ୍ଡା ଜ୍ୱରରେ ପୀଡ଼ିତ ହୋଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। କିନ୍ତୁ ଜଣେ ମହିଳା ଡାକ୍ତର ଦାୟିତ୍ୱରେ ଥାଇ ମଧ୍ୟ ପିଲାଟିର ଠିକ ଚିକିତ୍ସା କରି ନ ଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଏପରିକି ଅବହେଳା କରିଥିବା ଡାକ୍ତରଙ୍କୁ ଗିରଫ ଦାବି କରିଥିଲେ ମୃତ ଶିଶୁର ପରିବାର ଲୋକ। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିବା ସହ କ୍ଷତିପୂରଣ ବାବଦରେ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଥିଲେ।

## ୬ରୁ ସକାଳୁଆ କୋର୍ଟ

# ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ କାର୍ଯ୍ୟ

ଭୁବନେଶ୍ୱର,୨୪।୩(ସଂଚାର ବ୍ୟୁରୋ): ରାଜ୍ୟର ଜିଲ୍ଲା ଦୌରାଜଜ୍ ଓ ଅନ୍ୟାନ୍ୟ ନିମ୍ନ ଅଦାଲତ ସକାଳୁଆ ହେବ। ଏପ୍ରିଲ ୬ରୁ ସକାଳୁଆ କୋର୍ଟ ନେଇ ନିର୍ଦ୍ଦେଶ ହୋଇଛି। ଓଡ଼ିଶା ହାଇକୋର୍ଟଙ୍କ ପକ୍ଷରୁ ସମସ୍ତ ଜିଲ୍ଲା ଦୌରାଜଜଙ୍କୁ ଏନେଇ ନୋଟିସ ଜାରି କରାଯାଇଛି। ସକାଳ ୭ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ କୋର୍ଟ କାର୍ଯ୍ୟ ଚାଲିବ। ମଝିରେ ଅଧ ଘଣ୍ଟାର ବିରତି ମଧ୍ୟ ରହିବ। ବ୍ରହ୍ମପୁର, ଛତ୍ରପୁର, ଭୁବନେଶ୍ୱର, କୋରାପୁଟ ସଦର ଓ ପୁରୀ ସଦର ବ୍ୟତୀତ ଅନ୍ୟ ସମସ୍ତ କୋର୍ଟରେ ଏହି ନିୟମ ଲାଗୁ ହେବ ବୋଲି ଜଣାପଡ଼ିଛି। ସମସ୍ତ ଜିଲ୍ଲା ଓ ସେସନ୍ସ ଜଜଙ୍କୁ ଲେଖାଯାଇଥିବା ଚିଠିରେ ରେଜିଷ୍ଟ୍ରାର ଉଲ୍ଲେଖ କରିଛନ୍ତି ଯେ ରାଜ୍ୟର ସମସ୍ତ ସ୍ଥାନରେ ଥିବା ଜିଲ୍ଲା ଓ ଅଧସ୍ତନ କୋର୍ଟଗୁଡ଼ିକର ସକାଳ ବୈଠକ ଆସନ୍ତା ୬ ତାରିଖରୁ ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଚାଲିବ ଓ ପୂର୍ବାହ୍ନ ୧୦ଟାରୁ ସାଢ଼େ ୧୦ଟା ଯାଏଁ ଅଧ ଘଣ୍ଟାର ବିରତି ରହିବ। ବ୍ରହ୍ମପୁର, ଛତ୍ରପୁର, ଭୁବନେଶ୍ୱର, କୋରାପୁଟ (ସଦର) ଓ ପୁରୀ (ସଦର) ବ୍ୟତୀତ ଅନ୍ୟ ସ୍ଥାନଗୁଡ଼ିକରେ ଗ୍ରୀଷ୍ମ ଅବକାଶର ଶେଷ କାର୍ଯ୍ୟ ଦିବସ ପର୍ଯ୍ୟନ୍ତ କୋର୍ଟ ବୈଠକ ସକାଳ ଉପରୋକ୍ତ ସମୟରେ ଚାଲିବ ବୋଲି କୁହାଯାଇଛି।

# ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦଙ୍କୁ ସମ୍ମାନ ଓ ସ୍ୱୀକୃତି ମିଳୁ

- ଉତ୍ତରାଧିକାରୀ ସଂଗଠନର ୫ମ ବାର୍ଷିକ ସମ୍ମିଳନୀ
- ମୁଖ୍ୟମନ୍ତ୍ରୀଙ୍କ ପାଖରେ କଥା ପହଞ୍ଚାଇବି: ବିଧାୟକ



ଭୁବନେଶ୍ୱର,୨୪।୩(ସଂଚାର ବ୍ୟୁରୋ): ସହିଦ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗର ମୂଲ୍ୟ ଏ ଜାତି ଦେଇପାରିବ ନାହିଁ। ସେମାନେ ଦେଶ ସ୍ୱାଧୀନ କରି ନ ଥିଲେ ଆଜି ଆମେ ସ୍ୱାଧୀନ ଭାରତର ନାଗରିକ ଭାବେ ଗର୍ବ କରିପାରୁନଥାନ୍ତୁ। ତେଣୁ ସେହି ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର ତଥା ଦାୟାଦମାନଙ୍କ ପାଖରେ ଆମେ କୃତଜ୍ଞତା ପ୍ରକାଶ କରିବା ଉଚିତ ବୋଲି ବହୁ ବିଶିଷ୍ଟ ଅତିଥି ମତ ବ୍ୟକ୍ତ କରିଛନ୍ତି।

ଅଖିଳ ଭାରତୀୟ ସ୍ୱତନ୍ତ୍ରତା ସେନାନୀ ଓ ଉତ୍ତରାଧିକାରୀ ସଂଯୁକ୍ତ ସଂଗଠନର ୫ମ ବାର୍ଷିକ ରାଜ୍ୟ ସମ୍ମିଳନୀ ଆଜି ରାଜ୍ୟ ସ୍କାଉଟ୍ସ ଓ ଗାଇଡ୍ସ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ସଂଗଠନର ସଭାପତି ଡକ୍ଟର କାଳୀପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀକୁ ପୂର୍ବତନ ବିଧାୟକ ତଥା ଶତାୟୁ ସ୍ୱାଧୀନତା ସଂଗ୍ରାମୀ ପଦ୍ମଚରଣ ନାୟକ ଉଦଘାଟନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ ଓ 'ପ୍ରଗତିବାଦୀ'ର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ ଯୋଗଦେଇଥିଲେ। ଶ୍ରୀ ରାଉତରାୟ ଓ ଶ୍ରୀ ତ୍ରିପାଠୀ ସ୍ୱାଧୀନତା ସଂଗ୍ରାମୀମାନଙ୍କ ପରିବାରକୁ ସରକାର ଉପଯୁକ୍ତ ସମ୍ମାନ ଦେବା ସହ ଦାୟାଦମାନଙ୍କ ପାଇଁ ଘୋଷଣା କରାଯାଇଥିବା କୁଟୁମ୍ବ ପେନସନ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଦାବି କରିଥିଲେ।

ବିଶିଷ୍ଟ ଅତିଥି ବିଧାୟକ ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀ ଘୋଷଣା କରି ବଜେଟରେ ଉଲ୍ଲେଖ କରିଥିବାରୁ ନିଶ୍ଚିତ ଭାବେ କୁଟୁମ୍ବ ପେନସନ କାର୍ଯ୍ୟକାରୀ ହେବ ବୋଲି କହିଥିଲେ। ଏ ସମ୍ପର୍କରେ ସେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଆସନ୍ତା ଦୁଇ ଦିନ ମଧ୍ୟରେ ଦାବି ରଖିବେ ଓ ବିଧାନସଭାରେ ଏହି ପ୍ରସଙ୍ଗ ମଧ୍ୟ ଉପସ୍ଥାପନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରତ୍ୟେକ ନିର୍ବାଚନମଣ୍ଡଳୀ ଭିତ୍ତିରେ ସହିଦ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ଜନ୍ମ ଓ ପୁଣ୍ୟତିଥିର କ୍ୟାଲେଣ୍ଡର ପ୍ରସ୍ତୁତ କରିବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବିଜେପି ନେତା ତୁଷାରକାନ୍ତି ଚକ୍ରବର୍ତ୍ତୀ ଯୋଗ ଦେଇଥିବା ବେଳେ ପ୍ରାରମ୍ଭରେ ସଂଗଠନର ସାଧାରଣ ସମ୍ପାଦକ ବିଜୟ କୁମାର ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ ଏବଂ ଦିବଂଗତ ସହିଦ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ରଘୁନାଥ ମିଶ୍ରଙ୍କ ପୁଣ୍ୟତିଥି ଥିବାରୁ ତାଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

## ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ସମୀକ୍ଷା ବୈଠକ

# ଏସଓପି ଅନୁପାଳନ ପାଇଁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

**କାର୍ଯ୍ୟକ୍ଷମ ହେବ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ**



ଭୁବନେଶ୍ୱର,୨୪।୩ (ସଂଚାର ବ୍ୟୁରୋ): ଆସନ୍ନ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ବିଭାଗୀୟ ଏସଓପିର ଏକ ଉଚ୍ଚସ୍ତରୀୟ ସମୀକ୍ଷା ଆଜି ଅନୁଷ୍ଠିତ ହୋଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ବୈଠକରେ ପୌର ପ୍ରଶାସନର ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଏଥିରେ ପୌର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ଗ୍ରୀଷ୍ମ ପ୍ରବାହ ପାଇଁ ଧାର୍ଯ୍ୟ ଏସଓପି ଓ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକ ଦ୍ୱାରା ନିଆଯିବାକୁ ଥିବା ପଦକ୍ଷେପ ଉପରେ ସୂଚନା ଦେଇଥିଲେ। ତାପମାତ୍ରା ବଢୁଥିବାରୁ ତଜ୍ଜନିତ ବିପଦ କମାଇବା ପାଇଁ ସକ୍ରିୟ ଓ ସମନ୍ୱିତ ପଦକ୍ଷେପ ଜରୁରୀ। ସହରାଞ୍ଚଳରେ ଅତ୍ୟାବଶ୍ୟକ ନାଗରିକ ସେବା ବାଧାପ୍ରାପ୍ତ ନ ହେବା ଉପରେ ଗୁରୁତ୍ୱ ଦେଇଥିଲେ ବିଭାଗୀୟ ମନ୍ତ୍ରୀ। ବିଭାଗୀୟ ମୁଖ୍ୟ ଓ ପୌର ସଂସ୍ଥାଗୁଡ଼ିକୁ ନିର୍ଦ୍ଧାରିତ ଏସଓପି ଅନୁଯାୟୀ କାର୍ଯ୍ୟ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ପ୍ରବଳ ଗ୍ରୀଷ୍ମ ସମୟରେ ଜଳ ଯୋଗାଣ ସୁନିଶ୍ଚିତ କରିବା ପାଇଁ ୱାଟକୋ ଓ ଜନସ୍ୱାସ୍ଥ୍ୟ ବିଭାଗର ମୁଖ୍ୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ମହାନଗର ନିଗମର କମିଶନର, ପୌରପାଳିକା ଓ ଏନଏସିର ନିର୍ବାହୀ ଅଧିକାରୀମାନଙ୍କୁ ସ୍ଥାନୀୟ ସ୍ତରରେ ଜଳଛତ୍ର, ବିଶ୍ରାମ ପାଇଁ ଛାଇ ସ୍ଥାନ ଏବଂ ଜନଗହଳି ପୂର୍ଣ୍ଣ ସ୍ଥାନରେ ଥଣ୍ଡା ପରିବେଶ ସୃଷ୍ଟି କରିବା ପାଇଁ ବ୍ୟବସ୍ଥା କରିବାକୁ କୁହାଯାଇଛି। ସମସ୍ତ ପୌର ସଂସ୍ଥାଗୁଡ଼ିକୁ ୨୪×୭ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ କରିବା ସହ ଏକ ସ୍ୱତନ୍ତ୍ର ହେଲ୍ପଲାଇନ ନମ୍ବର ଜାରି କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ମାନସିକ ଭିନ୍ନକ୍ଷମ ନାବାଳିକାଙ୍କୁ ଦୁଷ୍କର୍ମ ମାମଲାରେ ଆସିଲା ରାୟ

# ଅଭିଯୁକ୍ତକୁ ୭ ବର୍ଷ ସଶ୍ରମ କାରାଦଣ୍ଡାଦେଶ

ଭୁବନେଶ୍ୱର,୨୪।୩(ସଂଚାର ବ୍ୟୁରୋ): ବୌଦ୍ଧ ଜିଲ୍ଲାରେ ଜଣେ ମାନସିକ ଭିନ୍ନକ୍ଷମ ନାବାଳିକାଙ୍କୁ ଦୁଷ୍କର୍ମ ମାମଲାରେ ଅତିରିକ୍ତ ଜିଲ୍ଲା ବିଚାରପତି ବୌଦ୍ଧ ଚୂଡ଼ାନ୍ତ ରାୟ ପ୍ରକାଶ କରି ଅଭିଯୁକ୍ତକୁ କଠୋର ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏହି ମାମଲାରେ ଶିଶୁ ଯୌନ ନିର୍ଯାତନ ସୁରକ୍ଷା (ପକ୍‌ସୋ) ଆଇନର ଦଫା ୧୦ ଓ ଭାରତୀୟ ନ୍ୟାୟ ସଂହିତା ୨୦୨୩ର ଦଫା ୩୩୨(ଗ) ଅନୁଯାୟୀ ଅଭିଯୁକ୍ତ ଗଣେଶ ପ୍ରଧାନକୁ ୭ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ମାମଲାରୁ ଜଣାପଡ଼ିଛି, ଗତ ୨୦୨୪ ମାର୍ଚ୍ଚ ୭ରେ ଅଭିଯୋଗକାରୀ ଶିବ ମହାଲିକ ଓ ତାଙ୍କ ସ୍ତ୍ରୀ ଘରେ ନ ଥିବା ସୁଯୋଗ ନେଇ ଗୁଡ଼ାପଡ଼ା ଗ୍ରାମର ଅଭିଯୁକ୍ତ ଗଣେଶ ପ୍ରଧାନ ତାଙ୍କ ଘରେ ପଶି ଅଭିଯୋଗକାରୀଙ୍କ ମାନସିକ ଅକ୍ଷମ ନାବାଳିକାଙ୍କୁ ଦୁଷ୍କର୍ମ କରିଥିଲେ। ଏନେଇ ବୌଦ୍ଧ ଥାନାରେ ଗତ ୨୦୨୪ ମାର୍ଚ୍ଚ ୧୨ ତାରିଖରେ ଏକ ମାମଲା ରୁଜୁ ହୋଇଥିଲା। ପୁଲିସ୍ ପକ୍ଷରୁ ତୁରନ୍ତ ଅଦାଲତରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ପୁଲିସର ଦ୍ରୁତ ତଦନ୍ତ ଓ ଦୃଢ଼ ପ୍ରମାଣ ଉପସ୍ଥାପନ ଫଳରେ ଅଦାଲତ ଅଭିଯୁକ୍ତ ପାଇଁ ଏହି ମାମଲାର ଚୂଡ଼ାନ୍ତ ରାୟ ଶୁଣାଇଛନ୍ତି। ନୂତନ ଭାରତୀୟ ନ୍ୟାୟ ସଂହିତା କାର୍ଯ୍ୟକାରୀ ହେବା ପରେ ଏପରି ସମ୍ବେଦନଶୀଳ ମାମଲାରେ ତ୍ୱରିତ ନ୍ୟାୟ ପ୍ରଦାନ ଓଡ଼ିଶା ପୁଲିସର ଦକ୍ଷତା ଏବଂ ମହିଳା ଓ ଶିଶୁଙ୍କ ସୁରକ୍ଷା ପ୍ରତି ପ୍ରତିବଦ୍ଧତାର ପ୍ରମାଣ ଦେଉଛି। ଏନେଇ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ବୌଦ୍ଧ ଏସପି ଓ ତଦନ୍ତକାରୀ ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏଥିସହ ନୂତନ ଭାରତୀୟ ଆଇନ କାର୍ଯ୍ୟକାରୀ ହେବା ପରେ ଦ୍ରୁତ ତଦନ୍ତ ଓ କମ୍ ସମୟ ମଧ୍ୟରେ ଦୋଷୀ ସାବ୍ୟସ୍ତ ହାର ଉଲ୍ଲେଖନୀୟ ଭାବେ ବଢ଼ିଥିବାରୁ ସନ୍ତୋଷ ବ୍ୟକ୍ତ କରିଛନ୍ତି।

## ମଧ୍ୟପ୍ରାଚ୍ୟ ବିବାଦ

# ପ୍ରଭାବିତ ହେବ ରାଜ୍ୟ ଅର୍ଥନୀତି

- ଶକ୍ତି ସୁରକ୍ଷା, ଯୋଗାଣ ଶୃଙ୍ଖଳା ବଜାୟ ରଖିବାକୁ ଗୁରୁତ୍ୱ
- କେନ୍ଦ୍ରରୁ ଅଧିକ ସାର ପାଇଁ ଆଗୁଆ ପ୍ରକ୍ରିୟା ଆରମ୍ଭ କରାଯିବ




ଭୁବନେଶ୍ୱର,୨୪।୩(ସଂଚାର ବ୍ୟୁରୋ): ମଧ୍ୟ ପ୍ରାଚ୍ୟରେ ଜାରି ରହିଥିବା ବିବାଦ ଓ ଏହାର ପ୍ରଭାବ ରାଜ୍ୟ ଅର୍ଥନୀତି ଉପରେ କିପରି ପଡୁଛି, ସେ ସମ୍ପର୍କରେ ସ୍ଥିତି ସମୀକ୍ଷା ଓ ନିରୀକ୍ଷଣ ପାଇଁ ଆଜି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉନ୍ନୟନ କମିଶନରଙ୍କ ସହ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇ ସମ୍ଭାବ୍ୟ ପ୍ରଭାବ ନେଇ ଆଲୋଚନା କରିଛନ୍ତି। ବୈଠକରୁ ଜଣାପଡ଼ିଛି ଯେ ମଧ୍ୟପ୍ରାଚ୍ୟ ଅଞ୍ଚଳ ଭାରତର ବାଣିଜ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଏବଂ ଜାରି ରହିଥିବା ସଂଘର୍ଷ ଦୀର୍ଘସ୍ଥାୟୀ ହେଲେ ଅଶୋଧିତ ତୈଳ ଦର ବୃଦ୍ଧି, ଯୋଗାଣ ଶୃଙ୍ଖଳାର ବିଶୃଙ୍ଖଳା, ପରିବହନ ଓ ବୀମା ଖର୍ଚ୍ଚ ବୃଦ୍ଧି, ଏବଂ ମୁଦ୍ରା ମୂଲ୍ୟହ୍ରାସ ହେବାର ସମ୍ଭାବନା ରହିଛି, ଯାହା ପରିଣାମରେ ମୂଲ୍ୟସ୍ଫୀତି, କରେଣ୍ଟ ଏକାଉଣ୍ଟ୍ ଡେଫିସିଟ ଓ ସାମଗ୍ରିକ ଆର୍ଥିକ ଅଭିବୃଦ୍ଧି ଉପରେ ପର୍ଯ୍ୟାୟ କ୍ରମେ ପ୍ରଭାବ ପକାଇବ।

ରାଜ୍ୟର ରପ୍ତାନିର ଏକ ବଡ଼ ଅଂଶ ପଶ୍ଚିମ ଏସିଆ ମାର୍କେଟ ସହିତ ସମ୍ପୃକ୍ତ, ଯାହା ରାଜ୍ୟର ମୁଖ୍ୟ କ୍ଷେତ୍ର ଯଥା ସମୁଦ୍ର ଉତ୍ପାଦ ରପ୍ତାନି, କୃଷି ଉତ୍ପାଦ, ପ୍ରକ୍ରିୟାକୃତ ଖଣିଜ, ରାସାୟନିକ ଓ ସମ୍ପର୍କିତ ଶିଳ୍ପ ଉପରେ କିପରି ପ୍ରଭାବ ପକାଇବ, ସେ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଏଥିସହ ଶିଳ୍ପ କ୍ଷେତ୍ରରେ କଞ୍ଚାମାଲର ଅଭାବ ଓ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ହେବାର ଆଶଙ୍କା ରହିଛି। ପଶ୍ଚିମ ଏସୀୟ ଦେଶଗୁଡ଼ିକରୁ ଚାହିଦା ହ୍ରାସ ପାଇବା ହେତୁ ମତ୍ସ୍ୟସମ୍ପଦ କ୍ଷେତ୍ର ଏବେଠାରୁ ଚାପର ସମ୍ମୁଖୀନ ହେବାର ସଙ୍କେତ ଦେଖାଦେଇଛି। ଶକ୍ତି ଓ ସାର ଖର୍ଚ୍ଚ ବୃଦ୍ଧି ପାଇବା ଫଳରେ ଏହାର ପ୍ରଭାବ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ର ଉପରେ ପଡ଼ିବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଶକ୍ତି ସୁରକ୍ଷା ସୁନିଶ୍ଚିତ କରିବା, ଯୋଗାଣ ଶୃଙ୍ଖଳକୁ ସ୍ଥିର ରଖିବା, ରପ୍ତାନି ସୁବିଧା ଏବଂ ରପ୍ତାନିକାରୀଙ୍କ ପାଇଁ ସଂକଟ ହ୍ରାସ କରିବା ଦିଗରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପେଟ୍ରୋଲ, ଡିଜେଲ ଏବଂ ଏଲପିଜି ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଯୋଗାଣ ଶୃଙ୍ଖଳରେ ସ୍ଥିରତା ଓ ଶୃଙ୍ଖଳା ବଜାୟ ରଖିବା ପାଇଁ ସମ୍ପୃକ୍ତ ବିଭାଗ ଓ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକ ଦ୍ୱାରା ଏହି ପଦକ୍ଷେପଗୁଡ଼ିକୁ ରାଜ୍ୟରେ କଡ଼ାକଡ଼ି ଭାବେ ଲାଗୁ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

SANCHAR ସଂଚାର
ବୁଧବାର ୨୫ ମାର୍ଚ୍ଚ ୨୦୨୬
BUSINESS

# ଜିନ୍ଦଲ ଷ୍ଟିଲ୍ ଓଡ଼ିଶାର ସର୍ବବୃହତ୍ ଏକକ ସ୍ଥାନ ଇସ୍ପାତ କାରଖାନା

ନୂଆଦିଲ୍ଲୀ, ୨୪।୩ଃ ଜିନ୍ଦଲ ଷ୍ଟିଲ୍ ଓଡ଼ିଶାର ଅନୁଗୁଳ ସ୍ଥିତ ସମନ୍ୱିତ ଇସ୍ପାତ କମ୍ପ୍ଲେକ୍ସରେ ତୃତୀୟ ବେସିକ୍ ଅକ୍ସିଜେନ୍ ଫର୍ଣ୍ଣେସ୍ (ବିଓଏଫ୍-୩)କୁ କାର୍ଯ୍ୟକ୍ଷମ କରିଛି। ଏହାଦ୍ୱାରା କମ୍ପାନିର ବାର୍ଷିକ ୬ ନିୟୁତ ଟନ୍ କ୍ଷମତା ସମ୍ପ୍ରସାରଣ କାର୍ଯ୍ୟ ସମାପ୍ତ ହୋଇଛି। ଫଳରେ ଅନୁଗୁଳ କାରଖାନାର ଅଶୋଧିତ ଇସ୍ପାତ ଉତ୍ପାଦନ କ୍ଷମତା ବାର୍ଷିକ ୧୨ ନିୟୁତ ଟନକୁ ବୃଦ୍ଧି ପାଇଛି ଏବଂ ଏହା ଦେଶର ଅନ୍ୟତମ ସର୍ବବୃହତ୍ ସମନ୍ୱିତ ଇସ୍ପାତ କାରଖାନା ମଧ୍ୟରେ ସାମିଲ ହୋଇଛି।

ଏହି ପର୍ଯ୍ୟାୟ ସମ୍ପ୍ରସାରଣରେ କୋକଓଭନ୍, ସିଆର୍‌ଏମ୍ କମ୍ପ୍ଲେକ୍ସ ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ସମେତ ଅପଷ୍ଟ୍ରିମ୍ ଓ ଡାଉନଷ୍ଟ୍ରିମ୍ ବ୍ୟବସ୍ଥା



ବିଓଏଫ୍-୨ ଏବଂ ବିଓଏଫ୍-୩ କାର୍ଯ୍ୟକ୍ଷମ ହୋଇଛି। ନିର୍ଦ୍ଧାରିତ ସମୟ ଭିତରେ ସମସ୍ତ ସମ୍ପ୍ରସାରଣ କାର୍ଯ୍ୟ ଶେଷ ହୋଇଛି। ସମ୍ପ୍ରସାରଣ ପରେ ଜିନ୍ଦଲ ଷ୍ଟିଲ୍‌ର ଇସ୍ପାତ ଉତ୍ପାଦନ କ୍ଷମତା ୧୫.୬ ଏମ୍‌ଟିପିଏକୁ ବୃଦ୍ଧି ପାଇଛି, ଯେଉଁଥିରେ ରାୟଗଡ଼ ପ୍ଲାଣ୍ଟର ୩.୬ ଏମ୍‌ଟିପିଏ କ୍ଷମତା ମଧ୍ୟ ଅନ୍ତର୍ଭୁକ୍ତ। ଏହି ବର୍ଦ୍ଧିତ କ୍ଷମତା ଉତ୍ପାଦନ ଏବଂ ପ୍ଲାଣ୍ଟ ବ୍ୟବହାରକୁ ଆହୁରି ଉନ୍ନତ କରିବ। ଏହା କମ୍ପାନିକୁ ରାଜସ୍ୱ ବୃଦ୍ଧି ଏବଂ ଖର୍ଚ୍ଚ ହ୍ରାସ କରିବାରେ ସାହାଯ୍ୟ କରିବ। ଦେଶ ନିର୍ମାଣ ପାଇଁ ଆତ୍ମ ନିର୍ଭର ଭାରତ ଲକ୍ଷ୍ୟ ହାସଲ ଓ ଦେଶୀୟ ଇସ୍ପାତ ଉତ୍ପାଦନ କ୍ଷମତାରେ ଅଭିବୃଦ୍ଧିକୁ ଏହି ସମ୍ପ୍ରସାରଣ ଆହୁରି ମଜଭୁତ୍ କରିବ।

ସେୟାର ବଜାରରେ ଜବରଦସ୍ତ କାରବାର



# ସେନ୍‌ସେକ୍ସରେ ୧୩୭୨ ପଏଣ୍ଟ୍ ବୃଦ୍ଧି

ମୁମ୍ବାଇ, ୨୪।୩ଃ ଇରାନ ଯୁଦ୍ଧକୁ ନେଇ ପାଞ୍ଚଦିନିଆ ଯୁଦ୍ଧ ବିରତି ଘୋଷଣାକୁ ନେଇ ଇକ୍ୱିଟି ବଜାରର ନିବେଶକମାନେ ବେଶ୍ ଉତ୍ସାହିତ ହୋଇପଡ଼ିଛନ୍ତି। ଯୁଦ୍ଧ ଅଧିକ ଦିନ ଟାଣିବାକୁ ନେଇ ଆମେରିକା ଚାହୁଁନଥିବାରୁ ସଙ୍କେତ ସେଥିରୁ ମିଳୁଛି। ସେଥିପାଇଁ ସେମାନେ ଆଜି ବିଭିନ୍ନ କମ୍ପାନିରେ ନିବେଶ ବଢ଼ାଇଛନ୍ତି। ତାହାର ପ୍ରଭାବରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ୧୩୭୨ ପଏଣ୍ଟ୍ ବୃଦ୍ଧି ପାଇ ୭୪,୦୬୮ ପଏଣ୍ଟରେ ବନ୍ଦ ହୋଇଛି। ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ମଧ୍ୟ ୪୦୦ ପଏଣ୍ଟ୍ ବୃଦ୍ଧି ପାଇ ୨୨,୯୧୨ ପଏଣ୍ଟରେ ବନ୍ଦ ହୋଇଛି। ବ୍ୟାଙ୍କ ଓ ଅଟୋମୋବାଇଲ୍ କମ୍ପାନିରେ ନିବେଶକମାନେ ଅଧିକ ପୁଞ୍ଜି ଖଟାଇଛନ୍ତି। ଆମେରିକା ସହ କଥାବାର୍ତ୍ତା କରିବାକୁ ଇରାନର ଶୀର୍ଷ ନେତା ମୋଜତବା ଖାମେନେଇ ରାଜି ହୋଇଥିବା ଖବର ଆସିବା ପରେ ସେୟାର ବଜାରରେ ନିବେଶକଙ୍କ ଉତ୍ସାହ ଆହୁରି ବଢ଼ିଯାଇଥିଲା। ଇରାନର ତୈଳ ଭିତ୍ତିଭୂମି ଉପରେ ଆକ୍ରମଣକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୫ ଦିନ ଟାଳି ଦେବା ପରେ ଆମେରିକା ସେୟାର ବଜାରରେ ଗତକାଲି ଜବରଦସ୍ତ କାରବାର ହୋଇଥିଲା। ତାହାର ପ୍ରଭାବରେ ଭାରତରେ ମଧ୍ୟ ଆଜି କାରବାର ଉତ୍ସାହଜନକ ରହିଥିଲା। ଏସିଆ ମହାଦେଶରେ ଜାପାନର ନିକେଇ ସୂଚକାଙ୍କ ୧.୪୩ ପ୍ରତିଶତ ବୃଦ୍ଧି ପାଇ ୫୨,୨୫୨ ପଏଣ୍ଟରେ ବନ୍ଦ ହୋଇଛି। ଦକ୍ଷିଣ କୋରିଆର ସୂଚକାଙ୍କ କୋପ୍‌ସି ଇଣ୍ଡେକ୍ସ ୨.୭୪ ପ୍ରତିଶତ ବୃଦ୍ଧି ସହ ୫,୫୫୩ ପଏଣ୍ଟରେ ବନ୍ଦ ହୋଇଛି। ହଂକଂର ସୂଚକାଙ୍କ ହାଙ୍ଗସେଙ୍ଗ ମଧ୍ୟ ୨.୭୯ ପ୍ରତିଶତ ବୃଦ୍ଧି ପାଇ ୨୫,୦୬୩ ପଏଣ୍ଟରେ ବନ୍ଦ ହୋଇଛି। ଚୀନ୍‌ର ସାଂଘାଇ କମ୍ପୋଜିଟ୍ ଇଣ୍ଡେକ୍ସ ୧.୭୮ ପ୍ରତିଶତ ବୃଦ୍ଧି ପାଇ ୩,୮୮୧ ପଏଣ୍ଟରେ ବନ୍ଦ ହୋଇଛି। ଆମେରିକାର ତିନି ପ୍ରମୁଖ ସେୟାର ବଜାରର ସୂଚୀ ମଧ୍ୟ ବଢ଼ିଥିଲା। ଡାଓ ଜୋନ୍‌ସ ୬୩୧ ପଏଣ୍ଟ୍ ବୃଦ୍ଧି ପାଇ ୪୬,୨୦୮ ପଏଣ୍ଟ୍, ନାସ୍‌ଦାକ୍ କମ୍ପୋଜିଟ୍ ସୂଚକାଙ୍କ ୧.୩୮ ପ୍ରତିଶତ ବୃଦ୍ଧି ପାଇ ୨୧,୯୪୬ ପଏଣ୍ଟ୍ ଏବଂ ଏସ୍‌ଆଣ୍ଡପି ୫୦୦ ସୂଚକାଙ୍କ ୭୪ ପଏଣ୍ଟ୍ ବୃଦ୍ଧି ପାଇ ୬୫୮୧ ପଏଣ୍ଟରେ ବନ୍ଦ ହୋଇଥିଲା।

# ଗୋଟି ଖେଳିଲେ ଟ୍ରମ୍ପ

## ୫୦୦୦ କୋଟି ବାଜିରେ ଲଗାଇଥିଲେ ନିବେଶକ



ନୂଆଦିଲ୍ଲୀ, ୨୪।୩ଃ ଭୁଶୁଡ଼ି ପଡୁଥିଲା ସେୟାର ବଜାର। ଗୋଟି ଖେଳିଲେ ଟ୍ରମ୍ପ। ଏମିତି ଘୋଷଣା କଲେ, ହଠାତ ବଢ଼ିଗଲା ସେୟାର ବଜାର ଓ ଅଶୋଧିତ ତୈଳ ମୂଲ୍ୟ। ଆମେରିକାର ଗୋଟିଏ ନିଷ୍ପତ୍ତି ବିଶ୍ୱ ବଜାର ଓ ନିବେଶକଙ୍କ ମଧ୍ୟରେ ଆଶ୍ୱସ୍ତି ଆଣିଛି। ଟ୍ରମ୍ପଙ୍କ ଇରାନକୁ ୪୮ ଘଣ୍ଟାର ଚରମବାଣୀ ଦେଇଥିଲେ। ଇରାନ ପାଓ୍ୱାର ପ୍ଲାଣ୍ଟ ଉପରେ ଯୋଜନାବଦ୍ଧ ଆକ୍ରମଣକୁ ପାଞ୍ଚ ଦିନ ପାଇଁ ସ୍ଥଗିତ ରଖିବା ପାଇଁ ତାଙ୍କର ହଠାତ୍ ଘୋଷଣା ପୂର୍ବରୁ ତୈଳ ବଜାରରେ ନିବେଶକମାନେ ଅଶୋଧିତ ତୈଳ ମୂଲ୍ୟ ଉପରେ ମୋଟ 580 ନିୟୁତ ଡଲାର ବା ପ୍ରାୟ ୫୪୪୦ କୋଟିରୁ ଅଧିକ ଟଙ୍କାର ବାଜି ଲଗାଇ ସାରିଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି କାରବାରଗୁଡ଼ିକ ଟ୍ରମ୍ପଙ୍କ ଯୁଦ୍ଧ ବନ୍ଦ ଘୋଷଣାର ଠିକ୍ ୧୫ ମିନିଟ୍ ପୂର୍ବରୁ କାର୍ଯ୍ୟକାରୀ ହୋଇଥିଲା। ଫାଇନାନ୍ସିଆଲ୍ ଟାଇମ୍ସର ରିପୋର୍ଟ ଅନୁଯାୟୀ, ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ସହିତ ସକାରାତ୍ମକ ଆଲୋଚନା ଚାଲିଥିବା ଏବଂ ଇରାନ ସ୍ଥଳଗୁଡ଼ିକ ଉପରେ ତାଙ୍କର ଯୋଜନାବଦ୍ଧ ଆକ୍ରମଣକୁ ପାଞ୍ଚ ଦିନ ପାଇଁ ସ୍ଥଗିତ ରଖିବା ଘୋଷଣା କରିବା ପୂର୍ବରୁ ତେଲ ଏବଂ ସେୟାର ବଜାର ଉଭୟରେ ତୀବ୍ରକାରବାର ହୋଇଥିଲା। ଟ୍ରମ୍ପ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲରେ ଏହି ବିଷୟରେ ପୋଷ୍ଟ କରିବାର କିଛି ସମୟ ପୂର୍ବରୁ ୫୮୦ ନିୟୁତ ମୂଲ୍ୟର ତୈଳ ଏବଂ ଇକ୍ୱିଟି ବାଣିଜ୍ୟ କାର୍ଯ୍ୟକାରୀ ହୋଇଥିଲା। ଡୋନାଲ୍ଡ ଟ୍ରମ୍ପ୍ ଟ୍ରୁଥ ସୋସିଆଲରେ ପୋଷ୍ଟ କରି ଦାବି କରିଥିଲେ ଯେ ଇରାନ ସହିତ ଆଲୋଚନା ଚାଲିଛି। ମୁଁ ଖୁସି ଯେ ଆମେରିକା ଏବଂ ଇରାନ ଗତ ଦୁଇ ଦିନ ଧରି ବହୁତ ଭଲ ଏବଂ ଗଠନମୂଳକ ଆଲୋଚନା କରିଛନ୍ତି। ଇରାନ ଶକ୍ତି ଭିତ୍ତିଭୂମିକୁ ଟାର୍ଗେଟ କରି ସାମରିକ ଅଭିଯାନ ୫ ଦିନ ପାଇଁ ବନ୍ଦ କରାଯାଉଛି। ଏହା ଉତ୍ତେଜନା ହ୍ରାସର ଏକ ସମ୍ଭାବ୍ୟ ସଙ୍କେତ।" ସରଳ ଭାବରେ କହିବାକୁ ଗଲେ, ଏହି କ୍ଷେତ୍ରର ବ୍ୟବସାୟୀ ଏବଂ ନିବେଶକମାନେ ଆଶା କରିଥିଲେ - ଟ୍ରମ୍ପ ତାଙ୍କର ସାର୍ବଜନୀନ ଘୋଷଣା କରିବା ପୂର୍ବରୁ ମଧ୍ୟ ତେଲ ମୂଲ୍ୟ ଦ୍ରୁତ ଗତିରେ ହ୍ରାସ ପାଇବ ଏବଂ ଷ୍ଟକ୍ ବଜାର ବୃଦ୍ଧି ପାଇବ। ପରବର୍ତ୍ତୀ ସମୟରେ, ଯେତେବେଳେ ଆମେରିକା ରାଷ୍ଟ୍ରପତି ଇରାନ ଉପରେ ଆକ୍ରମଣ ସମ୍ପର୍କରେ ଘୋଷଣା କଲେ ଏବଂ ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କଲେ, ତେଲ ମୂଲ୍ୟ ଏହି ପୂର୍ବାନୁମାନ ଅନୁଯାୟୀ ହଠାତ୍ ଖସିଗଲା। ବିଶ୍ୱବ୍ୟାପୀ ସେୟାର ବଜାର ବୃଦ୍ଧି ପାଇଲା। ରିପୋର୍ଟରୁ ଜଣାପଡିଛି ଯେ, ବ୍ୟବସାୟୀମାନେ ବ୍ରେଣ୍ଟ କ୍ରୁଡ୍ ଏବଂ ୱେଷ୍ଟ ଟେକ୍ସାସ ଇଣ୍ଟରମିଡିଏଟ୍ (ଡବ୍ଲ୍ୟୁଟିଆଇ) କ୍ରୁଡ୍ ଉପରେ ପ୍ରାୟ ୫୮୦ ମିଲିୟନ ମୂଲ୍ୟର ବାଜି ଲଗାଇଥିଲେ। ବିଶେଷଜ୍ଞମାନେ କହିଛନ୍ତି ଯେ ଏତେ ପରିମାଣର ବାଣିଜ୍ୟ - ଏତେ ସୀମିତ ସମୟସୀମା ମଧ୍ୟରେ ଅତ୍ୟନ୍ତ ଅସାଧାରଣ। ତଥାପି, ଟ୍ରମ୍ପଙ୍କ ଦାବିକୁ ଇରାନ ଏହି ରିପୋର୍ଟକୁ "ମିଥ୍ୟା ଖବର" ବୋଲି କହିଛି। ଆମେରିକା ସହିତ କୌଣସି ଆଲୋଚନାରେ ସାମିଲ ହେବା ଅସ୍ୱୀକାର କରିଛି।

# ମାଡ଼ି ଆସୁଛି ଭୟଙ୍କର ଆର୍ଥିକ ସଙ୍କଟ

ନୂଆଦିଲ୍ଲୀ, ୨୪ /୦୩ଃ ଚଳିତ ଦଶନ୍ଧି ଆରମ୍ଭରୁ ହିଁ ବିଶ୍ୱ ଅର୍ଥନୀତି ଉପରେ ପଡ଼ିଛି ଶନି ଦଶା। ପ୍ରଥମେ କୋଭିଡ୍ ମହାମାରୀ, ଏହାପରେ ରୁଷ-ୟୁକ୍ରେନ ଯୁଦ୍ଧ, ତା'ପରେ ଡୋନାଲ୍ଡ ଟ୍ରମ୍ପଙ୍କ ଆକ୍ରାମକ ଟାରିଫ୍ ନୀତି ଆଉ ଏବେ ମଧ୍ୟପ୍ରାଚ୍ୟ ଯୁଦ୍ଧ। ତାଲିକା ଆଗକୁ ବି ବଢ଼ିପାରେ। ଏଭଳି ସ୍ଥିତିରେ ଉକ୍ତ ଏସୀୟ ଅର୍ଥବ୍ୟବସ୍ଥାଗୁଡ଼ିକର ଅଭିବୃଦ୍ଧି ସମ୍ଭାବନା କ୍ଷୀଣ ହୋଇଯାଇଛି, ଯେଉଁମାନେ ତୈଳ ଏବଂ ଶକ୍ତି ଆମଦାନି ଉପରେ ଅଧିକ ନିର୍ଭରଶୀଳ। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁ ତୈଳ ଏବଂ ଗ୍ୟାସ ସଂକଟ ସ୍ଥିତି ଉପୁଜିଛି। ଦର ଉପରମୁହାଁ। ଖାଲି ସେତିକି ନୁହେଁ ଏସିଆ ପ୍ରଶାନ୍ତ ଅଞ୍ଚଳରୁ ହର୍ମୋଜ ଦେଇ ୟୁରୋପକୁ ବିଭିନ୍ନ ପ୍ରକାର ସାମଗ୍ରୀ ରପ୍ତାନି ହୋଇଥାଏ। ହର୍ମୋଜ ବନ୍ଦ ଥିବାରୁ ତାହା ଏବେ ଠପ୍। ଅନ୍ୟ ମାର୍ଗ ଦେଇ ରପ୍ତାନି ବ୍ୟୟବହୁଳ ବ୍ୟାପାର। ଏଭଳି ସ୍ଥିତିରେ ରାଷ୍ଟ୍ରଗୁଡ଼ିକ ଚିନ୍ତାରେ। ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହୋଇଛି। ଦରଦାମ ସ୍ଥିତି ଉତ୍କଟ। ମୁଦ୍ରାସ୍ଫୀତି ଚାପ ବଢ଼ିଲାଣି। ଏଭଳି ସ୍ଥିତିରେ ଆଗକୁ ବଡ଼ ଧରଣର ଆର୍ଥିକ ସଂକଟ ସ୍ପଷ୍ଟ ଅନୁମେୟ। କେବଳ ତୈଳକୁ ନେଇ ଚିନ୍ତା କରୁଥିବା ଭାରତ ସରକାର ଅନ୍ୟାନ୍ୟ ଦିଗକୁ ଦୃଷ୍ଟି ଦେଉନାହାନ୍ତି। ରପ୍ତାନି ବାସ୍କେଟ ପ୍ରଭାବିତ। ଦେଶରୁ ମଧ୍ୟପ୍ରାଚ୍ୟକୁ କୃଷି ଏବଂ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ରପ୍ତାନି ବ୍ୟାହତ ହୋଇଛି। ଏଭଳି ସ୍ଥିତିରେ ଅର୍ଥବ୍ୟବସ୍ଥାରେ ଏକ କଳା ବାଦଲ ଘୋଟିଆସିଲାଣି।



ତୈଳ ଆମଦାନି ଉପରେ ନିର୍ଭରଶୀଳ ଭାରତୀୟ ଅର୍ଥନୀତି ପାଇଁ ଚିନ୍ତାର ବିଷୟ ହେଉଛି ଆମଦାନି ବିଲ୍। ତୈଳ ଦର ବୃଦ୍ଧି ସହିତ ବଢ଼ିବ ଆମଦାନି ବିଲ୍। ଶୁଖିଯିବ ବୈଦେଶିକ ମୁଦ୍ରା ଭଣ୍ଡାର। ଏହା ଏକ ବଡ଼ ଚିନ୍ତା। ମୁଡିସ୍ ରିପୋର୍ଟ ଅନୁସାରେ, ଯୁଦ୍ଧ ଯୋଗୁ ହୋଇଥିବା ଆର୍ଥିକ କ୍ଷୟକ୍ଷତି ଫଳରେ ଏ ବର୍ଷ ଏସିଆ ପ୍ରଶାନ୍ତ ଅଞ୍ଚଳର ଅଭିବୃଦ୍ଧି ୪% କୁ ଖସିଯାଇପାରେ, ଯାହାକି ୨୦୨୫ରେ ଥିଲା ୪.୩%। ୨୦୨୭ରେ ଏହା ପୁନଃ ୩.୬%କୁ ଖସିପାରେ। ସେହିଭଳି ଭାରତର ଅଭିବୃଦ୍ଧି ଏ ବର୍ଷ ୭.୫%କୁ ଖସିଯାଇପାରେ ବୋଲି ଅନୁମାନ କରିଛି ମୁଡିସ୍, ଯାହାକି ୨୦୨୫ରେ ଥିଲା ୭.୮%। ୨୦୨୭ରେ ଏହା ୬.୨% ଏବଂ ୨୦୨୮ରେ ୬%କୁ ଖସିପାରେ ବୋଲି ଅନୁମାନ ରହିଛି। ଗତ ୧୮ ବର୍ଷ ଧରି ବାହ୍ୟ ଏବଂ ଘରୋଇ ଝଟ୍କା ଯୋଗୁ ଏସିଆ ପାସିଫିକ୍ ରାଷ୍ଟ୍ରଗୁଡ଼ିକର ଆର୍ଥିକ ସମ୍ପତ୍ତି ଧୂଳିସାତ ହୋଇଯାଇଛି। ମୁଡିସ୍ ଅନୁସାରେ, ପ୍ରମୁଖ ଅର୍ଥନୀତିଗୁଡ଼ିକରେ ଘରୋଇ ଚାହିଦା ଦୁର୍ବଳ ରହିଛି। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁ ବିଭିନ୍ନ ସାମଗ୍ରୀ ଦର ବଢ଼ିଚାଲିଛି। ଫଳରେ ମୁଦ୍ରାସ୍ଫୀତି ବଢ଼ିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ରସାୟନ ଏବଂ ସାର ଅଭାବ ସ୍ଥିତି ଉପୁଜିଛି। ମଧ୍ୟପ୍ରାଚ୍ୟରୁ ଅଧିକାଂଶ ସାମଗ୍ରୀ ଆମଦାନି କରିଥାନ୍ତି ଏସିଆ ପାସିଫିକ୍ ରାଷ୍ଟ୍ର। ସେଠାରୁ ପ୍ରଚୁର ତୈଳ ଏବଂ ଗ୍ୟାସ ଆସିଥାଏ। ଏବେ ମଧ୍ୟପ୍ରାଚ୍ୟ ରାଷ୍ଟ୍ରଗୁଡ଼ିକ ଯୁଦ୍ଧରେ ମାତିଥିବାରୁ ବଡ଼ ଶକ୍ତି ସଂକଟର ପୂର୍ବାନୁମାନ କରାଯାଇଛି। ଯଦି ଆମେରିକା ଏବଂ ଇରାନ ଯୁଦ୍ଧ ଲମ୍ବା ସମୟ ଧରି ଲାଗିରୁହେ ତେବେ ଏହାର ପରିଣାମକୁ ଅଣଦେଖା କରାଯାଇପାରିବ ନାହିଁ। ମଧ୍ୟପ୍ରାଚ୍ୟ ଯୁଦ୍ଧ ସହିତ ଏସୀୟ ଅର୍ଥନୀତିଗୁଡ଼ିକ ପାଇଁ ଏକ ବଡ଼ ବିପତ୍ତି ହେଉଛି ଟ୍ରମ୍ପଙ୍କ ବେପରୁଆ ଟାରିଫ୍ ନୀତି। ଟାରିଫ୍କୁ ନେଇ ଅନିଶ୍ଚିତତା ଚିନ୍ତାର ବିଷୟ। ଏହାସହିତ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କ୍ଷେତ୍ରରେ ବିଶ୍ୱ ଯେଉଁ ଗତିରେ ଆଗକୁ ବଢୁଥିଲା ତାହା ବର୍ତ୍ତମାନ ସ୍ଥିତିରେ ଧିମା ହୋଇପାରେ ବୋଲି ଚେତାବନୀ ଦେଇଛି ମୁଡିସ୍। ଏଆଇକୁ ନେଇ ସବୁଆଡ଼େ ଚର୍ଚ୍ଚା। ରିପୋର୍ଟ ଅନୁସାରେ ସାମ୍ପ୍ରତିକ ସ୍ଥିତି ଯୋଗୁ ଏହାର ଗତି ଧୀମା ହୋଇପାରେ। ଏସିଆରେ ବିଶ୍ୱର ସିଂହଭାଗ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ହୋଇଥାଏ। ଏଥିରେ ବ୍ୟବହାର ହେଉଥିବା ସେମିକଣ୍ଡକ୍ଟର ଯୋଗାଣ ପ୍ରଭାବିତ ହେବା ଆଶଙ୍କା ରହିଛି, ଯାହା ପ୍ରଭାବରେ ଏସିଆ ପାସିଫିକ୍ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ବ୍ୟାହତ ହୋଇପାରେ। ଏହା ଅଭିବୃଦ୍ଧିକୁ ବାଧା ଦେବା ସ୍ୱାଭାବିକ ବୋଲି ମୁଡିସ୍ ଏହାର ରିପୋର୍ଟରେ ଉଲ୍ଲେଖ କରିଛି।

# ଟ୍ରେନ୍ ଛାଡିବାର ୮ ଘଣ୍ଟା ପୂର୍ବରୁ ଟିକେଟ୍ ବାତିଲ କଲେ ମିଳିବନି ଟଙ୍କା ଫେରସ୍ତ

ନୂଆଦିଲ୍ଲୀ, ୨୪।୩ଃ ଭାରତୀୟ ରେଳବାଇ ନିଶ୍ଚିତ ଟିକେଟ ପାଇଁ ବାତିଲକରଣ ନିୟମରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରିଛି। ନୂତନ ନିୟମ ଅନୁଯାୟୀ, ରିଫଣ୍ଡ ଏବଂ ଜରିମାନା ଏବେ ଟ୍ରେନ୍ ଛାଡିବାର କେତେ ସମୟ ପୂର୍ବରୁ ଯାତ୍ରୀ ଟିକେଟ ବାତିଲ କରୁଛନ୍ତି ତାହା ଉପରେ ନିର୍ଭର କରିବ। । ନୂତନ ନିୟମ ଅନୁଯାୟୀ, ଯଦି ଜଣେ ଯାତ୍ରୀ ଟ୍ରେନ୍ ଛାଡ଼ିବାର ୭୨ ଘଣ୍ଟା ପୂର୍ବରୁ ତାଙ୍କ ଟିକେଟ୍ ବାତିଲ କରନ୍ତି, ତେବେ ସେ ପ୍ରଯୁଜ୍ୟ ବାତିଲ୍ ଶୁଳ୍କ ବାଦ ଦେଇ ୭୫% ପର୍ଯ୍ୟନ୍ତ ଟଙ୍କା ଫେରସ୍ତ ପାଇପାରିବେ। ୭୨ ରୁ ୨୪ ଘଣ୍ଟା ମଧ୍ୟରେ ବାତିଲ୍ କଲେ ୨୫% ଟଙ୍କା ଫେରସ୍ତ ମିଳିବ। ୨୪ ରୁ ୮ ଘଣ୍ଟା ମଧ୍ୟରେ ବାତିଲ୍ କଲେ ୫୦% ଟଙ୍କା ଫେରସ୍ତ ମିଳିବ। ୮ ଘଣ୍ଟାରୁ କମ୍ ସମୟ ପୂର୍ବରୁ ବାତିଲ୍ କଲେ ଟଙ୍କା ଫେରସ୍ତ ମିଳିବ ନାହିଁ।

ଯାତ୍ରୀମାନଙ୍କୁ ଆଶ୍ୱସ୍ତି ଦେବା ପାଇଁ, ରେଳବାଇ ବୋର୍ଡିଂ ଷ୍ଟେସନ ପରିବର୍ତ୍ତନ କରିବା ପାଇଁ ନିୟମରେ ମଧ୍ୟ ସଂଶୋଧନ କରିଛି। ଯାତ୍ରୀମାନେ ଏବେ ନିର୍ଦ୍ଧାରିତ ପ୍ରସ୍ଥାନ ସମୟର ୩୦ ମିନିଟ୍ ପୂର୍ବରୁ ସେମାନଙ୍କର ବୋର୍ଡିଂ ପଏଣ୍ଟ ପରିବର୍ତ୍ତନ କରିପାରିବେ। ଏହି ବୈଶିଷ୍ଟ୍ୟ ବିଶେଷ ଭାବରେ ଏକାଧିକ ରେଳ ଷ୍ଟେସନ ଥିବା ବଡ଼ ସହରରେ ରହୁଥିବା ଯାତ୍ରୀମାନଙ୍କ ପାଇଁ ଉପଯୋଗୀ ହେବ। ପୂର୍ବରୁ, ବୋର୍ଡିଂ ଷ୍ଟେସନ ପରିବର୍ତ୍ତନ କରିବାର ସୁବିଧା କେବଳ ଚାର୍ଟ ପ୍ରସ୍ତୁତି ଅବଧି ପର୍ଯ୍ୟନ୍ତ ଉପଲବ୍ଧ ଥିଲା। ନୂତନ ନିୟମ ଲାଗୁ ହେବା ସହିତ, ଯାତ୍ରୀମାନେ



ଏବେ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଏହି ସୁବିଧା ପାଇପାରିବେ, ଯାହା ଯାତ୍ରାକୁ ଅଧିକ ସୁବିଧାଜନକ କରିବ। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଅନୁଯାୟୀ, ଏହି ପରିବର୍ତ୍ତନ ଟିକେଟ୍ ବ୍ୟବସାୟ କରୁଥିବା ଦଲାଲଙ୍କୁ ରୋକିବା ପାଇଁ ମଧ୍ୟ ଉଦ୍ଦିଷ୍ଟ। ପୂର୍ବରୁ, ଅନେକ ବ୍ୟବସାୟୀ ବହୁ ସଂଖ୍ୟକ ଟିକେଟ୍ ବୁକ୍ କରୁଥିଲେ ଏବଂ ପରେ ସେଗୁଡ଼ିକୁ ବାତିଲ କରୁଥିଲେ। ରିଫଣ୍ଡ ପାଇ ଲାଭ ପାଉଥିଲେ। ନୂତନ ନିୟମ ଏପରି କାର୍ଯ୍ୟକଳାପ ଉପରେ ରୋକ ଲଗାଇବ। ଏହି ପରିବର୍ତ୍ତନଗୁଡ଼ିକ ଯାତ୍ରୀମାନଙ୍କୁ ଅଧିକ ସୁବିଧା ପ୍ରଦାନ କରିବ। ଟିକେଟ୍ ବୁକିଂ ବ୍ୟବସ୍ଥାରେ ସ୍ୱଚ୍ଛତା ବୃଦ୍ଧି କରିବ ।



# ଆଜିର ସୁନା ଦର

ଆଜି ସ୍ଥିର ରହିଛି ସୁନା ଓ ରୁପା ଦର। ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୫,୯୭୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୩,୮୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୫,୯୭୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୩୩,୮୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୪୫,୯୭୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ଦର ୧,୩୩,୮୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୪୬,୧୨୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୩୩,୯୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୮,୫୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୬,୨୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୫,୯୭୦ ଓ ୧,୩୩,୮୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୫,୦୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୪ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି। ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ। ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ। ବୈଦେଶିକ ମୂଲ୍ୟ ସହିତ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ମୂଲ୍ୟ ଉପରେ ନିର୍ଭର କରି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ପ୍ରତିଦିନ ବଦଳିଥାଏ।

# ମିଳିତ ସମରାଭ୍ୟାସ 'ସାଗର କବଚ' ଆରମ୍ଭ

## ସ୍ଥିତି ଅନୁଧ୍ୟାନ କରିବା ସହ ସାଧାରଣ ଜନତାଙ୍କୁ ସଚେତନ କଲେ ଅତିରିକ୍ତ ଏସ୍ପି



କାକଟପୁର/ଅସ୍ତରଙ୍ଗ,୨୪।୩ (ସଂଚାର ବ୍ୟୁରୋ): ଶତ୍ରୁ ସଂହାର କରିବା ସହ ଆତଙ୍କବାଦୀଙ୍କୁ ପ୍ରବେଶ ନ କରାଇବା ପାଇଁ ନୌସେନା ଅଭିନବ ଉପାୟ। ଚଳିତ ବର୍ଷର ପ୍ରଥମ ଥର ପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ଉପକୂଳରେ ଦୁଇ ଦିନିଆ ମିଳିତ ସମରାଭ୍ୟାସ "ସାଗର କବଚ" ଅଥବା "ସି ଭିଜିଲ " ଆରମ୍ଭ ହୋଇଛି। ଉପକୂଳ ସୁରକ୍ଷା ବ୍ୟବସ୍ଥାକୁ ଦୃଢ଼ୀଭୂତ କରିବାକୁ ପ୍ରଥମ ଦିନରେ ମଙ୍ଗଳବାର ସକାଳ ଠାରୁ ଆରମ୍ଭ ହୋଇଥିବା ସମରାଭ୍ୟାସ "ସାଗର କବଚ ଏହା ଦୁଇ ଦିନ ଚାଲିବ । ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣରେ ସମଗ୍ର ଭାରତ ଦୋହଲିଯିବା ପରେ ଉପକୂଳ ସୁରକ୍ଷା ବ୍ୟବସ୍ଥାକୁ ଦୃଢ଼ୀଭୂତ କରିବାକୁ ଉଭୟ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାର ତରଫରୁ ପ୍ରତ୍ୟେକ ବର୍ଷ ଭଳି ଆୟୋଜିତ ହୋଇଛି ମିଳିତ ସମରାଭ୍ୟାସ "ସାଗର କବଚ "। ଉପକୂଳ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳ ନୂଆଗଡ, କାଳିଆଶଣ, ସହଳ,ସୁଦିକେଶର, ଗୁଣ୍ଡଳବା ସମେତ ନୌସେନା ଓ ପୋଲିସ ର ରଣକୌଶଳ ପ୍ରଦର୍ଶନ କରାଯାଇଛି। ସାମୁଦ୍ରିକ ସୀମାରେ ଅନୁପ୍ରବେଶ ରୋକିବା ଲକ୍ଷ୍ୟରେ ପ୍ରଥମ ଦିନରେ ମଙ୍ଗଳବାର ସକାଳ ୬ରୁ ଆରମ୍ଭ ହୋଇଥିବା ସମରାଭ୍ୟାସକୁ ନୂଆଗଡ ଜେଟି ନିକଟରେ ପୁରୀ ଅତିରିକ୍ତ ଏସ୍ପି ସବିନ ପଟେଲ ପହଂଚି ସ୍ଥାନୀୟ ଜନ ସାଧାରଣଙ୍କୁ ବୁଝାଇବା ସହ ଅଚିହ୍ନା କିମ୍ବା ସନ୍ଦେହ ଜନକ ଲୋକଙ୍କୁ ଦେଖିଲେ ତୁରନ୍ତ ପୁଲିସ ସୂଚନା ଦେବାକୁ ନିର୍ଦ୍ଦେଶ ଦେଇଥିଲେ।

ଏହି ସମରାଭ୍ୟାସରେ ଭାରତୀୟ ତଟରକ୍ଷୀ ବାହିନୀ, ମେରାଇନ ପୋଲିସ, ଅସ୍ତରଙ୍ଗ ପୋଲିସ ସହ ବିଭିନ୍ନ ଥାନା ପୋଲିସ ଏଥିରେ ସାମିଲ ହୋଇଛନ୍ତି। ସୁରକ୍ଷା ବାହିନୀ ଦୁଇ ଭାଗରେ ବିଭକ୍ତ। ବ୍ଲୁ ଫୋର୍ସ ଓ ରେଡ ଫୋର୍ସ ୨ଟି ଟିମ୍ ହୋଇ ଏହି ସମରାଭ୍ୟାସ ଚାଲିଛି। ରେଡ ଫୋର୍ସ ତଥା ଗୁପ୍ତଶତ୍ରୁ ଭୂମିକା ନିର୍ବାହ କରିବେ ଏବଂ ବ୍ଲୁ ଫୋର୍ସ ପୁଲିସ ତଥା ସୁରକ୍ଷା ବାହିନୀର ଭୂମିକା ତୁଲାଇବେ। ଉପକୂଳକୁ ବାହିନୀ ଜରିଆରେ ବେଳେ ରେଡ ବାହିନୀ ଶତ୍ରୁ ପକ୍ଷ ହୋଇ ଦୂରସମୁଦ୍ରକୁ ଯାତ୍ରା କରି ପୁଣି ଉପକୂଳ ମୁହାଁ ହୋଇ ଆକ୍ରମଣ କରିବା ପାଇଁ ଶତ୍ରୁ ପକ୍ଷକୁ କଡା ଜବାବ ଦେବା ପାଇଁ ପ୍ରସ୍ତୁତ ଅଛନ୍ତି। ସମୁଦ୍ର ପଥ, ବସ ତଥା ଯାନବାହନ ଆଦିରେ ରେଡ ଫୋର୍ସ ରହିବେ, ତାଙ୍କୁ ମୁକାବିଲା କରିବେ ବ୍ଲୁ ଫୋର୍ସ। ସମୁଦ୍ରରେ ସନ୍ଦେହ ଜନକ ଭାବେ ଯାତାୟତ କରୁଥିବା ଡଙ୍ଗାକୁ ଚିହ୍ନଟ କରିବେ। ବାହ୍ୟ ଶତ୍ରୁ ଠାରୁ ଉପକୂଳ କୁ ରକ୍ଷା କରିବା ପାଇଁ ଏହି ସମରାଭ୍ୟାସ ପ୍ରତିବର୍ଷ ୨ ଥର କରାଯାଇଥାଏ। କିଭଳି ଭାବେ ଜଳପଥ ଦେଇ ଉପକୂଳ କୁ ଶତ୍ରୁ ପଶିବନିଯିବେ ସେ ନେଇ ସମସ୍ତ ବିଭାଗ କୁ ସଚେତନ କରିବା ଏହି ସମରାଭ୍ୟାସ ର ମୂଳଲକ୍ଷ୍ୟ। ଏହି ସମରାଭ୍ୟାସ କାର୍ଯ୍ୟକ୍ରମ ରେ ନୂଆଗଡ ସାମୁଦ୍ରିକ ଥାନାଧିକାରୀ ଅଚ୍ୟୁତାନନ୍ଦ ବେହେରା, ମାଷ୍ଟର ପ୍ରକାଶ ଦାସ, ଅତିରିକ୍ତ ମାଷ୍ଟର ବିପ୍ରଚରଣ ସ୍ୱାଇଁ, ଏଏସଆଇ ଯୁଧିଷ୍ଠିର ସାହୁ ଙ୍କ ସହ ଅନେକ ଅଧିକାରୀ ମାନେ ଉପସ୍ଥିତ ରହିବା ସହ ଦୁଇ ପ୍ଲାଟୁନୁ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି।

## ଉତ୍କଳ ଦିବସ ପାଳନ ପ୍ରସ୍ତୁତି ବୈଠକ



ଯାଜପୁର ରୋଡ଼,୨୪।୩(ସଂଚାର ବ୍ୟୁରୋ): ଆଗାମୀ ଅପ୍ରେଲ ଏକ ତାରିଖ ଦିନ ସ୍ୱତନ୍ତ୍ର ଉତ୍କଳ ଦିବସ ପାଳନ ନିମନ୍ତେ ବ୍ୟାସନଗର ସ୍ଥିତ ଚିଦାନନ୍ଦ କେନ୍ଦ୍ରରେ ଉତ୍କଳ ଦିବସ ସମାରୋହ ସମିତି ତରଫରୁ ସମିତିର ସଭାପତି ଡ଼ଃ. ଦୁଷ୍ମନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ସମିତିର ସଂପାଦିକା ଶ୍ରୀମତୀ ବ୍ରଜେଶ୍ୱରୀ ସିଂହ ପୂର୍ବ ବର୍ଷର ବିବରଣୀ, ଆୟ, ବ୍ୟୟ ହିସାବ ସଭାଗୃହରେ ଉପସ୍ଥାପନା କରିଥିଲେ । ସମିତିର ମୁଖ୍ୟ ଉପଦେଷ୍ଟା ଡ଼ଃ. ହେମନ୍ତ କୁମାର ସାହୁ, ଚଳିତ ବର୍ଷ ଏହି ଦିବସକୁ ଆଡ଼ମ୍ବର ସହିତ ପାଳନ କରିବା ପାଇଁ ସୂଚନା ଦେଇଥିଲେ। ଏହି ବୈଠକରେ ମହେଶ୍ୱର ନାୟକ, ଜ୍ଞାନ ରଞ୍ଜନ ରାଉତ, ଅଶୋକ ଘୋଷ, ଅଶ୍ୱନୀ କୁମାର ଦାସ, ଅନିନ୍ଦିତା ଦାସ, ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ, ସନ୍ନ୍ୟାସୀ ବାରିକ, ରଞ୍ଜନ ସାହୁ, ବିବେକା ନନ୍ଦ ଜେନା, ମଦନ କର, ନନ୍ଦ ମହାନ୍ତି, ନିର୍ମଳ ଚନ୍ଦ୍ର ରାଉତ, ଚନ୍ଦ୍ରମଣି ସାମଲ, ଆଲୋକ କୁମାର ଦାଶ ଚିତ୍ତ ରଞ୍ଜନ ବଳ,ବିଭୁତି ନାୟକ ଇତ୍ୟାଦି ଯୋଗ ଦେଇ ଏହି ଦିବସକୁ ମହା ଆଡମ୍ବର ସହ ପାଳନ କରିବା ପାଇଁ ମତବ୍ୟକ୍ତ କରିଥିଲେ।ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସ୍ୱପ୍ନର ଅଖଣ୍ଡ ଓଡିଶା ଗଠନ ଓ ପାରଳା ମହାରାଜା କୃଷ୍ଣଚନ୍ଦ୍ରଙ୍କ ସହ ମୟୂରଭଞ୍ଜ ସହ ମୟୁରଭଞ୍ଜର ପ୍ରାତଃ ସ୍ମରଣୀୟ ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓଙ୍କ ଅବଦାନକୁ ସ୍ମରଣ କରାଯିବ ସହ ଏହି ଦିବସ ପାଳନ ପ୍ରତ୍ୟେକ ବର୍ଷ ଭଳି ହେବା ଏବଂ ବ୍ୟତୀତ ବିଚ୍ଛିନ୍ନ ଓଡ଼ିଆଙ୍କୁ ଏକ କରିବା ଓ ଭାଷାର ସୁରକ୍ଷା କରିବାକୁ ଶପଥ ନେବାର ଦିବସ ବୋଲି ମତ ପ୍ରକାଶ ପାଇଥିଲା । ଚଳିତ ବର୍ଷ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ ଡ଼ଃ. କୁମାରଚନ୍ଦ୍ର ଦାସ, ପ୍ରାକ୍ତନ କୁଳପତି ଫକୀର ମୋହନ ବିଶ୍ୱ ବିଦ୍ୟାଳୟ ଏବଂ ମୁଖ୍ୟବକ୍ତା ଭାବେ ଯୋଗଦେବେ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି । ଏହି କାର୍ଯ୍ୟକ୍ରମରେ ସାହିତ୍ୟିକ, ସାମ୍ବାଦିକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବଣିକ ଅନୁଷ୍ଠାନ, ବୁଦ୍ଧିଜୀବୀ ମାନେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ କମିଟିର ସଭାପତି ଓ ସଂପାଦିକା ଅନୁରୋଧ କରିଛନ୍ତି ।

## ବ୍ଲକ୍ କାର୍ଯ୍ୟାଳୟରେ ଜାତୀୟ ପତାକାକୁ ଅସମ୍ମାନ, ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ



ମହାକାଳପଡ଼ା,୨୪।୩(ସଂଚାର ବ୍ୟୁରୋ): ଖୋଦ୍ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଚିରା ଜାତୀୟ ପତାକା ଉଡୁଥିବା ଦେଖିବାକୁ ମିଳିଛି। ସରକାରୀ କାର୍ଯ୍ୟାଳୟରେ ଜାତୀୟ ପତାକାକୁ ଅସମ୍ମାନ ଘଟଣାକୁ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁସାରେ, ମହାକାଳପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ପ୍ରତିନିଧି ମାନଙ୍କ ପାଇଁ ଥିବା ପତୀକ୍ଷା ଭବନ ଉପରେ ଏକ ଚିରା ଜାତୀୟ ପତାକା ଉଡୁଛି। ପତାକାର ନିମ୍ନ ଭାଗର କିଛି ଅଂଶ ଛିଡିକି ଓହଳିଥିବା ବେଳେ କିଛି ଅଂଶରେ ସିଲାଇ ଖୋଲି ଯାଇଥିବା ଦେଖିବାକୁ ମିଳିଛି। କେବଳ ସେତିକି ନୁହେଁ ଆବଶ୍ୟକ ଅନୁଯାୟୀ ଉଚ୍ଚତାରେ ନରଖାଯିବା ଫଳରେ ପତାକାର ନିମ୍ନ ଭାଗ ଛାତ ଓ କାନ୍ଥରେ ଘଷି ହେଉଛି। ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବତନ ବିଡ଼ିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ଉଦ୍ୟମରେ ଏହି ଜାତୀୟ ପତାକାଟିକୁ ସ୍ଥାନିତ କରାଯାଇଥିଲା। ହେଲେ ଏବେ ଜାତୀୟ ପତାକାର ଏହି ସ୍ଥିତି ରହିଥିଲେ ମଧ୍ୟ କୌଣସି ଅଧିକାରୀ ଏହାପ୍ରତି ଧ୍ୟାନ ଦେଉ ନାହାନ୍ତି।ଜାତୀୟ ପତାକା ଦେଶର ଗର୍ବ ଓ ସମ୍ମାନର ପ୍ରତୀକ ହୋଇଥିବାବେଳେ, ଜାତୀୟ ପତାକା ପ୍ରତି ଏଭଳି ଚରମ ଅବହେଳାକୁ ସାଧାରଣରେ ତୀବ୍ର ନିନ୍ଦା କରାଯିବା ସହ ତତ୍କାଳ ପତାକାକୁ ପରିବର୍ତ୍ତନ କରିବା ଓ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି।

## ଅସ୍ତରଙ୍ଗରେ ଜୋରଦାର ଧରପଗଡ



### ୩୯ଟି ଗାଡ଼ିକୁ ୧.୯୧ ଲକ୍ଷ ଜରିମାନା

କାକଟପୁର/ଅସ୍ତରଙ୍ଗ,୨୪।୩ (ସଂଚାର ବ୍ୟୁରୋ): ଏଣିକି ବେପରୁଆ ଓ ନିୟମ ଉଲ୍ଲଘଂନ କରୁଥିବା ଗାଡି ଚାଳକ ଙ୍କୁ ସାବାଡ଼ କରାଯିବ। ସଡ଼କ ଦୁର୍ଘଟଣା ଓ ମୃତ୍ୟୁ ସଂଖ୍ୟା ହ୍ରାସ ଲକ୍ଷ୍ୟରେ ସ୍ୱତନ୍ତ୍ର ଧରପଗଡ ଅଭିଯାନ ଜାରୀ ରହିଛି। ଏହି କ୍ରମରେ ପୁରୀ ପରିବହନ ବିଭାଗ ଓ ଅସ୍ତରଙ୍ଗ ଥାନା ପୁଲିସ ତରଫରୁ ଯାଞ୍ଚ କୁ ଜୋରଦାର କରାଯାଇଛି।

ପୁରୀ ପରିବହନ ବିଭାଗ ଓ ଅସ୍ତରଙ୍ଗ ପୁଲିସ ମିଳିତ ଭାବେ ମଙ୍ଗଳବାର ମଧ୍ୟାହ୍ନ ସମୟରେ ଅସ୍ତରଙ୍ଗ ମୁଖ୍ୟ ବଜାର ରେ ଗାଡି ଗୁଡିକ ଶହ ଚାଳକ ମାନଙ୍କୁ କଡାକଡି ଯାଞ୍ଚ କରିଥିଲେ। ଦ୍ରୁତଗତି, ନିଶାଶକ୍ତ ଅବସ୍ଥାରେ ଗାଡି ଚାଳନା, ବିନା ହେଲମେଟ ରେ ବାଇକି ଚଳାଇବା, ମାଲବାହୀ ଗାଡି ଗୁଡିକ କ୍ଷମତା ଠାରୁ ଅଧିକ ପରିବହନ କରିବା ସହ ନିୟମ ଉଲ୍ଲଘଂନ ବିରୁଦ୍ଧରେ ଦୃଢ଼କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ବ୍ୟାପକ ସଚେତନତା କରାଯାଇଛି। ମଙ୍ଗଳବାର ଅସ୍ତରଙ୍ଗ ମୁଖ୍ୟ ବଜାର ରେ ପୁରୀ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଦେବାଶିଷ ପଣ୍ଡା, ପରିବହନ ବିଭାଗ ନିରୀକ୍ଷକ ସୁଶାନ୍ତ କୁମାର ପାତ୍ର, ଏଏସଆଇ ସନ୍ତୋଷ କୁମାର ସେଠୀ,ଅସ୍ତରଙ୍ଗ ଥାନାଅଧିକାରିଣୀ ବିଦିତା ନାୟକ, ଏଏସଆଇ ଫକୀର ଚରଣ ଭୋଇ ପ୍ରମୁଖ ଉପସ୍ଥିତ ରହି କଡାକଡି ଯାଞ୍ଚ କରିଥିଲେ। ୩୯ଟି ଗାଡି ରୁ ୧ଲକ୍ଷ ୯୧ହଜାର ୯୮୦ଟଙ୍କା ଗାଡି ଚାଳକ ଙ୍କ ବିରୋଧରେ ଇ -ଚାଲାଣ ଜାରୀ ହୋଇଛି। ସେଥି ମଧ୍ୟରେ ମାଲବାହୀ ଗାଡି ଯଥା ଟ୍ରାକ୍ଟର, ଟାଟା ଏସି ୮ଟି ଗାଡି ରହିଛି।ଚାଳକ ମାନଙ୍କୁ କଡାକଡି ମଦ୍ୟପାନ କରିଛନ୍ତି କି ନାହିଁ ଯାଞ୍ଚ ସହ ଡ୍ରାଇଭିଂ ଲାଇସେନ୍ସ (ଡ଼ିଏଲ )ଯାଞ୍ଚ କରିଥିଲେ। ସୂଚନା ଥାଉ କି ପ୍ରତ୍ୟେକ ବର୍ଷ ଦୁର୍ଘଟଣା ହାର ଓ ମୃତ୍ୟୁ ହାର ଯଥେଷ୍ଟ ପରିମାଣ ରେ ବୃଦ୍ଧି ପାଉଛି।

## ସାହିତ୍ୟଘର ପକ୍ଷରୁ ପଖାଳ ଦିବସ ଓ କବିତା ଆସର



ବାଲିଆପାଳ,୨୪।୩ (ସଂଚାର ବ୍ୟୁରୋ): ବାଲିଆପାଳ ସମ୍ବାଦ ସାହିତ୍ୟ ଘର ପକ୍ଷରୁ ପଖାଳଦିବସ ପାଳନ ଅବସରରେ ଏକ କବିତାଆସର ଅନୁଷ୍ଠିତ ହୋଇଯାଇଛି। ଖଗଡ଼ାପାଳ ସ୍ଥିତ ବିଣାପାଣି ଭବନ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାହିତ୍ୟଘରର ସ୍ଥାୟୀ ସଭାପତି ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବରେ ପ୍ରାକ୍ତନ ଅଧ୍ୟକ୍ଷ ଭଗବାନ ପାତ୍ର ମୁଖ୍ୟବକ୍ତା ଭାବରେ ଜଗାଇ କଲେଜର ଓଡିଆ ବିଭାଗର ବରିଷ୍ଠ ଅଧ୍ୟାପକ ଦୟାନିଧର ସାହୁ, ସମ୍ମାନୀତ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ପାଣ୍ଡା, ମନୋଜ କୁମାର ସାମଲ, ଅବସରପ୍ରାପ୍ତ ସେନାଅଧରକାରୀ କମଳ ଲୋଚନ ପିଳା ପ୍ରମୁଖ ଯୋଗଦେଇ ପଖାଳ ଦିବସର ମାହାତ୍ମ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସାହିତ୍ୟଘରର ସଂଯୋଜକ ବ୍ୟୋମକେଶ ସାହୁ ସ୍ୱାଗତ ଅଭିଭାଷଣ କରିଥିବା ବେଳେ ସମ୍ପାଦକ ନଳିନୀକାନ୍ତ ପାଢ଼ୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କବି ଅର୍ଦ୍ଧେନ୍ଦୁ ପାଣିଗ୍ରାହୀ ବେଦପାଠ କରିଥିବା ବେଳେ ସଙ୍ଗୀତକାର ରମାନାଥ କର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ।

ଏହି ଅବସରରେ ଡ. କୃଷ୍ଣାକୁମାରୀ ନାୟକ ଏବଂ ସ୍ନେହଲତା ନାୟକ ଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ କବି ବିଜୟ କୁମାର ପାତ୍ର, ବିଦ୍ୟୁତପ୍ରଭା ସାମଲ, ଲୀନାରାଣି ପିଳା, ସଞ୍ଜୁଲତା ଦାସ, ଅର୍ପୀତା ଦାସ, ରଞ୍ଜିତା ବେହେରା, ଶାନ୍ତିଲତା ପ୍ରଧାନ, କବିତା ଗିରି, ଶଚୀନ୍ଦ୍ର ନ୍ଦୀ, ମିତାରାଣି ପାଣିଗ୍ରାହୀ, ମୁରଳି ମୋହନ ଗଙ୍ଗାଇ, ରଶ୍ମିତା ସୀ, ବୀଣାପାଣି ସାହୁ, ବ୍ରହ୍ମ ପ୍ରକାଶ ନାଥ, ପ୍ରିୟବ୍ରତ ଜେନା, ମନୋରଞ୍ଜନ ପ୍ରଧାନ ସରୋଜ ପାତ୍ର, ଜନ୍ମେଜୟ ସାମଲ, ଉମାକାନ୍ତ ନାୟକ, ସାଗର ପଟ୍ଟନାୟକ, ପ୍ରିୟାଂଶୀ ସାହୁ ପ୍ରମୁଖ ସ୍ୱରଚିତ କବିତାପାଠ କରିଥିଲେ।

## କାହାର ନାହିଁ ନିଘା, ଅଯଥାରେ ବହିଯାଉଛି ପାଣି



ଆନନ୍ଦପୁର,୨୪।୩ (ସଂଚାର ବ୍ୟୁରୋ): ଲୁଣହାରରେ ଅଯଥା ପାଣି ବ୍ୟୟ, ବଢୁଛି ରୋଗ ଆଶଙ୍କା, ଚିନ୍ତାରେ ଗ୍ରାମବାସୀ। କେନ୍ଦୁଝର ଜିଲ୍ଲାରୁ ଆସୁଛି ଏକ ଚିନ୍ତାଜନକ ଖବର। ପାଣିର ଅଭାବ ଯେଉଁଠି ଲୋକଙ୍କ ପାଇଁ ଦୈନିକ ସମସ୍ୟା, ସେଠି ଅନ୍ୟପଟେ ଅଯଥାରେ ବହିଯାଉଛି ପାଣି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ।

ଆନନ୍ଦପୁର ଉପଖଣ୍ଡ ଘଷିପୁରା ବ୍ଲକ୍ ତରୁଆଁ ପଂଚାୟତର ଲୁଣହାର ଗ୍ରାମରେ ଦୀର୍ଘଦିନ ଧରି ଏକ ପାଣି ଟାଙ୍କିରୁ ଦିନରାତି ଅଯଥାରେ ପାଣି ବହିଯାଉଛି। ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଏହି ପାଣି ଜମି ରହିଥିବାରୁ ଅସୁବିଧା ସୃଷ୍ଟି ହେଉଛି। ପାଣି ଜମି ରହିବା ଫଳରେ ମଶା ଓ ମାଛିଙ୍କ ବୃଦ୍ଧି ହେଉଛି, ଯାହାର ପ୍ରଭାବରେ ଗାଁରେ ଥଣ୍ଡା ଜ୍ୱର ଓ ମେଲେରିଆ ରୋଗୀଙ୍କ ସଂଖ୍ୟା ବଢୁଥିବା ଅଭିଯୋଗ ହେଉଛି। ଅନ୍ୟପଟେ, ଗାଁର କେତେକ ଅଞ୍ଚଳରେ ପିଇବା ପାଣିର ଅଭାବ ରହିଥିବା ସତ୍ତ୍ୱେ, ଏଭଳି ଭାବେ ପାଣି ବ୍ୟର୍ଥ ହେବାକୁ ନେଇ ଲୋକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଏହି ପାଣି ଟ୍ୟାଙ୍କ କେଉଁ ବିଭାଗ ଦ୍ୱାରା ସ୍ଥାପିତ ହୋଇଛି, ସେଥି ପ୍ରତି କେହି ସ୍ପଷ୍ଟ ତଥ୍ୟ ଦେଇପାରୁନାହାନ୍ତି। ଏହି ସମସ୍ୟାକୁ ନେଇ ଗ୍ରାମବାସୀ ପ୍ରଶାସନଙ୍କୁ ତୁରନ୍ତ ଦୃଷ୍ଟି ଦେଇ ପାଣି ଟ୍ୟାଙ୍କର ମରାମତି କରିବା ସହିତ କେଉଁ ବିଭାଗ ଏହି ଟ୍ୟାଙ୍କର ବସାଇ ଥିଲା ଚିହ୍ନଟ କରିବାକୁ ଦାବୀ କରିଛନ୍ତି।

## ୨୦୦୪ ବ୍ୟାଚ୍‌ର ବନ୍ଧୁମିଳନ କାର୍ଯ୍ୟକ୍ରମ



ମହାକାଳପଡ଼ା,୨୪।୩(ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଦେଉଳପଡା ଗଜେଶ୍ୱର ବିଦ୍ୟାପୀଠ ୨୦୦୪ ବ୍ୟାଚ୍ ର ବନ୍ଧୁ ମିଳନ କାର୍ଯ୍ୟକ୍ରମ ରବିବାର ଦିନ ଓଲାଶୁଣୀ ପର୍ଯ୍ୟଟନ ସ୍ଥଳୀ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ୩୦ ରୁ ଉର୍ଦ୍ଧ୍ୱ ସହପାଠୀ ମାନେ ଏକତ୍ରିତ ହୋଇ ବିଦ୍ୟାଳୟ ଦିନର ସ୍ମୃତିକୁ ଉଜ୍ଜୀବିତ କରିବା ସହିତ ଭୋଜିଭାତ କରି ପରସ୍ପରକୁ ମିଠା ଖୁଆଇ ଏହି ଦିନଟିକୁ ସ୍ୱତନ୍ତ୍ର ଭାବେ ପାଳନ କରିଥିଲେ। ଦୀର୍ଘ ୨୨ ବର୍ଷ ପରେ ସାଙ୍ଗସାଥୀ ମାନେ ଏକତ୍ରିତ ହେବାର ଖୁସି ସେମାନଙ୍କର ବନ୍ଧୁତ୍ୱର ସମ୍ପର୍କକୁ ମଜବୁତ କରିଥିଲା ବୋଲି କାର୍ଯ୍ୟକ୍ରମର ପ୍ରମୁଖ ଆୟୋଜକମାନେ ମତବ୍ୟକ୍ତ କରିଥିଲେ।

## ଆଶା, ଗାଁ କଲ୍ୟାଣ ଓ ମହିଳା ଆରୋଗ୍ୟ ସମିତିର ଜିଲ୍ଲାସ୍ତରୀୟ ସମ୍ମିଳନୀ



ସୁନ୍ଦରଗଡ,୨୪।୩ (ସଂଚାର ବ୍ୟୁରୋ): ଜିଲ୍ଲାର ସାମୁଦାୟିକ ସ୍ତରରେ ସ୍ୱାସ୍ଥ୍ୟ ସେବାକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ସୁନ୍ଦରଗଡ ସ୍ଥିତ ମାଡ୍ରିକାଲୋ ଭବନଠା ରେ ଆଶା, ଗାଁ କଲ୍ୟାଣ ସମିତି, ଏବଂ ମହିଳା ଆରୋଗ୍ୟ ସମିତିଙ୍କ ଜିଲ୍ଲାସ୍ତରୀୟ ସମ୍ମିଳନୀ ଆୟୋଜିତ ହୋଇଥିଲା।

ଏହି ସମ୍ମିଳନୀରେ ସୁନ୍ଦରଗଡ ପୌରାଧ୍ୟକ୍ଷା ତନୟା ମିଶ୍ର, ଜିଲ୍ଲାପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ଏବଂ ସିଡିଓ-କମ୍-ଜିଲ୍ଲାପରିଷଦ ସୁରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଅତିଥିମାନେ ତାଙ୍କର ଅଭିଭାଷଣରେ ଆଶା କର୍ମୀ ଓ ବିଭିନ୍ନ ସମିତିମାନଙ୍କର ସାମୁଦାୟିକ ସ୍ୱାସ୍ଥ୍ୟ ସେବାରେ ଅମୂଲ୍ୟ ଅବଦାନକୁ ପ୍ରଶଂସା କରିଥିଲେ ଏବଂ ଲୋକମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧିରେ ସେମାନଙ୍କ ଭୂମିକାକୁ ଉଲ୍ଲେଖ କରିଥିଲେ।

ସମ୍ମିଳନୀରେ ସ୍ୱାସ୍ଥ୍ୟ, ପୁଷ୍ଟି ଓ ପରିମଳ ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ଉପରେ ଆଲୋଚନା ହୋଇଥିବା ସହ ଆଶା କର୍ମୀ ଓ ସମିତି ସଦସ୍ୟମାନଙ୍କ ମଧ୍ୟରେ ଅଭିଜ୍ଞତା ବିନିମୟ କାର୍ଯ୍ୟକ୍ରମ ହୋଇଥିଲା। ଏହା ମାଧ୍ୟମରେ ସହକର୍ମୀ ଶିକ୍ଷଣ ଓ କ୍ରସ୍-ଲର୍ଣ୍ଣିଂ ପ୍ରକ୍ରିୟାକୁ ଜୋର ଦିଆଯାଇଥିଲା।

ଏହି ଅବସରରେ ବିଭିନ୍ନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପ୍ରଦର୍ଶନୀ ଷ୍ଟଲ, କୁଇଜ୍ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା, ଯାହାରେ ସଦସ୍ୟମାନେ ସକ୍ରିୟ ଭାଗ ନେଇଥିଲେ। ଶେଷରେ ନିଜ ନିଜ କ୍ଷେତ୍ରରେ ଉତ୍କୃଷ୍ଟ କାମ କରିଥିବା ଆଶା କର୍ମୀ ଓ ସମିତି ସଦସ୍ୟମାନଙ୍କୁ ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏହି ସମ୍ମାନ ସେମାନଙ୍କୁ ଆଗାମୀ ଦିନରେ ଆହୁରି ଭଲ କାମ କରିବା ପାଇଁ ପ୍ରେରଣା ଯୋଗାଇବ ବୋଲି ଆଶା ପ୍ରକାଶ କରାଯାଇଛି।

## କେନ୍ଦ୍ରାପଡ଼ାରେ ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟିତ

କେନ୍ଦ୍ରାପଡ଼ା,୨୪।୩(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡିଆରେ ଆଜି ସୁଭଦ୍ରା ଶକ୍ତି ମେଳା, କୃଷି ଯନ୍ତ୍ରପାତି ମେଳା ଓ ମତ୍ସ୍ୟ ସମ୍ପଦ ମେଳା ଭବ୍ୟ ଭାବେ ଉଦଘାଟିତ ହୋଇଛି। ଜିଲ୍ଲାପରିଷଦ ଅଧ୍ୟକ୍ଷା ଲିଳିତା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଳାକୁ ଉଦଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ, "ମହିଳା ସଶକ୍ତ ହେଲେ ପରିବାରର ଉନ୍ନତି ହେବ, ପରିବାର ଉନ୍ନତି ହେଲେ ଜିଲ୍ଲାର ଉନ୍ନତି, ତଥା ରାଜ୍ୟ ଓ ଦେଶର ସମଗ୍ର ଉନ୍ନତି ସୁନିଶ୍ଚିତ ହେବ।"

ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରଘୁରାମ ଆର ଆୟର , କେନ୍ଦ୍ରାପଡ଼ା ମୁନିସିପାଲିଟି ଅଧ୍ୟକ୍ଷା ସରିତା ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲୀକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲୀକ, ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ପ୍ରଭାରଞ୍ଜନ କବି ଓ ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ ଶ୍ରୀମତୀ ସୁଷମା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ମେଳାରେ ୧୫୦ ରୁ ଅଧିକ ଷ୍ଟଲ୍ ସ୍ଥାପିତ ହୋଇଥିବାବେଳେ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ହସ୍ତଶିଳ୍ପ ଦ୍ରବ୍ୟ ଓ ସୁସ୍ୱାଦୁ ଖାଦ୍ୟ ପଦାର୍ଥର ପ୍ରଦର୍ଶନ ଓ ବିକ୍ରୟ କରାଯାଉଛି। ଏହା ସହିତ ଆଧୁନିକ କୃଷି ଯନ୍ତ୍ରପାତି, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ସମ୍ବନ୍ଧୀୟ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ମେଳାର ମୁଖ୍ୟ ଆକର୍ଷଣ ରହିଛି।

ମେଳା ଅବଧିରେ ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବା ସହ ଦର୍ଶକମାନଙ୍କ ଭିଡ଼ ଲକ୍ଷ୍ୟ କରାଯାଉଛି।



## ୨୦୩୦ ସୁଦ୍ଧା ଯକ୍ଷ୍ମାମୁକ୍ତ ଜିଲ୍ଲା ଗଠନ ଆହ୍ୱାନ

### ୧୦୦ ଦିନିଆ ଅଭିଯାନ ୨.୦ର ଶୁଭାରମ୍ଭ



ନବରଙ୍ଗପୁର,୨୪।୩ (ସଂଚାର ବ୍ୟୁରୋ): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ନବରଙ୍ଗପୁର ଆନୁକୂଲ୍ୟରେ ଆଜି ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି।ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ,ବୁଦ୍ଧିଜୀବୀ, ସାମ୍ବାଦିକ ଏବଂ ସରକାରୀ ବିଏସସି ନର୍ସି ବିଦ୍ୟାର୍ଥୀଙ୍କ ଉପସ୍ଥିତିରେ ଯକ୍ଷ୍ମା ରୋଗର ନିରାକରଣ ତଥା ଯକ୍ଷ୍ମା ମୁକ୍ତ ଭାରତ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ଏକ ସଚେତନତା ରାଲି ରାମ ମନ୍ଦିର ଠାରୁ ବାହାରି ଆରସିଡି ହାଇସ୍କୁଲ ପଡ଼ିଆ ପର୍ଯ୍ୟନ୍ତ ପହଞ୍ଚିଥିଲା। ଠାରେ ସଚେତନତା ସଭା ପରେ ଅତିଥିଗଣଙ୍କ ଦ୍ୱାରା ନବରଙ୍ଗପୁର ଜିଲ୍ଲାକୁ ଯକ୍ଷ୍ମା ମୁକ୍ତ କରିବାପାଇଁ ଶପଥ ନେଇଥିଲେ।

ଏହି ସଚେତନତା ରାଲି କୁ ମୁଖ୍ୟ ଅତିଥି ନବରଙ୍ଗପୁର ପୌରାଧକ୍ଷ କୁନୁ ନାୟକ,ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ାକ୍ତର ମଳୟ ପ୍ରଧାନ, ଜିଲ୍ଲା ଯକ୍ଷ୍ମା ଅଧିକାରୀ ଡାକ୍ତର ମଳୟ କୁମାର ତ୍ରିପାଠୀ, ଏଡିଏମଓ ଡାକ୍ତର ସୁକାନ୍ତ ଚନ୍ଦ୍ର ସତପଥୀ, ଡିପିଏମ ଶଙ୍କର ଆଚାର୍ଯ୍ୟ,ଡ଼ିପିସି ଏମ.ମନୋଜ କୁମାର ପ୍ରମୁଖ ଉପସ୍ଥିତ ରହି ଶୁଭାରମ୍ଭ କରିଥିଲେ। ଉପସ୍ଥିତ ଅତିଥିଗଣ ଯକ୍ଷ୍ମା ରୋଗକୁ ମୂଳପୋଛ କରିବାକୁ ହେଲେ ପ୍ରଥମେ ସଚେତନତା, ରୋଗୀ ଚିହ୍ନଟ ଏବଂ ପରେ ଚିକିତ୍ସା ପାଇଁ ପଦକ୍ଷେପ ନେବାକୁ ହେବ ବୋଲି ମତ ରଖିଥିଲେ। ୨୦୩୦ ମସିହା ସୁଦ୍ଧା ଯକ୍ଷ୍ମା ସମ୍ପୂର୍ଣ୍ଣ ମୂଳପୋଛ କରିବାକୁ ସବୁସ୍ତରରେ ଉଦ୍ୟମ ପାଇଁ ଆହ୍ୱାନ ଦେଇଥିଲେ।

ଏହାପରେ ଅପରାହ୍ନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମ୍ମିଳନୀ କକ୍ଷରେ ଜିଲ୍ଲା ଯକ୍ଷ୍ମା ଅଧିକାରୀ ଡାକ୍ତର ମଳୟ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଉପସ୍ଥିତ ରହି ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ ୧୦୦ ଦିନିଆ ଅଭିଯାନ ୨.୦" ର ଶୁଭାରମ୍ଭ କରିଥଲେ। ଏହି ଅଭିଯାନ ମାଧ୍ୟମରେ ଜନଭାଗିଦାରୀକୁ ପାଥେୟ କରି ନବରଙ୍ଗପୁର ଜିଲ୍ଲାର ଚିହ୍ନଟ ୨୩୫ ଗୋଟି ଅତି ସମ୍ବେଦନଶୀଳ ଅପହଞ୍ଚ ଗ୍ରାମ ରେ ପହଞ୍ଚି ୧୦୦ ଦିନ ମଧ୍ୟରେ ଘରେଘରେ ସ୍କ୍ରିନିଂ କରାଯିବ ଏବଂ ଏହା ଆମ ଜିଲ୍ଲାକୁ ଯକ୍ଷ୍ମା ମୁକ୍ତ କରିବା ପାଇଁ ଏକ ବିଶେଷ ପଦକ୍ଷେପ ବୋଲି ଜଣେଇ ଥିଲେ।

ଜିଲ୍ଲା ଯକ୍ଷ୍ମା ଅଧିକାରୀ ଡାକ୍ତର ମଳୟ କୁମାର ତ୍ରିପାଠୀ ନିଜ ଅଭିଭାଷଣରେ ଯକ୍ଷ୍ମା ରୋଗ ଚିହ୍ନଟ ନିମନ୍ତେ ସମସ୍ତ ଆଶାକର୍ମୀ, ସ୍ୱାସ୍ଥ୍ୟକର୍ମୀ,ପ୍ରକଳ୍ପ ସଂଯୋଜକ ଏବଂ ସ୍ୱେଚ୍ଛାସବୀ ଅନୁଷ୍ଠାନ ର ଅଧିକାରୀ ଙ୍କୁ ସଂକଳ୍ପବଦ୍ଧ ଓ ନିଷ୍ଠାର ସହିତ କାର୍ଯ୍ୟ କରି ରୋଗୀମାନଙ୍କୁ ଚିହ୍ନଟ ଏବଂ ସଚେତନତା ନେଇ ଗୁରୁତ୍ୱ ଦେଇଥିଲେ।ଅନ୍ୟତମ ଅତିଥି ଜିଲ୍ଲା ସୂଚନା ଅଧିକାରୀ ଶ୍ରୀଯୁକ୍ତ ମୋନଜ କୁମାର ବେହେରା ଗ୍ରାମାଞ୍ଚଳ ସ୍ତରରେ ସଚେତନତା ସୃଷ୍ଟି ସହିତ ରୋଗୀକୁ ନିୟମିତ ଔଷଧ ଗ୍ରହଣ ରେ ସହଯୋଗ ପାଇଁ ଗୁରୁତ୍ୱ ଦେଇଥିଲେ।

## ଅନୁଗୁଳ ଜିନ୍ଦଲ ଷ୍ଟିଲର ୬ ଏମଟିପିଏ ସମ୍ପ୍ରସାରଣ କାର୍ଯ୍ୟ ଶେଷ

JINDAL STEEL

### ବାର୍ଷିକ ଉତ୍ପାଦନ କ୍ଷମତା ୧୨ ଏମଟିପିଏକୁ ବୃଦ୍ଧି

ନୂଆଦିଲ୍ଲୀ/ଅନୁଗୁଳ,୨୪।୩ (ସଂଚାର ବ୍ୟୁରୋ): ଜିନ୍ଦଲ ଷ୍ଟିଲ୍ ଓଡ଼ିଶାର ଅନୁଗୁଳ ସ୍ଥିତ ଇଣ୍ଟିଗ୍ରେଟେଡ୍ ଇସ୍ପାତ କମ୍ପ୍ଲେକ୍ସରେ ତୃତୀୟ ବେସିକ୍ ଅକ୍ସିଜେନ୍ ଫର୍ଣ୍ଣେସ୍ (ବିଓଏଫ୍-୩)କୁ କାର୍ଯ୍ୟକ୍ଷମ କରି ବାର୍ଷିକ ୬ ନିୟୁତ ଟନ କ୍ଷମତା ସମ୍ପ୍ରସାରଣ କାର୍ଯ୍ୟ ସମାପ୍ତ କରିଛି । ଏହା ଦ୍ୱାରା ଅନୁଗୁଳ କାରଖାନାର ଅଶୋଧିତ ଇସ୍ପାତ ଉତ୍ପାଦନ କ୍ଷମତା ବାର୍ଷିକ ୧୨ ନିୟୁତ ଟନକୁ ବୃଦ୍ଧି ପାଇଛି ଏବଂ ଏହା ଦେଶର ଅନ୍ୟତମ ସର୍ବବୃହତ ସମନ୍ୱିତ ଇସ୍ପାତ କାରଖାନା ମଧ୍ୟରେ ସାମିଲ ହୋଇଛି ।

ଏହି ପର୍ଯ୍ୟାୟ ସମ୍ପ୍ରସାରଣରେ କୋକଓଭନ, ସିଆରଏମ କମ୍ପ୍ଲେକ୍ସ ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ସମେତ ଅପଷ୍ଟ୍ରିମ ଓ ଡାଉନଷ୍ଟ୍ରିମ ବ୍ୟବସ୍ଥା ବିଓଏଫ-୨ ଏବଂ ବିଓଏଫ-୩ କାର୍ଯ୍ୟକ୍ଷମ ହୋଇଛି। ନିର୍ଦ୍ଧାରିତ ସମୟ ଭିତରେ ସମସ୍ତ ସମ୍ପ୍ରସାରଣ କାର୍ଯ୍ୟ ଶେଷ ହୋଇଛି। ଏହି ସମ୍ପ୍ରସାରଣ ପରେ ଜିନ୍ଦଲ ଷ୍ଟିଲର ଇସ୍ପାତ ଉତ୍ପାଦନ କ୍ଷମତା ୧୫.୬ ଏମଟିପିଏକୁ ବୃଦ୍ଧି ପାଇଛି, ଯେଉଁଥିରେ ରାୟଗଡ଼ ପ୍ଲାଣ୍ଟର ୩.୬ ଏମଟିପିଏ କ୍ଷମତା ମଧ୍ୟ ଅନ୍ତର୍ଭୁକ୍ତ। ଏହି ବର୍ଦ୍ଧିତ କ୍ଷମତା ଉତ୍ପାଦନ ଏବଂ ପ୍ଲାଣ୍ଟ ବ୍ୟବହାରକୁ ଆହୁରି ଉନ୍ନତ କରିବ। ଏହା କମ୍ପାନୀକୁ ରାଜସ୍ୱ ବୃଦ୍ଧି ଏବଂ ଖର୍ଚ୍ଚ ହ୍ରାସ କରିବାରେ ସାହାଯ୍ୟ କରିବ। ଦେଶ ନିର୍ମାଣ ପାଇଁ ଆତ୍ମ ନିର୍ଭର ଭାରତ ଲକ୍ଷ୍ୟ ହାସଲ ଓ ଦେଶୀୟ ଇସ୍ପାତ ଉତ୍ପାଦନ କ୍ଷମତାରେ ଅଭିବୃଦ୍ଧିକୁ ଏହି ସମ୍ପ୍ରସାରଣ ଆହୁରି ମଜଭୁତ କରିବ।

# ଖରାଦିନେ ସ୍ୱାସ୍ଥ୍ୟ ପାଇଁ ହିତକର ଲେମ୍ବୁ ପାଣି

ଗ୍ରୀଷ୍ମ ଋତୁ ଆସିବା ମାତ୍ରେ ଲୋକମାନେ ଥଣ୍ଡା ପାନୀୟ ପିଇବା ଆରମ୍ଭ କରନ୍ତି। ଏଥିମଧ୍ୟରୁ ଗୋଟିଏ ହେଉଛି ଲେମ୍ବୁ ପାଣି ଯାହା ଖରାଦିନ ପାଇଁ ବହୁତ ଲାଭଦାୟକ ହୋଇଥାଏ। ଅନେକ ଲୋକେ ଖରାଦିନେ ଲେମ୍ବୁ ପାଣି ପିଇବାକୁ ମଧ୍ୟ ପସନ୍ଦ କରିଥାଆନ୍ତି। ଯାହା ଗରମ ସମୟରେ ଆମକୁ ଶାନ୍ତି ପ୍ରଦାନ କରିଥାଏ। ଏହା ଆମର ଏନର୍ଜି ବୁଷ୍ଟର ଏକ ଭଲ ବିକଳ୍ପ। ପ୍ରତ୍ୟେକ ଜିନିଷ ସୀମିତ ପରିମାଣର ଖାଇବା ଏବଂ ପିଇବା ଉଚିତ୍। ଏହା ଶରୀର ପାଇଁ ଖୁବ୍ ଭଲ ହୋଇଥାଏ କିନ୍ତୁ ଏହାର କିଛି କ୍ଷତି ମଧ୍ୟ ରହିଛି। ଯାହା ଆଜି ଆମେ ଆପଣଙ୍କୁ ଜଣାଇବୁ। ଲେମ୍ବୁ ପାଣି ଖାଇବା ଦ୍ୱାରା ଅସ୍ଥିରତା, ମୁଣ୍ଡ ବୁଲାଇବା ଭଳି ଅନେକ ସମସ୍ୟାରୁ ମୁକ୍ତି ମିଳିଥାଏ  କିନ୍ତୁ ଏହାର ଅତ୍ୟଧିକ ବ୍ୟବହାର କରିବା ଦ୍ୱାରା କିଛି ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ କରିଥାଏ। କିଛି ଲୋକ ଗ୍ରୀଷ୍ମ ଋତୁରେ ଫଳ ରସ, ସରବତ, ଲେମ୍ବୁ ପାଣି ପିଇଥା'ନ୍ତି। ଏଗୁଡିକ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ। ଲେମ୍ବୁରେ ଭିଟାମିନ୍ ଏବଂ ମିନେରାଲ୍ସ ପରି ଅନେକ ପୋଷକ ତତ୍ତ୍ୱ ରହିଥାଏ। ଯାହା ରୋଗ ସହିତ ଲଢ଼ିବାରେ ସାହାଯ୍ୟ କରେ। ଲେମ୍ବୁ ପାଣି ପିଇବାର ଅନେକ ଲାଭ ଅଛି, ଯାହା ବିଷୟରେ ଆଜି ଆମେ ଆପଣଙ୍କୁ ଜଣାଇବୁ। ତେବେ ଲେମ୍ବୁ ପାଣି ପିଇବାର ଲାଭ କ'ଣ ଆସନ୍ତୁ ଜାଣିବା। ପ୍ରତ୍ୟେକ ଘରେ ସର୍ବଦା ଲେମ୍ବୁ ବ୍ୟବହୃତ ହୁଏ। କିଛି ଲୋକ ଏହାକୁ ସାଲାଡରେ ମଧ୍ୟ ଖାଇଥା'ନ୍ତି ଏବଂ କେହି କେହି ଲେମ୍ବୁ ପାଣି କରି ଏହାକୁ ପିଇଥା'ନ୍ତି।

ଏହାର ଅନେକ ଲାଭ ଅଛି, ସର୍ବପ୍ରଥମେ ଏହା ଆମର ଇମ୍ୟୁନିଟି ସିଷ୍ଟମକୁ ମଜବୁତ କରିବାରେ ସାହାଯ୍ୟ କରେ। ଏହା ବ୍ୟତୀତ ଲେମ୍ବୁ ପାଣି ଶରୀରକୁ ହାଇଡ୍ରେଟ୍ ରଖିଥାଏ ଏବଂ ହଜମ ପ୍ରକ୍ରିୟାରେ ମଧ୍ୟ ସାହାଯ୍ୟ କରିଥାଏ। ଯଦି କାହାର ଏସିଡ଼ିଟି ଗ୍ୟାସ ସମସ୍ୟା ଥାଏ ତେବେ ସେ ଲେମ୍ବୁ ପାଣି ପିଇବା ଉଚିତ୍। ଓଜନ ନିୟନ୍ତ୍ରଣ କରିବାରେ ଲେମ୍ବୁ ପାଣି ସାହାଯ୍ୟ କରେ। ଏହା ଶରୀରକୁ ସତେଜତା ଏବଂ ଶକ୍ତି ଦେଇଥାଏ। ତେବେ ଲେମ୍ବୁ ପାଣିର ଉପକାରିତା ସହିତ ଏହାର ଅନେକ କ୍ଷତିକାରକ ଗୁଣ ମଧ୍ୟ ଅଛି, ଯେପରିକି ଲେମ୍ବୁ ପାଣିରେ ଏସିଡ୍ ଥାଏ, ଯେଉଁ କାରଣରୁ ଯଦି ଆପଣ ପ୍ରତିଦିନ ଏହାର ସେବନ କରନ୍ତି, ତେବେ ଏହା ଦାନ୍ତକୁ କ୍ଷତି ପହଞ୍ଚାଇପାରେ।

କେବଳ ଏତିକି ନୁହେଁ, ଲେମ୍ବୁ ପାଣିର ଅତ୍ୟଧିକ ବ୍ୟବହାର ହେତୁ କିଛି ଲୋକଙ୍କ ମୁହଁରେ ବ୍ରଣ ମଧ୍ୟ ହୋଇଥାଏ। ଏହାର ଅତ୍ୟଧିକ ବ୍ୟବହାର କିଡନୀ ସମ୍ବନ୍ଧୀୟ ସମସ୍ୟାକୁ ବଢ଼ାଇପାରେ। ମନେରଖନ୍ତୁ ଯେ ସେହି ଲୋକମାନେ ଯେଉଁମାନେ କୌଣସି ଔଷଧ ଖାଉଛନ୍ତି ଏବଂ ଡାକ୍ତର ଖଟା ଖାଇବାକୁ ବାରଣ କରିଛନ୍ତି, ତେବେ ଭୁଲରେ ମଧ୍ୟ ଲେମ୍ବୁ ଖାଆନ୍ତୁ ନାହିଁ। ଏହାଦ୍ୱାରା ଆଲର୍ଜି ହେବାର ସମ୍ଭାବନା ବଢ଼ିଥାଏ। ଆପଣ ଲେମ୍ବୁ ପାଣି ପିଇ ଅନେକ ଲାଭ ପାଇପାରିବେ, କିନ୍ତୁ ଏହାକୁ ଅତ୍ୟଧିକ ଖାଇବା ଦ୍ୱାରା ଏହା ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ମଧ୍ୟ ହୋଇପାରେ।



# ବାରମ୍ବାର ମୁଣ୍ଡବିନ୍ଧା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ

ବେଳେବେଳେ ମୁଣ୍ଡବିନ୍ଧା ହେବା ଏକ ସାଧାରଣ କଥା। ଯାହା ମାନସିକ ଚାପ କିମ୍ବା ନିଦ୍ରା ଅଭାବରୁ ହୋଇପାରେ। କିନ୍ତୁ ମୁଣ୍ଡବିନ୍ଧା ଯଦିବାରମ୍ବାର ହୁଏ କିମ୍ବା ଲାଗି ରହେ, ତେବେ ଏହାକୁ ଅଣଦେଖା କରିବା ଆଦୌ ଉଚିତ୍ ନୁହେଁ। ଏହା ଅନେକ ସ୍ୱାସ୍ଥ୍ୟ ସମସ୍ୟାର ଲକ୍ଷଣ ହୋଇପାରେ। ତେଣୁ, ଲଗାତାର ମୁଣ୍ଡବିନ୍ଧାକୁ ଅଣଦେଖା କରିବା ଉଚିତ୍ ନୁହେଁ। ଦିଲ୍ଲୀର ଜିବି ପନ୍ତ ହସ୍ପିଟାଲର ନ୍ୟୁରୋସର୍ଜରୀ ବିଭାଗର ପୂର୍ବତନ ଏଚ୍ଓଡି ଡାକ୍ତର ଦଳଜିତ ସିଂହ କହିଛନ୍ତି, ମୁଣ୍ଡବିନ୍ଧା ଏକ ସାଧାରଣ ସମସ୍ୟା, କିନ୍ତୁ ଯଦି ଏହା ପ୍ରତିଦିନ ହୁଏ, ତେବେ ଏହା ଏକ ଭଲ ଲକ୍ଷଣ ନୁହେଁ। ଯଦି ବାରମ୍ବାର ମୁଣ୍ଡବିନ୍ଧା ଅଧିକ ହୁଏ ଏବଂ ବାନ୍ତି ମଧ୍ୟ ହୁଏ, ତେବେ ଏହା ମାଇଗ୍ରେନର ଲକ୍ଷଣ ହୋଇପାରେ। ଏହା ବ୍ୟତୀତ, ହଠାତ୍ ଅଧିକ ମୁଣ୍ଡବିନ୍ଧା, ବିଶେଷକରି ସକାଳେ ଏବଂ ମୁଣ୍ଡର ପଛ ଭାଗରେ କେନ୍ଦ୍ରିତ ହେବା ମଧ୍ୟ ଉଚ୍ଚ ରକ୍ତଚାପର ଲକ୍ଷଣ ହୋଇପାରେ। ଡାକ୍ତର ଦଳଜିତ ଆହୁରି କହିଛନ୍ତି, ମୁଣ୍ଡବିନ୍ଧା ଅନେକ ଗମ୍ଭୀର ରୋଗର ଲକ୍ଷଣ ହୋଇପାରେ। ଯଦି ମୁଣ୍ଡବିନ୍ଧା ସହିତ ବାନ୍ତି, ଦୃଷ୍ଟି ଝାପ୍ସା, ଶରୀରର କୌଣସି ଅଂଶରେ ଦୁର୍ବଳତା କିମ୍ବା କଥା କହିବାରେ କଷ୍ଟ ହୁଏ, ତେବେ ଏହା ମସ୍ତିଷ୍କ ଟ୍ୟୁମରର ଲକ୍ଷଣ ହୋଇପାରେ। ଏହା ବ୍ୟତୀତ, ଅନେକ କ୍ଷେତ୍ରରେ, ମୁଣ୍ଡବିନ୍ଧା ଷ୍ଟ୍ରୋକର ଏକ ଲକ୍ଷଣ ମଧ୍ୟ ହୋଇପାରେ। ଯଦି ଶରୀରର କୌଣସି ଅଂଶରେ ନିଷ୍କ୍ରିୟତା ଭଳି ଲକ୍ଷଣ ମୁଣ୍ଡବିନ୍ଧା ସହିତ ଥାଏ, ତେବେ ଏହାକୁ ହାଲୁକା ଭାବରେ ନିଅନ୍ତୁ ନାହିଁ। ଡାକ୍ତର ଦଳଜିତ ଆହୁରି  ବି କହିଛନ୍ତି, ମୁଣ୍ଡବିନ୍ଧା ଏକ ସାଧାରଣ ସମସ୍ୟା, କିନ୍ତୁ ଲଗାତାର ମୁଣ୍ଡବିନ୍ଧା ଆପଣଙ୍କ ପାଇଁ ଭଲ ନୁହେଁ। ଏପରି ମୁଣ୍ଡବିନ୍ଧାକୁ କେବେ ହାଲୁକା ଭାବରେ ନିଅନ୍ତୁ ନାହିଁ। ମନେରଖନ୍ତୁ ଯେ ଯଦି ଆପଣଙ୍କ ଭଲ ନିଦ ହେଉଛି ଏବଂ କୌଣସି ମାନସିକ ଚାପରେ ନାହାନ୍ତି, କିନ୍ତୁ ତଥାପି ଲଗାତାର ମୁଣ୍ଡବିନ୍ଧା ହେଉଛି, ତେବେ ଆପଣଙ୍କୁ ଡାକ୍ତରଙ୍କ ସହିତ ପରାମର୍ଶ କରିବା ଉଚିତ। ଏ ବିଷୟରେ ଅସାବଧାନ ହୁଅନ୍ତୁ ନାହିଁ। ଯଦି ଆପଣଙ୍କର ବାରମ୍ବାର ମୁଣ୍ଡବିନ୍ଧା ହେଉଛି, ତେବେ ନିଜେ ଔଷଧ ଖାଇବାରୁ ଦୂରେଇ ରୁହନ୍ତୁ।ମାନସିକ ଚାପ ନିଅନ୍ତୁ ନାହିଁ ।ଯଦି ଆପଣଙ୍କର ଲଗାତାର ମୁଣ୍ଡବିନ୍ଧା ହେଉଛି, ତେବେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ ଏବଂ ପ୍ରତିଦିନ ବ୍ୟାୟାମ କରନ୍ତୁ।



# ବାଜରା ରୁଟି ଖାଇବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ

ନିୟମିତ ଜୀବନରେ ଆମେ ଡାଏଟ୍ରେ ଭାତ,ରୁଟି ସାଙ୍ଗକୁ ତରକାରୀ ଖାଇଥାଉ। ଅଧିକାଂଶ ଲୋକ ଗହମ ରୁଟି ଖାଇବାକୁ ପସନ୍ଦ କରିଥାନ୍ତି। କାରଣ ଏହା ନରମ ସାଙ୍ଗକୁ ସ୍ୱାଦିଷ୍ଟ ମଧ୍ୟ। କିନ୍ତୁ ଆପଣ ଜାଣନ୍ତି କି ଗହମ ପରିବର୍ତ୍ତେ ବାଜରା ରୁଟି ଖାଇବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ଚାଲନ୍ତୁ ଜାଣିବା ବାଜରା ରୁଟିର ଫାଇଦା ବିଷୟରେ। ଗହମ ରୁଟିନ ଡାଏଟ୍ର ମୁଖ୍ୟ ଅଙ୍ଗ ଥିଲା। କିନ୍ତୁ ଆଜିକାଲିର ଲୋକମାନେ ଅନ୍ୟ ଶସ୍ୟ ଆଡକୁ କିଛି ମାତ୍ରାରେ ଢଳୁଥିବା ଦେଖିବାକୁ ମିଳୁଛି। ସେଥିମଧ୍ୟରୁ ବାଜରା ଅନ୍ୟତମ। ବାଜରାରେ ବହୁ ମାତ୍ରାରେ ଫାଇବର ସାଙ୍ଗକୁ ଅନ୍ୟାନ୍ୟ ପୋଷକ ତତ୍ତ୍ୱ ମଧ୍ୟ ରହିଥାଏ। କିନ୍ତୁ ଏହାର ଫାଇଦା ବିଷୟରେ କମ୍ ଲୋକ ଜାଣିଥାନ୍ତି। ଏବେ ଜାଣିବା ଗହମ ପରିବର୍ତ୍ତେ ବାଜରା ରୁଟି ଖାଇଲେ ଶୀରରରେ କ'ଣ ଆସିପାରେ ପରିବର୍ତ୍ତନ। ବାଜରା ପୋଷକ ତତ୍ତ୍ୱରେ ଭରା ଶସ୍ୟ। ଏଥିରେ ପ୍ରୋଟିନ୍, ଫାଇବର, କ୍ୟାଲସିୟମ୍, ଆଇରନ୍, ମ୍ୟାଗ୍ନେସିୟମ୍, ପୋଟାସିୟମ୍ ଓ ଭିଟାମିନ୍-ସି ପରି ପୋଷକ ତତ୍ତ୍ୱ ପ୍ରଚୁର ମାତ୍ରାରେ ରହିଛି। ଯହା ଶରୀରକୁ ଶକ୍ତି ଦେବା ସହ ହାଡ଼କୁ ମଜଭୁତ କରିବା ଓ ରକ୍ତ ସଞ୍ଚାଳନକୁ ତୀବ୍ର କରିବାରେ ସହଯୋଗ କରିଥାଏ। ବାଜରାରେ ଥିବା ଫାଇବର ପାଚନ ତନ୍ତ୍ରକୁ ସୁସ୍ଥ ରଖିବା ସହ ଅଧିକ ସମୟ ଯାଏ ପେଟଭରା ରଖିଥାଏ। ଏଥିରେ କ୍ୟାଲୋରୀ ମାତ୍ରା କମ୍ ରହିଥାଏ, ଯାହା ଓଜନକୁ ନିୟନ୍ତ୍ରିତ ରଖିବାରେ ସାହାଯ୍ୟ କରେ। ଯଦି ଓଜନ କମାଇବାକୁ ପ୍ରୟାସ କରୁଥାନ୍ତି, ତେବେ ବାଜରା ରୁଟି ଖାଇବା ଭଲ ବିକଳ୍ପ। ବାଜରାର ଗ୍ଲାଇସୋମିକ୍ ଇଣ୍ଡେକ୍ସ କମ୍ ରହିଥାଏ। ଫଳରେ ଏହା ରକ୍ତରେ ଶର୍କରାସ୍ତରକୁ ନିୟନ୍ତ୍ରିତ ରଖିବାରେ ସହଯୋଗ କରିଥାଏ। ମଧୁମେହ ରୋଗୀଙ୍କ ପାଇଁ ବାଜରା ରୁଟି ଭଲ ବିକଳ୍ପ। ଏହା ରକ୍ତରେ ଶର୍କରା ସ୍ତରକୁ ହଠାତ୍ ବଢ଼ିବାକୁ ଦେଇ ନଥାଏ।



# ମହୁର ବହୁବିଧ ଉପକାରିତା

ନିୟମିତ ମହୁ ଖାଇଲେ ତାହା ଓଜନ କମାଇବାରେ ସାହାଯ୍ୟ କରିଥାଏ। ଏଭଳି ସମସ୍ୟା ସହ ଜଡିତ କେତେକ ବ୍ୟକ୍ତିଙ୍କୁ ପ୍ରତିଦିନ କିଛି ପରିମାଣରେ ମହୁ ଖାଇବାକୁ ଦିଆଯାଇଥିଲା। କିଛି ମାସ ବ୍ୟବଧାନ ପରେ ସେମାନଙ୍କର ଓଜନ ପୂର୍ବାପେକ୍ଷା କେତେକାଂଶରେ ନିୟନ୍ତ୍ରଣରେ ରହିଥିବା ସିଡ୍ନୀ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ଜାଣିପାରିଛନ୍ତି। ସକାଳେ ଖାଲି ପେଟରେ ଏବଂ ରାତିରେ ଶୋଇବା ପୂର୍ବରୁ ଗୋଟିଏ ଗ୍ଲାସ ଉଷୁମ ପାଣି ସହ ଗୋଟିଏ ଲେମ୍ବୁ ରସ ଓ ଗୋଟିଏ ଚାମଚ ମହୁ ମିଶାଇ ପିଇଲେ ମଧ୍ୟ ଓଜନ ହ୍ରାସ ପାଏ। ମହୁରେ ମଧ୍ୟ ଆଣ୍ଟି-ଅକ୍ସିଡ଼ାଣ୍ଟ ଗୁଣ ରହିଛି। ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି ଯେ, ନିୟମିତ ମହୁ ଖାଇଲେ ତାହା ହୃଦ୍‌ରୋଗ ଏପରିକି ଷ୍ଟ୍ରୋକ୍ ଆଶଙ୍କାକୁ କେତେକାଂଶରେ ଦୂରେଇ ରଖିଥାଏ। ଉଚ୍ଚ ରକ୍ତଚାପ ମଧ୍ୟ ନିୟନ୍ତ୍ରଣରେ ରହିଥାଏ। ମହୁ ଶରୀରରେ ଶର୍କରାର ପରିମାଣକୁ ମଧ୍ୟ ସନ୍ତୁଳିତ ରଖେ। ଡାଇବେଟିସ୍ ସମସ୍ୟା ଥିବା ବ୍ୟକ୍ତିଙ୍କ ପାଇଁ ମହୁ ବେଶ୍ ଉପଯୋଗୀ। ରକ୍ତହୀନତା ଭୋଗୁଥିବା ରୋଗୀମାନଙ୍କ ପାଇଁ ମହୁ ବେଶ୍ ହିତକର। ଛୋଟ ପିଲାମାନଙ୍କୁ ମୁଖ୍ୟତଃ ଥଣ୍ଡା, କାଶ ଓ କଫ ବେଶି ହୋଇଥାଏ। ସେମାନଙ୍କ ପାଇଁ ଏହା ବରଦାନ ସଦୃଶ। ଘରୋଇ ଉପଚାର ଭାବରେ ମହୁ ସହ କ୍ଷୀର ମିଶାଇ ପିଇବା ଦ୍ୱାରା ସେମାନଙ୍କୁ ଆରାମ ମିଳିଥାଏ। ଏହା ଆମ ମସ୍ତିଷ୍କ କାର୍ଯ୍ୟଧାରାକୁ ସକ୍ରିୟ ରଖିବା ସହ ସ୍ମରଣ ଶକ୍ତି ବୃଦ୍ଧି କରିବାରେ କେତେକାଂଶରେ ସହାୟକ ହୋଇଥାଏ।



# ଶୀଘ୍ର ଓଜନ କମ୍ କରିବାକୁ ଚାହୁଁଛନ୍ତି କି ?

**ଯଦି ଆପଣ ଶୀଘ୍ର ୱେଟ୍ ଲସ୍ କରିବା ସହ ହଜମ ପ୍ରକ୍ରିୟାରେ ଉନ୍ନତି ଆଣିବାକୁ ଚାହୁଁଛନ୍ତି କି ? ତେବେ ସକାଳେ ଖାଲି ପେଟରେ କିଛି ଦେଶୀ ଡ୍ରିଙ୍କସ୍ ପିଇବା ଆପଣଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇପାରେ। ଏହି ଡ୍ରିଙ୍କସ୍ କେବଳ ମେଟାବୋଲିଜିମ୍ କୁ ତ୍ୱରାନ୍ୱିତ କରେ ନାହିଁ ବରଂ ଦିନସାରା ଶରୀରକୁ ଶକ୍ତିଶାଳୀ ରଖେ। ତେବେ ଆସନ୍ତୁ ଜାଣିବା କେଉଁ ସବୁ ଡ୍ରିଙ୍କସ୍ ଆପଣଙ୍କ ୱେଟ୍ ଲସ୍ ଜର୍ଣ୍ଣିକୁ ସହଜ କରିପାରିବ।**

**ପାନମଧୁରୀ ପାଣି:** ପାନମଧୁରୀ ଏସିଡ଼ିଟି ଏବଂ ବ୍ଲୋଟିଂ ପାଇଁ ଏକ ପ୍ରାକୃତିକ ଚିକିତ୍ସା ଭାବରେ ବ୍ୟବହୃତ ହୁଏ। ପ୍ରତିଦିନ ପାନମଧୁରୀ ପାଣି ପିଇବା ଦ୍ୱାରା ଧୀରେ ଧୀରେ ୱେଟ୍ ଲସ୍ ହୋଇଥାଏ ଏବଂ ହଜମ ପ୍ରକ୍ରିୟାରେ ମଧ୍ୟ ଉନ୍ନତି ଆସିଥାଏ। ପାନମଧୁରୀ ପାଣି ତିଆରି କରିବା ପାଇଁ ୧ ଚାମଚ ପାନମଧୁରୀକୁ ୧ କପ୍ ପାଣିରେ ୩ ରୁ ୫ ମିନିଟ୍ ପାଇଁ ଫୁଟାନ୍ତୁ। ତାପରେ ଏହାକୁ ପିଅନ୍ତୁ।



**ଜୁଆଣି ଏବଂ ଜିରା ପାଣି:** ଉଭୟ ଜୁଆଣି ଏବଂ ଜିରା ହେଉଛି ଏଭଳି ମସଲା ଯାହା ୱେଟ୍ ଲସ୍ କରିବାରେ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଏ। ଥାଇମୋଲରେ ଭରପୂର ଜୁଆଣି ଏବଂ ଜିରା ଗ୍ୟାସ୍ କମ୍ କରେ। ଏହା ମେଟାବୋଲିଜିମ୍ କୁ ମଧ୍ୟ ତ୍ୱରାନ୍ୱିତ କରନ୍ତି, ଯାହା ଶରୀରକୁ ଅଧିକ କ୍ୟାଲୋରୀ ବର୍ନ କରିଥାଏ। ଏକ ଗ୍ଲାସ୍ ପାଣିରେ ଅଧା ଚାମଚ ଜୁଆଣି ଏବଂ ଅଧା ଚାମଚ ଜିରା ପକାଇ ରାତିସାରା ଭିଜାଇ ରଖନ୍ତୁ। ସକାଳୁ ଏହି ପାଣିକୁ ୫-୭ ମିନିଟ୍ ଫୁଟାଇ ଛାଣି ଗରମ ଗରମ ପିଇ ଦିଅନ୍ତୁ।

**ଆପଲ୍ ସାଇଡର୍ ଭିନେଗାର:** ୱେଟ୍ ଲସ୍ କରିବା ପାଇଁ ଖାଦ୍ୟରେ ଆପଲ୍ ସାଇଡର୍ ଭିନେଗାରକୁ ମିଶାନ୍ତୁ। ଏହା ଆପଣଙ୍କ ଶରୀରରେ ଫ୍ୟାଟକୁ ଶୀଘ୍ର କମ୍ କରିବା ସହ ଟ୍ରାଇଗ୍ଲାଇସେରାଇଡକୁ ମଧ୍ୟ ନିୟନ୍ତ୍ରଣ କରିପାରେ। ଏକ ଗ୍ଲାସ ପାଣିରେ ୧ ଚାମଚ ଆପଲ୍ ସାଇଡର୍ ଭିନେଗାର ଏବଂ ଏକ ଚାମଚ ଡାଲଚିନି ମିଶାଇ ପିଅନ୍ତୁ। ଏହା ଫ୍ୟାଟ ବର୍ନ କରିବା ଏବଂ ଭୋକ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ।

**ହଳଦୀ ଓ ଗିଲୋୟ:** ହଳଦୀ ଓ ଗିଲୋୟ ଉଭୟ ଆୟୁର୍ବେଦ ଇମ୍ୟୁନିଟି ବୁଷ୍ଟର୍। ହଳଦୀରେ କର୍କୁମିନ୍ ଥାଏ, ଯାହା ଏକ କମ୍ପାଉଣ୍ଡ ଯେଉଁଥିରେ ଆଣ୍ଟି-ଇନଫ୍ଲାମେଟୋରୀ ଏବଂ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଅଛି। କର୍କୁମିନ୍ ରୋଗ ପ୍ରତିରୋଧକ ପ୍ରତିକ୍ରିୟାକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ଏହି ପାଣି ପ୍ରସ୍ତୁତ କରିବା ପାଇଁ ଅଧା ଚାମଚ ହଳଦୀ ଏବଂ ଏକ ଚାମଚ ଗିଲୋୟ ମିଶାନ୍ତୁ। ୧ କପ୍ ପାଣିରେ ୫ରୁ ୭ ମିନିଟ୍ ଫୁଟାନ୍ତୁ ଏବଂ ସକାଳେ ଗରମ ପିଅନ୍ତୁ।

## କାଳ ସାଜିଲା ଆଳୁ ବୋଝେଇ ଟ୍ରକ
# ଚାଲିଗଲା ଦମ୍ପତିଙ୍କ ଜୀବନ



ବାଲିକୁଦା, ୨୪।୩ (ସଂଚାର ବ୍ୟୁରୋ)ː ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ୫୫ ନମ୍ବର ଜାତୀୟ ରାଜପଥରେ ଆଜି ପୂର୍ବାହ୍ନରେ ଏକ ଅଭାବନୀୟ ତଥା ହୃଦୟବିଦାରକ ସଡ଼କ ଦୁର୍ଘଟଣା ଘଟିଯାଇଛି। ଫକୀରପଡ଼ା ଛକ ନିକଟରେ ଏକ ଆଳୁ ବୋଝେଇ ଟ୍ରକ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ବରମୁଣ୍ଡଳି ଗ୍ରାମପଞ୍ଚାୟତ ବାଲିଝରୀ ଗ୍ରାମର ଏକ ଦମ୍ପତିଙ୍କ ଅକାଳ ବିୟୋଗ ଘଟିଛି। ମୃତକ ହେଲେ ବିଚିତ୍ର ବେହେରା (୪୫) ଓ ତାଙ୍କ ପତ୍ନୀ ଲିପ୍ସା ବେହେରା। ସୂଚନା ଅନୁଯାୟୀ, ଆଜି ସକାଳେ ବିଚିତ୍ର ଓ ତାଙ୍କ ପତ୍ନୀ ଲିପ୍ସା ଏକ ବାଇକ୍ (ଓଆର୨୧ଇ୪୮୭୩) ଯୋଗେ କୌଣସି ଜରୁରୀ କାର୍ଯ୍ୟରେ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ଯାଉଥିଲେ। ଅପରପକ୍ଷରେ କଟକରୁ ବାଲିକୁଦା ଅଭିମୁଖେ ଦ୍ରୁତ ଗତିରେ ଆସୁଥିବା ଏକ ଆଳୁ ବୋଝେଇ ଟ୍ରକ (ଡବ୍ଲୁବି୩୩ସି୧୯୮୮) ସହିତ ଫକୀରପଡ଼ା ଛକ ନିକଟରେ ସେମାନଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ଧକ୍କାଟି ଏତେ ଭୟଙ୍କର ଥିଲା ଯେ, ଘଟଣାସ୍ଥଳରେ ହିଁ ବିଚିତ୍ରଙ୍କ ଶରୀର ଛିନ୍ନଭିନ୍ନ ହୋଇଯାଇଥିଲା ଏବଂ ସେଠାରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଯାହାକି ଘଟଣା ସ୍ଥଳରେ ଅତି ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଥିଲା। ଦୁର୍ଘଟଣା ସମୟରେ ପତ୍ନୀ ଲିପ୍ସାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ସଙ୍ଗେ ସଙ୍ଗେ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ମେଡିକାଲକୁ



ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଦୁର୍ଭାଗ୍ୟବଶତଃ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବାଲିକୁଦା ଥାନା ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରକ ଓ ବାଇକକୁ ଜବତ କରିଛି। ବିଚିତ୍ରଙ୍କ ଶବ ଜବତ କରାଯାଇ ବ୍ୟବଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ଏହି ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳ ତଥା ବାଲିଝରୀ ଗ୍ରାମରେ ଗଭୀର ଶୋକର ଛାୟା ଖେଳିଯାଇଛି। ଏକା ସାଙ୍ଗରେ ସ୍ୱାମୀ ଓ ସ୍ତ୍ରୀଙ୍କ ଏଭଳି ଦୁଃଖଦ ମୃତ୍ୟୁ ଖବର ପରିବାର ଲୋକଙ୍କୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଦେଇଥିବା ବେଳେ ସାରା ଅଞ୍ଚଳରେ ଶୋକ ର ଛାୟା ଖେଳିଯାଇଛି।

## ପୁଲିସ-ପଡ଼ାବାସୀ ମୁହାଁମୁହିଁ
## ଗରିବଙ୍କ ଘରରେ ଚଢ଼ିଲା ବୁଲଡୋଜର



ବରଗଡ଼, ୨୪।୩ (ସଂଚାର ବ୍ୟୁରୋ)ː ବରଗଡ଼ ସହରରେ ଜବରଦଖଲ ଉଚ୍ଛେଦ ଚାଲିଛି। ପର୍ଯ୍ୟାୟକ୍ରମେ ସହରର ଗୋଟିଏ ପଡାରୁ ଅନ୍ୟ ପଡାରେ ଏହି ଅଭିଯାନ ଚାଲିଛି। ତେବେ ଏଥିରେ ଅଧିକ ପ୍ରଭାବିତ ହେଉଛନ୍ତି ସହରର ଗରିବ ଖଟିଖିଆ ଲୋକେ। ଉଚ୍ଛେଦ ପରେ ସେମାନଙ୍କ ଜୀବନ ଜୀବିକା ଉଜୁଡ଼ି ଯାଉଛି। ବାସଗୃହ ହରାଇବାରୁ ପରିବାର ଗୁଜୁରାଣ ମେଣ୍ଟାଇବା ସେମାନଙ୍କ ପାଇଁ ହୋଇ ପଡୁଛି କଷ୍ଟସାଧ୍ୟ। ଫଳରେ ଏଭଳି ଉଚ୍ଛେଦକୁ ପଡାବାସୀ ବିରୋଧ କରୁଥିବାବେଳେ ଏଥିପାଇଁ ପ୍ରଶାସନକୁ ମଧ୍ୟ ସମାଲୋଚନାର ସମ୍ମୁଖୀନ ହେବାକୁ ପଡୁଛି। ମଙ୍ଗଳବାର ବରଗଡ଼ ପୌର ପରିଷଦର ୱାର୍ଡ ନଂ-୧୪ ଏବଂ ୱାର୍ଡ ନଂ-୧୫ ଅଧିନରେ ରହିଥିବା କେନାଲ ପଡାକୁ ଉଚ୍ଛେଦ କରାଯାଇଛି। ତେବେ ଉଚ୍ଛେଦ ପୂର୍ବରୁ ଥଇଥାନ ଏବଂ ଅଧିକ କିଛି ସମୟ ଦେବାକୁ ଦାବି କରି ପଡାବାସୀ ସ୍ଥାନୀୟ ବିଧାୟକ ଏବଂ ପ୍ରଶାସନକୁ ବାରମ୍ବାର ନେହୁରା ହୋଇଥିଲେ। ସେଥିପାଇଁ ସେମାନଙ୍କୁ ଆଶ୍ୱାସନା ମିଳିଥିଲା। ମାତ୍ର କୌଣସି ଥଇଥାନ ନ କରି ପ୍ରଶାସନିକ ଅଧିକାରୀମାନେ ବ୍ୟାପକ ପୋଲିସ କର୍ମଚାରୀ ଏବଂ ବୁଲଡୋଜର ଧରି ଉକ୍ତ ପଡାକୁ ଉଚ୍ଛେଦ କରିବାକୁ ଆସିଥିଲେ। ପଡାବାସୀ ତାକୁ ଦୃଢ଼ ବିରୋଧ କରି ରାସ୍ତା ଉପରେ ବସି ପଡିଥିଲେ। ମାତ୍ର ପୋଲିସ କର୍ମଚାରୀମାନେ ସେମାନଙ୍କୁ ଜୋର୍ ଜବରଦସ୍ତ ଉଠାଇ ନେଇଥିଲେ। ଏହାପରେ କେନାଲ ପଡାରେ ରହିଥିବା ଗରିବ ଲୋକଙ୍କ ଗୋଟିଏ ପରେ ଗୋଟିଏ ଘର ଉପରକୁ ମାଡି ଚାଲିଥିଲା ବୁଲଡୋଜର। ଗରିବଙ୍କ ଘର ଉଚ୍ଛେଦ କରିବାକୁ ପ୍ରଶାସନ ତତ୍ପର ହୋଇ ପଡିଛି, ମାତ୍ର ସହରର ବଡବଡିଆ ଜବରଦଖଲକାରୀଙ୍କୁ ପ୍ରଥମେ ଉଚ୍ଛେଦ କରାଯିବା ବଦଳରେ ପ୍ରଶାସନ କାହିଁକି ସେମାନଙ୍କୁ ଏତେ ଅନୁକମ୍ପା ପ୍ରଦର୍ଶନ କରୁଛି ବୋଲି ସବୁଠି ଚର୍ଚ୍ଚା ଚାଲିଛି।

## ଦେବଗିରିରେ କାତ୍ୟାୟନୀଙ୍କ ପୂଜା



ନର୍ଲା, ୨୪।୩ (ସଂଚାର ବ୍ୟୁରୋ)ː ସପ୍ତସତୀ ଚଣ୍ଡୀପାଠ ସହ ଦେବଗିରି ମଠ ବୁଢ଼ୀପଦରରେ ଚାଲିଛି ଚୈତ୍ର ନବରାତ୍ର। ମଠର ଗୁମ୍ଫା ମଧ୍ୟସ୍ଥ ମହାମାୟା ଚଣ୍ଡୀଙ୍କ ପୀଠରେ ନବରାତ୍ରରେ ନବଗୌରୀଙ୍କ ପୂଜା ଅନୁଷ୍ଠିତ ହୋଇ ଆସୁଛି। ପ୍ରତ୍ୟେକ ଦିନ ଭିନ୍ନ ଭିନ୍ନ ରୂପରେ ପୂଜା ପାଉଛନ୍ତି ଜଗତଜନନୀ। ସେହି କ୍ରମରେ ମଙ୍ଗଳବାର ଦିନ ପୂଜା ପାଇଛନ୍ତି ଦେବୀ କାତ୍ୟାୟିନୀ। ଦେବଗିରି ମଠର ମ୍ୟାନେଜିଂ ଟ୍ରଷ୍ଟି ସୁନୀଲ କୁମାର ଧଙ୍ଗଡ଼ାମାଝୀଙ୍କ ତତ୍ତ୍ୱାବଧାନରେ ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ପୂଜକ ସନ୍ତୋଷ ପାଢ଼ୀ ନିତି ସଂପାଦନ କରୁଥିବାବେଳେ ସାଧକ ପଣ୍ଡିତ ଶୁକଦେବ ପାଢ଼ୀ ଚଣ୍ଡୀପାଠ କରୁଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ମା' କାତ୍ୟାୟନୀ ଶକ୍ତି, ସାହସ ଓ ନ୍ୟାୟର ପ୍ରତୀକ। ସେ ଭକ୍ତଙ୍କୁ ଧର୍ମ, ଅର୍ଥ, କାମ ଓ ମୋକ୍ଷର ମାର୍ଗରେ ଅଗ୍ରସର କରନ୍ତି। ତେଣୁ ଦେବୀଙ୍କ ଏହି ସ୍ୱତନ୍ତ୍ର ପୂଜା ସମୟରେ ଦେବଗିରି ମଠରେ ଅନେକ ସାଧକ, ଭକ୍ତ ଓ ଶ୍ରଦ୍ଧାଳୁ ସମବେତ ହୋଇଥିଲେ।

## ରାଜ୍ୟ ଏସ୍‌ସିଏସ୍‌ଟି ବିକାଶ ଅର୍ଥ ନିଗମଙ୍କ ବାଲିପାଟଣା ଗସ୍ତ



ବାଲିପାଟଣା, ୨୪।୩ (ସଂଚାର ବ୍ୟୁରୋ)ː ପୂର୍ବାହ୍ନରେ ରାଜ୍ୟ ଏସ ସି ଏସ ଟି ବିକାଶ ଅର୍ଥ ନିଗମ ର ଅଧ୍ୟକ୍ଷ ଆଶିଷ କୁମାର ମହାନ୍ତି ବାଲିପାଟଣା ଗ୍ରସ୍ତ କରି ବ୍ଲକ କାର୍ଯ୍ୟଳୟ ରେ ଏହି ଅଞ୍ଚଳରେ ଆଦିବାସୀ ହରିଜନ ଙ୍କ ପାଇଁ ହେଉଥିବା ବିକାଶ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ।ବୈଠକ ରେ ବିଡିଓ ଶୁଭ୍ରାଂଶୁ ଶେଖର ପାଢ଼ୀ, ବି ଇ ଓ ପ୍ରଭାତ କୁମାର ରଥ ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।ଏହା ସହିତ ବିଭିନ୍ନ ଅଞ୍ଚଳ ବୁଲି ପ୍ରତ୍ୟକ୍ଷ ଅବସ୍ଥା ଅନୁଧ୍ୟାନ କରି ଅସମ୍ପୂର୍ଣ୍ଣ କାର୍ଯ୍ୟ ର ତୁରନ୍ତ ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।ପ୍ରଥମେ ସେ ବୁଦ୍ଧନାଥ ଉଚ୍ଚବିଦ୍ୟାଳୟ ପରିସରରେ ଥିବା ହଷ୍ଟେଲ ପରିଦର୍ଶନ କରି ସେଠାରେ ଛାତ୍ରୀ ମାନଙ୍କ ସୁବିଧା ପାଇଁ ଆନୁଷଙ୍ଗିକ ବିକାଶ କରିବାକୁ ଆର୍ଥିକ ମଞ୍ଜୁରୀ ଦେବାକୁ ବିଭାଗୀୟ ଅଧିକାରୀ ପ୍ରସ୍ତାବ ଦେବାକୁ କହିଥିଲେ।ତତ୍ପରେ ଭାକର ସାହି ସ୍ଥିତ ଆଦର୍ଶ ବିଦ୍ୟାଳୟ ପରିସର ରେ ଥିବା ଛାତ୍ରାବାସ ର ନିର୍ମାଣ କାର୍ଯ୍ୟ ସମାପ୍ତ କରି ପିଲାମାନେ ରହିବାର ତୁରନ୍ତ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ।ସେଠାରୁ ପମ୍ପାଲୋ ଆସି ଆଦର୍ଶ ଗ୍ରାମ ଯୋଜନା କାର୍ଯ୍ୟକ୍ରମ ଆରମ୍ଭ କରିବାକୁ କହିଥିଲେ।ଅଧକ୍ଷ ଙ୍କୁ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ପ୍ରଶାସନ ର ଅଧିକାରୀ ମାନେ ଉପସ୍ଥିତ ଥିଲେ।ସମିତି ସଭ୍ୟ ଶୈଳେନ୍ଦ୍ର କୁମାର ଭୋଳ, ସରପଞ୍ଚ ବାହାନ ଭୋଇ, ଯୁବ ନେତା ସୁକାନ୍ତ ଦାଶ, ଦିଲ୍ଲୀପ ସ୍ୱାଇଁ, ରମେଶ ରଥ ପ୍ରମୁଖ ଅଞ୍ଚଳ ର ବିକାଶ ପାଇଁ ଅଧକ୍ଷ ଙ୍କ ସହଯୋଗ କାମନା କରିଥିଲେ।

## ଯୋଡ଼ାରେ ବିଦେଶୀ ପକ୍ଷୀ



ଯୋଡା, ୨୪।୩ (ସଂଚାର ବ୍ୟୁରୋ)ː କେନ୍ଦୁଝର ଜିଲା ଯୋଡ଼ା ସହରରେ ବିରଳ ଆଇବିସ ପକ୍ଷୀ ଦେଖିବାକୁ ମିଳିଛି। ଯୋଡ଼ା ଭଳି ଖଣି ଓ ଶିଳ୍ପ ଅଞ୍ଚଳରେ ଦେଖାଦେଇଥିବା ଏହି ବିଦେଶୀ ପକ୍ଷୀ ସମ୍ପର୍କରେ ବନପାଳ ତ୍ରିନାଥ ଜେନାଙ୍କୁ ପଚାରିବାରୁ, ଏହି ପକ୍ଷୀ ସାଧାରଣତଃ ଭାରତର କିଛି ଅଞ୍ଚଳ, ପାକିସ୍ଥାନ, ଶ୍ରୀଲଙ୍କା, ମାଳଦୀପରେ ଦେଖିବାକୁ ମିଳିଥାନ୍ତି ବୋଲି ସେ କହିଛନ୍ତି। ସାଧାରଣତଃ ଏମାନେ ଜଳାଶୟ ନିକଟସ୍ଥ ଏବଂ କମ୍ ଉତ୍ତାପ ଅନୁଭୂତ ଅଞ୍ଚଳରେ ରହିବାକୁ ପସନ୍ଦ କରନ୍ତି। ତେବେ ଯୋଡ଼ାର ଏକ ଟେଲିଫୋନ ଟାୱାର ଉପରେ ଏହି ଆଇବିସ ପକ୍ଷୀମାନଙ୍କର କଳରବ ପ୍ରାୟତଃ କିଛି ଦିନ ହେବ ଶୁଣିବାକୁ ମିଳୁଛି। ଦୁଇରୁ ତିନି ଯୋଡ଼ା ପକ୍ଷୀ ଏହି ଟେଲିଫୋନ ଟାୱାର ଉପରେ ପ୍ରାତଃ କାଳରେ କଳରବ କରୁଛନ୍ତି। ପରେ କାନପୁର ଜଳାଶୟ ଆଡ଼କୁ ଉଡି ଯାଉଛନ୍ତି। ପୁଣି ସୂର୍ଯ୍ୟାସ୍ତ ସମୟରେ ଏହି ସୁଉଚ୍ଚ ଟାୱାରକୁ ଫେରି ଆସୁଥିବା ଦେଖିବାକୁ ମିଳୁଛି। ପ୍ରାୟତଃ ଏମାନଙ୍କ ଥଣ୍ଟ କଳା ଓ ନାଲି ରଙ୍ଗର ହୋଇଥାଏ। କିନ୍ତୁ ଯୋଡ଼ାରେ ଥିବା ଏହି ପ୍ରଜାତି ପକ୍ଷୀଙ୍କ ଥଣ୍ଟ କଳା ରଙ୍ଗ ସହିତ ବଡ଼ ଥଣ୍ଟ ଥିବା ଦେଖିବାକୁ ମିଳିଛି। ଏହି ପକ୍ଷୀ ବହୁ ଦୂର ପଥ ଅତିକ୍ରମ କରି ଚିଲିକା ଏବଂ ଅନ୍ୟାନ୍ୟ ଜଳାଶୟଗୁଡ଼ିକୁ ଶୀତ ଦିନରେ ଆସିଥାନ୍ତି।

## ବାଇଧରଙ୍କ ମୃତ୍ୟୁକୁ ନେଇ ସନ୍ଦେହରେ ପରିବାର



ବୈଶିଙ୍ଗା, ୨୪।୩ (ସଂଚାର ବ୍ୟୁରୋ)ː ମୁକ୍ତାପୁର ପଞ୍ଚାୟତର ଉଦିପୁରା - ନୂଆସାହି ଗ୍ରାମର ୰ଗୁରୁଭା ସିଂ ଙ୍କ ପୁତ୍ର ବାଇଧର ସିଂ ଙ୍କ ମୃତ ଦେହ ଏକ ଆମ୍ବ ଗଛରେ ସନ୍ଦେହ ଜନକ ଅବସ୍ଥାରେ ଝୁଲୁଥିବାର ପୂର୍ବାହ୍ନ ରେ ଦେଖିବାକୁ ମିଳିଥିଲା। ତାଙ୍କର ମୃତ ଶରୀରର ପାଦ ଦୁଇଟି ପୁରା ମାଟିରେ ଲାଗିଥିବାର ଦେଖିବାକୁ ମିଳିଥିଲା। ମୃତ ବାଇଧର ସିଂ ଡାକ୍ତରଖାନାରେ ରୋଷେଇଆ ଭାବେ ଚାକିରୀ କରୁଥିଲେ। ଦୀର୍ଘ ୧୫ ବର୍ଷ ଧରି ବୈଶିଙ୍ଗା ଡାକ୍ତରଖାନା ରେ ଚାକିରୀ କରୁଥିଲେ ଓ ୨୦୨୧ ମସିହାରେ କୃଷ୍ଣଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ବଦଳି ହୋଇଥିଲେ। ଦୈନନ୍ଦିନ ସେ ନିଜ ଘରୁ ଯିବା ଆସିବା କରୁଥିଲେ। ସୋମବାର ରାତିରେ ଘରକୁ ଫେରି ନଥିଲେ। ସକାଳେ ସନ୍ଦେହ ଜନକ ଭାବେ ମାଟିରେ ଗୋଡ ଲାଗିଥିବା ଏବଂ ବେକରେ ଏକ ମୋଟା ପ୍ଲାଷ୍ଟିକ ଦଉଡିରେ ବନ୍ଧା ଯାଇଥିବାର ଦେଖିବାକୁ ମିଳିଥିଲା। ବେତନଟି ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବେତନଟୀ ଡାକ୍ତରଖାନା ନିଆଯାଇଥିଲା। ପରେ ବ୍ୟବଚ୍ଛେଦ ପାଇଁ ବାରିପଦା ପଠା ଯାଇଥିଲା। ବ୍ୟବଚ୍ଛେଦ ପରେ ଶବ କୁ ଘରକୁ ଆଣିବା ପରେ ସତ୍କାର ପାଇଁ ମୃତ ବାଇଧର ଙ୍କ ଦ୍ୱିତୀୟ ସ୍ତ୍ରୀ ଛାଡି ନଥିଲେ। ପୋଲିସ ହସ୍ତକ୍ଷେପ ପରେ ଶବ ସତ୍କାର କରାଯାଇଥିବା ଜଣା ଯାଇଛି। ତେବେ ପୋଲିସ ଏହି ମୃତ୍ୟୁ କୁ ନେଇ ହତ୍ୟା ନା ଆତ୍ମହତ୍ୟା ସେନେଇ ତଦନ୍ତ ଚାଲିଥିବା ପୋଲିସ କହିଛି।

## ଏପ୍ରିଲ ୨୭ରୁ ନୃସିଂହନାଥ ବୈଶାଖ ମେଳା



ପାଇକମାଳ, ୨୪।୩ (ସଂଚାର ବ୍ୟୁରୋ)ː ଗନ୍ଧମାର୍ଦ୍ଦନ ପର୍ବତର ପାଦ ଦେଶରେ ଥିବା ପ୍ରସିଦ୍ଧ ଶ୍ରୀ ନୃସିଂହନାଥ ମନ୍ଦିର ମିଟିଂ ହଲରେ ଆସନ୍ତା ବୈଶାଖ ମେଳା ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଭାରତର ଅନ୍ୟାନ୍ୟ ମେଳାମାନଙ୍କ ମଧ୍ୟରୁ ବୈଶାଖ ମେଳା ଅନ୍ୟତମ। ଏହି ମେଳା ଗନ୍ଧମାର୍ଦ୍ଦନ ପର୍ବତର ପାଦ ଦେଶରେ ବସୁ ଥିବାରୁ ମନୋରମ ଦୃଶ୍ୟ ସହ କୁଳୁ କୁଳୁ ନାଦରେ ପ୍ରବାହିତ ଚିରସ୍ରୋତା ଝରଣା ଭକ୍ତଙ୍କୁ ଟାଣିଆଣିଥାଏ। ଆସନ୍ତା ବୈଶାଖ ମେଳା ଏପ୍ରିଲ ୨୭ ତାରିଖରୁ ଆରମ୍ଭ ହୋଇ ମଇ ୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ଏବିଡିଓ ପାଇକମାଳ ଦେବାଶିଷ ସିହ୍ନାଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ଜିଲାପାଳ ଆଦିତ୍ୟ ଗୋୟଲ, ପଦ୍ମପୁର ଉପଜିଲାପାଳ ସ୍ନେହା ଅରୁଗୁଲା, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପାଣ୍ଡବ ଶବର, ବରଗଡ଼ ଏମ୍‌ପିଙ୍କ ପ୍ରତିନିଧି ପ୍ରିତେଶ ବହିଦାର, ପଦ୍ମପୁର ବିଧାୟକଙ୍କ ପ୍ରତିନିଧି ଗୌତମ ସିଂହ ଏବଂ ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁଙ୍କ ସହିତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ପାଇକମାଳ ପଦ୍ମପୁର, ଝାରବନ୍ଧର ଖବରଦାତା ଏବଂ ସଚେତନ ନାଗରିକ ଯୋଗ ଦେଇଥିଲେ। ଜିଲାପାଳ ଗୋୟଲ ବୈଠକରେ ସମ୍ପୃକ୍ତ ସମସ୍ତ ବିଭାଗକୁ ନିଜ ନିଜ ଦାୟିତ୍ୱ ସମୟରେ ସଠିକ ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ମନ୍ଦିରର ବିଭିନ୍ନ ସଦସ୍ୟ, କର୍ମକର୍ତ୍ତା ଓ ସ୍ଥାନୀୟ ଲୋକେ ଉପସ୍ଥିତ ରହିଥିଲେ।

## ୧୫୦୦କଫ ସିରଫ ଜବତ, ୩ ଗିରଫ

ସୁବର୍ଣ୍ଣପୁର, ୨୪।୩ (ସଂଚାର ବ୍ୟୁରୋ)ː ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ଥାନା ଅଞ୍ଚଳରେ ସକାଳ ପ୍ରାୟ ୦୬ː୪୩ ସମୟରେ, ବିକ୍ରୟ ଉଦ୍ଦେଶ୍ୟରେ ଆଲୋକ ବସ୍ ଦ୍ୱାରା ଅବୈଧ କଫ୍ ସିରପ୍ ପରିବହନ ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ, ଆଇଆଇସି ରାମପୁର ଥାନା ଇନ୍ସପେକ୍ଟର ଡୋଳମଣି ନାଏକ ଥାନା କର୍ମଚାରୀଙ୍କ ସହିତ ରାମପୁର ମହିଳା କଲେଜ ନିକଟରେ ଗାଡିଟିକୁ ଅଟକାଇବା ପାଇଁ ନାକା ଯାଞ୍ଚ କରିଥିଲେ। କିଛି ସମୟ ପରେ, ସନ୍ଦିଗ୍ଧ ଆଲୋକ ବସ୍ ଟି ତାଙ୍କ ପାଖକୁ ଆସିଲା। ସେହି ବସ କୁ ଅଟକାଇ ପଚରାଉଚରା ସମୟରେ, କଣ୍ଡକ୍ଟର ତାଙ୍କ ପରିଚୟ ରବିନ୍ଦ୍ର କୁମାର ବେହେରା (୪୦), ବିନୋଦପଡ଼ା ଗ୍ରାମ, ଥାନା ରଣପୁର, ଜିଲ୍ଲା ନୟାଗଡ଼ ଭାବରେ ପ୍ରକାଶ କରିଥିଲେ। ସେ କହିଥିଲେ ଯେ ସିଟ୍ ନମ୍ବର ୧୩, ୧୪ ଏବଂ ୧୫ ରେ ବସିଥିବା ତିନି ଜଣ ବ୍ୟକ୍ତି ବସ୍ ରେ କିଛି ଗନି ବ୍ୟାଗ ଲୋଡ୍ କରିଥିଲେ ଏବଂ ସେଗୁଡ଼ିକୁ ଔଷଧ ବୋଲି ବର୍ଣ୍ଣନା କରିଥିଲେ। ପଚରାଉଚରା ସମୟରେ, ସେମାନେ ସ୍ୱୀକାର କରିଥିଲେ ଯେ ସେମାନେ ବହୁ ପରିମାଣର କଫ୍ ସିରପ୍ ବୋତଲ, ଯାହାକୁ ବସ୍ ର ଉପର ଡେକରେ ରଖାଯାଇଥିଲା।



## ୨ ଚୋରାଚାଲାଣକାରୀଙ୍କୁ ଧରିଲା ପୁଲିସ

ବଲାଙ୍ଗୀର, ୨୪।୩ (ସଂଚାର ବ୍ୟୁରୋ)ː ଟ୍ରେନ ଯୋଗେ ଗଞ୍ଜେଇ ଚୋରାଚାଲାଣ କରୁଥିବାବେଳେ ପୋଲିସ ହାବୁଡ଼ରେ ପଡ଼ିଛନ୍ତି ୟୁପି ଓ ବିହାରର ୨ ମହିଳା ଓ ପୁରୁଷ। ଜିଆରପି ପୋଲିସ ସେମାନଙ୍କ ଠାରୁ ୧୨କିଲୋ ୫୦୦ ଗ୍ରାମ ଗଞ୍ଜେଇ ସହ ନଗଦ ୨ ହଜାର ଟଙ୍କା ଓ ମୋବାଇଲ ଫୋନ ଜବତ କରିଛି। ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ଟାଟାନଗର ଟ୍ରେନରେ ବିହାରକୁ ଗଞ୍ଜେଇ ଚୋରାଚାଲାଣ କରିବା ପାଇଁ ଦୁଇ ମହିଳା ଓ ପୁରୁଷ ବଲାଙ୍ଗୀର ରେଳ ଷ୍ଟେଶନରେ ଥିବା ସମ୍ପର୍କରେ ରେଳବାଇ ପୋଲିସକୁ ନିର୍ଭରଯୋଗ୍ୟ ସୂତ୍ରରୁ ଖବର ମିଳିଥିଲା। ଦୁଇ ମହିଳା ଓ ପୁରୁଷଙ୍କ ବ୍ୟାଗ ଯାଞ୍ଚ କରିଥିଲା ପୋଲିସ। ବ୍ୟାଗରେ ଗଞ୍ଜେଇ ଥିବା ଦେଖିବାକୁ ପାଇ ପୋଲିସ ଉଭୟ ମହିଳା ଓ ପୁରୁଷଙ୍କୁ ଗିରଫ କରିଥିବା ରେଳବାଇ ଥାନା ପୋଲିସ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପଟେଲ କହିଛନ୍ତି।

## ୭୦ କିଲୋ ଗଞ୍ଜେଇ ଜବତ କଲା ପୁଲିସ୍

ମୋହନା, ୨୪।୩ (ସଂଚାର ବ୍ୟୁରୋ)ː ଗଜପତି ଅଡବା ଥାନା ଅଞ୍ଚଳ ଗତ କିଛି ଦିନ ହେବ ଗଞ୍ଜେଇ ବେପାରୀଙ୍କ ନିଦ ହଜାଇ ଦେଇଛି ପୋଲିସ। ଆର୍ ଉଦୟଗିରୀ ଏସଡିପିଓ ରାକେଶ କୁମାର ସାହୁଙ୍କ ନିର୍ଦ୍ଦେଶରେ ଗଞ୍ଜେଇ ମୁକ୍ତ ଅଭିଯାନ ଚାଲିଛି। ମୋହନା ଥାନା ଓ ଆର୍ ଉଦୟଗିରି ଥାନା ଅଞ୍ଚଳରେ ଗଞ୍ଜେଇ ଚାଷ ସଂପୂର୍ଣ୍ଣ ବନ୍ଦ ହୋଇଥିବା ନେଇ ପୋଲିସ ପକ୍ଷରୁ ସୁଚନା ମିଳିଛି। ହେଲେ ଅଡବା ଅଞ୍ଚଳରେ ଗଞ୍ଜେଇ ଚାଷ କରି ରାତାରାତି କୋଟିପତି ହେବା କିଛି ଗଞ୍ଜେଇ ବେପାରୀ ଆଶା ରଖିଛନ୍ତି। ଯାହାକୁ ନେଇ ଅଡବା ପୁଲିସ ପକ୍ଷରୁ ଘନ ଘନ ଚଢ଼ାଉ ଜାରି ରହିଛି। ଥାନା ଅନ୍ତର୍ଗତ ବୁଢ଼ାଢିଅ ଗାଁ ରେ ଥିବା କିଛି ଘରେ ଗଞ୍ଜେଇ ରଖା ଯାଇଥିବା ନେଇ ପୁଲିସକୁ ସୂଚନା ମିଳିଥିଲା। ଫଳରେ ପୁଲିସ ଚଢ଼ାଉ କରି ଆନ୍ଦ୍ରୀୟ ମଣ୍ଡଳଙ୍କ ଘରୁ ଗଞ୍ଜେଇ ବାହାରିଥିଲା। ଉକ୍ତ ଗଞ୍ଜେଇ ମୋହନା ତହସିଲଦାରଙ୍କ ଉପସ୍ଥିତିରେ ଓଜନ କରଯାଇଥିଲା ଯାହାର ପରିମାଣ ୭୦ କିଲୋ ହୋଇଥିବା ବେଳେ ପାଖା ପାଖି ୭ ଲକ୍ଷ ଟଙ୍କା ହେବ ବୋଲି ପୁଲିସ ପକ୍ଷରୁ ସୁଚନା।

## ଆନ୍ତଃରାଜ୍ୟ ରେଡକ୍ରସ ଶିବିରରେ ଯୋଗଦେବେ ଛାତ୍ରୀ




ବୈଶିଙ୍ଗା, ୨୪।୩ (ସଂଚାର ବ୍ୟୁରୋ)ː ରଘୁପୁର ପଞ୍ଚାୟତ ଅଧିନ ଖୁଣ୍ଟାପୁରସ୍ଥିତ ଶ୍ରୀ ସତ୍ୟସାଇ ଉଚ୍ଚ ବିଦ୍ୟାଳୟ ର ଅଷ୍ଟମ ଶ୍ରେଣୀ ର ଛାତ୍ରୀ ପ୍ରିୟା ପଲ୍ଲବୀ ଦାସ, ହେମାଙ୍ଗିନୀ ରାଉଳ ଏବଂ ବିଷ୍ଣୁ କୃପାଜଳ ମହାପାତ୍ର କ୍ରୀଡା ଶିକ୍ଷୟିତ୍ରୀ ଜୟନ୍ତୀ ମହାପାତ୍ର ଙ୍କ ନେତୃତ୍ୱ ରେ ଆନ୍ତଃ ରାଜ୍ୟ ରେଡ଼କ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ରେ ଯୋଗଦାନ ପାଇଁ ମନୋନୀତ ହୋଇଛନ୍ତି। ଭୁବନେଶ୍ୱରସ୍ଥିତ ହାଇ ଟେକ ମେଡିକାଲ କଲେଜ ରେ ଏହି ଶିବିର ଚଳିତ ୨୫ରୁ ୨୯ ମାର୍ଚ୍ଚ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଛାତ୍ରୀ ମାନେ ରାଜ୍ୟ ସ୍ତରୀୟ ଶିବିର ରେ ଦଳଗତ ସଂଗୀତ ରେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିଲେ। ଏହି ସଫଳତା ପାଇଁ ସମ୍ପୃକ୍ତ ଛାତ୍ରୀ ଓ ତାଙ୍କର ମାର୍ଗଦର୍ଶକ ଶିକ୍ଷୟିତ୍ରୀ ଙ୍କୁ ପ୍ରଧାନଶିକ୍ଷକ ସମରଜିତ ମହାପାତ୍ର ଙ୍କ ସମେତ ଜ୍ୟୋତ୍ସ୍ନା ରାଣୀ ଜେନା, ଶୁଭସ୍ମିତା ସାମନ୍ତରାୟ, ସୌଭଦ୍ର କୁମାର ଦାସ, ଦୀପ୍ତି ଶଙ୍କର ପତି ଓ ବିଦ୍ୟାଳୟ ପରିଚାଳନା କମିଟି ର ସମସ୍ତ ସଦସ୍ୟ ସମ୍ବର୍ଦ୍ଧନା ପ୍ରଦାନ କରିବା ସହିତ ଆନ୍ତ ରାଜ୍ୟ ସ୍ତରରେ ବିଦ୍ୟାଳୟ ର ସଫଳତା କାମନା କରିଥିଲେ ।

## ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ପାଇଁ ଶିକ୍ଷା ବିଭାଗ ପକ୍ଷରୁ ନିମନ୍ତ୍ରଣ



ଲାଞ୍ଜିଗଡ଼, ୨୪।୩ (ସଂଚାର ବ୍ୟୁରୋ)ː ଆସନ୍ତା ଏପ୍ରିଲ ୨ରେ ଆୟୋଜିତ ଖଡିଛୁଆଁ ଓ ପ୍ରବେଶ ଉତ୍ସବ ପାଳନ କରାଯିବ। ଏଥିପାଇଁ ନିମନ୍ତ୍ରଣ ପତ୍ର ବଣ୍ଟନ କାର୍ଯ୍ୟ ଜୋରଦାର ଭାବେ ଚାଲିଛି। ଏହି ଅବସରରେ ଲାଞ୍ଜିଗଡ଼ ବ୍ଲକ ସ୍ଥିତ ଚମ୍ପାଦେଇପୁର କ୍ଲଷ୍ଟରର ବିଭିନ୍ନ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ଭର୍ତ୍ତି ହେବାକୁ ଥିବା ଶିଶୁମାନଙ୍କ ଅଭିଭାବକଙ୍କୁ ଘରେ ଘରେ ପହଞ୍ଚି ନିମନ୍ତ୍ରଣ ପତ୍ର ବଣ୍ଟନ କରାଯାଉଛି।ଶିକ୍ଷାନୀତି ୨୦୨୦ ଅନୁସାରେ ଚଳିତ ୨୦୨୫-୨୬ ଶିକ୍ଷା ବର୍ଷରୁ ଆରମ୍ଭ ହୋଇଛି ଏହି ଶିଶୁ ବାଟିକା ଶ୍ରେଣୀ। ୫ ବର୍ଷ ରୁ ୧୮ ବର୍ଷ ମଧ୍ୟରେ ଥିବା କେହି ଯେମିତି ପ୍ରାଥମିକ ଶିକ୍ଷାରୁ ବଞ୍ଚିତ ନହୁଅନ୍ତୁ ଏନେଇ ଶିକ୍ଷା ନୀତି ଆରମ୍ଭ କରାଯାଇଛି।ଏଥି ପାଇଁ ଆସନ୍ତା ଏପ୍ରିଲ ୨ ଠାରୁ ଆରମ୍ଭ ହେବାକୁ ଥିବା ପ୍ରବେଶ ଉତ୍ସବ ତଥା ଖଡିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।ଏନେଇ ଲାଞ୍ଜିଗଡ଼ ଗୋଷ୍ଠି ଶିକ୍ଷା ଅଧିକାରୀ ରୁଷିଆ ମେହେର ସହିତ ଚମ୍ପାଦେଇପୁର କ୍ଲଷ୍ଟର ସଂଯୋଜକ ସୌଭାଗ୍ୟ ରଂଜନ ସାହୁ, ବରିଷ୍ଠ ଶିକ୍ଷକ ପଦ୍ମଲୋଚନ ସୁନା, ସୁଶାନ୍ତ ମହାରଣା, ଜି ଶଙ୍କର ଦାସ, କାର୍ତ୍ତିକ ସେଠୀ, କ୍ଷୀରସିନ୍ଧୁ ସାହୁ, ରୁନି ସାହୁ, ତୁନି ଲତା ସ୍ୱାଇଁ, ପ୍ରତିମା ସୁନା, ବିଶିକେସନ ଦୋରା, ପ୍ରେମ୍ ରାଜ ନାୟକ, ନିତ୍ୟାନନ୍ଦ ସାମଲ, ହରି ଚଣ୍ଡି ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଗାଁ ଗୁଡିକୁ ଯାଇ ଘରେ ଘରେ ନିମନ୍ତ୍ରଣ ବଣ୍ଟନ କରି ଅଭିଭାବକ ମାନଙ୍କୁ ଉତ୍ସବରେ ସମ୍ମିଳିତ ହେବା ପାଇଁ ଆମନ୍ତ୍ରଣ ଜଣାଇଛନ୍ତି।ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବରେ ନୂତନ ଛାତ୍ରଛାତ୍ରୀ ବିଦ୍ୟାଳୟରେ ଭର୍ତ୍ତି ହେବା ସହିତ ଶିକ୍ଷାରମ୍ଭ କରିବେ। ବିଦ୍ୟାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମକୁ ଆକର୍ଷଣୀୟ ଓ ସଫଳ କରିବା ପାଇଁ ସମସ୍ତ ପ୍ରସ୍ତୁତି ଜୋରଦାର ଭାବେ ପ୍ରସ୍ତୁତି ଆରମ୍ଭ ହୋଇଛି ବୋଲି ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ମେହେର ପ୍ରକାଶ କରିଛନ୍ତି।

## ବାଇକ ସହ ଧକ୍କା ହୋଇ ଓଲଟିଲା ସ୍କୁଲ ଅଟୋ, ୧୦ ଆହତ

ସମ୍ବଲପୁର, ୨୪।୩ (ସଂଚାର ବ୍ୟୁରୋ)ː ଓଲଟିଲା ସ୍କୁଲ ଅଟୋ, ୧୦ ଆହତ। ସମ୍ବଲପୁର ପରମାନପୁରରେ ବାଇକ ସହ ଧକ୍କା ହେବାରୁ ଓଲଟିଲା ଅଟୋ । ଆହତ ୪ ଗୁରୁତରଙ୍କୁ ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଜଣଙ୍କୁ ବୁର୍ଲା ମେଡିକାଲରେ ଭର୍ତ୍ତି କରାଯାଇଛି । ଅଟୋଟି ବିଶାଲଖିଣ୍ଡାରୁ ପରମାନପୁର ସ୍ଥିତ ଶ୍ରୀ ଅରବିନ୍ଦ ସ୍କୁଲକୁ ଯାଉଥିଲା । ତେବେ ଅଟୋ ସାମ୍ନାକୁ ଏକ ବାଇକ ପଶିଆସିବାରୁ ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଫଳରେ ଅଟୋ ତଳେ ଛାତ୍ରଛାତ୍ରୀମାନେ ଚାପି ହୋଇ ରହିଯାଇଥିଲେ। ସ୍ଥାନୀୟ ଲୋକେ ଛାତ୍ରଛାତ୍ରୀଙ୍କୁ ଉଦ୍ଧାର କରି ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ।

## ପୁଣି ହତ୍ୟା ଓ ଡକାୟତି, ଆତଙ୍କିତ ଅବସ୍ଥାରେ ଜନସାଧାରଣ



ବୈଶିଙ୍ଗା, ୨୪।୩ (ସଂଚାର ବ୍ୟୁରୋ)ː ବୈଶିଙ୍ଗା ଅଞ୍ଚଳରେ ପୁଣି ହତ୍ୟା, ଓ ଡକାୟତି। ଅଶାନ୍ତ ହୋଇପଡ଼ିଛି ବାଲେଶ୍ୱର ମୟୂରଭଞ୍ଜ ସୀମାନ୍ତବର୍ତ୍ତୀ ଅଞ୍ଚଳ। ହୁଗୁଳା ହେଲାଣି ଆଇନ ଶୃଙ୍ଖଳା। ନିଶା କବଳରେ ଯୁବପିଢ଼ି। ନିଶା ପାଇଁ ନେଇ ନେଉଛନ୍ତି ଜୀବନ। ଗାଁ ଗହଳିରେ ଏବେ ଧଳା ଜହରର କାରବାର। କିଛି ଦିନ ପୂର୍ବରୁ ବ୍ରାଉନ ସୁଗାର ଜବତ କରି ଛଅ ଜଣଙ୍କୁ ଗିରଫ କରିଥିଲା ବେତନଟୀ ପୁଲିସ କିନ୍ତୁ ବାଲେଶ୍ୱର ମୟୁରଭଞ୍ଜ ସୀମାବର୍ତ୍ତୀ ଅଞ୍ଚଳ ଗୁଡିକରେ ଏହି କାରବାର ଥମୁନାହିଁ। ଗତକାଲି ବିଳମ୍ବିତ ରାତିରେ ଘଟିଛି ଏକ ଅଭାବନୀୟ ଘଟଣା। ସ୍ତ୍ରୀଙ୍କୁ ଡାକ୍ତରଖାନା ନେଇ ଯାଇଥିବା ଯୁବକଙ୍କୁ ରାତି ଅଧରେ ଅପହରଣ କରି ହତ୍ୟା କରିଥିବା ନେଇ ସୂଚନା ମିଳିଛି। ମୃତ ଯୁବକ ଜଣକ ବୈଶିଙ୍ଗା ଥାନା ଅଧୀନ ଦୁର୍ଗାପୁର ଅଞ୍ଚଳର ଗୋପାଳ ସିଂ ବୋଲି ଜଣାପଡ଼ିଛି। ଗତ ସୋମବାର ଦିନ ସେ ନିଜ ସ୍ତ୍ରୀଙ୍କୁ ନେଇ ବାଲେଶ୍ୱର ଫକୀର ମୋହନ ଗୋଲେଇ ନିକଟରେ ଥିବା ଏକ ଘରୋଇ ନର୍ସିଂହୋମ ରେ ଚିକିତ୍ସିତ କରାଉଥିଲେ। ଯୁବକ ଜଣକ ହସ୍ପିଟାଲ ବାହାରକୁ ଯାଇଥିଲେ। ପରେ ସେଠାରୁ ନିଖୋଜ ହୋଇଯାଇଥିଲେ।ସ୍ତ୍ରୀ ଙ୍କୁ ସନ୍ଦେହ ହେବାରୁ ସେ ଫୋନ୍ ଯୋଗେ ପରିବାର ଲୋକଙ୍କୁ ଏ ବାବଦରେ ଜଣାଇଥିଲେ।ପରିବାର ଲୋକ ବାଲେଶ୍ୱର ଯାଇ ବହୁତ ଖୋଜାଖୋଜି କରିବା ପରେ ସେଠାରୁ ଅନତି ଦୂରରେ ତାଙ୍କର କ୍ଷତାକ୍ତ ଅବସ୍ଥାରେ ମୃତଦେହ ପାଇଥିଲେ। ସେଠାରେ ଗୋପାଳଙ୍କ ନିକଟରେ ଥିବା ଟଙ୍କା ନଥିବା ଯୋଗୁଁ କେହି ଗୋପାଳ ଙ୍କୁ ହତ୍ୟା କରିଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏପଟେ ଆଜି ବୈଶିଙ୍ଗା ଥାନା ଅଞ୍ଚଳ ଅଧୀନ ପତଡା ଗ୍ରାମର ହରିଶ୍ଚନ୍ଦ୍ର ପଣ୍ଡାଙ୍କ ପୁଅ ମାନସ ପଣ୍ଡାଙ୍କ ଘରେ ସୋମବାର ରାତିରେ ଡକାୟତି ହୋଇଥିବା ନେଇ ସୂଚନା ମିଳିଛି।

## ବିଶ୍ୱ ବନ ଦିବସ ତଥା ବିଶ୍ୱ ଜଳ ଦିବସ ପାଳିତ

ବୈଶିଙ୍ଗା, ୨୪।୩ (ସଂଚାର ବ୍ୟୁରୋ)ː ବିଶ୍ୱବନ ଦିବସ ଅବସରରେ ରାଇକମା ଆଶ୍ରମ ବିଦ୍ୟାଳୟର ୟୁଥ ଆଣ୍ଡ ଇକୋ କ୍ଲବ ଆନୁକୁଲ୍ୟରେ ରାଇକମା ଗ୍ରାମର ମଧ୍ୟଭାଗରେ ଥିବା ବଡ ପୋଖରୀ ହୁଡ଼ାରେ ଜାମୁକୋଳି ଚାରା ରୋପଣ କରାଯାଇଛି। ପ୍ରଧାନଶିକ୍ଷକ ରଜତ କୁମାର ଦାଶଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ସମୟରେ ଶିକ୍ଷିକା ସରସ୍ୱତୀ ଜେନା, ପ୍ରତିମା ପରିଡା, ଅନୁଚର ମଣ୍ଟୁ ମାଣ୍ଡି, ରାଇକମା ଗ୍ରାମର ବରିଷ୍ଠ ଶିକ୍ଷାବିତ୍ ଏବଂ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବଂଶୀଧର ବାରିକ, ଉଦ୍ୟମୀ ଯୁବକ ମନୋରଞ୍ଜନ ମିଶ୍ର, ଅଶୋକ ମିଶ୍ର ଉପସ୍ଥିତ ରହି ସହଯୋଗ କରିଥିଲେ।

ସେହିପରି ବିଶ୍ୱ ଜଳ ଦିବସ ଅବସରରେ ବିଦ୍ୟାଳୟ ପରିସରରେ ଲେମ୍ବୁ ଚାରା ରୋପଣ କରାଯାଇଥିଲା। ଜଳ ସଂରକ୍ଷଣ ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଥିଲା।